ବର୍ଷ-୫୨ : ସଂଖ୍ୟା - ୬, ୭ ଜୁନ୍, ଜୁଲାଇ - ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ଜୁଲାଇ - ୨୦୨୧


| | | |
|---|---|---|
| ପ୍ରାର୍ଥନା ··· | ଶ୍ରୀମା ··· | ୩ |
| ଶ୍ରୀଅରବିନ୍ଦଙ୍କ ବାଣୀ ··· | ··· ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ ··· | ଶ୍ରୀଅରବିନ୍ଦ ··· | ୫ |
| ବିନମ୍ର ପ୍ରଣାମ ··· | ··· ··· | ୬ |
| ମନୋଜ ଦାସ : କଥା ସାହିତ୍ୟର ଏକ ବିସ୍ମୟକର ପ୍ରତିଭା ··· | ଅର୍ଚ୍ଚନା ନାୟକ ··· | ୯ |
| ମନୋଜ ଦାସ : ଏକ ସରଳ ବିରଳ ବ୍ୟକ୍ତିତ୍ୱ ··· | ଶେଖ ଅବଦୁଲ କାଶମ ··· | ୧୫ |
| ଅନନ୍ୟ ପଥଚାରୀ (କବିତା) ··· | ଶାନ୍ତି ମହାନ୍ତି ··· | ୨୦ |
| କିଏ କେତେ ମନୋଜ ! ··· | ଦାଶ ବେନହୁର ··· | ୨୧ |
| ମୃତ୍ୟୁ (କବିତା) ··· | ସନ୍ତୋଷ ରଥ ··· | ୨୪ |
| ପ୍ରଚଣ୍ଡ ସାମ୍ୟବାଦୀରୁ ସମ୍ପୂର୍ଣ୍ଣ ଅଧ୍ୟାତ୍ମବାଦୀ ··· | ପ୍ରସାଦ ତ୍ରିପାଠୀ ··· | ୨୫ |
| ଆମ ସାହିତ୍ୟ ପ୍ରବାହର ଏକ ଅନନ୍ୟ ପ୍ରଣମ୍ୟ ଭଗୀରଥ ··· | ଗୋପାଳଚନ୍ଦ୍ର ମାହାନା ··· | ୨୬ |
| ଚେତନା-ଦିଗ୍‌ବଳୟର ଅଲିଭା ସୂର୍ଯ୍ୟ ··· | କୁମାର ଚନ୍ଦ୍ର ମିଶ୍ର ··· | ୨୮ |
| ମନୋଜ ଦାସ : ଏକ ଅନିର୍ବାଣ ସାରସ୍ୱତ ଶିଖା ··· | ରବୀନ୍ଦ୍ର ନାଥ ପାଢ଼ୀ ··· | ୨୯ |
| ସାଧକ ମନୋଜ ଦାସ ··· | ମଧୁସୂଦନ ମହାପାତ୍ର ··· | ୩୨ |
| ଏକ ନମ୍ର ସ୍ମୃତିଚାରଣ ··· | ନିର୍ଭୟ ରଞ୍ଜନ ପାଢ଼ୀ ··· | ୩୫ |
| ଏକ ପରିପୂର୍ଣ୍ଣ ଶୂନ୍ୟତା ··· | ମମତା ଦାଶ ··· | ୩୯ |
| ମନୋଜ ଦାସ : ଏକ ଏବଂ ଅଦ୍ୱିତୀୟ ··· | ପ୍ରବୀଣା ମହାନ୍ତି ··· | ୪୨ |
| ଓଡ଼ିଆ ଓ ଇଂରାଜୀ ସାହିତ୍ୟର ମହାରଥୀ : ମନୋଜ ଦାସ ··· | ଝରଣା ଘୋଷାଲ ··· | ୪୪ |
| ଶ୍ରଦ୍ଧାର ସ୍ନିଗ୍ଧ ବଳୟ ··· | ଶାନ୍ତି ପରିଡ଼ା ··· | ୪୬ |
| କଥା ସମ୍ରାଟଙ୍କୁ କୋଟି ପ୍ରଣାମ (କବିତା) ··· | ହୃଷୀକେଶ ପଣ୍ଡା ··· | ୪୯ |
| ସମୟ ଓ ଆବେଗର ସାଧକ ··· | ଅନିଲ କୁମାର ମହାପାତ୍ର ··· | ୫୧ |
| ଶ୍ରୀ ମନୋଜ ଦାସଙ୍କ ଉପଲକ୍ଷେ କୃତଜ୍ଞତାର ଏକ ଫୁଲତୋଡ଼ା ··· | କ୍ରିଷ୍ଣେନ୍ଦୁ ··· | ୫୨ |
| ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଓ ସୃଜନ ଶିଳ୍ପୀ ··· | ସଚ୍ଚିଦାନନ୍ଦ ମହାନ୍ତି ··· | ୫୫ |
| ଶ୍ରୀଅରବିନ୍ଦ ଦର୍ଶନ-ଚିନ୍ତନର ଅନୁପମ ପ୍ରବକ୍ତା ମନୋଜ ଦାସ ··· | ସୁବାସ ଚନ୍ଦ୍ର ପଟ୍ଟନାୟକ ··· | ୫୬ |
| ନବପ୍ରକାଶର ବିନମ୍ର ନିବେଦନ ··· | ଜୟନ୍ତୀ ··· | ୫୮ |


❖

# ପ୍ରାର୍ଥନା

ହେ ମୋର ମଧୁମୟ ପ୍ରଭୁ, ଶାଶ୍ୱତ ଔଜ୍ଜ୍ୱଲ୍ୟ, ତୁମରି ସଂକଳ୍ପ ହିଁ ପୁଙ୍ଖାନୁପୁଙ୍ଖ ତଥା ସମଗ୍ର ଭାବେ ସମ୍ପନ୍ନ ହେଉ, ଏତିକି କହି ମୁଁ କେବଳ ନିରବତା ଓ ଶାନ୍ତି ଭିତରେ ତୁମ ସହ ମିଳିତ ହୋଇ ପାରେ । ତୁମ ରାଜ୍ୟର ପ୍ରଭୁତ୍ୱ ତୁମେ ଗ୍ରହଣ କର, ତୁମ ବିରୋଧରେ ଯାହାକିଛି ବିଦ୍ରୋହୀ ସେସବୁକୁ ଆୟତ୍ତାଧୀନ କର; ଯେଉଁସବୁ ଆତ୍ମା ତୁମକୁ ଜାଣନ୍ତି ନାହିଁ ଏବଂ ଯେଉଁ ଧୀମାନ୍‌ଗଣ ସମର୍ପଣ ପାଇଁ ଏବଂ ତୁମ ପ୍ରତି ଉତ୍ସର୍ଗୀକୃତ ରହିବା ନିମନ୍ତେ ଇଚ୍ଛୁକ ନୁହନ୍ତି, ସେମାନଙ୍କୁ ଆରୋଗ୍ୟ କର । ଆମର ସୁପ୍ତ ଓଜଃ ଜାଗରିତ କର, ଆମ ସାହସ କର ଉଦ୍ଦୀପିତ, ଆମକୁ ପ୍ରଜ୍ଞାଲୋକିତ କର; ହେ ପ୍ରଭୁ, ଆମକୁ ପଥ-ପ୍ରଦର୍ଶନ କର ।

ଏକ ସାର୍ବଭୌମ ଶାନ୍ତିରେ ଉଚ୍ଛଳିତ ମୋ ହୃଦୟ, ଭାବନା ମୋର ପ୍ରଶାନ୍ତ ଏବଂ ନୀରବ ।

ଯାହାକିଛି ସ୍ଥିତ, ଯାହାକିଛି ଭବିତବ୍ୟ, ଯାହାକିଛି ନାସ୍ତି, ସବୁରି ମର୍ମରେ ବିଦ୍ୟମାନ ତୁମ ଦିବ୍ୟ ଏବଂ ଅପରିବର୍ତ୍ତିତ ସ୍ମିତହସ ।

ଜୁନ୍ ୧୨, ୧୯୧୪ — ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Death is the question Nature puts continually to Life and her reminder to it that it has not yet found itself. If there were no siege of death, the creature would be bound for ever in the form of an imperfect living. Pursued by death he awakes to the idea of perfect life and seeks out its means and its possibility.

SABCL - 13, P. 205 — Sri Aurobindo

ମୃତ୍ୟୁ ହେଉଛି ସେହି ପ୍ରଶ୍ନ ଯାହା ବିଶ୍ୱ ପ୍ରକୃତି କ୍ରମାଗତ ଭାବରେ **ଜୀବନକୁ** ପଚାରି ଚାଲିଛି ଏବଂ ତାହାକୁ ସ୍ମରଣ କରାଇ ଦେଉଛି ଯେ ଏପର୍ଯ୍ୟନ୍ତ ସେ ନିଜକୁ ପାଇପାରି ନାହିଁ । ଯଦି ମୃତ୍ୟୁର ଅଧିକାର ବଳବତ୍ତର ନଥା'ନ୍ତା, ତା'ହେଲେ ଜୀବ ଚିରଦିନ ଲାଗି ଏକ ଅପୂର୍ଣ୍ଣ ଜୀବନ ଧାରଣ ଭିତରେ ବାନ୍ଧି ହୋଇ ରହିଥା'ନ୍ତା । ତାହାର ପଛେ ପଛେ ମୃତ୍ୟୁ ଅନୁସରଣ କରୁଥିବାରୁ ସେ ଜାଗ୍ରତ୍ ହୁଏ ପୂର୍ଣ୍ଣଜୀବନର ଏକ ଧାରଣା ପ୍ରତି ଏବଂ ତାହାର ପ୍ରାପ୍ତି ପାଇଁ ଉପାୟ ଓ ସମ୍ଭାବନାର ସଂଧାନ କରେ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୦୬)

## ଶ୍ରୀଅରବିନ୍ଦ

Advancing tardily from a limping start,
Crutching hypothesis on argument,
Throning its theories as certitudes,
It reasons from the half-known to the unknown,
Ever constructing its frail house of thought,
Ever undoing the web that it has spun.

ଏକ ଖଞ୍ଜ ସ୍ଖଳିତପଦ ଅୟମାରମ୍ଭରୁ ମନ୍ଥର ଗତିରେ ଅଗ୍ରସର ହୋଇ, ଅନୁମାନର ଆଶାବାଡ଼ି ସାହାଯ୍ୟରେ ଯୁକ୍ତି ଉପରେ ଭରା ଦେଇ, ଆପଣାର ତତ୍ତ୍ୱସକଳକୁ ନିଶ୍ଚିତ ସତ୍ୟ ରୂପେ ରାଜାସନରେ ବସାଇ ତାହାର (ଅର୍ଥାତ୍ ଭୌତିକ ମନର) ଯୁକ୍ତିବୁଦ୍ଧିଗତ ବିଚାର ଚାଲିଥାଏ ଅର୍ଦ୍ଧଜ୍ଞାତରୁ ଅଜ୍ଞାତ ଅଭିମୁଖେ, ନିରନ୍ତର ସେ ଗଢୁଥାଏ ଭାବନାର ଭଙ୍ଗୁର ନିଳୟ, ନିରନ୍ତର ଖୋଲି ପକାଉଥାଏ ଆପେ ବୁଣିଥିବା ଜାଲକୁ ।

A twilight sage whose shadow seems to him self,
Moving from minute to brief minute lives;
A king dependent on his satellites
Signs the decrees of ignorant ministers,
A judge in half-possession of his proofs,
A voice clamant of uncertainty's postulates,
An architect of knowledge, not its source.

ଗୋଧୂଳିର ଜ୍ଞାନୀ ସେ, ନିଜର ଛାୟା ତାକୁ ଆତ୍ମା ରୂପେ ପ୍ରତିଭାତ ହେଉଥାଏ, ମୁହୂର୍ତ୍ତରୁ କ୍ଷଣିକ ମୁହୂର୍ତ୍ତକୁ ଗତିକରି ସେ ଜୀବନ ଧାରଣ କରେ; ଆପଣାର ଅନୁଗତମାନଙ୍କ ଉପରେ ନିର୍ଭରଶୀଳ ଜଣେ ଅଧିପତି ସେ, ଅଜ୍ଞ ଅମାତ୍ୟବର୍ଗଙ୍କ ନିର୍ଦ୍ଦେଶାବଳୀରେ ସେ ସମ୍ମତିସୂଚକ ସ୍ୱାକ୍ଷର ପ୍ରଦାନ କରୁଥାଏ, ଆପଣାର ପ୍ରମାଣଚୟ ଉପରେ ଅଧା ଅଧିକାର ଥିବା ଏକ ବିଚାରକ ସେ, ଅନିଶ୍ଚିତତାର ସ୍ୱତଃସିଦ୍ଧଗୁଡ଼ିକୁ ଘୋଷଣା କରୁଥିବା ଏକ କଣ୍ଠସ୍ୱର, ଜ୍ଞାନରେ ସେ ରୂପକାର, ଅଥଚ ନୁହେଁ ତା'ର ଉତ୍ସ ।

This powerful bondslave of his instruments
Thinks his low station Nature's highest top,
Oblivious of his share in all things made
And haughtily humble in his own conceit
Believes himself a spawn of Matter's mud
And takes his own creations for his cause.

ଆପଣା ଯନ୍ତ୍ରମାନଙ୍କର ଏହି ଶକ୍ତିଶାଳୀ କ୍ରୀତକିଙ୍କର ତାହାର ନିମ୍ନସ୍ଥିତିକୁ ପ୍ରକୃତିର ସର୍ବୋଚ୍ଚ ଶିଖର ବୋଲି ଭାବୁଥାଏ, ନିର୍ମିତ ସକଳବସ୍ତୁରେ ଯେ ତାହାର ଅଂଶ ରହିଛି, ସେ ବିଷୟରେ ବିସ୍ମୃତ ତଥା ଆତ୍ମାଭିମାନରେ ଉଦ୍ଧତଭାବେ ବିନୟୀ ହୋଇ ରହିଥାଏ, ନିଜକୁ ସେ ବିଶ୍ୱାସ କରୁଥାଏ ଜଡ଼-କର୍ଦ୍ଦମର କୃମିକୀଟ ବୋଲି ଏବଂ ଆପଣାର ସୃଷ୍ଟିସକଳକୁ ତାହାର କାରଣ ସ୍ୱରୂପ ଗ୍ରହଣ କରୁଥାଏ ।

To eternal light and knowledge meant to rise,
Up from man's bare beginning is our climb;
Out of earth's heavy smallness we must break,
We must search our nature with spiritual fire:
An insect crawl preludes our glorious flight;
Our human state cradles the future god,
Our mortal frailty an immortal force.

ଶାଶ୍ୱତ ଆଲୋକ ଓ ଜ୍ଞାନ ମଧ୍ୟକୁ ଉତ୍ତୋଳିତ ହୋଇଯିବା ପାଇଁ ଉଦ୍ଦିଷ୍ଟ ଆମର ଆରୋହଣ ମଣିଷର ଯତ୍ସାମାନ୍ୟ ପ୍ରାରମ୍ଭରୁ

*(ଅବଶିଷ୍ଟାଂଶ ୧୪ ପୃଷ୍ଠାରେ ଦେଖନ୍ତୁ)*

# ବିନମ୍ର ପ୍ରଣାମ

ବହୁବିଧ ପ୍ରତିଭାର ଅତୁଳନୀୟ ସମାହାର ଥିଲେ ପ୍ରଜ୍ଞା ପୁରୁଷ ଶ୍ରୀ ମନୋଜ ଦାସ । ତାଙ୍କର ଅବର୍ତ୍ତମାନରେ ଆମ ଦେଶ ତଥା ଜାତିର ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଯେଉଁ ଅଭାବନୀୟ ଶୂନ୍ୟତା ସୃଷ୍ଟି ହୋଇଛି ତାହା ଅପୂରଣୀୟ । ବିଶେଷ କରି ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ତଥା ଅଗ୍ରଣୀ ସାଧକ ହିସାବରେ ଆମମାନଙ୍କର ଗତାନୁଗତିକ ଜୀବନଯାତ୍ରାରେ ମନୋଜ ବାବୁଙ୍କର ଭୂମିକା ଥିଲା ସ୍ୱତନ୍ତ୍ର । ଆମ ପାଇଁ ସେ ଥିଲେ ଜଣେ ଆତ୍ମୀୟ ଅଭିଭାବକ, ଅଗ୍ରଜ ପ୍ରତିମ ଶୁଭେଚ୍ଛୁ, ଉପଦେଷ୍ଟା ତଥା ଏହି ଦୁରୂହ ସାଧନା ପଥର ସହଯାତ୍ରୀ । ତାଙ୍କର ଉଦାର, ବଳିଷ୍ଠ ବ୍ୟକ୍ତିତ୍ୱ ତଥା ଅକୃପଣ ଆନ୍ତରିକତା ଅନେକ କ୍ଷେତ୍ରରେ ଆମକୁ ଦିଗ୍‌ଦର୍ଶନ ଦେଇଛି । ଆମ ଗହଣରେ ତାଙ୍କର ଉପସ୍ଥିତି ଆମକୁ ଉତ୍ସାହିତ କରିଛି । ବିଶେଷ ସମାବେଶମାନଙ୍କରେ ନବଜ୍ୟୋତି ପ୍ରାଙ୍ଗଣରେ ତାଙ୍କର ପ୍ରଜ୍ଞା-ଶାଣିତ ଓଜସ୍ୱିନୀ ବକ୍ତବ୍ୟ ସମାଗତ ବହୁ ମାତୃପ୍ରେମୀ ଶ୍ରଦ୍ଧାଳୁ ଦର୍ଶନାର୍ଥୀମାନଙ୍କୁ ମନ୍ତ୍ରମୁଗ୍ଧ ତଥା ଅନୁପ୍ରାଣିତ କରିଛି । ନବଜ୍ୟୋତି ପ୍ରକାଶନ ତରଫରୁ ପ୍ରକାଶିତ ପୁସ୍ତକ ଓ ପତ୍ରିକାରେ ତାଙ୍କର ପ୍ରେରଣାଦାୟୀ ସୃଜନ ସାହିତ୍ୟ ଆମକୁ ଆଲୋକିତ କରିଛି, ପଥନିର୍ଦ୍ଦେଶ କରିଛି । ଏସବୁ ପାଇଁ ନବଜ୍ୟୋତି କାର୍ଯ୍ୟାଳୟର ସାଧକବୃନ୍ଦ ତଥା ପତ୍ର-ପତ୍ରିକା ସହ ସଂପୃକ୍ତ ପ୍ରକାଶକ, ଲେଖକ, ସଂଯୋଜକ, ପାଠକ-ପାଠିକାମାନେ ତାଙ୍କ ନିକଟରେ ଗଭୀରଭାବେ କୃତଜ୍ଞ ।

ଶ୍ରୀ ମନୋଜ ଦାସଙ୍କର ଜନ୍ମ ଫେବ୍ରୁଆରୀ ୨୭, ୧୯୩୪ ମସିହାରେ – ଓଡ଼ିଶାର ଉତ୍ତର ବାଲେଶ୍ୱରର ସମୁଦ୍ର ଉପକୂଳବର୍ତ୍ତୀ ଏକ କ୍ଷୁଦ୍ର ପଲ୍ଲୀ ଶଂଖାରୀରେ । ତାଙ୍କର ଦେହାବସାନ ଘଟିଲା ଏପ୍ରିଲ ୨୭ ତାରିଖ, ୨୦୨୧ରେ ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମରେ । ମାତ୍ର ତାଙ୍କ ଭଳି ଜଣେ ପୂର୍ଣ୍ଣଯୋଗ ସାଧନାରେ ବ୍ରତୀ ସାଧକଙ୍କ ଜୀବନ ଏହି ଜନ୍ମ ଓ ମୃତ୍ୟୁର ଅବଧି ଭିତରେ ଆବଦ୍ଧ ନୁହେଁ ନିଶ୍ଚୟ । ଭିନ୍ନ ଦୃଷ୍ଟିରୁ ଦେଖିଲେ ଏହି ଦେହାବସାନର ଅର୍ଥ ପାର୍ଥିବ ଶରୀରରୁ ପ୍ରସ୍ଥାନ ମାତ୍ର ।

ଏସବୁର ଊର୍ଦ୍ଧ୍ୱରେ ସ୍ୱତଃ ମନକୁ ଛୁଏଁ ଯେ ତାଙ୍କର ମୃତ୍ୟୁହୀନ ଚେତନା ସୂକ୍ଷ୍ମ ସ୍ତରରେ ଦିବ୍ୟଜନନୀଙ୍କର କୃପା, ଶକ୍ତି ଓ ସାନ୍ନିଧ ଲାଭ କରି ଅଧିକ ମୁକ୍ତ ଓ ସ୍ୱଚ୍ଛନ୍ଦ ଭାବରେ ଦିବ୍ୟକର୍ମରେ ବ୍ରତୀ ହୋଇ ରହିଛି । ତାଙ୍କର ସେହି ମୃତ୍ୟୁହୀନ ଚେତନାର ମହତ୍ ଉପସ୍ଥିତି ଉଦ୍ଦେଶ୍ୟରେ ଆମ୍ଭମାନଙ୍କର ବିନମ୍ର ପ୍ରଣାମ ।

'ନବପ୍ରକାଶ'ର ଏହି ସଂକଳନଟି ମନୋଜ ଦାସଙ୍କ ଉଦ୍ଦେଶ୍ୟରେ
ଏକ ସକୃତଜ୍ଞ ଶ୍ରଦ୍ଧାଞ୍ଜଳି । ❑

# ମନୋଜ ଦାସ : କଥା ସାହିତ୍ୟର ଏକ ବିସ୍ମୟକର ପ୍ରତିଭା

କଥାଶିଳ୍ପୀ ମନୋଜ ଦାସଙ୍କର ସୃଷ୍ଟିରଚନା ପଶ୍ଚାତରେ ଏକ ସୁଦୃଢ଼ ସମୃଦ୍ଧ ପୃଷ୍ଠଭୂମି ରହିଥିଲେ ବି ସେ ନିଜସ୍ୱ ସ୍ୱକୀୟତାରେ ଖୁବ୍ ଉଜ୍ଜ୍ୱଳ ଓ ଉନ୍ନତ । ଇଂରାଜୀ ସାହିତ୍ୟରେ ସୁପଣ୍ଡିତ ଓ ପାଶ୍ଚାତ୍ୟ କାବ୍ୟାଦର୍ଶରେ ତାଙ୍କର ସାହିତ୍ୟିକ ରୁଚି ନିର୍ଜିତ ହୋଇ ଥିଲେ ହେଁ ଗଳ୍ପ ରଚନାରେ ସେ ଭାରତୀୟ ପରମ୍ପରା ଉପରେ ହିଁ ସୌଧ ନିର୍ମାଣ କରିଛନ୍ତି । ସେ କୌଣସି କ୍ଷେତ୍ରରେ ପରମ୍ପରାକୁ ଜାବୁଡ଼ି ଧରି ନାହାନ୍ତି ବରଂ ପରମ୍ପରାକୁ ସାଙ୍ଗରେ ନେଇ ଆଗେଇ ଚାଲିଛନ୍ତି । ସେଥିପାଇଁ ଭାରତୀୟ ପାରମ୍ପରିକ କାହାଣୀ ସଙ୍ଗେ ଆଧୁନିକ କଥାକୁ ଏପରି ଭାବରେ ସେ ଯୋଡ଼ି ଦେଇଛନ୍ତି ଯାହାକି ପ୍ରାଚୀନ ପ୍ରଚଳିତ ମିଥ୍ ସଙ୍ଗେ ବର୍ତ୍ତମାନର ବାସ୍ତବତାକୁ ସମନ୍ୱିତ କରି ଦେଇଛି । ଫଳରେ ପ୍ରାଚୀନ କାହାଣୀର ସ୍ୱପ୍ନ ଓ ଆଧୁନିକ ଜୀବନର ବାସ୍ତବ କଥା ଏକ ଅପୂର୍ବ ମିଳନରେ ସମ୍ମିଳିତ ହୋଇଛନ୍ତି । କାହାଣୀମାନଙ୍କ ମଧ୍ୟରୁ କେତେକ ପ୍ରଚଳିତ କିଂବଦନ୍ତୀରୁ ଗୃହୀତ ଏବଂ କେତେକ ତାଙ୍କର ନିଜସ୍ୱ କଳ୍ପନାରୁ ସୃଷ୍ଟ । ମନେହୁଏ ପୃଥିବୀର ମିଥ୍ ଏନ୍‌ସାଇକ୍ଲୋପେଡ଼ିଆ ମନୋଜ ବାବୁଙ୍କର ନଖଦର୍ପଣରେ ରହିଛି । କିନ୍ତୁ ସେହିସବୁ ଲୋକ ପ୍ରଚଳିତ କିଂବଦନ୍ତୀ ଓ କାହାଣୀମାନ ତାଙ୍କ ପରି ପ୍ରତିଭାଧର କଥାଶିଳ୍ପୀଙ୍କର ଚେତନାରେ ଏକ ଅଭିନବ ଆଧୁନିକ ଚିତ୍ତ, ରୁଚି ଓ ଚିନ୍ତା ଉପଯୋଗୀ ଏକ ବିଚିତ୍ର ରସପାକରେ ସିଦ୍ଧ ହୋଇ ନୂତନ ଅର୍ଥ ଦ୍ୟୋତନା ଓ ବ୍ୟଞ୍ଜନାରେ ସମୃଦ୍ଧ ହୋଇ ଉଠିଛନ୍ତି ।

ତାଙ୍କର 'କଥା ଓ କାହାଣୀ'ରେ ସ୍ଥାନିତ ଗଳ୍ପଗୁଡ଼ିକର ରଚନାକାଳ ୧୯୪୯ରୁ ୧୯୭୦ ମଧ୍ୟରେ । ପରବର୍ତ୍ତୀ କାଳରେ ଲକ୍ଷ୍ମୀର ଅଭିସାର, ଆବୁ ପୁରୁଷ ଓ ଅନ୍ୟାନ୍ୟ କାହାଣୀ, ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ, ଅବୋଲକରା କାହାଣୀ, ଚତୁର୍ଥ ବନ୍ଧୁ ଓ ମନୋଜ ପଞ୍ଚବିଂଶତି ପ୍ରଭୃତି ଗଳ୍ପ ସଂକଳନମାନ ପ୍ରକାଶ ପାଇଛି ।

ମନୋଜ ଦାସଙ୍କ ଗଳ୍ପରେ ଶିଶୁ ଓ କିଶୋର ଚରିତ୍ରର ଉଲ୍ଲେଖନୀୟ ପ୍ରକାଶ ଓ ବିକାଶ ଲକ୍ଷ୍ୟ କରାଯାଏ । ମଣିଷ ଜୀବନର ଶିଶୁ ଓ କିଶୋର ଅବସ୍ଥା ଏକ ନିଷ୍ପାପ ସରଳ ବିଶ୍ୱାସରେ ଭରା ସମୟ । ଶିଶୁ ଅତି ସହଜ ସରଳ ଭାବରେ ହିଁ ଜଗତକୁ ଗ୍ରହଣ ଓ ତଦନୁରୂପେ ପ୍ରକାଶ ମଧ୍ୟ କରେ । ଏ ପ୍ରକାର ଉପସ୍ଥାପନ ସମ୍ପର୍କରେ ଗାଳ୍ପିକଙ୍କର ମତ ଉଲ୍ଲେଖ କରାଯାଇପାରେ, ''ଶିଶୁ ଜୀବନ ପ୍ରତି ମୋର ଶ୍ରଦ୍ଧାର କାରଣ, ପ୍ରତି ଶିଶୁ ଜୀବନକୁ ନୂଆ କରି ଆରମ୍ଭ କରିବା ଦିଗରେ ପ୍ରକୃତିର ଏକ ନୂଆ ପ୍ରଚେଷ୍ଟା । ଶିଶୁର ମାନସ ନିଷ୍କପଟ, ପ୍ରାୟତଃ ସୁନ୍ଦର ପୁଣି ଶିଶୁ କନ୍ୟା ଭିତରେ ମୁଁ ଖାଲି ଶିଶୁର ଗୌରବ ଦେଖେ ନାହିଁ ଅଧିକନ୍ତୁ ଦେଖୁଥାଏ ଏକ ସହଜାତ ମାତୃତ୍ୱର ସ୍ନେହସ୍ନିଗ୍ଧ ଝଲକ ।''

'ଶେଷ ବସନ୍ତର ଚିଠି' ଗଳ୍ପରେ କିଶୋରୀ ରୀନା ପ୍ରତିଦିନ ଅପେକ୍ଷା କରି ଚାଲିଛି ତା'ର ମା'ଙ୍କ ପାଖରୁ ଚିଠିଟିଏ ପାଇବା ପାଇଁ । ସେଇ ଉତ୍କଣ୍ଠିତ ଭାବରେ ଅପେକ୍ଷମାଣ ଝିଅଟି ପ୍ରତି ଶ୍ରଦ୍ଧାଶୀଳ ହୋଇ ଚାହିଁ ରହୁଥିଲେ ଜଣେ ବୟସ୍କ ବ୍ୟକ୍ତି । ଏମିତି ଅପେକ୍ଷାରେ ତିନି ମାସ ବିତି ଯାଇଛି; ରୀନା ପାଇଁ ଚିଠିଟିଏ ଆସିନି । ଅଥଚ ଦିନେ ରୀନା ଘରର ଦରୱାନ ରୀନା ପାଖକୁ ତା' ମା ଦେଇଥିବା ଚିଠିଟି ନେଇ ଆସି ପହଞ୍ଚିଛି ଉକ୍ତ ବୟସ୍କ ଭଦ୍ରବ୍ୟକ୍ତିଙ୍କ ଘରେ । ସେ ଜାଣିବାକୁ ପାଇଲେ ଏ ଚିଠି ସୁଦୂର ହସ୍‌ପିଟାଲରୁ ଲେଖିଥିଲେ ରୀନାର ମା ରୀନା ପାଖକୁ, ଯିଏ ଏବେ ଆଉ ଇହଜଗତରେ ନାହାନ୍ତି । କିନ୍ତୁ ତାଙ୍କ ନିକଟକୁ ରୀନା ସେ ଚିଠିଟି ପଠାଇବାର କାରଣ ସେ ଦରୱାନଠାରୁ ବୁଝିଲେ ଯେ ତାଙ୍କୁ ଏକୁଟିଆ ବାରଣ୍ଡାରେ ଠିଆ ହୋଇ ରହୁଥିବାର ଦେଖି ଦେଖି ରୀନା ଅନୁଭବ କରିଛି ସେ ମଧ୍ୟ ତା' ପରି ଖୁବ୍ ଦୁଃଖୀ ଓ ତାଙ୍କ ମା'ଙ୍କ ଚିଠିକୁ ଅପେକ୍ଷା କରୁଛନ୍ତି । ଟିକି ଝିଅଟିର ଅନ୍ତର ଏହି ବଡ଼ ମଣିଷଟି ପ୍ରତି ଏକ ଅଦ୍ଭୁତ ମମତ୍ୱବୋଧ ଅନୁଭବ କରିଛି ଓ ନିଜର ଥିବା ଏକମାତ୍ର ଚିଠିକୁ ତାଙ୍କୁ ସାନ୍ତ୍ୱନା ଦେବା ପାଇଁ ପଠାଇ ଦେଇଛି । ଆନନ୍ଦ ବିହ୍ୱଳ ଲେଖକ ନିଜର ଅଜ୍ଞାତସାରରେ ଚିତ୍କାର କରି ଉଠିଛନ୍ତି, ''ରୀନା, ଟିକି ମା'ଟି ମୋର ।''

'ଅନେକ ସ୍ମିତହସ' ଗଳ୍ପରେ ଟିକି ଝିଅଟିର ହସଟିକକ ଭିତରେ ରାଓ ହଠାତ୍ ଆବିଷ୍କାର କରି ପକାଇଛନ୍ତି ଏକ ଅବଚେତନର ସଂଗୁପ୍ତ ରହସ୍ୟ । କାରଣ ସେଇ ଟିକି ଝିଅଟି ତାଙ୍କର ପ୍ରଶ୍ନ ''କହତ ମା..ମାନେ...ଇଏମାନେ ତୁ କାହିଁକି

ମତେ ଅନାଇ ହସିଲୁ ?''ର ଉତ୍ତର ଦେବାକୁ ଯାଇ କହିଥିଲା, ''କାହିଁକି ! ତୁମେ ତ ସେଇ ସେତେ ଦୂରରୁ ମୋତେ ଅନାଇ ହସି ହସି ଆସୁଥିଲ, ସେଇଥିପାଇଁ ।'' ହସର ମୂଳ ଉତ୍ସଟିକୁ ନିଜ ଭିତରେ ଆବିଷ୍କାର କରିବା ପରେ ରାଓଙ୍କର ମନେ ହୋଇଛି କେତୋଟି ଗଛ, କେତୋଟି ଚଢ଼େଇ ଓ ଅଦୂରର ନଈପଠା, ସମସ୍ତେ ଯେମିତି ତାଙ୍କୁ ଚାହିଁ ହସୁଛନ୍ତି ।

'ଲକ୍ଷ୍ମୀର ଅଭିସାର' ଓ 'ସୀତା ପାଇଁ ବର' ଗଳ୍ପ ଦୁଇଟିରେ ଶିଶୁ ମନସ୍ତତ୍ତ୍ୱର ସୁନ୍ଦର ପ୍ରଖ୍ୟାପନ କରିବା ସଙ୍ଗେ କଥାକାର କହିଛନ୍ତି ପ୍ରତ୍ୟେକ ଅଧ୍ୟାତ୍ମ ସାଧକକୁ ଭଗବତ୍ ପ୍ରାପ୍ତି ନିମନ୍ତେ ଲକ୍ଷ୍ମୀର ପଥରେ ହିଁ ଯିବାକୁ ହୁଏ । ବୃଦ୍ଧ, ପ୍ରୌଢ଼ ବା ଯୁବକ ହୁଅ । ଜ୍ଞାନୀ, ମାନୀ, ଗୁଣୀ ହୁଅ ପଛକେ ଏପରିକି ପୂର୍ଣ୍ଣାଙ୍ଗ ଯୋଗସାଧକ ହେଲେ ମଧ୍ୟ ନିଜର ଇଷ୍ଟଙ୍କ ସହ ସମ୍ପର୍କ ଲକ୍ଷ୍ମୀର, ସୀତାର ସମ୍ପର୍କ ପରି ହେବା ଦରକାର । ହୁଏତ ଆମର ଲକ୍ଷ୍ମୀ ଆତ୍ମା ଅନ୍ଧ ବିଡ଼ମ୍ବନାଗ୍ରସ୍ତ ପରିପ୍ରେକ୍ଷୀରେ ନିଷ୍ଠୁର ଚାପାରେ ରୁଦ୍ଧି ହୋଇ ନିଜର ଦେହ ଓ ଜୀବନକୁ ବିସର୍ଜନ ଦେଇପାରେ କିନ୍ତୁ ତାହା ବାହ୍ୟ ।

'ଧୂମ୍ରାଭ ଦିଗନ୍ତ' ଗଳ୍ପରେ ସହରରୁ ଆସିଥିବା କିଶୋରୀ ଲିଲି ସହିତ ତିନିଜଣ ଗ୍ରାମୀଣ କିଶୋରଙ୍କର ସୃଷ୍ଟି ହୁଏ ଅନାବିଳ ବନ୍ଧୁତା । ଏକ ଦୁର୍ଘଟଣାରେ ଲିଲିର ଆକସ୍ମିକ ମୃତ୍ୟୁ ହୋଇଯାଏ । ତା' ସହିତ ଥିବା ଏହି ତିନୋଟି ବାଳକ ଲିଲିର ମୃତ୍ୟୁଜନିତ ଗଭୀର ବିଷାଦ ଓ ଅପରାଧବୋଧରୁ ସେମାନଙ୍କର ଜୀବନର ଉତ୍ତୀର୍ଣ୍ଣ-ପର୍ଯ୍ୟାୟରେ ମଧ୍ୟ ନିଜକୁ ମୁକ୍ତ କରିପାରି ନାହାନ୍ତି । ସେମାନଙ୍କ ମଧ୍ୟରୁ ଜଣେ କିଶୋର ହଟୁ ତା'ର ବୃଦ୍ଧାବସ୍ଥାରେ ଲିଲିର ସ୍ମୃତିରେ ମନ୍ଦିରଟିଏ ନିର୍ମାଣ କରିଛି, ଅନ୍ୟଜଣକ ହାଡୁ ତା' କାହାଣୀ ପୁସ୍ତକରେ ଲିଲିକୁ ପରୀକନ୍ୟା ଭାବରେ ଚିତ୍ରିତ କରି ନିଜ ଭୁଲ୍‌ର ପ୍ରାୟଶ୍ଚିତ କରିବାକୁ ଚେଷ୍ଟା କରିଛି ଓ ଶେଷ ଜଣକ ଅନ୍ୟ ଦୁଇଜଣଙ୍କ ପରି ଲିଲି ପାଇଁ କିଛି ନ କରି ପାରିବାର କ୍ଷୋଭରେ ନୀରବ ଅଶ୍ରୁପାତ କରୁଥିବାର ଦେଖି ହାଡୁ କହିଛି, ''ତୋ' ଭଳି ମୁଁ କାନ୍ଦି ପାରିଥା'ନ୍ତି ହେଲେ, ସତୁରୀ ବର୍ଷ ବୟସରେ ଅଶ୍ରୁପାତ ସହଜ ନୁହେଁ, ଜାଣୁ ।''

ବୟସ୍କ ମଣିଷଟିଏ ନିଜର କୈଶୋରର ସ୍ମୃତିଚାରଣ କରି କେବଳ ନିଜର ଅତୀତ ଘଟଣା ପ୍ରତି କୌତୂହଳାକ୍ରାନ୍ତ ମାନସିକତା ପ୍ରକାଶ କରେନି ବରଂ ନିଜ ଅନ୍ତଃସତ୍ତାରେ ନିହିତ ହୋଇଥିବା ସରଳତା ଓ ପବିତ୍ରତାର ସ୍ତରକୁ ଉପଲବ୍ଧି କରି ପାରେ । ଉକ୍ତ ସଂକଳନରେ ସ୍ଥାନିତ 'ପ୍ରାପ୍ତ ବୟସ୍କର ପଞ୍ଚତନ୍ତ୍ର' ନାମକ ତିନୋଟି କାହାଣୀ ସହସ୍ରାଧିକ ବର୍ଷ ତଳେ କାହାଣୀକାର ବିଷ୍ଣୁଶର୍ମାଙ୍କ ରଚିତ ପଞ୍ଚତନ୍ତ୍ରର କାହାଣୀ ଉପରେ ଆଧାରିତ ହୋଇଥିଲେ ମଧ୍ୟ ଏଥିରେ ଲେଖକଙ୍କର କଥନ ଭଙ୍ଗୀ, ଘଟଣା ଓ ଚରିତ୍ର ପ୍ରତି ଗଭୀର ଅନ୍ତର୍ଦୃଷ୍ଟି, ମନନଧର୍ମୀ ବିଶ୍ଳେଷଣ, ବୁଦ୍ଧିଦୀପ୍ତ ଶ୍ଳେଷ, ବିଦଗ୍ଧ ବାକ୍‌ବିଳାସ ଲକ୍ଷ୍ୟ କରାଯାଏ । ଏହି କାହାଣୀଧର୍ମୀ ଗଳ୍ପର ଆଙ୍ଗିକରେ କଥାକାର ଯେଉଁ ଚମତ୍କାର ଭାଷାଶୈଳୀର ପ୍ରୟୋଗ କରିଛନ୍ତି ତା'ର ଏକ ଦୃଷ୍ଟାନ୍ତ ନିଆ ଯାଇପାରେ, ''ପୁନର୍ବାର କାଠି ମଝିରେ ଦାନ୍ତ ବସାଇବା ପୂର୍ବରୁ କଚ୍ଛପ ଗଦ୍‌ଗଦ କଣ୍ଠରେ କହିଲା, 'ଇତିହାସରେ ପ୍ରଥମ କଚ୍ଛପ-ମହାକାଶଚାରୀ ଭାବରେ ମୋ ନାମ ଅମର ରହିବ ।' – ହଂସମାନେ ଏଥର ଅପେକ୍ଷାକୃତ ଅଧିକ ସ୍ୱାଚ୍ଛନ୍ଦ୍ୟ ଓ ଆତ୍ମବିଶ୍ୱାସ ସହକାରେ ଉର୍ଦ୍ଧ୍ୱକୁ ଉଠିଲେ । ପବନ ଥିବା ଅନୁକୂଳ ଆକାଶ ମେଘମୁକ୍ତ । ତେବେ ସୂର୍ଯ୍ୟାସ୍ତ ସମୟ ହୋଇଥିବା ହେତୁ କାଗଜ ଉପରେ ସ୍ୟାହି ବିଞ୍ଚି ହୋଇଗଲା ଭଳି ଆକାଶବ୍ୟାପୀ ବିଞ୍ଚି ହୋଇ ରହିଥିଲେ ପକ୍ଷୀମାନେ । ଘରଚଟିଆ ଓ ବତାସୀ ଭଳି ସାଧାରଣ ପକ୍ଷୀମାନେ ସେ ଅକଳ୍ପନୀୟ ଦୃଶ୍ୟରେ ବିମୂଢ଼ ପାଲଟିଯିବା ସ୍ଥଳେ ପାରା ଓ ଚିଲଜାତୀୟ ସମ୍ଭ୍ରାନ୍ତ ପକ୍ଷୀମାନେ ଉଦ୍‌ବେଗ ପ୍ରକାଶ କରିବା ଶୁଣାଯାଏ । ନିରାଶାବାଦୀ ଭାବରେ ଜଣାଶୁଣା ଗୋଟିଏ କାଉ କହିଲା, 'ଆକାଶର ଭବିଷ୍ୟତ୍ ଅନ୍ଧକାର ବୋଲି ମୁଁ କାହିଁ କେତେ ଦିନରୁ ଭବିଷ୍ୟତବାଣୀ କରି ଆସୁଛି । କଚ୍ଛପ ଦ୍ୱାରା ଏ ଆକାଶ ବିଜୟ ସେହି ଅବଶ୍ୟମ୍ଭାବୀ ପରିଣତିର ଆରମ୍ଭ ମାତ୍ର ।' '' ଏସବୁ ଗଳ୍ପରେ ପ୍ରାଚୀନ କାହାଣୀମାନଙ୍କର ଆଙ୍ଗିକ ଓ ଆତ୍ମିକ ସ୍ୱରୂପର ଉଦ୍ଭାସନ ଥିବା ସ୍ଥଳେ ଏଗୁଡ଼ିକ ଆଧୁନିକ ମଣିଷ ଜୀବନରେ ଏକ ନୂତନ ତଥା ଚିରନ୍ତନ ଅର୍ଥ ନେଇ ରୂପାନ୍ତରିତ ହୋଇ ସାରିଛନ୍ତି ।

'କିମ୍ଭିରିଣୀ' ଓ 'ଭୂତୁଣୀ ଏକ ବିଦାୟ' ତାଙ୍କର ଅପୂର୍ବ ପରିକଳ୍ପନାରୁ ସୃଷ୍ଟ ଗଳ୍ପ ଦୁଇଟି ଆପାତତଃ ଉଦ୍ଭଟ ମନେ ହୁଅନ୍ତି । ଏହାର ବିଷୟବସ୍ତୁର କୌଣସି ପ୍ରକାର ଘାଟନିକ ସତ୍ୟତା ପାଠକ ସ୍ୱୀକାର କରିପାରୁ ନ ଥିବାବେଳେ ଗଳ୍ପର କଥକତା ଶୈଳୀରେ ବିହ୍ୱଳ ହୋଇଯାଏ । ବସ୍ତୁବାଦୀ ପାଶ୍ଚାତ୍ୟ ଦେଶର ଜଣେ ବିଜ୍ଞାନୀ ସାହେବ ଆସିଛନ୍ତି ଭାରତବର୍ଷର ଏକ ନିପଟ ମଫସଲକୁ । ସେଠି କିମ୍ଭିରିଣୀ ବୁଢ଼ୀ ନାମରେ ପରିଚିତା ଜଣେ ବୃଦ୍ଧା ମହିଳାଙ୍କୁ ଭେଟି ଶୁଣିଛନ୍ତି ତାଙ୍କର ବିଚିତ୍ର ଜୀବନ କାହାଣୀ । ବାଲ୍ୟ ବିଧବା ଏହି ନାରୀଟିକୁ ତା'ର ପ୍ରାକ୍-ଯୌବନ

କାଳରେ ନଈରେ ଗାଧୋଇବା ବେଳେ କିମ୍ଭୀରଟିଏ ଟାଣି ନେଇଛି ସାତ ତାଳ ପାଣି ତଳକୁ । ତାକୁ ରୂପାନ୍ତରିତ କରି ଦେଇଛି ଏକ କିମ୍ଭିରିଣୀରେ । ଦଶ ବର୍ଷ ସେ ତା' ସହିତ ଘରକରଣା କରିବା ପରେ ଦିନେ ନିଜ ଆତ୍ମୀୟ ସ୍ୱଜନଙ୍କୁ ଦେଖିବା ପାଇଁ କିମ୍ଭିରିଣୀ ତା'ର ପୂର୍ବ ମଣିଷର ରୂପ ନେଇ ଆସିଥିଲା ଗାଁକୁ । କିନ୍ତୁ ତା'ର ଫେରିବା ପାଇଁ ଡେରି ହେବା ଦେଖି ବିଚରା କିମ୍ଭୀର ତାକୁ ଖୋଜି ଖୋଜି ନଈରୁ ଉଠି ଆସିଥିଲା ଗାଁକୁ ଓ ଗାଁ ଲୋକେ ତାକୁ ଦେଖି ମାରି ପକାଇଲେ । ସେହିଦିନୁ ବୁଢ଼ୀ ରହିଗଲା ମଣିଷ ରୂପରେ ।

ଏପରି ଏକ ଅବାସ୍ତବ କାହାଣୀ ଶୁଣି ବିଜ୍ଞାନୀ ସାହେବ ତାକୁ ସତ ମଣି ଯାଇଛନ୍ତି । ନଈରେ ଥିବା ଗଣ୍ଡ ଦେଖି ସେ ପଚାରିଛନ୍ତି ସେ ବୁଢ଼ୀ କ'ଣ ସେଇ ଜାଗାରେ ମଣିଷରୁ କିମ୍ଭୀରରେ ରୂପାନ୍ତରିତ ହୋଇ ଯାଇଥିଲା ?

ଗଳ୍ପଟିର ଆବେଦନରେ ଅଛି ସମାଜ ବ୍ୟବସ୍ଥାର ସୂକ୍ଷ୍ମ ଅନୁଶୀଳନ । ପାଞ୍ଚ ବର୍ଷ ବୟସରେ ବିଧବା ହୋଇଥିବା ଝିଅଟି ହୁଏତ ତା' ଯୌବନ କାଳର ଦଶଟି ବର୍ଷ ବିତାଇ ଦେଇଛି ରକ୍ଷଣଶୀଳ ସମାଜର ଅଜ୍ଞାତରେ । କିନ୍ତୁ ସେ ଘଟଣାଟି ଗୋପନ ରଖିବାକୁ ବାଧ୍ୟ ହୋଇ ହୁଏତ ଏପରି ଏକ ମନଗଢ଼ା କାହାଣୀଟିଏ ସୃଷ୍ଟି କରି ଦେଇଛି ଓ ବାରଂବାର ସେଇଟି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଲୋକଙ୍କ ଆଗରେ ସତକଥା ଭାବରେ ବର୍ଣ୍ଣନା କରିବା ଫଳରେ ସମୟକ୍ରମେ କଥାଟା ତାକୁ ମଧ୍ୟ ସତ ବୋଲି ମନେ ହୋଇଥିବ । ତା'ର କଥାର ଆନ୍ତରିକତାରେ ବିଦେଶୀ ସାହେବ ଜଣକ ମଧ୍ୟ ନିଜର ଯୁକ୍ତିବାଦୀ ମନକୁ ପ୍ରଶ୍ରୟ ନ ଦେଇ କଥାଟା ସତ ବୋଲି ମାନି ନେବାକୁ ବେଶୀ ପସନ୍ଦ କରିଛନ୍ତି । ପ୍ରକୃତପକ୍ଷେ ଏ ପ୍ରଗାଢ଼ ଆନ୍ତରିକତାର ସ୍ପର୍ଶ ସ୍ୱୟଂ ଗାଳ୍ପିକଙ୍କର । ଯିଏ ନିଜେ କୁହନ୍ତି, 'ମଣିଷକୁ ଭଲ ପାଇବାରେ ମୋର ଯେଉଁ ଆନ୍ତରିକତା ସେଥିରେ କୌଣସି ଫାଙ୍କି ନାହିଁ । ମୁଁ ମଣିଷକୁ ନିଷ୍ଠାର ସହ ଭଲ ପାଏ ବୋଲି ମଣିଷର ଚରମ ଅସହାୟତାର କଥା ବେଶୀ ଭାବରେ ମୋ ଗଳ୍ପରେ ଫୁଟାଇଛି ।' ତେଣୁ କିମ୍ଭିରିଣୀ ବୁଢ଼ୀ ପ୍ରତି ଗାଳ୍ପିକଙ୍କର ସମ୍ବେଦନା ନିକଟରେ ସାହେବର ଯୁକ୍ତିନିଷ୍ଠତା, ବୈଜ୍ଞାନିକ ସିଦ୍ଧାନ୍ତମାନ ଅର୍ଥହୀନ ହୋଇ ପଡ଼ିଛି । ସେ ସେହି ସମ୍ବେଦନାରେ ଆଚ୍ଛନ୍ନ ହୋଇ ଘଟଣାଟିକୁ ସତ୍ୟ ବୋଲି ସ୍ୱୀକାର କରି ନେଇଛନ୍ତି ଅତି ସହଜ ଭାବରେ ।

ତାଙ୍କର 'ଭୁତୁଣୀ ଏକ ବିଦାୟ' ଗଳ୍ପର ଆବେଦନ ଏପରି ମାର୍ମିକ ଯେ ଗଳ୍ପଟି ପାଠ କରିଥିବା ପାଠକ ଶେଷରେ ନିଶ୍ଚୟ କିଛିକ୍ଷଣ ପାଇଁ ଅଶ୍ରୁ ସଜଳ ଅବସ୍ଥାରେ ନିଜର ଉଦ୍‌ଗତ କୋହକୁ ଚାପି ଧରିବାକୁ ଚେଷ୍ଟା କରିଥାଏ । କାହାଣୀଟି ହେଲା – ଗୋଟିଏ ଗାଁର ଏକ ପରିତ୍ୟକ୍ତ ଘରେ ଶହେ ବର୍ଷ ତଳେ ମରି ଯାଇଥିବା ଗୋଟିଏ ଝିଅର ଭୁତୁଣୀ ରହୁଥିଲା । ଗ୍ରାମବାସୀଙ୍କ ନିକଟରେ ତା'ର ଅସ୍ତିତ୍ୱ ଥିଲା ଯେ କୌଣସି ଜୀବିତ ମଣିଷ ପରି । ପ୍ରତି ପର୍ବପର୍ବାଣୀ, ଭଲ ମନ୍ଦରେ ଭୁତୁଣୀ ପାଇଁ ଗାଁ ଲୋକେ ଦେଇଯା'ନ୍ତି ପିଠାପଣା, କ୍ଷୀରୀ, ଖେଚୁଡ଼ି ପ୍ରଭୃତି । ଧରି ନିଆଯାଉଥିଲା ଯେ ପ୍ରତିବଦଳରେ ଭୁତୁଣୀଟି ଗାଁ ଲୋକଙ୍କୁ ସବୁ ପ୍ରକାର ଆପଦ ବିପଦରୁ ରକ୍ଷା କରୁଛି । କିନ୍ତୁ ଦିନେ ସରକାରଙ୍କର ପୂର୍ତ୍ତ ବିଭାଗ ତରଫରୁ ସେ ଘରଟି ଭଙ୍ଗା ହେବା ଅପରିହାର୍ଯ୍ୟ ହୋଇ ଉଠିଲା । ଗ୍ରାମବାସୀଙ୍କର ପ୍ରଧାନ ସମସ୍ୟା ହେଲା ଭୁତୁଣୀ ପାଇଁ ରହିବାର କି ବ୍ୟବସ୍ଥା କରିବେ । ବହୁ ଦିନରୁ ସେ ରହି ଆସୁଥିବା ଘରକୁ ତ ତାକୁ ଯେମିତି ହେଲେ ଛାଡ଼ିବାକୁ ପଡ଼ିବ । ଗାଁଠାରୁ ବେଶ୍ କିଛି ଦୂରରେ ଗୋଟେ ତାଳ ଗଛ ତା' ପାଇଁ ସ୍ଥିର କରାଗଲା । କିନ୍ତୁ ସେ ଭୁତୁଣୀ ଝିଅ ତା' ଘର ଛାଡ଼ିବାକୁ ନାରାଜ । ଗୁଣିଆ ଜରିଆରେ ସତେ ଯେମିତି ଗାଁବାଲା ତାକୁ ବହୁତ ବୁଝାସୁଝା କଲେ; ସେ କିନ୍ତୁ ତା' ଜିଦ୍‌ରେ ଅଟଳ । ଶେଷରେ ଗୁଣିଆ କ'ଣ ସବୁ ମନ୍ତ୍ର ପଢ଼ି ଭିତରକୁ ଗଲା ଓ ଭୁତୁଣୀର କାନ ଧରି ତାକୁ ଟାଣି ଟାଣି ଆଣୁଥିବା ପରି ମନେ ହେଲା । ସେଠାରେ ଉପସ୍ଥିତ ଥିବା ସମସ୍ତ ଗାଁ ଲୋକଙ୍କୁ ସତେ ଯେପରି ଦୃଶ୍ୟ ହେଉଥିଲା ସେହି ଅଭାବିତ ଅଦୃଶ୍ୟ ଦୃଶ୍ୟ । ସବୁରି ଆଖିରେ ଲୁହ । ସତେ ଯେମିତି ତାଙ୍କର ଅତି ଆପଣାର ଝିଅଟି ଅଭିମାନରେ ଗାଁ ଛାଡ଼ି ଚାଲି ଯାଉଛି । ସେହି ଚାଲି ଯାଉଥିବା ଭୁତୁଣୀ ଝିଅ ପଛରେ କିଛି ଦୂରତାର ବ୍ୟବଧାନ ରକ୍ଷା କରି ଆଖିରେ ଆଖିଏ ଲୁହ ନେଇ ଚାଲିଥିଲେ ଗାଁଟା ଯାକର ଲୋକେ । ଗାଁଠାରୁ କିଛି ଦୂରରେ ଥିବା ଏକ ତାଳଗଛକୁ ଭୁତୁଣୀର ବାସସ୍ଥାନ ହେବା ସ୍ଥିର କରି ଗୁଣିଆ ମନ୍ତ୍ର ପଢ଼ି ତାକୁ ସେ ଗଛରେ କଣ୍ଟା ପିଟି କିଳି ଦେଇଥିଲା । ପରେ ଯେତେବେଳେ ବଜ୍ରାଘାତରେ ଜଳିଗଲା ତାଳ ଗଛଟା, ଭୁତୁଣୀ ଝିଅର ଶୋଚନୀୟ ମୃତ୍ୟୁ କଳ୍ପନା କରି ଶୋକାକୁଳ ହୋଇଗଲେ ସମସ୍ତ ଗ୍ରାମବାସୀ ଆପଣାର କାହାକୁ ହରାଇଥିବା ପରି ।

କି ଅଦ୍ଭୁତ କାଳ୍ପନିକ ସତ କଥା ଇଏ । ଭାରତୀୟ ମାନସର ସରଳ ବିଶ୍ୱାସ ଓ ଭଲ ପାଇବା ନିକଟରେ ଅବାସ୍ତବ-ବାସ୍ତବ, ଦୃଶ୍ୟ-ଅଦୃଶ୍ୟ ଓ ସତ-ମିଛର ଭେଦ ରେଖା ଲୋପ

ହୋଇ ଯାଇଛି । ଭୁତୁଣୀ ପରି କାଳ୍ପନିକ ସତ୍ତାଟିଏ ଗ୍ରାମବାସୀଙ୍କର ଆଦରର ଝିଅ ହୋଇ ସେମାନଙ୍କ ଦୈନନ୍ଦିନ ଜୀବନର ଏକ ଅଂଶ ହୋଇ ଯାଇଛି । ମଣିଷର ଭଲ ପାଇବାର ଏକ ଅନାବିଳ ଚିତ୍ରଟିଏ ଏହି ଗଳ୍ପ ।

'ଅବୋଲକରା କାହାଣୀ' ମନୋଜ ଗଳ୍ପମାନସର ଏକ ଅଭିନବ ସୃଷ୍ଟି ସମ୍ପଦ । କେଉଁ ସୁଦୂର ଅତୀତରେ ଓଡ଼ିଆ ଲୋକ-କଥାରେ ଆବିର୍ଭୂତ ହୋଇଥିଲେ ଦୁଇଟି ଚରିତ୍ର ସାଆନ୍ତେ ଓ ଅବୋଲକରା । ଜ୍ଞାନୀ, ପଣ୍ଡିତ ଓ ଦ୍ରଷ୍ଟା ସାଆନ୍ତଙ୍କୁ ଜଣାଥିଲା ସବୁ ପୋଥିପୁରାଣ, ଲୋକକଥା, ପରୀକଥା ଓ ବହୁ ବହୁ ଗହନ ବିଦ୍ୟା । ସେ ଘୂରି ବୁଲନ୍ତି ଗ୍ରାମ, ନଗର, ଘନ ଜଙ୍ଗଲ ଓ ଦେଶ ବିଦେଶ ପ୍ରଭୃତି । ସାଙ୍ଗରେ ଥାଏ ତାଙ୍କର ବିଶ୍ୱସ୍ତ ସେବକ ଅବୋଲକରା । କିନ୍ତୁ ସେ ସବୁବେଳେ ଯେ ସାଆନ୍ତଙ୍କ ବୋଲ ମାନେ ନାହିଁ, ସେତିକି କେବଳ ନୁହେଁ, ଯଦି କୌଣସି କଥା ତା' ମୁଣ୍ଡରେ ଥରେ ପଶିଯାଏ ତେବେ ତା'ର ଯଥାଯଥ ଉତ୍ତର ସାଆନ୍ତଙ୍କଠାରୁ ନ ପାଇବା ଯାଏ ସେ ପାଦେ ବି ଆଗାଏ ନାହିଁ । ଓଡ଼ିଆ ଲୋକକଥାର ଏଇ ଦୁଇଟି ଅତି ପରିଚିତ ପ୍ରିୟ ଚରିତ୍ରକୁ ଗାଳ୍ପିକ ନେଇଛନ୍ତି ସଂକଳନସ୍ଥ କାହାଣୀଗୁଡ଼ିକର କଥକ ଓ ଶ୍ରୋତା ଭାବରେ । ଗାଳ୍ପିକ ପୁସ୍ତକର ପ୍ରାରମ୍ଭରେ ପ୍ରକାଶ କରିଛନ୍ତି, ''ସବୁ କାହାଣୀ ବକ୍ତବ୍ୟପ୍ରଧାନ ନୁହନ୍ତି କି ହେବା ଉଚିତ ନୁହେଁ । କିନ୍ତୁ ବକ୍ତବ୍ୟପ୍ରଧାନ କାହାଣୀ ପାଇଁ ବି ଥରେ ଜଣେ ଲେଖକ ପ୍ରେରଣା ଅନୁଭବ କରିପାରେ ।'' ତେଣୁ କେତେକ ବିଶେଷ ପ୍ରକାର ବକ୍ତବ୍ୟ ଉପସ୍ଥାପନ ନିମନ୍ତେ ଅବୋଲକରା କାହାଣୀ ପରମ୍ପରାକୁ ସେ ଉପଯୁକ୍ତ ମନେ କରିଛନ୍ତି ତାଙ୍କର ଉକ୍ତ ସଂକଳନସ୍ଥ ଗଳ୍ପଗୁଡ଼ିକ ନିମନ୍ତେ ।

ତେବେ ସେ ବକ୍ତବ୍ୟ କ'ଣ ? ଗାଳ୍ପିକ ଏହି କାହାଣୀ-ଗୁଡ଼ିକରେ ଜୀବନର ବହୁ ଆତ୍ମନେପଦୀ ଓ ପରସ୍ମୈପଦୀ ଘଟଣାମାନଙ୍କ ମାଧ୍ୟମ ଦେଇ ପ୍ରକାଶ କରିଛନ୍ତି ଯୁଗଭେଦରେ ମଣିଷର କ୍ରମିକ ପତନର ବିବରଣୀ, ଅଲୌକିକ ଶକ୍ତିର ଦୁରୁପଯୋଗ ଓ ତା'ର ପରିଣତି । ଆଧ୍ୟାତ୍ମିକତା ପରିବର୍ତ୍ତେ ହବୁକାରୀ ବିଦ୍ୟାପ୍ରତି ଆକର୍ଷଣ ଓ ଅନ୍ୟର କଲ୍ୟାଣ ନାମରେ ନିଜର ଉଚ୍ଚାଭିଳାଷ ଓ ଅହଂର ପରିପ୍ରକାଶ ପ୍ରଭୃତି ।

ଶ୍ରୀଅରବିନ୍ଦଙ୍କ ଦର୍ଶନରେ ବିଶ୍ୱାସୀ କଥାକାର ଦେହ, ପ୍ରାଣ, ମନ ଓ ଚୈତ୍ୟସତ୍ତାର ସ୍ୱତନ୍ତ୍ର ଭୂମିକାକୁ ସ୍ୱୀକାର କରିଛନ୍ତି । ବିବର୍ତ୍ତନଧାରାରେ ଚୈତ୍ୟସତ୍ତା ଜାଗତିକ ସ୍ତରରୁ ଉତ୍ତୀର୍ଣ୍ଣ ହୋଇ ଏକ ଉତ୍ତରିତ ସ୍ତରରେ ବିଦ୍ୟମାନ ହେବା ବେଳେ ତା'ର ପ୍ରାଣ ଓ ମନଃସତ୍ତା ପୃଥିବୀର ବାୟୁମଣ୍ଡଳରେ ରହିଯାଏ ବା ସମୟେ ସମୟେ ବିଭିନ୍ନ ପ୍ରାଣୀ ଓ ମନୁଷ୍ୟ ପ୍ରଭୃତିଙ୍କ ଭିତରେ ସଞ୍ଚରି ଯାଇପାରେ । ଫଳରେ ସେ ତଦନୁରୂପ ଆଚରଣ କରିଥାଏ ।

ଏହି ତତ୍ତ୍ୱର ଏକ ଚମତ୍କାର କାହାଣୀ ରୂପ ହେଉଛି ରାକ୍ଷସୀ କନ୍ୟା । ଗାଳ୍ପିକ ପ୍ରସଙ୍ଗ କ୍ରମେ ବର୍ଣ୍ଣନା କରିଛନ୍ତି ଯେଉଁସବୁ ଆତ୍ମା ରାକ୍ଷସ ରାକ୍ଷସୀ ରୂପେ ଜନ୍ମ ହେଉଥିଲେ ଏବେ ବିବର୍ତ୍ତନର ଧାରାରେ ସେମାନେ ମୁକ୍ତି ପାଇ ଯାଇଛନ୍ତି । କିନ୍ତୁ ରାକ୍ଷସ ହେଉ ବା ମଣିଷ ହେଉ ତା'ର ଅସ୍ତିତ୍ୱ ଗଠିତ ହୋଇଥାଏ ଆତ୍ମା ସହ ଦେହ, ମନ ଓ ପ୍ରାଣର ସମନ୍ୱୟରେ । ଆତ୍ମା ସହ ଦେହର ଲୋପ ତତ୍କ୍ଷଣାତ୍ ହୁଏ କିନ୍ତୁ ପ୍ରାଣ ଓ ମନଃସତ୍ତାର ହୁଏ ନାହିଁ । ରାକ୍ଷସର ଅବଶେଷ ରହି ଯାଇଥିବା ମନଃଶକ୍ତି ସ୍ଥୂଳ କିନ୍ତୁ ପ୍ରାଣ ଶକ୍ତି ପ୍ରବଳ । ତେଣୁ ସେହି ପ୍ରାଣଶକ୍ତି ମଣିଷ ଭିତରେ ମିଶିଯିବା ଦ୍ୱାରା ମଣିଷର ତୀକ୍ଷ୍ଣ ମନଃଶକ୍ତି ସାହାଯ୍ୟରେ ଏହା ପ୍ରବଳ କ୍ରିୟାମାନ ପ୍ରକାଶ କରିବ । ଯେଉଁଥିପାଇଁ ସାମ୍ପ୍ରତିକ କାଳରେ ରାକ୍ଷସମାନଙ୍କର ସ୍ୱାତନ୍ତ୍ର୍ୟ ନ ଥିବାବେଳେ ମଣିଷ ରାକ୍ଷସୋଚିତ କାର୍ଯ୍ୟ କରୁଛି । ଫଳରେ ଘିଅ ସହିତ ଘୁଷୁରି ଚର୍ବି ନିର୍ବିବାଦରେ ମିଶି ଯାଉଛି । ଧନଲୋଭ ଓ ରୂପଲୋଭର ପ୍ରାବଲ୍ୟ ପ୍ରକାଶ ପାଉଛି । ରାକ୍ଷସ ଜାତିର ଭୂମିକା ମଣିଷ ତୁଲାଉଥିବା ଦୃଷ୍ଟିରୁ ରାକ୍ଷସ ଜାତିର ସ୍ୱତନ୍ତ୍ର ଅସ୍ତିତ୍ୱ ରହୁ ନାହିଁ ।

ଘରର ବୋହୂକୁ ଯେଉଁ ସମାଜରେ ଲକ୍ଷ୍ମୀ ବୋଲି, ଗୃହର ଶ୍ରୀ ବୋଲି ବିଚାର କରାଯାଉଥିଲା – ସେଠି ମଣିଷର ଧନଲୋଭ କାରଣରୁ ରାକ୍ଷସୀ ତା'ର ଘଟ ପରିବର୍ତ୍ତନ କରି କେଉଁ ଗୃହସ୍ଥର ବୋହୂ ଭିତରେ ମିଶି ଯାଇଛି । କେହି ଜାଣିପାରୁ ନାହାନ୍ତି କାହା ବୋହୂକୁ ନିପାତ କରି ରାକ୍ଷସୀ ସେହି ପରିଚୟରେ ରହୁଛି । ତେଣୁ ପ୍ରତ୍ୟେକେ ନିଜ ଘରର ବୋହୂ ସମ୍ପର୍କରେ ସନ୍ଦିହାନ । ସତେକି ମଣିଷର ପ୍ରାଣିକ କାମନାବାସନାର ପ୍ରାବଲ୍ୟ ତା'ର ଅନ୍ତଃସତ୍ତାକୁ ଧ୍ୱଂସ କରି ଦେଇଛି ।

'ସୁନାପାହାଡ଼' ଗଳ୍ପରେ ଲେଖକ ଦର୍ଶାଇଛନ୍ତି ସୁନାପାହାଡ଼ର ସନ୍ଧାନ ହିଁ ମଣିଷର ଆଧ୍ୟାତ୍ମିକ ଜୀବନରେ ଏକ ଉନ୍ମେଷପର୍ବ । ମହେନ୍ଦ୍ର ଓ ତିନି ବନ୍ଧୁ ଦୀର୍ଘକାଳ ସାଧନା କରି ସୁନାପାହାଡ଼ର ସନ୍ଧାନ ପାଇଲେ, କିନ୍ତୁ ପାଇବା ପରେ ସୁନା ସଂଗ୍ରହ ନ କରି ପ୍ରଣାମ କରି ଫେରିଗଲେ । କାରଣ ଦୀର୍ଘ ପାଞ୍ଚ ବର୍ଷର ସାଧନା ଫଳରେ ସେମାନଙ୍କର ଯେଉଁ ଉଚ୍ଚତର

ଉପଲବ୍ଧି ଘଟିଲା, ତା' ପରେ ସୁନା ପ୍ରତି ତାଙ୍କର କୌଣସି ଲୋଭ ନ ରହିବା ସ୍ୱାଭାବିକ । ଅଥଚ ପରକାଳରେ ଗୋଟିଏ ଯନ୍ତ୍ର ସାହାଯ୍ୟରେ ସୁନାପାହାଡ଼ର ସନ୍ଧାନ କରି ରାଜା ତାକୁ ଭାଙ୍ଗିରୁଜି ବୋହି ନେଲେ ନିଜ ପ୍ରାସାଦକୁ । ଜ୍ଞାନର ଦୁରୂପଯୋଗ କରିବାରେ ମଣିଷର କୁଣ୍ଠା ରହି ନାହିଁ ଓ ତା'ର ସୂକ୍ଷ୍ମ ଅବବୋଧ ସ୍ଥୂଳ ଅନୁଭବରେ ପରିଣତ ହୋଇ ଯାଇଥିବା ପ୍ରତି ତା'ର ସଚେତନତା ମଧ୍ୟ ନାହିଁ ।

'ରତ୍ନବର୍ଷା' ଗଳ୍ପଟିର ପରିଣତି ଚସରଙ୍କ ଲିଖିତ ଗଳ୍ପର ଅନୁରୂପ ମନେ ହେଲେ ବି ଏହାର ବକ୍ତବ୍ୟ ଭିନ୍ନ । ନିଜର ପ୍ରାଣରକ୍ଷା ପାଇଁ ଶିଷ୍ୟର ବାରଣ ସତ୍ତ୍ୱେ ବ୍ରାହ୍ମଣ ଗୁରୁ ହବୁକାରୀ ବିଦ୍ୟା ପ୍ରୟୋଗ କରି ରତ୍ନବର୍ଷା କରାଇବା ଫଳରେ ଦସ୍ୟୁମାନଙ୍କର ଲୋଭର ଶିକାର ହୋଇ ପ୍ରାଣ ଦେଲେ ଓ ସମ୍ପଦସବୁକୁ ନିଜର କରିବାକୁ ଯାଇ ପରସ୍ପରକୁ ହତ୍ୟା କଲେ ବହୁଲୋକ । ଶେଷରେ ସେ ଧନ କାହାରିକୁ ପ୍ରାପ୍ତ ହେଲା ନାହିଁ ।

ଗାଳ୍ପିକ କହିବାକୁ ଚାହିଁଛନ୍ତି ହବୁବିଦ୍ୟା ଉଭୟ ସ୍ଥୂଳ ଓ ଆଧ୍ୟାତ୍ମିକ ଜୀବନ ପାଇଁ ଗୋଟିଏ ପରୀକ୍ଷା । ସ୍ଥୂଳ ଜୀବନରେ ଯେପରି ସଚ୍ଚା ପରିଶ୍ରମ ବା ପ୍ରତିଭା ବିନା ହବୁବିଦ୍ୟା ଦ୍ୱାରା ଉପାର୍ଜିତ ଅର୍ଥ ମଣିଷ ଉପଭୋଗ କରି ପାରେନା ଏବଂ ଆଧ୍ୟାତ୍ମିକ ଜୀବନରେ ସେହିପରି ହବୁବିଦ୍ୟା ମଣିଷକୁ ଦୈବୀକୃପାରୁ ଦୂରେଇ ନିଏ ।

ଏହିପ୍ରକାର ଅର୍ଥ ଲାଭ କରି ଧନୀ ହୋଇଥିବା ଦେଶର, ''ଗବେଷଣାନିରତ ବୈଜ୍ଞାନିକର ମୁଣ୍ଡକୁ ଅସଲ ସମୟରେ ସେ ପାପଶକ୍ତିର ତରଙ୍ଗ ଏମିତି କାବୁ କରିଦେବ, ଯାହା ଫଳରେ ସେ ତା' ଜ୍ଞାନକୁ ମାନବ କଲ୍ୟାଣ ଉଦ୍ଦେଶ୍ୟରେ ପ୍ରୟୋଗ କରିବା ପରିବର୍ତ୍ତେ କିପରି ଭୀଷଣରୁ ଭୀଷଣତର ଉପାୟରେ ମାନବତାକୁ ଓ ମାନବସଭ୍ୟତାକୁ ଧ୍ୱଂସ କରାଯାଇପାରେ; ସେହି ତଥ୍ୟ ବାହାର କରି ସେହି ଅନୁସାରେ କାମ କରିବ ।'' ଯାହାକୁ ପାଇବା ପାଇଁ ସାଧନା ନାହିଁ, ପରିଶ୍ରମ ନାହିଁ । ଯେଉଁ ଧନ ଯେତେ ପୈଶାଚିକ ପ୍ରବୃତ୍ତି ସୃଷ୍ଟି କରିଛି ସେ ଧନର ବ୍ୟବହାର ତାହା ହିଁ କରିବ । ସଂସ୍କାର ନ ଥିଲେ ଅପଚାର ହିଁ ହୁଏ ।

''ଆଶ୍ଚର୍ଯ୍ୟ ପ୍ରଦୀପର ଶେଷକଥା'' ଗଳ୍ପଟିରେ ମନୋଜ ବାବୁ ଜିନ୍‌କୁ ଏକ ଶକ୍ତିଶାଳୀ ପ୍ରାଣସତ୍ତାର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । କିନ୍ତୁ ଦିନେ ଏ ଜିନ୍ ଥିଲା ମଣିଷର ଦାସ ଓ ତା'ର ମଣିଷ ଖାଉନ୍ଦର ନିର୍ଦ୍ଦେଶ ମାନୁଥିଲା । କିନ୍ତୁ ମଣିଷଜାତିର କ୍ରମପତନର ଫଳସ୍ୱରୂପ ମଣିଷ ଏହି ଶକ୍ତି ଉପରେ ନିଜର ନିୟନ୍ତ୍ରଣ ହରାଇ ବସିଲା । ଜିନ୍ ହେଲା ଦାସ ପରିବର୍ତ୍ତେ ପ୍ରଭୁ । ଥରେ ଜିନ୍ ହୁକୁମ୍ କରିବାକୁ ଆରମ୍ଭ କଲେ ନିର୍ବୋଧ ମଣିଷର ମୃତ୍ୟୁ ବ୍ୟତୀତ ଅନ୍ୟ ଗତି ନ ଥାଏ ।

''ଇନ୍ଦ୍ରଧନୁର ରାଜପଥ''ରେ ମନୋଜ ଦାସ ଦେଖାଇଛନ୍ତି, ରାଜକନ୍ୟାକୁ ଲାଭ କରିବା ପାଇଁ ଏକଦା ଅପଚେଷ୍ଟା କରି ମହିଷାସୁର ମରିଥିଲା । ସେଥିପାଇଁ ଛାଗଳାସୁର ଇନ୍ଦ୍ରଧନୁପଥ ଦେଇ ଯାଦୁ ପାହାଡ଼କୁ ଯାଇ ଶାୟିତା ରାଜକନ୍ୟାକୁ ଭେଟିବାର ତୀବ୍ର ଆକାଂକ୍ଷାକୁ ନିୟନ୍ତ୍ରଣ କରି ନିଜକୁ ସେଥିରୁ ନିବୃତ୍ତ କରିଥିଲା । ଅଥଚ ପରକାଳରେ ମାନବାସୁର ବା ମଣିଷ ହବୁକାରୀ ବିଦ୍ୟାର ସାହାଯ୍ୟରେ ଯାଦୁ ପାହାଡ଼କୁ ଯିବା ପାଇଁ ସଫଳ ହେଲା ସତ କିନ୍ତୁ ରାଜକନ୍ୟାକୁ ଆଲିଙ୍ଗନ କରିବା ବେଳେ ହଠାତ୍ ତା' ବାହୁ ପାଶରେ ଏକଶତବିଂଶ-ବର୍ଷୀୟା ବୃଦ୍ଧାକୁ ପାଇ ହତଚକିତ ଅବସ୍ଥାରେ ତଳକୁ ଡେଇଁ ପଡ଼ି ନିମ୍ନସ୍ଥ ଜଳସ୍ରୋତରେ ନିଶ୍ଚିହ୍ନ ହୋଇଗଲା । ଗାଳ୍ପିକ କହିବାକୁ ଚାହିଁଛନ୍ତି, ରାଜକନ୍ୟା ବା ଏକ ଉଚ୍ଚତର ସିଦ୍ଧି ଲାଭ ପାଇଁ ନିଜ ଆଧାରକୁ ପ୍ରସ୍ତୁତ କରିବାକୁ ହୁଏ । ହବୁକାରୀ ବିଦ୍ୟା ସାହାଯ୍ୟରେ କିଛିଟା ପ୍ରାଣସ୍ତରୀୟ ସଫଳତା ମିଳିପାରେ; କିନ୍ତୁ ଆଧ୍ୟାତ୍ମିକ ଉପଲବ୍ଧି ମିଳେ ନାହିଁ ।

''ସିଂହସଂଳାପ''ରେ ମଧ୍ୟ ଗାଳ୍ପିକ ହବୁବିଦ୍ୟାର ବିପଜ୍ଜନକ ଦିଗଟି ଉଦ୍‌ଘାଟିତ କରିଛନ୍ତି ଏକ ଚମତ୍କାର କାହାଣୀ ଛଳରେ । ଏକ ମୃତ ସିଂହକୁ ତନ୍ତ୍ର ସାହାଯ୍ୟରେ ଜୀବନ ଦେଇଥିବା ଯୁବକ ତ୍ରୟୀଙ୍କୁ ସିଂହ ଭୋଜନ କରିବାକୁ ଉଦ୍ୟତ ହେବାରୁ ଋଷି ଧୀମାନ୍ ତାକୁ ବାରଣ କରିବାରୁ ସେ କହିଲା, ''ମୋତେ ଜୀବନ ଦେବା ସଙ୍ଗେ ସଙ୍ଗେ ସେମାନେ ମୋ କ୍ଷୁଧାକୁ ମଧ୍ୟ ଜୀବନ ଦେଲେ । ହୁଏତ ଏକ ଶତାବ୍ଦୀର କ୍ଷୁଧା ।'' ତେଣୁ ପ୍ରାଣଦାତାମାନଙ୍କ ପ୍ରାଣ ନେବାକୁ ସେ ବାଧ୍ୟ । ଆଉ ଗୋଟିଏ ତଥ୍ୟ ମଧ୍ୟ ପ୍ରକାଶ ପାଇଛି ଯେ ମଣିଷର ସମଗ୍ର ଜୀବନକାଳ ଭିତରେ ଜଣଙ୍କର ଚେତନାରେ ଯେତିକି ପ୍ରଗତି ହୋଇଥାଏ କେତୋଟି ମୁହୂର୍ତ୍ତର ସତ୍‌ସଙ୍ଗ ବଳରେ ତା'ଠାରୁ ଅଧିକ ହୋଇପାରେ ।

'ସୁବର୍ଣ୍ଣକଳସ' ଗଳ୍ପଟିର ପରିକଳ୍ପନାରେ ଗାଳ୍ପିକଙ୍କର ପ୍ରଖର ଓ ଦୀପ୍ତ କଳ୍ପନାଶକ୍ତିର ପରିଚୟ ମିଳିଥାଏ । ପରିସ୍ଥିତିରେ ପଡ଼ି ସସ୍ମିତା, ହୈମବତୀ ଓ ତନ୍ମୟ ପ୍ରଭୃତି ପ୍ରତିଟି ଚରିତ୍ର ନିଜର କୌଣସି ଅପରାଧ ନ ଥାଇ ବି ଚରମଦଣ୍ଡ ଭୋଗ

କରିଛନ୍ତି । ସାଧାରଣ ମଣିଷର ଧାରଣାରେ ଦଣ୍ଡିତ ବ୍ୟକ୍ତି ନିଶ୍ଚୟ କୌଣସି ଅପରାଧ କରିଥିବ । ଏହି ଦୃଷ୍ଟିରୁ ଗାଳ୍ପିକଙ୍କର ମତ ପ୍ରଣିଧାନଯୋଗ୍ୟ, ‘‘କିନ୍ତୁ ଦୁନିଆର ଦୃଶ୍ୟମାନ ନିୟମକାନୁନ ଅନ୍ତରାଳରେ ଅଜସ୍ର ଅଦୃଶ୍ୟ ବ୍ୟାପାର ରହିଛି । ଭୁଲ୍ ନ କରି ବି ଲୋକେ ଯାଚନା ପାଆନ୍ତି । ଅଜ୍ଞାନ, ଆଶା, ଆକାଂକ୍ଷା, ସ୍ୱପ୍ନ ଓ ଅଭିଳାଷଭରା ଏ ଦୁନିଆରେ କିଏ କେତେବେଳେ, କିଭଳି ପରିସ୍ଥିତିରେ ପଡ଼ିଯିବ, ସେକଥା କହିବା ଯେପରି ଅସମ୍ଭବ; କାହିଁକି ପଡ଼ିଯିବ ତା’ର ବ୍ୟାଖ୍ୟା ବାହାର କରିବା ବି ସେହିପରି ଅସମ୍ଭବ ।’’

ସଂକଳନର ଶେଷ ଗଳ୍ପ ‘ସାରୁଗଛ ମୂଳେ’ର ସୃଷ୍ଟି କଳ୍ପନାରେ ସାମ୍ପ୍ରତିକ ମଣିଷର ଅସାମର୍ଥ୍ୟ, ଅଯୋଗ୍ୟତା ଓ ଅହଂକାରର ଦୟନୀୟ ସ୍ୱରୂପ ଉଦ୍‌ଘାଟିତ ହୋଇଛି । ବେଙ୍ଗ ଗୋଟାଏ ନଗଣ୍ୟ କ୍ଷୁଦ୍ର ଜୀବ । ଅଥଚ ସେ ନିଜକୁ ପୁଣି ମନେ କରେ ହିମାଳୟର ରାଜା ବୋଲି । ସେ ଦିନେ ଦୈବାତ୍ ଗୋଟିଏ ପରୀକୁ ଦେଖିଛି ଓ ତାକୁ ମନେ ମନେ ନିଜର ରାଣୀ କରିବା କଥା ଭାବି ନେଇଛି । ଯେତେବେଳେ ସେ ଜାଣିଛି ତାହା ଅସମ୍ଭବ, ସେ କ୍ରୋଧରେ ତା’ ରାଜ୍ୟ ହିମାଳୟକୁ ବିକ୍ରୀ କରି ଦେବାର ନିଷ୍ପତ୍ତି ଘୋଷଣା କରିଛି । ଝିଣ୍ଟିକା, ମୂଷା ଓ ଘରଚଟିଆମାନେ ବିବ୍ରତ ହୋଇ ପଡ଼ିଛନ୍ତି ନିଜର ବାସସ୍ଥାନ ହରାଇବା ଆଶଙ୍କାରେ । ସେମାନେ ବ୍ୟାକୁଳ ଭାବରେ ଖୋଜିଛନ୍ତି ପରୀକୁ ଓ ଦିନେ ତା’ର ସାକ୍ଷାତ୍ ପାଇ ନିଜର ଦୁଃଖ ଜଣାଇଛନ୍ତି । ସେମାନଙ୍କ ପ୍ରତି ସଦୟ ହୋଇ ପରୀଟି ବେଙ୍ଗର ରାଣୀ ହେବ କହି ଉଡ଼ି ଯାଇଛି । ବେଙ୍ଗରାଜା ଶୁଣିଛି ପରୀକଥା, ଖୁସିରେ ନିଜେ ଗୀତ ଗାଇ ଗାଇ ନିଜକୁ ଶୁଆଇ ପକାଇଛି ।

ଗଳ୍ପଟିରେ ଏହି ବକ୍ତବ୍ୟଟି ବୋଧହୁଏ ପ୍ରକାଶିତ ହୋଇଛି ଯେ ମଣିଷ ପରୀ ବା ଏକ ଉଚ୍ଚତର ସତ୍ତା ନିକଟରେ ବେଙ୍ଗ ସଦୃଶ ଏକ ନଗଣ୍ୟ ଜୀବ । କିନ୍ତୁ ଭିତରେ ତା’ର ହିମାଳୟ ପରି ବିରାଟ ଅହଂକାର । ନିଜର ସାମର୍ଥ୍ୟ ବାହାରେ ସେ ଅଭିଳାଷ କରେ ଓ ତାହା ପୂରଣ ନ ହେଲେ ନିଜଠାରୁ ଅପେକ୍ଷାକୃତ ଦୁର୍ବଳ ଜୀବ ଉପରେ ହିଁ ସେ ଜାହିର କରେ ନିଜର କର୍ତ୍ତୃତ୍ୱ । କିଛି ସାରବସ୍ତୁ ନ ପାଇ ବି ନିଜର ଏକ ଅର୍ଥହୀନ ସ୍ଥିତିକୁ ନେଇ ସନ୍ତୁଷ୍ଟ ହୋଇଯାଏ ଓ ନିଜେ ହିଁ ନିଜକୁ ପ୍ରବୋଧନା ଦେଇ ଚାଲିଥାଏ ।

ସାଧାରଣତଃ ଗାଳ୍ପିକମାନେ ପ୍ରାୟ ଏକ ନିର୍ଦ୍ଦିଷ୍ଟ ବକ୍ତବ୍ୟକୁ ପ୍ରକାଶ କରିବାକୁ ଗଲା ବେଳେ ଗଳ୍ପ ରଚନାର କଳାତ୍ମକ ଯାଦୁକରୀ ଦିଗଟି ପ୍ରତି ଧ୍ୟାନ ଦେଇ ପାରନ୍ତି ନାହିଁ । କିନ୍ତୁ ଅଦ୍ଭୁତ ଭାବରେ କଥାକଳାକୁ ଆୟତ୍ତ କରିପାରିଥିବା ଏହି ପ୍ରତିଭାବାନ୍ ଶିଳ୍ପୀ କାହାଣୀଧର୍ମୀ ଗଳ୍ପଗୁଡ଼ିକୁ ରସୋତ୍ତୀର୍ଣ୍ଣ କରିବା ସଙ୍ଗେସଙ୍ଗେ ନିଜର ଉଦ୍ଦେଶ୍ୟ ଓ ଆଭିମୁଖ୍ୟକୁ ପାଠକର ଚେତନାରେ ସଞ୍ଚରେଇ ଦେବାକୁ ସମର୍ଥ ହୋଇଛନ୍ତି ।

ତାଙ୍କ ଗଳ୍ପରେ ସାମାଜିକ, ରାଜନୈତିକ ବ୍ୟଙ୍ଗ, ଭୌତିକ, ଆଧିଭୌତିକ ପର୍ଯ୍ୟାୟର ବିଭିନ୍ନ ସ୍ତରମାନଙ୍କର ଉଦ୍‌ଘାଟନ ଓ ଆଧ୍ୟାତ୍ମିକ ଅନ୍ୱେଷାର ସଫଳ ରୂପାୟନ କରାଯାଇଥିବା ସଙ୍ଗେ କାହାଣୀର କଳାତ୍ମକତା ଶିଳ୍ପୀଜନସୁଲଭ ସହୃଦୟତା ଓ ଶାଣିତ ଦୃଷ୍ଟିଭଙ୍ଗୀ ମଧ୍ୟ ଅକ୍ଷୁଣ୍ଣ ରହିଛି ।

ମନୋଜ ଦାସ କେବଳ ଭାରତୀୟ କଥା ସାହିତ୍ୟର ଏକ ବିସ୍ମୟକର ପ୍ରତିଭା ନୁହନ୍ତି, ବିଶ୍ୱ କଥା ସାହିତ୍ୟରେ ମଧ୍ୟ ତାଙ୍କ ପରି ଅସାଧାରଣ ସୃଜନଶୀଳ ସ୍ରଷ୍ଟା ବିରଳ ।

**— ଅର୍ଚ୍ଚନା ନାୟକ** ❑

---

*(ପୃଷ୍ଠା ୫ ର ଅବଶିଷ୍ଟାଂଶ)*

ଊର୍ଦ୍ଧ୍ୱାଭିମୁଖୀ ହେବାରେ ଲାଗିଛି; ପୃଥିବୀର ଗୁରୁଭାର କ୍ଷୁଦ୍ରତାକୁ ଭାଙ୍ଗି ଆମକୁ ବାହାରି ଆସିବାକୁ ପଡ଼ିବ, ଅଧ୍ୟାତ୍ମ-ଅଗ୍ନିରେ ଆମକୁ ଅବଶ୍ୟ ଆମ ପ୍ରକୃତିର ଅନ୍ୱେଷଣ କରିବାକୁ ହେବ : କୀଟର ଏକ ଭୂଲୁଣ୍ଠିତ ଗତି ହିଁ ଆତ୍ମମାନଙ୍କ ଗୌରବୋଜ୍ଜ୍ୱଳ ଉଡ଼ାଣର ପୂର୍ବାଭାସ; ଆମର ମାନୁଷୀ ସ୍ଥିତି ତା’ କୋଳର ଝୁଲଣାରେ ଝୁଲାଉଛି ଭବିଷ୍ୟତ୍ ଦେବତାକୁ, ଆମର ମର୍ତ୍ତ୍ୟ-ଦୁର୍ବଳତା ଲାଳନ କରୁଛି ଏକ ଅମର୍ତ୍ତ୍ୟ ଶକ୍ତିକୁ ।

*(କ୍ରମଶଃ...)*

ଗଦ୍ୟାନୁବାଦ : **ରବୀନ୍ଦ୍ର ନାଥ ପାଢ଼ୀ**

❑❑❑

# ମନୋଜ ଦାସ : ଏକ ସରଳ ବିରଳ ବ୍ୟକ୍ତିତ୍ୱ

ଜଣେ ଲବ୍ଧପ୍ରତିଷ୍ଠ ମହାନ୍ ସାହିତ୍ୟିକ ରୂପେ ବରେଣ୍ୟ ମନୋଜ ଦାସଙ୍କୁ ମୁଁ ପ୍ରଥମେ ଜାଣିବାକୁ ପାଇଥିଲି ହାଇସ୍କୁଲରେ ପାଠ ପଢୁଥିବାବେଳେ । ତାଙ୍କର କୌଣସି ଏକ ଇଂରାଜୀ ଗଳ୍ପ ଆମ ପାଠ୍ୟକ୍ରମରେ ଥିଲା ଯାହା ଖୁବ୍ ମର୍ମସ୍ପର୍ଶୀ ମନେ ହୋଇଥିଲା । ପରବର୍ତ୍ତୀକାଳରେ ଏକ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଥିଲାବେଳେ ତାଙ୍କର କେତେଖଣ୍ଡ ପୁସ୍ତକ ପଢ଼ିବାର ସୁଯୋଗ ପାଇଲି ଯାହା ମୋତେ ଖୁବ୍ ଚମତ୍କୃତ ଓ ପ୍ରଭାବିତ କରିଥିଲା । ସେହି ପୁସ୍ତକଗୁଡ଼ିକ ମଧ୍ୟରେ ରହିଥିଲା 'କେତେ ଦିଗନ୍ତ', 'ମନୋଜ ଦାସଙ୍କ କଥା ଓ କାହାଣୀ', 'ଧୂମ୍ରାଭ ଦିଗନ୍ତ', 'ଆବୁ ପୁରୁଷ ଓ ଅନ୍ୟାନ୍ୟ ଗଳ୍ପ', 'ଅବୋଲକରା କାହାଣୀ', 'ମନୋଜ ପଞ୍ଚବିଂଶତି', 'ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ' ଇତ୍ୟାଦି । ମୋର ହୃଦ୍‌ବୋଧ ହେଲା ଯେ ଜୀବନ, ଜଗତ୍ ଓ ମଣିଷ ସମ୍ପର୍କରେ ପୂର୍ଣ୍ଣ ସହୃଦୟତା ଓ ଗଭୀର ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣ ସହ ଏପରି ଉତ୍କୃଷ୍ଟ ଲେଖା ଲେଖିବାରେ ସେ ଅପ୍ରତିଦ୍ୱନ୍ଦ୍ୱୀ । ବେଳେ ବେଳେ ଲାଗୁଥିଲା ସତେ ଯେମିତି ମୋର ଭାବଧାରାକୁ ହିଁ ସେ ଅନନ୍ୟ ଶୈଳୀ ଓ ଭାଷାରେ ପରିବେଷଣ କରି ଦେଇଛନ୍ତି । ସେତେବେଳେ ଆମେ କେତେଜଣ ଶିକ୍ଷକ ଏକତ୍ର ବସି ସେଇ ଲେଖାଗୁଡ଼ିକ ବିଷୟରେ ଅନେକ ଚର୍ଚ୍ଚା କରୁଥିଲୁ ଏବଂ ବିଶେଷ ରୋମାଞ୍ଚିତ ଓ ଆମୋଦିତ ହେଉଥିଲୁ ।

୧୯୮୬ ମସିହା ଫେବ୍ରୁଆରୀ ମାସରେ ମୁଁ ପ୍ରଥମ କରି ଶ୍ରୀଅରବିନ୍ଦ ଆଶ୍ରମ ପରିଦର୍ଶନରେ ଯାଇଥିଲି । ସେତେବେଳେ ସ୍ୱର୍ଗତ ଅଧ୍ୟାପକ କୁମରମଣି ଚୌଧୁରୀଙ୍କ ସହିତ ମନୋଜ ଦାସଙ୍କୁ ସାକ୍ଷାତ୍ କରିବାର ସୁଯୋଗ ପାଇ ଧନ୍ୟ ହୋଇଥିଲି । ପରବର୍ତ୍ତୀ କାଳରେ ଅନେକ ଥର ତାଙ୍କ ସହିତ ସାକ୍ଷାତ୍ ଓ କଥାବାର୍ତ୍ତା ହୋଇଛି ଯାହା ମୋ ଜୀବନରେ ପ୍ରେରଣାଦାୟୀ ଅବିସ୍ମରଣୀୟ ଘଟଣା ହୋଇ ରହିଛି ।

ମନୋଜ ଦାସ ଆନ୍ତର୍ଜାତୀୟ ସ୍ତରର ଜଣେ ଲେଖକ, ଚିନ୍ତାନାୟକ, ସୁବକ୍ତା ଓ ମହାନ୍ ଶିକ୍ଷାବିତ୍ । ସେ ଜଣେ ଅଭିଜ୍ଞ ପ୍ରଜ୍ଞାବାନ୍ ଇଂରାଜୀ ଅଧ୍ୟାପକ । ତେଣୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ସେ କିପରି ଶିକ୍ଷାଦାନ କରୁଥିବେ ତାହା ପାଖରୁ ଦେଖିବା ପାଇଁ ମୋର ପ୍ରବଳ ଆଗ୍ରହ ଥିଲା । ତେଣୁ ଥରେ ମୁଁ ତାଙ୍କୁ ଆଶ୍ରମରେ ଭେଟି ତାଙ୍କ କ୍ଲାସରେ ବସିବା ପାଇଁ ଅନୁମତି ଭିକ୍ଷା କଲି । ମନୋଜ ଦାସ ତାଙ୍କ ବ୍ୟବହାରରେ ଖୁବ୍ ଅମାୟିକ ଓ ଶାଳୀନତାପୂର୍ଣ୍ଣ । ସେ ଖୁବ୍ ସରଳ ଭାବେ ମୋତେ ବୁଝାଇ ଦେଲେ ଯେ ଏହା ସମ୍ଭବ ନୁହେଁ । କାରଣ କ୍ଲାସରେ ମୋର ଉପସ୍ଥିତି ଛାତ୍ରଛାତ୍ରୀମାନଙ୍କର ମନୋଯୋଗରେ ବ୍ୟାଘାତ ସୃଷ୍ଟି କରିପାରେ ବା ସେମାନେ କିଛିଟା ଅଶ୍ୱସ୍ତି ଅନୁଭବ କରିପାରନ୍ତି । ମୁଁ ବସ୍ତୁସ୍ଥିତିକୁ ବୁଝିଗଲି ଏବଂ ମୋର କେତୋଟି ପ୍ରଶ୍ନ ପଚାରିବାକୁ ଥିବାରୁ ତାଙ୍କଠୁ ସାକ୍ଷାତ୍କାରର ସମୟ ଲୋଡ଼ିଲି । ସେ ସଙ୍ଗେ ସଙ୍ଗେ ରାଜି ହୋଇଗଲେ । କହିଲେ, ''ଆଜି ମୋର କ୍ଲାସ ସରିବା ପରେ ଆମେ ଏକାଠି ବସିପାରିବା । ଆପଣ ଆଶ୍ରମ ମୁଖ୍ୟ ଗେଟ୍ ପାଖରେ ମୋତେ ଅପେକ୍ଷା କରିଥିବେ ।'' ମୁଁ ଖୁସି ହୋଇ ଅପେକ୍ଷା କରି ରହିଲି । ସାର୍ ତାଙ୍କ କଥା ରକ୍ଷା କରି କ୍ଲାସ ସରିବା ମାତ୍ରେ ଆଶ୍ରମ ମୁଖ୍ୟ ଦ୍ୱାରକୁ ଚାଲିଆସିଲେ । ମୋତେ ଆଶ୍ରମ ଭିତରକୁ ଡାକିନେଲେ । ସମ୍ମୁଖରେ ଥିବା 'Library House'ର ଏକ ପ୍ରକୋଷ୍ଠ (Reception Hall) ଭିତରେ ଆମେ ଯାଇ ବସିଲୁ । ମୋର ପ୍ରଶ୍ନସବୁ ଆଗରୁ ପ୍ରସ୍ତୁତ ଥିଲା । ମୁଁ ପ୍ରଶ୍ନଗୁଡ଼ିକ ପଚାରି ଚାଲିଲି ଏବଂ ସେ ଖୁବ୍ ସ୍ୱାଭାବିକ ଓ ସୁନ୍ଦର ଭାବେ ଉତ୍ତର ଦେଇ ଚାଲିଲେ । ପ୍ରଶ୍ନଗୁଡ଼ିକ ମୁଖ୍ୟତଃ ଆଧ୍ୟାତ୍ମିକ ସାଧନା ଓ ଆଧ୍ୟାତ୍ମିକ ବ୍ୟକ୍ତିମାନଙ୍କ ସମ୍ପର୍କରେ ଥିଲା । ମୋର ଏପରି ଗୋଟିଏ ପ୍ରଶ୍ନ ଥିଲା ଯାହାର ସିଧା ସିଧା ଉତ୍ତର ଦେବାକୁ ଜଣେ ସଙ୍କୋଚ କରିବ ବା ଯାହା ବିଷୟରେ ସେ ହୁଏତ ଉନ୍ମୁକ୍ତ ଭାବରେ ମନ୍ତବ୍ୟ ପ୍ରକାଶ କରିବାକୁ ଚାହିଁବ ନାହିଁ । କିନ୍ତୁ ସାର୍ ବିନା ସଙ୍କୋଚରେ ଅତ୍ୟନ୍ତ ସ୍ପଷ୍ଟ ଓ ସିଧାସଳଖ ଭାବେ ଉତ୍ତର ଦେଇଥିଲେ । ମୁଁ ବିସ୍ମିତ ହେଲି । ପ୍ରାୟ ଅଧଘଣ୍ଟାଏ କାଳ ଏହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଆଉ ଥରକର କଥା । ମୁଁ ସାର୍‌ଙ୍କ ବାସଭବନରେ ତାଙ୍କୁ ସାକ୍ଷାତ୍ କରିବା ପାଇଁ ଯାଇଥିଲି । ସେତେବେଳେ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁ ସେଠାରେ ଉପସ୍ଥିତ ଥିଲେ, ଯାହାଙ୍କ ସହିତ ମଧ୍ୟ ପୂର୍ବରୁ ମୋର ବ୍ୟକ୍ତିଗତ ପରିଚୟ ଥିଲା । ଉଭୟ ପ୍ରଜ୍ଞାପୁରୁଷ ମୋତେ ଖୁସିରେ ସ୍ୱାଗତ କଲେ ଏବଂ ସେହି ମହାନ୍ ବ୍ୟକ୍ତିଦ୍ୱୟଙ୍କ ସାନ୍ନିଧ୍ୟକୁ ଆସି ମୁଁ ନିଜକୁ ଧନ୍ୟ

ମନେ କଲି । ଏହା ଥିଲା ସତ୍‌ସଙ୍ଗର ଏକ ଅପୂର୍ବ ସୁଯୋଗ । ଉଭୟଙ୍କ ଭିତରେ ଯେଉଁ ରସିକତାପୂର୍ଣ୍ଣ ଓ ସୌହାର୍ଦ୍ୟଭରା ଆଲୋଚନା ଚାଲିଥିଲା ତାହା ମୋ ପକ୍ଷରେ ଥିଲା ଖୁବ୍ ଉପଭୋଗ୍ୟ ଓ ଶିକ୍ଷଣୀୟ । ସେହି ଆଲୋଚନାକୁ ଭାଷାର ଆଲୋଚନା ବୋଲି ନ କହି ସାହିତ୍ୟର ଆଲୋଚନା କହିଲେ ଯଥାର୍ଥ ହେବ । ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁ ଶ୍ରୀଯୁକ୍ତ ମନୋଜ ଦାସଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ ଏବଂ ତାଙ୍କର ପୁସ୍ତକଗୁଡ଼ିକର ଉଚ୍ଚ ପ୍ରଶଂସା କରୁଥିଲେ । ମନୋଜ ଦାସଙ୍କ ଗଳ୍ପ, ଉପନ୍ୟାସ ଭିତରେ ଥିବା ଚରିତ୍ରମାନେ ଥିଲେ ନୀଳମଣି ସାର୍‌ଙ୍କ ପକ୍ଷରେ ଅତ୍ୟନ୍ତ ଜୀବନ୍ତ ଓ ଅନ୍ତରଙ୍ଗ । କେଉଁଠି ଶୁଣିଛି ବା ପଢ଼ିଛି, ଥରେ ମହାପାତ୍ର ନୀଳମଣି ସାହୁ ମନୋଜ ଦାସଙ୍କ ଆଗରେ ଅଭିମାନଭରା ଅଭିଯୋଗଟିଏ ବାଢ଼ି କହିଥିଲେ, ‘‘ଆପଣ ମୋର ସେଇ ଝିଅ (ମନୋଜ ଦାସଙ୍କ ଲିଖିତ ଏକ ଉପନ୍ୟାସର ଚରିତ୍ର ଯାହାର ନାମ ମୋର ଏବେ ମନେ ପଡୁ ନାହିଁ) ପ୍ରତି କାହିଁକି ଅନ୍ୟାୟ ବିଧାନ କଲେ ? ତା’ର ଜୀବନରେ ଏପରି ଦୁର୍ଦ୍ଦଶା ଆସିଲା କାହିଁକି ?’’ ସାହିତ୍ୟିକ ଓ ସାହିତ୍ୟିକ ମଧ୍ୟରେ ଏପରି ସୌହାର୍ଦ୍ୟ ଓ ଘନିଷ୍ଠତା ରହିବା ଆବଶ୍ୟକ ।

ଚିତ୍ତ ଭାଇ (ଚିତ୍ତ ରଞ୍ଜନ ଦାସ) ମଧ୍ୟ ମନୋଜ ଦାସଙ୍କୁ ଖୁବ୍ ଶ୍ରଦ୍ଧା କରୁଥିଲେ । ଥରେ ଏକ ସ୍ୱାଧ୍ୟାୟ ଶିବିରରେ ‘‘The Synthesis of Yoga’’ ଗ୍ରନ୍ଥ ଉପରେ ଆଲୋଚନା ଚାଲିଥାଏ । ମୁଁ ସେଠାରେ ଉପସ୍ଥିତ ଥିଲି । ଚିତ୍ତଭାଇ ଗୋଟିଏ ବିଷୟ ଉପରେ ଗୁରୁତ୍ୱ ଦେଇ କିଛି କହୁଥିଲେ । ସେ ସମୟରେ ନିଜ କଥାକୁ ଦୃଢ଼ୀଭୂତ କରିବା ପାଇଁ ପ୍ରାସଙ୍ଗିକତା ରକ୍ଷା କରି ସେ କହିଲେ – ‘‘ଜାଣିଛ ? ଶ୍ରୀଅରବିନ୍ଦଙ୍କ ଗୋଟିଏ ଉକ୍ତି ମନୋଜ ଦାସଙ୍କର ଅତି ପ୍ରିୟ । ସେଇଟା ହେଉଛି – “...an eternal Prefection is moulding us into its own image” (The Synthesis of Yoga, p. 56) ଅର୍ଥାତ୍, ‘‘...ଏକ ଶାଶ୍ୱତ ପରମ ପରିପୂର୍ଣ୍ଣତା ହିଁ ଆମକୁ ଆପଣାର ଅନୁରୂପ କରି ସର୍ବଦା ଗଢ଼ିବାରେ ଲାଗିଛି ।’’ ବହୁବର୍ଷ ପରେ ୨୦୧୭ ମସିହାରେ ଥରେ ସାକ୍ଷାତ୍ ବେଳେ ମୁଁ ଏଇ ଧାଡ଼ିଟିକୁ ବ୍ୟାଖ୍ୟା କରିବା ପାଇଁ ମନୋଜ ଦାସଙ୍କୁ ଅନୁରୋଧ କରିଥିଲି । ସେ ସଂକ୍ଷିପ୍ତ ଉତ୍ତର ଦେଇ କହିଥିଲେ – ‘‘ଭବିଷ୍ୟତରେ ଯେଉଁ ଦିବ୍ୟ ପରିପୂର୍ଣ୍ଣତା ପ୍ରାପ୍ତ ହେବା ଆମର ଲକ୍ଷ୍ୟ, ତାହା ହିଁ ସକଳ ଉତ୍‌ଥାନ-ପତନ ଓ ଦୁଃଖକ୍ଲେଶ ମଧ୍ୟଦେଇ ଆମକୁ ପ୍ରସ୍ତୁତ କରି ଚାଲିଛି ।’’ ମୁଁ ଏହି ଧାଡ଼ିଟିକୁ ‘The Synthesis of Yoga’ ଗ୍ରନ୍ଥରୁ ଖୋଜି ପଢ଼ିଲି । ଦେଖିଲି ଯେ ଯେଉଁ ଅନୁଚ୍ଛେଦଟିରେ ଏହି ଧାଡ଼ିଟି ଅଛି ସେଇ ଅନୁଚ୍ଛେଦ ତଥା ତା’ର ଠିକ୍ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଅନୁଚ୍ଛେଦ ଦ୍ୱୟରେ ଯେଉଁ ବିଷୟଗୁଡ଼ିକ ବର୍ଣ୍ଣିତ ହୋଇଛି ତାହା ମନୋଜ ଦାସଙ୍କର ଅନେକ ଗଳ୍ପ ଓ ଉପନ୍ୟାସରେ ମୁଖ୍ୟ ସ୍ୱର ରୂପେ ବା ଅନ୍ତଃସ୍ୱର ରୂପେ ପରୋକ୍ଷ ଭାବେ ପ୍ରତିଫଳିତ ହୋଇଛି ।

୧୯୯୧ ମସିହାରେ ଥରେ ମୁଁ ଶ୍ରୀଯୁକ୍ତ ମନୋଜ ଦାସଙ୍କୁ ଏକ ପତ୍ରରେ ଅଜବ ପ୍ରଶ୍ନଟିଏ କରିଥିଲି – ‘‘ସାର୍, ଆପଣ ଅନେକ ଚମତ୍କାର ଗଳ୍ପ, ଉପନ୍ୟାସ ଓ କବିତା ଲେଖିଛନ୍ତି । ମାତ୍ର ଆଧ୍ୟାତ୍ମିକ ବିଷୟ ଉପରେ କିଛି ଲେଖିଛନ୍ତି କି ?’’ ମୁଁ ଇଂରାଜୀରେ ପ୍ରଶ୍ନ ପଚାରିଥିବାରୁ ସେ ଇଂରାଜୀରେ ଟାଇପ୍ କରି ଉତ୍ତର ଦେଇଥିଲେ – ‘‘I do not like to write on spiritual subjects directly, there are worthier persons (like, say, Nolini Kanta Gupta) to do that. It is a question of Adhikara – the inner right as well as the inspiration. Creative writing is my domain. Even there I do not purposely bring in any spiritual doctrine, unless of course I am writing a didactive story. But in my regular columns in newspapers or in any features, whenever there is possibility of making some observation in the light of Sri Aurobindo, I do so...”

ଅର୍ଥାତ୍, ‘‘ମୁଁ ଆଧ୍ୟାତ୍ମିକ ବିଷୟଗୁଡ଼ିକ ଉପରେ ସିଧାସଳଖ ଲେଖିବାକୁ ଚାହେଁ ନାହିଁ । ଏ କାମ କରିବାକୁ ମୋ’ଠାରୁ ଅଧିକ ଯୋଗ୍ୟ ବ୍ୟକ୍ତି ଅଛନ୍ତି (ଉଦାହରଣସ୍ୱରୂପ ନଳିନୀକାନ୍ତ ଗୁପ୍ତଙ୍କ ଭଳି) । ଏହା ହେଉଛି ଏକ ‘ଅଧିକାର’ର ପ୍ରଶ୍ନ – ଆନ୍ତର ଅଧିକାରର ପ୍ରଶ୍ନ – ପ୍ରେରଣା ଅଛି କି ନାହିଁ ତାହା ହିଁ ପ୍ରଶ୍ନ । ସୃଜନଶୀଳ ରଚନା ହେଉଛି ମୋର (ସ୍ୱଭାବସିଦ୍ଧ) କ୍ଷେତ୍ର । ଏପରିକି ସେଠି ମଧ୍ୟ ମୁଁ ଉଦ୍ଦେଶ୍ୟମୂଳକ ଭାବେ କୌଣସି ଆଧ୍ୟାତ୍ମିକ ମତବାଦକୁ ପୂରାଇ ନ ଥାଏ । ଅବଶ୍ୟ ଯଦି ମୁଁ ଏକ ଶିକ୍ଷଣୀୟ ବା ଉପଦେଶଧର୍ମୀ ଗଳ୍ପ ଲେଖୁ ନାହିଁ ତେବେ ମୁଁ ସେପରି କରି ନ ଥାଏ । କିନ୍ତୁ ସମ୍ବାଦ-ପତ୍ରଗୁଡ଼ିକରେ, ମୋର ନିୟମିତ ସ୍ତମ୍ଭମାନଙ୍କରେ ଅଥବା

ନିବନ୍ଧମାନଙ୍କରେ ଯେତେବେଳେ ଶ୍ରୀଅରବିନ୍ଦଙ୍କ ଆଲୋକରେ କିଛି ମନ୍ତବ୍ୟ ଦେବାର ସମ୍ଭାବନା ଥାଏ, ମୁଁ ସେପରି କରିଥାଏ... ।''

ମୋର ଉପରୋକ୍ତ ପତ୍ରରେ ଆଉ ଏକ ପ୍ରଶ୍ନ ଥିଲା – ''ମା'ଙ୍କୁ ଦିବ୍ୟଜନନୀ ବୋଲି ଆପଣ କିପରି ଜାଣିଲେ ?''

ତାଙ୍କର ଉତ୍ତର ଥିଲା – ''My conviction that the Mother was the Divine Mother came about in a very natural way. There was no external miracle about it. It is like seeing the sun and knowing that it is the sun. Hence it is difficult to explain logically.''

ଅର୍ଥାତ୍, ''ମା ଯେ ଦିବ୍ୟ ଜନନୀ ଅଟନ୍ତି ଏହି ଦୃଢ଼ ବିଶ୍ୱାସ ବହୁତ ସ୍ୱାଭାବିକ ଭାବରେ ମୋ ଭିତରେ ଜାଗ୍ରତ୍ ହୋଇଥିଲା । ଏ ବିଷୟରେ କୌଣସି ବାହ୍ୟ ଅଲୌକିକତା ନ ଥିଲା । ସୂର୍ଯ୍ୟକୁ ଦେଖି ତାକୁ ସୂର୍ଯ୍ୟ ବୋଲି ଜାଣିବା ସଦୃଶ ଏହା ଥିଲା ସ୍ୱାଭାବିକ । ତେଣୁ ଏହାକୁ ଯୁକ୍ତିବିଚାର ଦ୍ୱାରା ବ୍ୟାଖ୍ୟା କରିବା କଷ୍ଟକର ।''

ମନୋଜ ଦାସ ଥିଲେ ମା'ଙ୍କର ନିର୍ବାଚିତ ଯନ୍ତ୍ର ଓ ପ୍ରିୟତମ ସନ୍ତାନମାନଙ୍କ ମଧ୍ୟରେ ଅନ୍ୟତମ । ମା'ଙ୍କୁ ସେ ପ୍ରଥମ କରି ଦର୍ଶନ କରିଥିଲେ ୧୯୬୩ ମସିହା ଫେବ୍ରୁଆରୀ ୨୧ ତାରିଖରେ । ସେଇ ଦର୍ଶନର ଚମତ୍କାର ଅନୁଭୂତିକୁ ବର୍ଣ୍ଣନା କରି ସେ ଯାହାସବୁ କହିଛନ୍ତି ସେଥିରୁ କିଛି ଉଦ୍ଧାର କରୁଛି –

''...ମୁଁ ଦେଖୁଛି ଶ୍ରୀମାଙ୍କୁ – ଅନ୍ତତଃ ଏ ଜୀବନରେ ପ୍ରଥମ ଥର ପାଇଁ ।

''କିନ୍ତୁ ପୂର୍ବରୁ ଆଲୋକ ଚିତ୍ର ଏବଂ ଛାୟାଚିତ୍ର ମାଧ୍ୟମରେ ଯେଉଁ ମୁଖମଣ୍ଡଳ ସହ ମୋର ପରିଚୟ ଥିଲା, ଏହା କ'ଣ ସେହିସବୁ ଚିତ୍ରର ଆଧାର ? ଅସମ୍ଭବ । ସେ ମୁହୂର୍ତ୍ତରେ ମୁଁ ଯାହା ଦେଖୁଥିଲି ତାହା କୌଣସି ମଣିଷର ମୁହଁ ହୋଇ ପାରେନା । ତାହା ଅତୀନ୍ଦ୍ରିୟ, ସ୍ୱର୍ଗାଦପି ସ୍ୱର୍ଗାଗତ ଏକ ଅଲୌକିକ ସୌନ୍ଦର୍ଯ୍ୟର ନିର୍ଯାସ । ଇନ୍ଦ୍ରଧନୁର ବର୍ଣ୍ଣ-ବୈଚିତ୍ର୍ୟ ସହ ଦୂରଦିଗନ୍ତର ସୂର୍ଯ୍ୟାସ୍ତକାଳୀନ ପ୍ରଶାନ୍ତ ଆଭାର ଅବିଶ୍ୱାସ୍ୟ ସମାହାର; ମୋର କଳ୍ପନାର ସମସ୍ତ ଦେବୀଙ୍କର ମାଧୁର୍ଯ୍ୟର ଏକତ୍ର ଏବଂ ଏକାନ୍ତ ପ୍ରତିଫଳନ ତାହା । ଅବିଶ୍ୱାସ୍ୟ, ଅବର୍ଣ୍ଣନୀୟ ।

''ଗୋଟିଏ ପାର୍ଥିବ ମୁଖମଣ୍ଡଳ ଏତେ ସୌନ୍ଦର୍ଯ୍ୟ ଧରି ରଖିପାରେ ସ୍ୱଚକ୍ଷୁରେ ସନ୍ଦର୍ଶନ କରି ନ ଥିଲେ ମୁଁ କଳ୍ପନା କରି ପାରି ନ ଥା'ନ୍ତି ।''...

ମନୋଜ ଦାସ ଚିଠିର ଉତ୍ତର ଦେବାକୁ ଭୁଲୁ ନ ଥିଲେ । ଅତ୍ୟନ୍ତ କାର୍ଯ୍ୟବ୍ୟସ୍ତତା ହେତୁ ବିଳମ୍ବ ହେଲେ ମଧ୍ୟ ତାଙ୍କଠୁ ଉତ୍ତରଟିଏ ପହଞ୍ଚି ଯାଉଥିଲା । ଥରେ ୧୯୯୮ ମସିହାରେ ମୁଁ ମୋର ସ୍ୱରଚିତ ''ଶ୍ରୀଅରବିନ୍ଦ'' (ଜୀବନୀ) ପୁସ୍ତକଟି ଏକ ପତ୍ର ସହ ତାଙ୍କ ପାଖକୁ ପଠାଇଥିଲି । ତା'ର ଉତ୍ତର ବିଳମ୍ବରେ ଆସିଲା । ସେ ତା.୨୦.୧୧.୧୯୯୮ରେ ମାଡ୍ରାସ ବିମାନ ବନ୍ଦରରୁ ଚିଠିଟି ଲେଖିଥିଲେ । ବିଳମ୍ବର ହେତୁ ଦର୍ଶାଇବା ସହ ସେ ଲେଖିଥିଲେ – ''ଆପଣଙ୍କ ସଦୟ ପତ୍ରର ଉତ୍ତର ଦେବାରେ ଏ ବିଳମ୍ବ ଯୋଗୁଁ କ୍ଷମା କରିବେ । ଗତ ଦୁଇମାସରୁ ଅଧିକ କାଳ ବାହାରେ ବାହାରେ ବିତୁଛି । ଶ୍ରୀଅରବିନ୍ଦଙ୍କ ଏକଶତ ପଞ୍ଚବିଂଶତି ଜୟନ୍ତୀ ହିଁ ମୁଖ୍ୟ କାରଣ ।

''ବହି ପାଇ ଆନନ୍ଦିତ ହେଲି । ଆପଣଙ୍କ ଲେଖାଲେଖି ସହ ମୁଁ ପରିଚିତ ଏବଂ ଏହି ବହିଟି ନିଶ୍ଚୟ ଉପାଦେୟ ହୋଇଥିବ । ସମୟ ପାଇବା ମାତ୍ରେ (ଡିସେମ୍ବର ଦ୍ୱିତୀୟାର୍ଦ୍ଧରେ) ପଢ଼ିବି ।...''

ମନୋଜ ଦାସଙ୍କ ପ୍ରସିଦ୍ଧ ଉପନ୍ୟାସ ''ଅମୃତ ଫଳ'' ୨୦୦୦ ମସିହାରେ 'ସରସ୍ୱତୀ ସମ୍ମାନ' ଲାଭ କରିଥିଲା । ଏହି ଉପନ୍ୟାସ ଉପରେ ମୋର ଆଲୋଚନା 'ନବପ୍ରକାଶ'ରେ ଧାରାବାହିକ ଭାବେ ପନ୍ଦରଟି ସଂଖ୍ୟାରେ ପ୍ରକାଶିତ ହୋଇଥିଲା । ପରେ ତାକୁ ପୁସ୍ତକାକାରରେ ପ୍ରକାଶିତ କରିବା ପାଇଁ ଚିନ୍ତା କରାଗଲା । ମୁଁ ତା. ୦୬.୦୧.୨୦୧୧ରେ ମନୋଜ ଦାସଙ୍କୁ ପତ୍ର ଲେଖି ଅଭିମତଟିଏ ଲେଖିଦେବାକୁ ଅନୁରୋଧ କଲି । କିଛିଦିନ ପରେ ଲକ୍ଷ୍ନୌରୁ ତାଙ୍କର ଚିଠିଟିଏ ଆସିଲା । ସେ ଲେଖିଥିଲେ – ''... ପଣ୍ଡିଚେରୀରେ ଉତ୍ତର ଦେବାର ସମୟ ପାଇବା ପୂର୍ବରୁ ମୋତେ ଉତ୍ତର ଭାରତ ଚାଲି ଆସିବାକୁ ପଡ଼ିଲା । ଆଜି ଦିନକ ପାଇଁ ଲକ୍ଷ୍ନୌରେ ଅବସ୍ଥାନ । ଟିକିଏ ସମୟ ପାଇବାମାତ୍ରେ ଆପଣଙ୍କ ପାଖକୁ ଚିଠିଟି ଲେଖୁଛି ।

''ଆପଣଙ୍କ ସହୃଦୟ ନିବନ୍ଧମାଳା ଗ୍ରନ୍ଥାକାରରେ ପ୍ରକାଶ ପାଇବ – ଏହା ଏକ ସୁସଂବାଦ । ତେବେ ମୋର ଏକ ଉପନ୍ୟାସ ଉପରେ ଲିଖିତ ବହି ଉପରେ ମୁଁ ନିଜେ କୌଣସି ମନ୍ତବ୍ୟ ଦେବା କଦାପି ସମୀଚୀନ ହେବ ନାହିଁ । ଆପଣ ଆଉ କାହାକୁ କହିପାରନ୍ତି । ଆଉ କାହାରି ଭୂମିକା ଅଥବା ମନ୍ତବ୍ୟ

ବିନା ପ୍ରକାଶ କଲେ ମଧ୍ୟ କ୍ଷତି ନାହିଁ । ଆପଣଙ୍କ ଲେଖା ହିଁ ତା'ର ନିଜର ପରିଚୟ ।

''ମୁଁ ଯାହା ନିଷ୍କପଟରେ ଲେଖୁଛି, ମୁଁ ଜାଣେ ସେକଥା ହୃଦୟଙ୍ଗମ କଲାଭଳି ସହାନୁଭୂତି ଆପଣଙ୍କ ହୃଦୟରେ ରହିଛି... ।''

କେଡ଼େ ସରଳ, ମଧୁର, ଅମାୟିକ ଓ ଶାଳୀନତାପୂର୍ଣ୍ଣ ତାଙ୍କ ଭାଷା ! ସ୍ନେହ ସଦିଚ୍ଛାରେ ବିଗଳିତ ଓ ସଂଦୀପିତ ।

'ଅମୃତଫଳ' ଉପରେ ଆଧାରିତ ମୋର ଆଲୋଚନା-ପୁସ୍ତକଟି ୨୦୧୧ ମସିହାରେ ପଥିକ ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇଥିଲା । ବହିଟି ତାଙ୍କୁ ତାଙ୍କ ବାସଭବନରେ ଯେଉଁ ଦିନ ଅର୍ପଣ କଲି ସେ ଅତ୍ୟନ୍ତ ଖୁସୀ ହୋଇଥିଲେ । ପାଖରେ ବସିଥିବା ଗୁଜୁରାଟରୁ ଆଗତ ତାଙ୍କର ଜଣେ ବିଶିଷ୍ଟ ବନ୍ଧୁଙ୍କୁ ମୋର ପରିଚୟ ଦେଇ ମୋ ଲେଖା ବିଷୟରେ ଜଣାଇଥିଲେ । ପୁଣି ମୋ ଆଗରେ ସେଇ ଗୁଜୁରାଟୀ ସଜ୍ଜନଙ୍କ ପ୍ରଶଂସା କରି କୃତଜ୍ଞତାଭାବ ସହ କହିଲେ – ''ଏଇ ମହାଶୟ ମୋତେ ତାଙ୍କ କାର୍‌ରେ ଗୁଜୁରାଟର ସୋମନାଥ ଓ ଦ୍ୱାରକା ଆଦି ସ୍ଥାନ ଭ୍ରମଣ କରାଇ ଥିଲେ ।''

୧୯୯୧ ମସିହାରେ ମୁଁ ସପରିବାର ପଣ୍ଡିଚେରୀ ଯାଇଥିଲି । ବାପା, ମା, ପତ୍ନୀ, ପିଲାପିଲି ଓ ବନ୍ଧୁଙ୍କୁ ନେଇ ଆମେ ନଅଜଣ ଥିଲୁ । ସମସ୍ତେ ମନୋଜ ଦାସଙ୍କୁ ତାଙ୍କ ବାସଭବନରେ ଭେଟିବାକୁ ଗଲୁ । ତାଙ୍କୁ ସାକ୍ଷାତ୍ କରିବାର ଆଗ୍ରହ ଥାଏ ପ୍ରବଳ । ସେ ନିଜର ଖୁସି ବ୍ୟକ୍ତ କରି ଆମକୁ ସ୍ୱାଗତ କଲେ । ଏହାର କେତେ ବର୍ଷ ପରେ ମୁଁ ଯେତେବେଳେ ପଣ୍ଡିଚେରୀ ଯାଇ ତାଙ୍କୁ ସାକ୍ଷାତ୍ କଲି ତାଙ୍କର ପ୍ରଥମ ପ୍ରଶ୍ନ ଥିଲା – ''ଆପଣଙ୍କ ବାପା କେମିତି ଅଛନ୍ତି ?'' ମୁଁ ଆଶ୍ଚର୍ଯ୍ୟ ହେଲି । ଏତେ ବର୍ଷ ପରେ, ଏତେ ଲୋକଙ୍କ ଭିତରେ ସେ ମୋ ବାପାଙ୍କୁ ମନେ ରଖିଛନ୍ତି !

ଥରେ ସେ ମୋତେ ତାଙ୍କ ଲିଖିତ ବହିଟିଏ ଦେବେ ବୋଲି କହିଥିଲେ । ଆଶ୍ରମ ପରିସରରେ ସାକ୍ଷାତ୍ ବେଳେ ମୁଁ ଏକଥା ତାଙ୍କୁ ମନେ ପକେଇ ଦେଲି । ସେ କହିଲେ – ''ଆପଣ ମୋର ବାସଭବନକୁ ଚାଲନ୍ତୁ, ମୁଁ ଟିକିଏ ପରେ ଯାଉଛି ।'' ମୁଁ ଶୀଘ୍ର ତାଙ୍କ ବାସଭବନ ଆଡ଼କୁ ଚାଲିକରି ଗଲି । ମୁଁ ଯେମିତି ତାଙ୍କ ଘର ଦ୍ୱାରଦେଶରେ ପହଞ୍ଚିଛି, ସାର୍ ତାଙ୍କର ସାଇକେଲରେ ଆସି ଠିକ୍ ପହଞ୍ଚି ଗଲେ । ସାଇକେଲରୁ ଓହ୍ଲାଉ ଓହ୍ଲାଉ କହିଲେ – ''Good Timing'' । ଏକଥା ମନେ ପଡ଼ିଲେ ମୋ ଭିତରେ ଏକ ବିଚାର ଆସେ ଯେ ଜୀବନ-ଯାତ୍ରାରେ ସଙ୍ଗତି ରକ୍ଷା ଏକାନ୍ତ ଅପରିହାର୍ଯ୍ୟ (ସଂ ଗଚ୍ଛଧ୍ୱଂ, ସଂ ବଦଧ୍ୱଂ ...) । ସାର୍ ସେଦିନ ମୋତେ ତାଙ୍କ ଲିଖିତ ''ପ୍ରଜ୍ଞା-ପ୍ରଦୀପିକା'' ପୁସ୍ତକ ଅଟୋଗ୍ରାଫ୍ ସହ ପ୍ରଦାନ କରିଥିଲେ । ସାର୍‌ଙ୍କଠାରେ ମୁଁ ଅନେକ ଦୃଷ୍ଟିରୁ କୃତଜ୍ଞ । ତାଙ୍କର ସରଳତା, ଋଜୁତା ଓ ମହାନୁଭବତା ଆଗରେ ମୁଁ ନତଶିର । ସାର୍‌ଙ୍କ ଜନ୍ମ ତାରିଖ ୨୭ ଫେବ୍ରୁଆରୀ, ମୋର ବି ଜନ୍ମ ୨୭ ଫେବ୍ରୁଆରୀ । ମାତ୍ର ବୟସରେ ବାଇଶି ବର୍ଷର ବ୍ୟବଧାନ । ବେଳେ ବେଳେ ମୋତେ ଲାଗେ ସାର୍‌ଙ୍କ ସହିତ ସୂକ୍ଷ୍ମ ସ୍ତରରେ କୌଣସି ଏକ ବିଶେଷ ସମ୍ବନ୍ଧ ରହି ଆସିଛି ଯେଉଁଥି ପାଇଁ ତାଙ୍କର ଲେଖା ଓ କଥାଗୁଡ଼ିକ ହୃଦୟର ମର୍ମସ୍ଥଳକୁ ଛୁଇଁଯାଏ, ଯେଉଁଥିପାଇଁ ତାଙ୍କ ପ୍ରତି ସ୍ୱତଃ ନିବିଡ଼ ଦୁର୍ବାର ଆକର୍ଷଣ ଅନୁଭୂତ ହୁଏ ।

୧୯୯୧ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପରିଚାଳିତ ଏକ ମ୍ୟାଗାଜିନ୍‌ରେ ତାଙ୍କର ଏକ ଲେଖା ବା ବକ୍ତବ୍ୟ ପ୍ରକାଶିତ ହୋଇଥିଲା । ସେଥିରେ ଗୋଟିଏ ବାକ୍ୟରେ ''harshness'' ଶବ୍ଦର ପ୍ରୟୋଗ ମୋତେ ଅବାଗିଆ ଲାଗିଥିଲା । ତାହା ତାଙ୍କର ଅଭିପ୍ରେତ ଭାବର ବିପରୀତ ବୋଲି ମୋର ମନେ ହେଲା । ତେଣୁ ମୁଁ ସନ୍ଦେହ ପ୍ରକାଶ କରି ତାଙ୍କୁ ଚିଠି ଲେଖିଲି । ତାଙ୍କଠୁ ଉତ୍ତର ଆସିଲା – ''Many thanks for your sweet and kind letter. This is in a hurry as I am leaving for Bangalore today.

The word 'harshness' was an awful misprint, what I had said was 'vastness'. I am afraid, there might have been several other howlers too. Your feeling intrigued about the word is justified. ...''

ଚିଠିଟି ପଢ଼ିଲେ ମୋ ଭିତରେ ଯେଉଁ ଭାବାନ୍ତର ସୃଷ୍ଟି ହୁଏ ତାହା ହେଲା – ମୁଦ୍ରଣକାରୀ ଏମିତି ଗୋଟାଏ ଭୟଙ୍କର ହାସ୍ୟାସ୍ପଦ ମୁଦ୍ରଣଗତ ପ୍ରମାଦ କଲେ କିପରି ? ଆମେ ମଣିଷମାନେ ଜୀବନରେ harshness ବା କଠୋରତାକୁ ହିଁ ବେଶୀ ଆପଣାର କରିଛୁ । କୋମଳତାର, ସ୍ନିଗ୍ଧତାର ଘୋର ଅଭାବ ଆମଠାରେ । କଠୋରତା ଆସେ ସଂକୀର୍ଣ୍ଣତାରୁ, ସୀମିତତାରୁ, ଅହଂବୋଧରୁ । ମନୋଜ ଦାସ ତାଙ୍କର ଅନେକ ଲେଖା ଓ ବକ୍ତବ୍ୟରେ ପ୍ରତ୍ୟକ୍ଷରୂପେ ଓ ପରୋକ୍ଷରୂପେ ଏହି

ଅହଂର ବିଷକ୍ରିୟା ଓ କୁପରିଣତି ବିଷୟରେ ଆମକୁ ସଚେତନ କରିଛନ୍ତି । ଅନେକ ସ୍ଥାନରେ ସେ ନିଜ ବକ୍ତବ୍ୟରେ Matthew Arnoldଙ୍କ କବିତା ''Sohrab and Rustum''ର କାହାଣୀ ଅବତାରଣା କରି ଅହଂ ଓ ଆତ୍ମବଡ଼ିମା କିପରି ଆମର ଦୁଃଖ, ପଶ୍ଚାତ୍ତାପ ଓ ବିନାଶର କାରଣ ହୁଏ ତାହା ପ୍ରତିପାଦନ କରିଛନ୍ତି । ଆମକୁ ଏହି ଅହଂରୁ ମୁକ୍ତ ହୋଇ Vastness ବା ବିଶାଳତା ଆଡ଼କୁ ଯିବାକୁ ହେବ । କାରଣ ଭୂମୈବ ସୁଖମ୍ – ଭୂମା ବା ମହାବ୍ୟାପ୍ତିରେ ହିଁ ସୁଖ ରହିଛି । କହିବା ବାହୁଲ୍ୟ, ମନୋଜ ଦାସଙ୍କ ଲେଖାମାନଙ୍କରେ ସବୁଠି ଏହି Vastness ବା ବିପୁଳତାର ଆବେଦନ ରହିଛି ।

ମନୋଜ ଦାସ ଥିଲେ ଭାରତୀୟ ସଂସ୍କୃତିର ମହାନ୍ ପୃଷ୍ଠପୋଷକ । ତାଙ୍କର ପୁସ୍ତକ 'ଅନ୍ତରଙ୍ଗ ଭାରତ', 'ବିପୁଳା ଚ ପୃଥ୍ୱୀ', 'ଭାରତର ଐତିହ୍ୟ', ପତ୍ରପତ୍ରିକାରେ ପ୍ରକାଶିତ ଶହ ଶହ ନିବନ୍ଧ, 'The Heritage' ମ୍ୟାଗାଜିନ୍‌ର ସମ୍ପାଦନ ଓ ସମ୍ପାଦକୀୟ ଇତ୍ୟାଦି ଏହାର ସ୍ପଷ୍ଟ ପ୍ରମାଣ । ଭାରତର ବେଦ, ଉପନିଷଦ୍, ମହାକାବ୍ୟ ରାମାୟଣ ଓ ମହାଭାରତ, ପୁରାଣ, ବିଷ୍ଣୁଶର୍ମାଙ୍କ 'ପଞ୍ଚତନ୍ତ୍ର', ସୋମଦେବଙ୍କ 'କଥା ସରିତ୍ ସାଗର', ବୁଦ୍ଧଦେବଙ୍କ ବିଭିନ୍ନ ଜନ୍ମ ଆଧାରିତ 'ଜାତକ ମାଳା' ଗଳ୍ପ ସଂଗ୍ରହ ଇତ୍ୟାଦି ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା ତଥା ସେସବୁ ତାଙ୍କ ଅତ୍ୟନ୍ତ ପ୍ରିୟ ଥିଲା । କାହାଣୀ ଲେଖିବା ଓ କହିବାରେ ସେ ଥିଲେ ଅସାଧାରଣ ଭାବେ ସିଦ୍ଧହସ୍ତ । ଦେଶ ବିଦେଶର ପ୍ରାଚୀନ କାହାଣୀ ଓ କିମ୍ବଦନ୍ତୀଗୁଡ଼ିକୁ ନୂତନ ଓ ଗଭୀର ଦାର୍ଶନିକ ତାତ୍ପର୍ଯ୍ୟ ପ୍ରଦାନ କରି ପୁନର୍କଥନ କରିବାରେ ସେ ଥିଲେ ଅଦ୍ୱିତୀୟ । 'The Heritage' ପତ୍ରିକା ମାଧ୍ୟମରେ କେବଳ ଭାରତୀୟ ସଂସ୍କୃତି ନୁହେଁ, ସମଗ୍ର ମାନବ ସମାଜର ସଂସ୍କୃତିକୁ ମହିମାନ୍ୱିତ କରିବା ଓ ତା'ର ଉତ୍ତରଣ ଘଟାଇବାକୁ ସେ ଲକ୍ଷ୍ୟ ରଖିଥିଲେ । ୧୯୮୫ ମସିହା ଜାନୁଆରୀ ସଂଖ୍ୟାର ସମ୍ପାଦକୀୟରେ ସେ ଲେଖିଥିଲେ – ''We believe that man's future will not be the culmination of all that is bad in him, but of all that is good in him. Further we believe that India has a significant role to play in moulding a meaningful future for man. The Heritage will strive to project all that is good and glorious, creative and ennobling.''

ଅର୍ଥାତ୍, ''ଆମେ ବିଶ୍ୱାସ କରୁ ଯେ ମନୁଷ୍ୟର ଭବିଷ୍ୟତ୍ ତା' ଭିତରେ ରହିଥିବା ମନ୍ଦଗୁଡ଼ିକର ଚୂଡ଼ାନ୍ତ ପରିଣତି ରୂପେ ଆସିବ ନାହିଁ, ବରଂ ତା' ଭିତରେ ଅନ୍ତର୍ନିହିତ ଉତ୍ତମ ଉପାଦାନରୁ ହିଁ ତାହା ପ୍ରସ୍ତୁତ ହୋଇ ଆସିବ । ପୁନଶ୍ଚ ଆମେ ବିଶ୍ୱାସ କରୁ ଯେ ମନୁଷ୍ୟ ପାଇଁ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଭବିଷ୍ୟତ୍ ନିର୍ମାଣ କରିବାରେ ଭାରତକୁ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ତୁଲାଇବାର ଅଛି । ଯାହା କିଛି ଉତ୍ତମ ଓ ଗୌରବମୟ, ସୃଜନଶୀଳ ଓ ମହତ୍ତ୍ୱବର୍ଦ୍ଧକ ତାକୁ ଉପସ୍ଥାପନ କରିବା ଲାଗି 'The Heritage' ପ୍ରୟାସ କରିବ ।''

''Sri Aurobindo in the First Decade of the 20th Century'' ପୁସ୍ତକଟି ମନୋଜ ଦାସଙ୍କର ଏକ ବିଶେଷ ଅବଦାନ । ବିଂଶ ଶତାବ୍ଦୀର ପ୍ରଥମ ଦଶନ୍ଧିରେ ଶ୍ରୀଅରବିନ୍ଦଙ୍କ ନେତୃତ୍ୱରେ ଯେଉଁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ସଂଘଟିତ ହୋଇଥିଲା ତା'ର ଅନେକ ଅଳ୍ପଜ୍ଞାତ ବା ଅଜ୍ଞାତ ତଥ୍ୟକୁ ସେ ଏଥିରେ ଲୋକଲୋଚନକୁ ଆଣିଛନ୍ତି । ଏଥିପାଇଁ ତାଙ୍କୁ ଲଣ୍ଡନ ଓ ଏଡ଼ିନ୍‌ବରା ଯାଇ ଗବେଷଣା କରିବାକୁ ହୋଇଥିଲା । ଶ୍ରୀଅରବିନ୍ଦଙ୍କ ଜୀବନ ଓ କାର୍ଯ୍ୟ ସମ୍ବନ୍ଧରେ ସଦ୍ୟ ପ୍ରକାଶିତ ପୁସ୍ତକ ''Sri Aurobindo : Life and Times of the Mahayogi'' ମଧ୍ୟ ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇଛି । ଏଥିପାଇଁ ତାଙ୍କୁ ପରିଣତ ବୟସରେ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଛି । ଏହି ପୁସ୍ତକ ସ୍ୱଳ୍ପ ସମୟ ମଧ୍ୟରେ ଦେଶ ବିଦେଶର ବହୁ ବିଦ୍ୱାନ୍ ଓ ଗବେଷକମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି । ଏହା ଶ୍ରୀଅରବିନ୍ଦଙ୍କ ଜୀବନ ଓ କାର୍ଯ୍ୟ ସମ୍ବନ୍ଧରେ ଅନେକ ଭ୍ରାନ୍ତ ଧାରଣା ଦୂର କରିବା ସଙ୍ଗେ ସଙ୍ଗେ ନୂତନ ଦିଗଗୁଡ଼ିକ ଉନ୍ମୋଚିତ କରିଛି ।

ମନୋଜ ଦାସଙ୍କ ସହିତ ମୋର ଶେଷ ସାକ୍ଷାତ୍ ଓ କଥାବାର୍ତ୍ତା ହୋଇଥିଲା ତା.୧୦.୧୧.୨୦୧୮ ରେ । ସେ ରାଉରକେଲାସ୍ଥିତ 'ଶ୍ରୀଅରବିନ୍ଦ ଯୋଗ ମନ୍ଦିର'ର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସେଠାକୁ ଆସିଥା'ନ୍ତି । ଉତ୍ସବ ଆରମ୍ଭର ପୂର୍ବ ସନ୍ଧ୍ୟାରେ ସେ ଦେହାଂଶ କେନ୍ଦ୍ରରେ ପ୍ରଣାମ କରି ସମ୍ମୁଖସ୍ଥ ପ୍ରାଙ୍ଗଣରେ ଆସି ଛିଡ଼ା ହୋଇଥା'ନ୍ତି । ସାଙ୍ଗରେ ଥାଆନ୍ତି ବରିଷ୍ଠ କଂଗ୍ରେସ ନେତା ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ଓ ଅଳ୍ପ କେତେଜଣ ସଜ୍ଜନ । ମୁଁ ତାଙ୍କ ପାଖକୁ ଯାଇ ପ୍ରଣାମ ଜଣାଇଲି । ସେ ସେଇ ଅପ୍ରତ୍ୟାଶିତ ସାକ୍ଷାତରେ ଅତି ପ୍ରସନ୍ନ ହୋଇ ମୋର ପ୍ରଣାମ ସ୍ୱୀକାରପୂର୍ବକ ମୋ ହାତକୁ ସ୍ନେହରେ ଚାପି ଧରିଲେ ।

ତା'ପରେ ମୋ ବିଷୟରେ ଏକ ପ୍ରଶଂସାମୂଳକ ମନ୍ତବ୍ୟ ଦେଇ ମୋତେ ଅନ୍ୟମାନଙ୍କ ଆଗରେ ପରିଚିତ କରାଇଲେ । ମୁଁ ସଙ୍କୁଚିତ ଅନୁଭବ କଲି । କିନ୍ତୁ ମୋ ପ୍ରତି ତାଙ୍କର ଏଇ ଅନାବିଳ ଶ୍ରଦ୍ଧାରେ ମୋର ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା । ତା' ପରଦିନ କାର୍ଯ୍ୟକ୍ରମରେ ତାଙ୍କର ଜ୍ଞାନଦୀପ୍ତ ଅଭିଭାଷଣ ଶୁଣିବାର ସୌଭାଗ୍ୟ ଅର୍ଜନ କଲି, ମାତ୍ର ତାଙ୍କ ସହିତ ଆଉ ସାକ୍ଷାତ୍ ବା କଥାବାର୍ତ୍ତା ହୋଇପାରି ନ ଥିଲା ।

ଚିର ପ୍ରଫୁଲ୍ଲ, ଚିର ପ୍ରାଣୋଚ୍ଛଳ, ଋଷିପ୍ରତିମ ଏହି ମହାପୁରୁଷ ଏବେ ସ୍ୱଦେହରେ ନାହାନ୍ତି । ମାତ୍ର ତାଙ୍କର କାଳଜୟୀ ସାହିତ୍ୟକୃତି ସକଳ, ତାଙ୍କର ଯନ୍ତ୍ରସଂଗୃହୀତ ବକ୍ତୃତାମାଳା ଏବଂ ସର୍ବୋପରି ତାଙ୍କର ଉତ୍ସର୍ଗୀକୃତ ଜୀବନଧାରା ଚିରକାଳ ଅଭୀପ୍ସୁମାନଙ୍କର ପ୍ରେରଣାର ଉତ୍ସ ହୋଇ ରହିବ । ତାଙ୍କର ଅମର ଆତ୍ମା ପାଖରେ ମୋର ଭକ୍ତିପୂତ ପ୍ରଣାମ ଓ ବିନମ୍ର ଶ୍ରଦ୍ଧାଞ୍ଜଳି ।

**— ଶେଖ ଅବଦୁଲ କାଶମ**

❑❑❑

# ଅନନ୍ୟ ପଥଚାରୀ

**(ଶ୍ରଦ୍ଧାଞ୍ଜଳି ପୂଜ୍ୟ ମନୋଜ ଦାସଙ୍କୁ...)**

ମଧୁ ସଂଧାନୀ ମଧୁକର ତୁମେ
ସକାଳର ବାର୍ତ୍ତାବହ,
ରାତିର ଅନ୍ଧାରୁ ତୋଳି ନେଉଥିଲ
ଅନୁପମ ଏକ ଉଷାର ଲଗନେ
ଜୀବନର ଯେତେ ଦୁଃଖ ଦାହ ।

ଅତନ୍ଦ୍ର ବେଳାର ପଥଚାରୀ ତୁମେ
ଅଚିନ୍ତ୍ୟ ମହକ ନେଇ,
ମନ୍ଦ୍ର ମଧୁରେ ବିତରି ଦେଇଛ
ପ୍ରେମର ସଙ୍ଗୀତ ଗାଇ ।
ତୁମେ ନବ ପୁଲକିତ ହୃଦୟର,
ଅନନ୍ତ ଆଶାର ଦିଗନ୍ତେ ଲେଖିଛ
ଅଦୃଶ୍ୟ ସମୟ ଅନ୍ତଃସ୍ୱର ।

ଯେଦିନ ଶୁଣିଲ ମନ ମଧୁପୁରେ
ବଂଶୀ ମଧୁର ସ୍ୱର,
ବିଭାଜିତ ସବୁ ମନର ସୋପାନ
ହୋଇଗଲା ଏକାକାର ।

ପଲକେ ମଧୁର ସର୍ବଜୟୀ ସେହି
ହସରେ ଦେଖିଲ ଯାହା,
ସାରା ଅନୁଭବେ ଅମୃତ ଭରା
ପଥର ସଂକେତ ତାହା ।

ଚେତନାର ଯେତେ ଦ୍ୱାର,
ଖୋଲିଗଲା ଧୀରେ ଦିବ୍ୟ ମଧୁରେ
ନ ହୋଇ ତିଳେ ଅଧୀର ।

ନବ ମୁକୁଳିତ କଳିର ସପନେ
ଉଦୟ ରାଗର ରଙ୍ଗ,
ଜୀବନ ଦିଶିଲା ଆକାଶେ ନୀଳର
ମନ୍ଦ୍ରିତ ଆଶା ତରଙ୍ଗ ।

ସବୁ ଦ୍ୱନ୍ଦ୍ୱ ଆଉ ସବୁ ଅବସାଦ
ନୂଆ ଜାଗରଣ ଦିଏ,
ଲିଭି ଆସୁଥିବା ପ୍ରଦୀପ ଶିଖାକୁ
ମଧୁରେ ଜଳାଇ ଦିଏ ।
ଏତିକି ବିଶ୍ୱାସେ ଭରା
ଅନନ୍ୟ ପଥର ପଥଚାରୀ ତୁମେ,
ସହାସ୍ୟ ଚାଲିଛ ଭରା ସାହସରେ
ପାଇ ଗୋପନ ଇସାରା ।

**— ଶାନ୍ତି ମହାନ୍ତି** ❑

# କିଏ କେତେ ମନୋଜ !

ମାପଦଣ୍ଡ ମନୋଜ ଦାସ ଚାଲିଗଲେ । ସମସାମୟିକ ଓଡ଼ିଆ ସାହିତ୍ୟର ନଭମଣ୍ଡଳରୁ ଉଜ୍ଜ୍ୱଳତମ ତାରାଟି ଲିଭିଗଲା । ମୃତ୍ୟୁ କାହାର ନାହିଁ ? ତାରା ବି ମରେ । ବ୍ଲାକ୍-ହୋଲ୍ ତା'କୁ ଗିଳିଦିଏ । ହେଲେ ମଣିଷ-ତାରାଟି ସହଜରେ ହଜିଯାଏନି । ମଣିଷର ମନମଣ୍ଡଳରେ ତା'ର ଯେଉଁ ସ୍ଥିତି ସେ ସହଜରେ ଅନ୍ତର୍ହିତ ହୁଏ ନାହିଁ । ଆପଣାର ବୀରପଣ ଧରି ସେ ସେମିତି ଜଳୁଥାଏ ଦୀପ୍ତିମାନ୍ ହୋଇ । ସେଇଥିପାଇଁ ତ ଶାସ୍ତ୍ର କହୁଛି ପଦ୍ମପତ୍ରର ଜଳ ପରି ଏ ଢଳ ଢଳ ଅସ୍ଥିର ସଂସାରରେ ଯଦି କିଛି ଚିରନ୍ତନ ତେବେ ତାହା ହେଉଛି ଅକ୍ଷୟ-କୀର୍ତ୍ତି ।

ଅକ୍ଷୟ-କୀର୍ତ୍ତିରେ ଦୀପ୍ତିମନ୍ତ ମନୋଜ ତାରାଟି ଆଗରେ ମୃତ୍ୟୁର ବ୍ଲାକ୍-ହୋଲ୍ ମଧ୍ୟ ନାଚାର ।

ଶରୀର ମାତ୍ରେ କ୍ଷୟଶୀଳ । ଅଥଚ ଶରୀରର ଯେ ଆଭା ତାହା ନିଜସ୍ୱ ସାନ୍ଦ୍ରତା ନେଇ ଆପଣା ଚମକ ଅକ୍ଷୁଣ୍ଣ ରଖେ । ରଚନାତ୍ମକତାରେ ଭରା ମନୋଜ-ଶରୀରଟି ଥିଲା ଆଭାମୟ । ଆ-ଶୈଶବ ତାହା ଥିଲା ଉଜ୍ଜ୍ୱଳତାରେ ଭରା । ଅଲିଭା ଉଜ୍ଜ୍ୱଳତା ।

ଯେଉଁ ଶରୀରଟିର କଥା ଏଠାରେ ପ୍ରତିପାଦ୍ୟ ତାହା ଭୂମିଷ୍ଠ ହୋଇଥିଲା ବାଲେଶ୍ୱରର ଭୋଗରାଇ ଅନ୍ତର୍ଗତ ଶଙ୍ଖାରି ଗାଆଁରେ । ଦିନଟି ଥିଲା ୧୯୩୪ ମସିହାର ଫେବ୍ରୁଆରୀ ୨୭ ତାରିଖ । ପାଞ୍ଚଗୋଟି ସନ୍ତାନ ଭିତରୁ କନିଷ୍ଠ ପୁଣି ଦ୍ୱିତୀୟ ପୁତ୍ର । ଧୀରେ ଧୀରେ ଶରୀରଟି ଆଭାଯୁକ୍ତ ହୋଇଥିଲା । ମାଆ କାଦମ୍ବିନୀ ଦେବୀଙ୍କ ପ୍ରଭାବରୁ ''ଅଲୌକିକ ଶକ୍ତିର ଉତ୍ସ'' ରୂପେ ସେ ଆଭାକୁ ବଳିଷ୍ଠ କରିଥିଲେ ''ରାମାୟଣ'' ଓ ''ମହାଭାରତ'', ସେଇ ଆଦ୍ୟକାଳରୁ । ଶରୀରଟି ଆଭା-ବିଯୁକ୍ତ ହେଲା ଏଇ ୨୦୨୧ ଏପ୍ରିଲ ୨୭ରେ, ସୁଦୂର ପଣ୍ଡିଚେରୀରେ ।

୮୭ ବର୍ଷର ପାକଳ ଶରୀର । ବର୍ଷାଧିକ କାଳ ରୋଗାକ୍ରାନ୍ତ ଥିଲା । ଅକ୍ଷମ ହୋଇ ଆସୁଥିଲା ଧୀରେ ଧୀରେ । ହଠାତ୍ ସ୍ପନ୍ଦନହୀନ ହୋଇଗଲା । ପ୍ରେମାସ୍ପଦ ପାର୍ଥିବ ଜଗତର ମନୋଜପ୍ରେମୀମାନେ ସ୍ତବ୍ଧ ହୋଇ ଗଲେ । ଚାଲିଗଲେ ମନୋଜ । ନକ୍ଷତ୍ର ନିରବି ଗଲା । ଲିଭିଗଲା ଆକାଶର ତାରା !

ମନେ ରଖିବା ଦରକାର ଯେ ନକ୍ଷତ୍ରର ଭାଷା ତା'ର ଆଲୋକରେ ପ୍ରତିଭାତ । ଥରେ ଯେ ସେ ଆଲୋକକୁ ଅନୁଭବିଛି ଆଖି ବୁଜିଲେ ମଧ୍ୟ ତା'କୁ ସେ ତାରା ହିଁ ଦିଶିବ, ଆଲୋକର ଅନୁଭବ ମିଳିବ । ମନୋଜଙ୍କର ଆଲୋକ, ଆନନ୍ଦର ରୂପ ନେଇ ଚିର-ଜୀବନ୍ତ ଅଛି ତାଙ୍କର ପ୍ରତିଟି ସୃଷ୍ଟିରେ । ପାଖାପାଖି ଅଶୀରୁ ଅଧିକ ସୃଷ୍ଟି, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଭ୍ରମଣ କାହାଣୀ, ଶିଶୁସାହିତ୍ୟ, କବିତା, ପ୍ରବନ୍ଧ, ଇତିହାସ, ଦର୍ଶନ ଓ ସଂସ୍କୃତିକୁ କାନ୍‌ଭାସ୍ କରି ଏକ ସୂକ୍ଷ୍ମ ରଚନାତ୍ମକତାର ବର୍ଣ୍ଣବିଭା ମଣ୍ଡିବାରେ ସେ ଥିଲେ ଅନନ୍ୟ । ଅଦ୍ୟ ଅନେକଙ୍କ ପାଇଁ ମାପକାଠି ।

କହିବାର ଅଛି ଯେ ମନୋଜ ଦାସ ଥିଲେ ଅନେକରେ ଏକ । ରଚନାତ୍ମକତାରେ ଅନୁପମ-ରତ୍ନ । ଆଧ୍ୟାତ୍ମିକତାରେ ଅଦ୍ୱିତୀୟ-ଆର୍ଷପ୍ରାଣ ପୁଣି ବକ୍ତୃତା କ୍ଷେତ୍ରରେ ଅନନୁକରଣୀୟ ଶାନ୍ତ, ମଧୁର ଏକ ଉଦାର ଉଦ୍‌ଗୀରଣ । ସେ ଥିଲେ ଗୋଟାଏ ଲମ୍ବା ଇଞ୍ଚପଟା, ଗୋଟାଏ ଚମତ୍କାର ପରିମାପକ । ଯେ କେହି ତାଙ୍କୁ ପଢ଼ିଛି, ଶୁଣିଛି ବା ଦେଖିଛି ସେ ଚେଷ୍ଟା କରିଛି କିଛି କିଛି ମନୋଜ ହେବାକୁ । ନିଜକୁ ନିଜେ ସେ ମନୋଜ ମାପକାଠିରେ ମାପିଛି । ସତରେ ମୁଁ କେତେ ମନୋଜ ? ନା, ଏତେ ଉଚ୍ଚତାକୁ କିଏ ଯିବ ?

ମନୋଜଙ୍କ ରଚନାତ୍ମକତାର ଯାତ୍ରା ଆରମ୍ଭ ହୁଏ ଜମାଲପୁର ବିଶ୍ୱନାଥ ଏକାଡ଼େମୀରେ ପାଠ ପଢୁଥିବା ବେଳୁ । ପଞ୍ଚମରୁ ସପ୍ତମ ପାଠପଢ଼ା । ବୟସରେ ପାଞ୍ଚବର୍ଷ ବଡ଼ ଗାଁର ସମ୍ପର୍କୀୟ ଭାଇ ରଜନୀକାନ୍ତ ଜେନା ସେଇ ସ୍କୁଲର ଛାତ୍ର । ମାଆ କାଦମ୍ବିନୀ ଦେବୀ ରଜନୀଙ୍କୁ କହିଥା'ନ୍ତି, ''ମନୋଜକୁ ଜଗିଥିବୁ ।'' ଶାନ୍ତ ସୁଧାର ମନୋଜ କିନ୍ତୁ ଆନମନା । ମନ ବୁଲୁଥାଏ କେଉଁ ଏକ ଅଜଣା ରାଇଜରେ । ପଢ଼ା ବହି ଅପେକ୍ଷା ଅନ୍ୟ ବହି ପଢ଼ିବାକୁ ବ୍ୟଗ୍ର । ଦୁନିଆକୁ ଜାଣିବା ଲାଗି ଉନ୍ମୁଖ । ସେଇଠୁ ଆରମ୍ଭ ହୋଇଥିଲା କବିତାର ପ୍ରଥମ ଧାଡ଼ି । ଉନ୍ମେଷକ ଥିଲେ ନିଜେ ସାହିତ୍ୟ ଦାଣ୍ଡକୁ ବାହାରି ପାରି ନଥିବା ରଜନୀକାନ୍ତ । ହସି ହସି ଥରେ ମନୋଜ କହୁଥିଲେ – ''ଜାଣନ୍ତି, ନିଜେ ରଜନୀଭାଇ ଗୋଟେ ଉପନ୍ୟାସ ଲେଖିଥିଲେ । ସେ ଅନୂଢ଼ା ହତଭାଗ୍ୟ ପାଣ୍ଡୁଲିପିଟିର ମୁଁ ଥିଲି ପ୍ରଥମ ଓ ଶେଷ ପାଠକ । ଅଭିଭାବକ ସାଜିଥିବା ରଜନୀ ଭାଇଙ୍କର ମୋର ସାହିତ୍ୟ-ପ୍ରବେଶ ପାଇଁ ଥିଲା ଅକୁଣ୍ଠ ସମର୍ଥନ ।''

ଅଷ୍ଟମ ଶ୍ରେଣୀ ବେଳକୁ ମନୋଜ ଆସିଥିଲେ ବାଲେଶ୍ୱର ଜିଲ୍ଲା ସ୍କୁଲକୁ । ସେତେବେଳକୁ ବଡ଼ଭାଇ ମନ୍ମଥ ଦାସ ଫକୀରମୋହନ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ । ଯେଉଁ ଭଡ଼ାଘରଟିରେ ଡେରାଭିଡ଼ା ହୋଇଥିଲା ସଂଯୋଗକୁ ତାହା ଥିଲା କଥା-ସମ୍ରାଟ ଫକୀରମୋହନଙ୍କ ଘର । ଏବେ ସାହିତ୍ୟର ପ୍ରେରଣା ରାମାୟଣ, ମହାଭାରତରୁ ରଜନୀକାନ୍ତଙ୍କ ପାଣ୍ଡୁଲିପି ଦେଇ ପହଞ୍ଚି ଥିଲା ଫକୀରମୋହନଙ୍କ ବାସଭୂଇଁରେ । ଭଲ ମଞ୍ଜି ଅନୁକୂଳ ଭୂମି ପାଇଲେ ଗଜୁରିବ ହିଁ ଗଜୁରିବ ।

୧୯୪୯ ବେଳକୁ ସେ ୧୫ ବର୍ଷର ବାଳକ । ସେତିକିବେଳେ ପ୍ରଥମ କବିତାଗ୍ରନ୍ଥ ‘‘ଶତାବ୍ଦୀର ଆର୍ତ୍ତନାଦ’’ ଆତ୍ମପ୍ରକାଶ କଲା । ପରବର୍ଷ ୧୯୫୦ରେ ପ୍ରକାଶ ପାଇଲା ଦ୍ୱିତୀୟ କବିତା ସଂକଳନ ‘‘ବିପ୍ଳବୀ ଫକୀରମୋହନ’’ । ପୁଣି ସେଇ ସନରେ ଆଉ ଏକ କବିତା ସଂଗ୍ରହ ‘‘ପଦଧ୍ୱନି’’ । ‘‘ବିପ୍ଳବୀ ଫକୀରମୋହନ’’ ପୁସ୍ତକଟିକୁ ସେ ଉତ୍ସର୍ଗ କରିଥିଲେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କୁ । କାବ୍ୟାନ୍ୱେଷ ଧାରାରେ ଏବେ ଆସିଯାଇଥିଲେ ‘‘ବନ୍ଦେ ଉତ୍କଳ ଜନନୀ’’ର ଲଳିତ ସ୍ରଷ୍ଟା ଲକ୍ଷ୍ମୀକାନ୍ତ । କବିତାର ପ୍ରକାଶନ ଧାରାରେ ପରବର୍ତ୍ତୀ ସମୟରେ ଆତ୍ମପ୍ରକାଶ କରିଥିଲେ ‘‘ନନ୍ଦାବତୀର ମାଝି (୧୯୫୭)’’, ‘‘ଉପନିବେଶ (୧୯୬୬)’’, ‘‘ତୁମ ଗାଁ ଓ ଅନ୍ୟାନ୍ୟ କବିତା (୧୯୯୨)’’ ଏବଂ ଶେଷ ପାହାଚ ଭାବରେ ‘‘କବିତା ଉତ୍କଳ (୨୦୦୩)’’ ।

ପଣ୍ଡିଚେରୀରେ ଥିଲେ ବି ଉତ୍କଳ ଘାରୁଥିଲା ମନୋଜଙ୍କୁ । ଯେଉଁଥିପାଇଁ ପରବର୍ତ୍ତୀ କାଳରେ ‘‘ସମୁଦ୍ର କୂଳର ଏକ ଗ୍ରାମ’’ ଗଳ୍ପ ସଂକଳନରେ ସେ ପାଣି ପରି ବୋହି ଯାଇଥିଲେ ଆପଣାର ବାଲ୍ୟକାଳକୁ ଧରି ।

ମନୋଜଙ୍କ କାବ୍ୟସତ୍ତା କିନ୍ତୁ ଅଧିକ ମୁକୁଳିତ ହୋଇଥିଲା କ୍ଷୁଦ୍ରଗଳ୍ପରେ । କି ଅନନ୍ୟ ସେ ବିଚରଣ ଭୂଇଁ ! ସବୁଜ, ଶ୍ୟାମଳ ପୁଣି ପ୍ରାଣଦାୟୀ ଚମକତାରେ ଭରା । ଯେଉଁଠି ଥିଲା ମଣିଷପଣିଆର ସନ୍ଧାନଠାରୁ ଆରମ୍ଭ କରି କିଛି ଦିବ୍ୟ ଅନୁଭବର ଜୟଯାତ୍ରା । ଭାରତୀୟ ସନାତନ ପରମ୍ପରାର ସ୍ରୋତସ୍ୱିନୀ ଖରସ୍ରୋତା ଫଲ୍‌ଗୁ । ‘‘ସମୁଦ୍ରର କ୍ଷୁଧା (୧୯୫୨)’’, ‘‘ଜୀବନର ସ୍ୱାଦ (୧୯୫୩)’’, ‘‘ବିଷକନ୍ୟାର କାହାଣୀ (୧୯୫୪)’’, ‘‘ଆରଣ୍ୟକ (୧୯୬୧)’’, ‘‘ଶେଷବସନ୍ତର ଚିଠି (୧୯୬୫)’’, ‘‘ମନୋଜ ଦାସଙ୍କ କଥା ଓ କାହାଣୀ (୧୯୭୧)’’, ‘‘ଲକ୍ଷ୍ମୀର ଅଭିସାର (୧୯୭୪)’’, ‘‘ଆବୁପୁରୁଷ ଓ ଅନ୍ୟାନ୍ୟ କାହାଣୀ (୧୯୭୫)’’, ‘‘ଧୂମ୍ରାଭ ଦିଗନ୍ତ ଓ ଅନ୍ୟାନ୍ୟ କାହାଣୀ (୧୯୭୭)’’, ‘‘ମନୋଜ ପଞ୍ଚବିଂଶତି (୧୯୮୩)’’, ‘‘ଭିନ୍ନ ମଣିଷ ଓ ଅନ୍ୟାନ୍ୟ କାହାଣୀ (୧୯୮୭)’’, ‘‘ଚତୁର୍ଥ ବନ୍ଧୁ ଓ ଅନ୍ୟାନ୍ୟ କାହାଣୀ (୧୯୯୦)’’, ‘‘ଅବୋଲକରା କାହାଣୀ (୧୯୯୧)’’ ଆଦି କ୍ଷୁଦ୍ରଗଳ୍ପ ସଂକଳନଗୁଡ଼ିକରେ ରାଶି ରାଶି କ୍ଷୁଦ୍ରଗଳ୍ପ ରଚନା କରି ସେ ଯେଉଁଭଳି ପାଠକୀୟ ଶ୍ରଦ୍ଧା ଓ ସମ୍ମାନ ଅର୍ଜନ କରିଛନ୍ତି ତାହା ଆଉ କୌଣସି ଓଡ଼ିଆ ଗଳ୍ପକାରଙ୍କ ପକ୍ଷରେ ସମ୍ଭବ ହୋଇ ନାହିଁ । ଟଲଷ୍ଟୟ, ମୋପାସାଁ ଓ ଚେକଭ୍, ରୋଲାଁ ଆଦିଙ୍କ ଗଳ୍ପଧାରାର ଚମତ୍କାରିତା ଭଳି ତାଙ୍କ ଗଳ୍ପଗୁଡ଼ିକ ପାଲଟିଛନ୍ତି ଏକାନ୍ତ ମାନବଧର୍ମୀ ଓ ସମ୍ବେଦନଶୀଳ । ଭାରତର ସନାତନ ପରମ୍ପରାର ବିଭୂତିଗୁଡ଼ିକୁ ଗଳ୍ପକଥନ ମାଧ୍ୟମରେ ପ୍ରକଟିତ କରିବା ସହ ସେ ଓଡ଼ିଆ ଜନଜୀବନକୁ ହିଁ ନିଜ ସୃଷ୍ଟି ମାଧ୍ୟମରେ ବିଶ୍ୱାୟିତ କରିଛନ୍ତି । ସମୁଦ୍ର କୂଳରେ ତାଙ୍କର ଗାଁ । ମୁକୁଳା ସମୁଦ୍ର ପନ୍ତାରର ଭୀମକାନ୍ତ ରୂପ ଓ ଭୀଷଣତାକୁ ନେଇ ସେଥିପାଇଁ କଲେଜରେ ପଢୁ ପଢୁ ସେ ଲେଖି ବସିଥିଲେ ‘‘ସମୁଦ୍ରର କ୍ଷୁଧା’’ ଗଳ୍ପ ସଙ୍କଳନଟିକୁ । ଗଳ୍ପର ବିଷୟ, ଭାବ, ଭାଷା ଓ ଶୈଳୀରେ ମନୋଜ ହିଁ ନିଜେ ଆପଣାର ମଡ଼େଲ୍ । ପ୍ରତିଟି କ୍ଷୁଦ୍ରଗଳ୍ପ ଗୋଟିଏ ଗୋଟିଏ ମ୍ୟାଜିକ୍ । ଗୋଟିଏ ଗୋଟିଏ ମାଇଲ୍ ଖୁଣ୍ଟ । ଗଳ୍ପମାନେ କାଳେ କାଳେ ତାଙ୍କର ପୋଷାଜୀବ । ଅନୁଗତ ।

ଉପନ୍ୟାସ ଜଗତକୁ ସେ ଆସନ୍ତି ଅନେକ ପରେ । ‘‘ବୁଲଡ଼ୋଜର୍ସ (୧୯୮୯)’’, ‘‘ପ୍ରଭଞ୍ଜନ (୧୯୯୨)’’, ‘‘ଗୋଧୂଳିର ବାଘ (୧୯୯୫)’’, ‘‘ଅମୃତ ଫଳ (୧୯୯୬)’’, ‘‘ଆକାଶର ଇସାରା (୧୯୯୭)’’, ‘‘ତନ୍ଦ୍ରାଲୋକର ପ୍ରହରୀ (୨୦୦୨)’’ ଭଳି ଉପନ୍ୟାସଗୁଡ଼ିକ ତାଙ୍କ ବିଚାରଗତ ଭାବଭୂମିର ଚିତ୍ର ପ୍ରଦାନ କରେ । ଗଳ୍ପରେ ସେ ଯେମିତି ହୃଦୟ ଓ ମନ ଉଲ୍ଲାସକ, ଉପନ୍ୟାସରେ ବି ସେମିତି ଗଭୀର ତଥା ଚିତ୍ତ ଆଲୋଡ଼ନକାରୀ ।

୧୯୬୩ରେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମକୁ ନିଜର ବାସଭୂମି କରିନିଅନ୍ତି ମନୋଜ । ଅତିମାନସ ଚେତନାର ସନ୍ଧାନ ତାଙ୍କୁ ଅହରହ ଆଲୋକମୁଖୀ କରାଏ । ନିଜେ ପଢ଼ାନ୍ତି ଇଂରାଜୀ ସାହିତ୍ୟ ଓ ସହଧର୍ମିଣୀ ପ୍ରତିଜ୍ଞା ଦେବୀ ପଢ଼ାନ୍ତି ମନୋବିଜ୍ଞାନ । ସାହିତ୍ୟର ଭାବଧାରାରେ ମନନଶୀଳତାର ବେଣୀବନ୍ଧନ ହିଁ ପରବର୍ତ୍ତୀକାଳରେ ତାଙ୍କର ସାହିତ୍ୟ ସାଧନାକୁ ଅଧିକ ଅଧ୍ୟାତ୍ମବାଦୀ କରେ ।

ମନୋଜଙ୍କର ଭ୍ରମଣ କାହାଣୀଗୁଡ଼ିକ ଭୂମି-ସନ୍ଧାନୀ ଯେମିତି, ଆତ୍ମ-ସନ୍ଧାନୀ ବି ସେମିତି । ଦୁଇ ଦୁଇ ଭାଗରେ ''କେତେ ଦିଗନ୍ତ'' ଓ ''ଅନ୍ତରଙ୍ଗ ଭାରତ'' ସାଙ୍ଗକୁ ସେ ସୃଷ୍ଟି କରିଛନ୍ତି ''ଦୂର-ଦୂରାନ୍ତର'' ଓ ''ଅଦୂର ବିଦେଶ'' । ବର୍ଣ୍ଣନାର ଚମତ୍କାରିତା ସାଙ୍ଗକୁ ପରିବେଷଣରେ ଅନ୍ତରଙ୍ଗତା ହିଁ ତାଙ୍କର ଭ୍ରମଣ କାହାଣୀଗୁଡ଼ିକୁ ଉଭୟ ଶିକ୍ଷଣୀୟ ଓ ସୁଖପାଠ୍ୟ କରିଛି । ଭାରତର ଅତୀତ, ଦର୍ଶନ, ସଭ୍ୟତା ଓ ସଂସ୍କୃତିକୁ ନେଇ ସେ ରଚନା କରିଛନ୍ତି ''ଭାରତର ଆତିଥ୍ୟ'', ''ଭାରତର ଐତିହ୍ୟ : ଶତେକ ପ୍ରଶ୍ନର ଉତ୍ତର'', ''ଉପକଥା ଶତକ'', ''ମହାକାଳର ପ୍ରହେଳିକା ଓ ଅନ୍ୟାନ୍ୟ ଜିଜ୍ଞାସା'', ''ଜୀବନ ଜିଜ୍ଞାସା ଏବଂ ସ୍ମରଣିକା ସ୍ତବକ'', ''ପ୍ରଜ୍ଞା-ପ୍ରଦୀପିକା', ''ଅରଣ୍ୟ ଉଲ୍ଲାସ'' ଏବଂ ''ମହାଯୋଗୀ ଶ୍ରୀଅରବିନ୍ଦ'' ଭଳି ଅନୁପମ ଗ୍ରନ୍ଥମାନ । ପିଲାମାନଙ୍କ ପାଇଁ ସେମିତି ''ଆଲୋକ ଓ ଆନନ୍ଦର କାହାଣୀ'', ''ଅମର ସାହିତ୍ୟ'', ''କନକ ଉପତ୍ୟକାର କାହାଣୀ'' ଓ ''ରାକ୍ଷସର ସନ୍ଧାନରେ'' ଭଳି ପ୍ରୀତିପୂର୍ଣ୍ଣ ସୃଷ୍ଟିଗୁଡ଼ିକ ତାଙ୍କୁ ଜଣେ ସମ୍ପୂର୍ଣ୍ଣ ସାହିତ୍ୟିକର ମୁକୁଟ ପିନ୍ଧାଇଛି ।

ଓଡ଼ିଆ ସାହିତ୍ୟରେ ସେ ଜଣେ ଶିଖର ସାଧକ । ହେଲେ ଇଂରେଜୀ ଭାଷାରେ ରଚିତ ପୁସ୍ତକଗୁଡ଼ିକ ତାଙ୍କୁ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଲେଖକର ମର୍ଯ୍ୟାଦା ପ୍ରଦାନ କରିଛି । ସେଥିରେ ଅଛି ''ଏ ଟାଇଗର୍ ଆଟ ଟ୍ୱାଇଲାଇଟ୍'', ''ଦ କ୍ରୋକୋଡାଇଲ ଲେଡ଼ି : ଏ କଲେକ୍‌ସନ୍ ଅଫ ଷ୍ଟୋରିଜ୍'', ''ଲିଜେଣ୍ଡ ଅଫ ଦି ଗୋଲ୍‌ଡ଼େନ୍ ଭ୍ୟାଲି'', ''ଚେଜିଙ୍ଗ ଦ ରେନ୍‌ବୋ : ଗ୍ରୋଇଂ ଅପ୍ ଇନ୍ ଏନ୍ ଇଣ୍ଡିଆନ୍ ଭିଲେଜ୍'' ଭଳି ବିରଳ ସୃଷ୍ଟିମାନ ।

ଅସରନ୍ତି ସୃଷ୍ଟି । ତାଲିକାର ଅନ୍ତ ନାହିଁ । ତେବେ ସବୁଠାରୁ ବଡ଼ କଥା ହେଉଛି ବ୍ୟକ୍ତିତ୍ୱ ଓ ଚେତନାର ଉତ୍ତରଣ । ଶଙ୍ଖାରି, ବାଲେଶ୍ୱର, ପୁରୀ, କଟକ ଆଦିରେ ପାଠ ସାରି ସେ ଯେ ଶେଷକୁ ପଣ୍ଡିଚେରୀରେ ପହଞ୍ଚିଛନ୍ତି ତାହା ତାଙ୍କର ସାହିତ୍ୟିକ ତଥା ଆଧାତ୍ମିକ ଜୀବନକୁ ସ୍ତରେ ସ୍ତରେ ଉତ୍ତରିତ କରିଛି । ପାଠ ପଢ଼ିଲା ବେଳୁ ''ମଣିଷର ଦୁଃଖ'' ତାଙ୍କ କୋମଳ ପ୍ରାଣକୁ ବାରଂବାର ସ୍ପନ୍ଦିତ କରିଛି ।

ଗୋଟାଏ ବିପୁଳ ଅଥଚ ଉଦାର ଭୂମି-ଅଧିକାରୀ ପରିବାରରେ ଜନ୍ମ ନେଇଥିଲେ ବି ସୁଖ ସ୍ୱାଚ୍ଛନ୍ଦ୍ୟ ଅପେକ୍ଷା ମଣିଷ ଜୀବନର ଦୁଃଖ ଯନ୍ତ୍ରଣାକୁ ସେ ଅଧିକ ଅନୁଭବ କରିଛନ୍ତି । ସେଇଥିପାଇଁ କଲେଜରେ ପଢୁ ପଢୁ ବାମପନ୍ଥୀ ଚିନ୍ତାଧାରାକୁ ବରିଥିଲେ ସେ । ସାଜିଥିଲେ ଛାତ୍ର ନେତା । ଇଣ୍ଡୋନେସିଆ ଯାଇ ଛାତ୍ରନେତା ଭାବରେ ପାଇଥିବା ଅନୁଭବ ତାଙ୍କୁ ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମରେ ପହଞ୍ଚାଇଛି । ମାତ୍ର ୨୯ ବର୍ଷ ବୟସରେ ଆରମ୍ଭ ହୋଇଛି ତାଙ୍କର ଅନନ୍ୟ ସାଧକ ଜୀବନ ।

ଲେଖିବାରେ, ପଢ଼ାଇବାରେ, ବିଷୟ-ବିଶ୍ଳେଷଣରେ, ବନ୍ଧୁପଣରେ ଓ ବିଶେଷ କରି ବକ୍ତୃତା ଦେବାରେ ମନୋଜ ଦାସ ଯେ ଅଦ୍ୱିତୀୟ ସେ କଥା ଯେ କେହି ସ୍ୱୀକାର କରିବ । ପ୍ରତ୍ୟେକ ସାହିତ୍ୟିକ ଲାଗି ସେ ଜଣେ ମାପକାଠି । ଜଣେ ଅଧ୍ୟାତ୍ମବାଦୀ ସକାଶେ ଜଣେ ଅନୁରୂପ ମାପଦଣ୍ଡ । ଶ୍ରୋତାଟିଏ ମୁଗ୍ଧ ହୋଇ ତାଙ୍କୁ ଶୁଣିଲା ବେଳେ ଭାବେ ମୋ ଭିତରେ ମନୋଜ-ପଣ ସତରେ କେତେ ?

ଆମେ ଶକ୍ତିର ପରିମାପକ ଭାବରେ ଅଶ୍ୱକୁ ଗ୍ରହଣ କରୁ । ସେଇଥିପାଇଁ କହୁ ଏତେ ଅଶ୍ୱ-ଶକ୍ତି ବା ଏତେ ହର୍ସ ପାୱାର । ହାତୀକୁ ଓଜନର ଇଞ୍ଚପଟା କରୁ । କୌଣସି ଓଜନିଆ ଜିନିଷ ଏତେ ହାତୀର ଓଜନ ବା ଏତେ ଏଲିଫ୍ୟାଣ୍ଟସ୍ ବୋଲି କୁହାଯାଏ । ଠିକ୍ ସେହିଭଳି ଓଡ଼ିଶାର ପ୍ରତ୍ୟେକ ସାହିତ୍ୟିକ, ଅଧ୍ୟାତ୍ମବାଦୀ ଓ ବକ୍ତା ଆଗରେ ଶ୍ରୀ ମନୋଜ ଦାସ ଏକ ମେଜରମେଣ୍ଟ ଟେପ୍ ଭଳି । ସାହିତ୍ୟିକମାନଙ୍କ ପାଇଁ ସେ ଜଣେ ଆଦର୍ଶ ମାପର ମାତ୍ରା ।

କହିବାର ଅଛି ଯେ ସମସାମୟିକ କାଳର ସାହିତ୍ୟସ୍ରଷ୍ଟାମାନେ ନିଜକୁ ପଚାରିବା ଦରକାର ''ମୁଁ କେତେ ପରିମାଣରେ ମନୋଜ ?'' ଜଣେ ସେ ମାପଦଣ୍ଡର ମାପରେ ନିଜକୁ ଯୋଗ୍ୟ କରିପାରିବା ହେଉଛି ସାହିତ୍ୟ-ତାରକା ମନୋଜଙ୍କ ରଚନାତ୍ମକତା ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ମୁଖର ହୋଇ ରହିବ ଓଡ଼ିଶାର ସାହିତ୍ୟିକ ବ୍ୟୋମ-ପରିଧି । ଆଲୋକର ଆଭା ଲିଭିବ ନାହିଁ କେଉଁଠି ।

ଶ୍ରୀ ମନୋଜ ଦାସ ଲକ୍ଷ ଲକ୍ଷ ସାହିତ୍ୟିକ ଓ ପାଠକଙ୍କ ପାଇଁ ଯେ ଦୀପଦଣ୍ଡି ସଦୃଶ ସେଥିରେ ତିଳେମାତ୍ରେ ଅତ୍ୟୁକ୍ତି ନାହିଁ ।

**– ଦାଶ ବେନହୁର**

❑❑❑

# ମୃତ୍ୟୁ

ମୃତ୍ୟୁ ବୋଲି ଯାହା ଦେଖୁଛି ମଣିଷ
ବିଚ୍ଛେଦ ଅଙ୍କର କ୍ଷଣିକ ଆଭାସ ।
କାଳ ସ୍ରୋତେ ଭୁଲି ଆଦରେ ତନୁକୁ
କାଳଜୟୀ ମଣେ ଆପେ ଆପଣାକୁ ।

ମାତ୍ର ବିବଶ ନିଜ ମୃତ୍ୟୁ ବେଳାରେ
ଘଟ ବିଚ୍ଛେଦ ଭୟେ ହୃଦୟ ଥରେ,
ଜାଣେ ତୁଟା ଘଟ ନୁହେଁ ଅମର
ମୋହ ଫାଶେ ବନ୍ଧା ତା ସର୍ବ ଦ୍ୱାର ।

ଫେନ ବହୁଳ ଏଇ ଜୀବନ ସ୍ରୋତ
କେବେ ସୃଷ୍ଟ ପୁଣି କେବେ ବା ଅନ୍ତ,
ପରିଧାନ ତୁଲ୍ୟ କ୍ଷୀଣ କଳେବର
ଶାଶ୍ୱତ ଆତ୍ମାର ନଶ୍ୱର ମନ୍ଦିର ।
ପଞ୍ଚଭୂତେ ଗଢ଼ା ଏ କଳେବର
ଜରା ରୋଗ ବ୍ୟାଧି ତା ସହୋଦର,

ତା'ର ଉପଚାରେ ବନ୍ଧା ଥିଲେ ନର
ଭ୍ରମେ ଭ୍ରମୁଥାଏ ଯେହ୍ନେ କୃଷ୍ଣସାର ।
ଜୀର୍ଣ୍ଣ କଳେବର ଯାତନା ବହୁଳ
ତ୍ୟଜନେ ସମସ୍ୟା ହୋଇଥାଏ ଦୂର,
ଅଜର ଅମର ଆତ୍ମା ନିରାକାର
ପୁନର୍ଜନ୍ମ ଲଭେ ତେଜି କଳେବର ।

ବିବର୍ତ୍ତନ ପଥେ ନାହିଁ ପୂର୍ଣ୍ଣଛେଦ
ଜନ୍ମ ମୃତ୍ୟୁ ନୁହେଁ ଶେଷ ଅବଚ୍ଛେଦ,
ମୃତ୍ୟୁ ଏକ ମାତ୍ର ଅମୋଘ ଆୟୁଧ
ଲବ୍ଧ କଳନ୍ତର କରେ ପରିଶୋଧ ।

ମିତ୍ର ତୁଲ୍ୟ ଯେହୁ ବରିଛି ତାହାକୁ
ଆତ୍ମସ୍ଥ ପୁରୁଷ ଚିହ୍ନେ ଆପଣାକୁ,
ତେଜି ପରିଧାନ ତେଜି କଳେବର
ନବଜନ୍ମ ସୂତ୍ରେ ମୃତ୍ୟୁ ସୂତ୍ରଧର ।

**ସନ୍ତୋଷ ରଥ** ❑

An end have these bodies of an embodied soul that is eternal; it is not born nor dies nor is it that having been it will not be again. It is unborn, ancient, everlasting;... As a man casts from him his wornout garments and takes others that are new, so the embodied being casts off its bodies and joins itself to others that are new. Certain is the death of that which is born and certain is the birth of that which dies.

(Life Divine, p. 771) – Sri Aurobindo

ଏହିସବୁ ଦେହର ଅବଶ୍ୟ ଅନ୍ତ ରହିଛି, ମାତ୍ର ସେହିସବୁ ଦେହ ମଧ୍ୟରେ ରହିଥିବା ଦେହଧାରୀ ଆତ୍ମାର ଅନ୍ତ ନାହିଁ । ଏହି ଆତ୍ମାର ଜନ୍ମ ନାହିଁ ବା ମୃତ୍ୟୁ ନାହିଁ; ଥରେ ଜନ୍ମଲାଭ କରିସାରିବା ପରେ ତାହା ଯେ ଆଉ ଥରେ ଜନ୍ମ ନେବ ନାହିଁ, ତାହା କଦାପି ନୁହେଁ । ଆତ୍ମା ହେଉଛି ଅଜ, ନିତ୍ୟ ଓ ଶାଶ୍ୱତ ... ଯେକୌଣସି ପୁରୁଷ ଯେପରି ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ଅନ୍ୟ ନୂତନ ବସ୍ତ୍ର ପରିଧାନ କରେ, ସେହିପରି ହେହଧାରୀ ସତ୍ତା ଆପଣାର ପୁରାତନ ଶରୀରଗୁଡ଼ିକୁ ପରିତ୍ୟାଗ କରି ଅନ୍ୟ ନୂତନ ଶରୀର ଗ୍ରହଣ କରେ । ଯିଏ ଜନ୍ମ ଗ୍ରହଣ କରିଛି ତାହାର ମୃତ୍ୟୁ ନିଶ୍ଚୟ ହେବ ଏବଂ ଯିଏ ମରୁଛି ତାହାର ଜନ୍ମ ନିଶ୍ଚୟ ହେବ ।

(ଦିବ୍ୟ ଜୀବନ - ୭୫୪) — ଶ୍ରୀଅରବିନ୍ଦ

# ପ୍ରଚଣ୍ଡ ସାମ୍ୟବାଦୀରୁ ସମ୍ପୂର୍ଣ୍ଣ ଅଧ୍ୟାତ୍ମବାଦୀ

ଆମ୍ଭେମାନେ ଯେବେ ତରୁଣ ଥିଲୁ, ସେତେବେଳେ ମନୋଜ ଦାସ ଥିଲେ ସାମ୍ୟବାଦୀ ମନ୍ତ୍ରରେ ଅଭିମନ୍ତ୍ରିତ ଏକ ଅଗ୍ନିଶିଖା । ସ୍ୱର୍ଗତଃ ମନମୋହନ ମିଶ୍ର, ରାମକୃଷ୍ଣ ପତି ପ୍ରଭୃତି ସାମ୍ୟବାଦୀ ନେତାମାନଙ୍କ ସହିତ ଏକା ମଞ୍ଚରେ ତାଙ୍କର ଅଗ୍ନିବର୍ଷି ଭାଷଣ ଆମେ ଶୁଣିଛୁ । କହିବା ବାହୁଲ୍ୟ ସେତେବେଳେ ପ୍ରାୟତଃ ତରୁଣମାନଙ୍କ ଶିରା-ପ୍ରଶିରାରେ ଏକ ସାମ୍ୟବାଦୀ ଚିନ୍ତାଧାରାର ରକ୍ତ ପ୍ରବାହିତ ହେଉଥିଲା । ସେଥିପାଇଁ ମନୋଜ ଦାସ ହିଁ ମୁଖ୍ୟତଃ ପ୍ରେରଣାଦାୟୀ ଥିଲେ ।

ପରବର୍ତ୍ତୀ ଅବସ୍ଥାରେ ସେ ସମ୍ପୂର୍ଣ୍ଣ ଅଧ୍ୟାତ୍ମବାଦୀ ଚିନ୍ତାଧାରା ମାର୍ଗର ଯାତ୍ରୀ ହୋଇଗଲେ । ପଣ୍ଡିଚେରୀ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଶ୍ରମରେ ସ୍ଥାୟୀ ଭାବରେ ରହିବା ଏବଂ ଶ୍ରୀମା'ଙ୍କ ଆଶ୍ରିତ ହେବା ତାଙ୍କ ଜୀବନର ଶ୍ରେଷ୍ଠତମ ସିଦ୍ଧାନ୍ତ ବୋଲି ମଧ୍ୟ ସେ ସ୍ୱୀକାର କଲେ । କୌଣସି ଏକ ସାକ୍ଷାତ୍କାରରେ ତାଙ୍କୁ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିବା ଅବସରରେ ଯେତେବେଳେ ମୁଁ ପ୍ରଶ୍ନ କଲି ଏକ ଅତ୍ୟନ୍ତ ତୁଙ୍ଗ ସାମ୍ୟବାଦୀ ମତବାଦରୁ ସମ୍ପୂର୍ଣ୍ଣ ଅଧ୍ୟାତ୍ମବାଦୀ ମତବାଦକୁ ମାର୍ଗ ପରିବର୍ତ୍ତନର କାରଣ କ'ଣ ? ସେ ସମ୍ପୂର୍ଣ୍ଣ ସ୍ୱାଭାବିକ ଭାବରେ କହିଲେ ଉଭୟର କାରଣ ସମାନ ମାତ୍ର ମାର୍ଗ ଭିନ୍ନ । ସାମ୍ୟବାଦୀ ଚିନ୍ତା କେବଳ ସମାଜରେ ଦାରିଦ୍ର୍ୟ ଦେଖିକରି ହିଁ ମୋତେ ଆଲୋଡ଼ିତ କରିଥିଲା ଏବଂ ଅଧ୍ୟାତ୍ମବାଦୀ ହେବାର ତାହା ହିଁ ଉଦ୍ଦେଶ୍ୟ । କାରଣ ପ୍ରକୃତରେ ସମାଜରୁ ଦାରିଦ୍ର୍ୟ ଦୂରୀକରଣ କେବେହେଲେ ଆର୍ଥିକ ସମାନତା ମାଧ୍ୟମରେ ସମ୍ଭବ ନୁହେଁ । କେବଳ ଅଧ୍ୟାତ୍ମ ମାର୍ଗରେ, ଚେତନାର ପରିବର୍ତ୍ତନ ମାଧ୍ୟମରେ ହିଁ ସମାନତା ସ୍ଥାପନ କରିହେବ ଏବଂ ତାହା ହିଁ ହେବ ଦାରିଦ୍ର୍ୟ ବିଲୋପର ଏକମାତ୍ର ସମାଧାନ । ଅନ୍ୟ କୌଣସି ମାଧ୍ୟମରେ ଦାରିଦ୍ର୍ୟ ବିଲୋପ କିଂବା ଏକ ସମାଜିକ ସମାନତା ସମ୍ଭବ ନୁହେଁ ।

ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପରେ ମନୋଜ ଦାସଙ୍କ ସମସ୍ତ ସାହିତ୍ୟକୃତି ସେହି ଆଦର୍ଶକୁ ହିଁ ଭିତ୍ତିକରି ଲିଖିତ । ତାଙ୍କର ଅଜସ୍ର ସାହିତ୍ୟକୃତି ପାଇଁ ସେ ଅଜସ୍ର ସମ୍ମାନ ମଧ୍ୟ ଲାଭ କରିଛନ୍ତି । ସେ ସବୁବେଳେ କହନ୍ତି, ସମ୍ମାନ ମୋର ନୁହେଁ, ପାଠକମାନଙ୍କର ପ୍ରାପ୍ୟ । ଥରେ ସେ କୌଣସି ସଭାରେ ଏକ ସମ୍ମାନ ଗ୍ରହଣ କଲାବେଳେ ଏକଥା ପ୍ରକାଶ କରିଥିଲେ ଯେ ମୁଁ ସମ୍ମାନ ପାଇବାରେ କୃତଜ୍ଞ ହୁଏ ମାତ୍ର ପୁଲକିତ ହୁଏ ନାହିଁ । ଥରେ ମୋର ଜଣେ ବନ୍ଧୁ ମୋତେ ଖବର ଦେଲେ ଯେ ମନୋଜ ଦାସଙ୍କ ନାମକୁ ପଦ୍ମଭୂଷଣ ପାଇଁ ରାଜ୍ୟସରକାର କେନ୍ଦ୍ରକୁ ପ୍ରସ୍ତାବ ପଠାଇଛନ୍ତି । ତୁମ୍ଭେମାନେ ଦିଲ୍ଲୀରେ କିଛି ଚେଷ୍ଟା କଲେ ଏହା ସଫଳ ହୋଇପାରନ୍ତା । ମୁଁ ଏକ ଅତ୍ୟନ୍ତ ନିରୋଳା ଏବଂ ସହଜ ମୁହୂର୍ତ୍ତରେ ଏହି କଥା ମନୋଜ ଦାସଙ୍କୁ ଜଣାଇବାରୁ ସେ ହସିଲେ ଏବଂ କହିଲେ, ସମ୍ମାନ, ପୁରସ୍କାରସବୁକୁ କ'ଣ ଚେଷ୍ଟା କରି ଅଣାଯାଏ ? ଏବଂ ପୁଣି କହିଲେ, ସେ ଦାୟିତ୍ୱ ଅନ୍ୟମାନେ ନିଅନ୍ତୁ । ଯଦି ସମ୍ପୂର୍ଣ୍ଣ ନ୍ୟାୟସଙ୍ଗତ ଭାବରେ ବିଚାର କରାଯାଏ ତେବେ ମନୋଜ ଦାସ ନୋବେଲ ପୁରସ୍କାର ପାଇଁ ଯୋଗ୍ୟ । ଯେତେବେଳେ କୌଣସି ଏକ ସମାବେଶରେ ଆମ୍ଭେମାନେ ଏ ମତ ଦେଲୁ କି ଆପଣ ନୋବେଲ ପୁରସ୍କାର ପାଇବା ପାଇଁ ଆମେ ଅପେକ୍ଷା ରଖିଛୁ, ମନୋଜ ଦାସ ସଙ୍ଗେ ସଙ୍ଗେ କହିଲେ ତୁମର ଏହି ମନ୍ତବ୍ୟ ତ ନୋବେଲଠାରୁ ଅଧିକ ମୂଲ୍ୟବାନ୍ ।

ବିବର୍ତ୍ତନଧାରାରେ ମନୁଷ୍ୟ ଯେ ସୃଷ୍ଟିର ଅନ୍ତିମ ପର୍ଯ୍ୟାୟ ନୁହେଁ, ଶ୍ରୀଅରବିନ୍ଦଙ୍କର ଏହି ସିଦ୍ଧାନ୍ତକୁ ସେ ମର୍ମେ ମର୍ମେ ଅନୁଭବ କରିଥିଲେ ଏବଂ ମନୁଷ୍ୟ ପରେ ବିବର୍ତ୍ତନଧାରାରେ ହିଁ ମନୁଷ୍ୟ ତା'ର ପରବର୍ତ୍ତୀ ପାବଚ୍ଛ ଅତିମାନବକୁ ଉନ୍ନୀତ ହେବ ଏବଂ ତାହା ହିଁ ମନୁଷ୍ୟର ସମସ୍ତ ଦୁଃଖ, ଦୈନ୍ୟ, ଯନ୍ତ୍ରଣା ପ୍ରଭୃତିର ଏକମାତ୍ର ସମାଧାନ ଏ କଥା ସେ ବାରମ୍ବାର ନିଜର ବକ୍ତୃତା ତଥା ରଚନା ମାଧ୍ୟମରେ ପ୍ରକାଶ କରୁଥିଲେ । ମନୋଜ ଦାସ ବାସ୍ତବରେ ସାଧାରଣ ମନୁଷ୍ୟ ସମାଜର ପ୍ରତିନିଧି ଭାବରେ ସେହି ସମାଜର ସମସ୍ତ ସମସ୍ୟାର ସମାଧାନ ଖୋଜି ଶେଷରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଆନନ୍ଦରେ ଗ୍ରହଣ କରିଥିଲେ । ଗୋଟିଏ ସଚ୍ଚା ଅଧ୍ୟାତ୍ମବାଦୀ ହିଁ ସାମ୍ୟବାଦର ବାସ୍ତବ ରୂପାୟନ କରିପାରିବେ – ଏ କଥାକୁ ସେ ଖୁବ୍ ଦୃଢ଼ତାର ସହ ନିଜ ଜୀବନରେ ପ୍ରତିପାଦିତ କରି ପାରିଥିଲେ । ସେଇ ପବିତ୍ର ଆତ୍ମାଙ୍କ ନିକଟରେ ମୋର କୃତଜ୍ଞତା ।

– **ପ୍ରସାଦ ତ୍ରିପାଠୀ**

❑❑❑

# ଆମ ସାହିତ୍ୟ ପ୍ରବାହର
# ଏକ ଅନନ୍ୟ ପ୍ରଣମ୍ୟ ଭଗୀରଥ

୨୭ ଏପ୍ରିଲ ୨୦୨୧, ତ୍ରିସନ୍ଧ୍ୟାର ପରମୁହୂର୍ତ୍ତ, ରାତ୍ରି ୮ଟା ୧୫ ମିନିଟ । 'ଆମ ସାହିତ୍ୟ ପ୍ରବାହର ପ୍ରଣମ୍ୟ ଭଗୀରଥ ବୃନ୍ଦ'ଙ୍କ ମଧ୍ୟରେ ଅନ୍ୟତମ ଭଗୀରଥ ପୂଜ୍ୟ ମନୋଜ ବାବୁ ଇହଲୀଳା ସମାପ୍ତ କରି 'ସ୍ୱଧାମ'କୁ ଅପସରି ଗଲେ । ଏହି ଭବରଙ୍ଗ ଭୂମି ତଳେ ପ୍ରତ୍ୟେକ ଦେହଧାରୀ ଜୀବାତ୍ମା ନିଜ ନିଜର ନିର୍ଦ୍ଦିଷ୍ଟ ଅଭିନୟ ସାରି କାଳବଳରେ ସ୍ୱଧାମକୁ ବାହୁଡ଼ି ଯାଇଥା'ନ୍ତି । ଅଧୁନାତନ ବିବର୍ତ୍ତନ ଧାରାରେ ଏହା ଅନିବାର୍ଯ୍ୟ । ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''ଯେପରି ଦେହର ବାଲ୍ୟ, ଯୌବନ, ଜରା, ସେହିପରି ଦେହାନ୍ତର ପ୍ରାପ୍ତି, – ମରଣ ନାମ ମାତ୍ର;... କାରଣ ଏହି ଅବସ୍ଥାନ୍ତର ପ୍ରାପ୍ତି ପ୍ରକୃତିର ନିୟମ,... ସ୍ଥୂଳ ଦେହରେ ଓ ସୂକ୍ଷ୍ମ ଦେହରେ ଏକ ହିଁ ପୁରୁଷ ବାହ୍ୟ ପରିବର୍ତ୍ତନର ଅତୀତ ହୋଇ ସ୍ଥିର ଭାବରେ ରହିଥା'ନ୍ତି । ଅମୃତର ସନ୍ତାନ ଆମେ, କିଏ ମରେ, କିଏ ମାରେ ? ମୃତ୍ୟୁ ଆମମାନଙ୍କୁ ସ୍ପର୍ଶ କରିପାରେ ନାହିଁ – ମୃତ୍ୟୁ ଏକ ଫାଙ୍କା ଆୱାଜ୍, ମୃତ୍ୟୁ ଭ୍ରମ, ମୃତ୍ୟୁ ନାସ୍ତି ।''

(ଶ୍ରୀଅରବିନ୍ଦଙ୍କ ମୂଳ ବଙ୍ଗଳା ରଚନାବଳୀ, ପୃ. ୧୪୦)

'ନବପ୍ରକାଶ'ରେ ଧାରାବାହିକ ଭାବରେ ଶୀର୍ଷକ ଶିରୋନାମା 'ଚେତନାର ଦିଗ୍‌ବଳୟ'ରେ ପ୍ରକାଶିତ ହେଉଥିଲା ମନୋଜ ବାବୁଙ୍କ ଜୀବନଧାରାର ଅନ୍ତିମ ପର୍ଯ୍ୟାୟର ରଚନାବଳି । ଦିଗନ୍ତ ପ୍ରସାରୀ ବହୁବିଧ ପାର୍ଥିବ ଘଟଣାବଳିକୁ ଆଧାର କରି ଏହି ରଚନାସବୁ ଥିଲା ତାଙ୍କ ଚେତନାର ଅସଲ ରୂପ । କି ଅପରୂପ ସାରଗର୍ଭକ ଓ ଗୁରୁତ୍ୱପୂର୍ଣ୍ଣ ଧାରାରେ ସେ ସେସବୁକୁ ଫୁଟାଇ ଧରୁଥିଲେ ତାଙ୍କର ବଳିଷ୍ଠ ଲେଖନୀ ମାଧ୍ୟମରେ ! ତନ୍ମଧ୍ୟରୁ କେତୋଟିର ଶିରୋନାମା – 'ଦୁର୍ଯୋଗ ନିହିତ ସମ୍ଭାବ୍ୟ ସଙ୍କେତ', ଅଗଷ୍ଟ ୨୦୨୦; 'ଆମେ ପ୍ରତ୍ୟେକେ ଅନନ୍ୟ', ଅକ୍ଟୋବର ୨୦୨୦ ଏବଂ 'ତଥ୍ୟ ଦୃଷ୍ଟିରୁ ଅଜ୍ଞାତପ୍ରାୟ ଆମ ସାହିତ୍ୟ ପ୍ରବାହର ପ୍ରଣମ୍ୟ ଭଗୀରଥବୃନ୍ଦ', ଏପ୍ରିଲ ୨୦୨୧ । ଶେଷଟି ଥିଲା ତାଙ୍କ ଜୀବିତାବସ୍ଥାରେ ଆଖି ବୁଲାଇ ନେଇଥିବା ଶେଷ ମୁଦ୍ରିତ ରଚନା ।

୨୮ ଏପ୍ରିଲ ଥିଲା ଜନୈକ 'ଭଗୀରଥ', ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନଙ୍କର ଜନ୍ମତିଥି । ଏହି ମହାନୁଭବ ପୁରୁଷ ପୁଙ୍ଗବ ଥରେ କଥାଛଳରେ ତାଙ୍କର ପରବର୍ତ୍ତୀ ପିଢ଼ିର ଉତ୍କଳ ଗୌରବଗଣଙ୍କୁ ଏହି ମର୍ମରେ କହିଥିଲେ, ''ଯଦି ଉତ୍କଳର ସାମଗ୍ରିକ ଉନ୍ନତି ସାଧନ କରିବାକୁ ସର୍ବାନ୍ତଃକରଣରେ ଚାହୁଁଥାଅ ତେବେ ଶ୍ରୀଯୁକ୍ତ ଅରବିନ୍ଦ ଘୋଷଙ୍କ କଥା ଶୁଣ, ସେସବୁକୁ ହୃଦୟଙ୍ଗମ କର ।...'' ଏହି ଉକ୍ତିଟି ଖୁବ୍ ସମ୍ଭବତଃ 'ହେ ସାଥୀ, ହେ ସାରଥୀ' ଅଥବା 'ଓଡ଼ିଶାର ଅର୍ଦ୍ଧ-ଶତାବ୍ଦୀର ଇତିହାସ ଓ ତହିଁରେ ମୋ ସ୍ଥାନ' ପୁସ୍ତକରେ ରହିଛି । ପ୍ରଥମଟି ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ଏବଂ ଦ୍ୱିତୀୟଟି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କର ରଚିତ ପୁସ୍ତକ । ପ୍ରକାଶ ଥାଉ କି ସେହି ସମୟ(୧୯୦୭ରୁ ୧୯୧୦)ରେ ଶ୍ରୀଅରବିନ୍ଦ ଥିଲେ ଭାରତର ରାଜନୈତିକ ରଙ୍ଗମଞ୍ଚରେ ଏକ ଉଦୀୟମାନ ବୀର, ନୈଷ୍ଠିକ ଦେଶସେବକ ।

ପୁନଶ୍ଚ ବର୍ତ୍ତମାନ ଓଡ଼ିଶାର ନୂତନ ପିଢ଼ିର ଯୁବଗଣଙ୍କୁ, କହିବାକୁ ଗଲେ ଜୀବନର ପ୍ରତ୍ୟେକଟି ବିଭାବର ନୈଷ୍ଠିକ ଯୁବଗଣଙ୍କୁ 'ଅନନ୍ୟ ଭଗୀରଥ' ଶ୍ରୀଯୁକ୍ତ ମନୋଜ ଦାସଙ୍କର ସେଇ ସମାନ ଧରଣର ବକ୍ତବ୍ୟ ଥିଲା : ''... ଆମର ପ୍ରାଥମିକ କର୍ମ ହେଲା ଆପଣାର ଚେତନାକୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଲୋକରେ ଆଲୋକିତ, ପ୍ରସାରିତ କରିବା ।... ଏ ଦୁର୍ଯୋଗ (କରୋନା ମହାମାରୀ)ର 'ସୁଯୋଗ' ନେଇ ଆମେ ଆପଣା ଭିତରେ ଏହି ସମ୍ଭାବନାର ଅନୁଶୀଳନ କରିବା ଆସନ୍ତୁ ।'' ('ଦୁର୍ଯୋଗ ନିହିତ ସମ୍ଭାବ୍ୟ ସଂକେତ' ପ୍ରବନ୍ଧ) – ଏହା ହିଁ ଥିଲା ତାଙ୍କ ଜୀବନର ଅନ୍ତିମ ପର୍ଯ୍ୟାୟର ନିତ୍ୟ ଅନୁଶୀଳନ । ପୁନଶ୍ଚ ତାଙ୍କରି ଉକ୍ତିରେ : ''ଏହି ପ୍ରକାର ଆନ୍ତର ଜୀବନର ମହନୀୟତା ସମ୍ବନ୍ଧେ ଭାଷାରେ ଅଭିବ୍ୟକ୍ତ କରିବା ସମ୍ଭବ ନୁହେଁ; ଯେପରି ଭାଷାରେ ବର୍ଣ୍ଣନା କରାଯାଇ ପାରେନା କୌଣସି ଏକ ପୁଷ୍ପର ମହକ । ତାହା ଅନୁଭୂତି ଓ ଉପଲବ୍ଧିର ବ୍ୟାପାର ।''

(ତତ୍ରୈବ)

ଏହି ପରିପ୍ରେକ୍ଷୀରେ ଆମେ ଶ୍ରୀଅରବିନ୍ଦଙ୍କର ଦୁଇଟି ଉକ୍ତି ଉଦ୍ଧାର କରୁଛୁ : ପ୍ରଥମଟି ହେଉଛି, ''...ମୋ ଦୃଷ୍ଟିରେ ମଣିଷର ଯଥାର୍ଥ ମୂଲ୍ୟ ତା'ର ଶିକ୍ଷା, ପଦବୀ, ଯଶ ବା ସେ କ'ଣ କରୁଛି ତା' ଉପରେ ନିର୍ଭର କରେ ନାହିଁ । ଏହା ନିର୍ଭର

କରେ ପ୍ରକୃତରେ ସେ କ'ଣ ଏବଂ ଅନ୍ତରରେ ସେ କ'ଣ ହୋଇ ଉଠିଛି ।''

(ନିଜ ସମ୍ବନ୍ଧେ ଓ ଶ୍ରୀମାଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ, ପୃ. ୨୫୪)

ଦ୍ୱିତୀୟଟି ଶ୍ରୀଅରବିନ୍ଦଙ୍କର 'ବଙ୍କିମଚନ୍ଦ୍ର' ଶିରୋନାମାର ପ୍ରବନ୍ଧରୁ : ''ପ୍ରାରମ୍ଭିକ ପର୍ଯ୍ୟାୟରେ ଅଥବା ପୂର୍ବର (earlier) ବଙ୍କିମ ଥିଲେ ଜଣେ ଔପନ୍ୟାସିକ, କିନ୍ତୁ ପରବର୍ତ୍ତୀ (later) ବଙ୍କିମ ହୋଇ ଉଠିଥିଲେ ଜଣେ ଋଷି ।''

ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ବକ୍ତବ୍ୟରୁ ଆମେ କହିବାକୁ ସାହସ କରିପାରୁ ଯେ ପୂର୍ବର ମନୋଜ ଦାସ ଥିଲେ ଆମ ସାହିତ୍ୟ ଜଗତର ଜଣେ ଅନନ୍ୟ ବହୁବିଧ ପ୍ରତିଭାସମ୍ପନ୍ନ ବ୍ୟକ୍ତି, କିନ୍ତୁ ପରବର୍ତ୍ତୀ ମନୋଜ ଦାସ ହୋଇ ଉଠିଥିଲେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଦିବ୍ୟ-ଚେତନାରେ ଅନବରତ ଅବଗାହନ କରୁଥିବା ଜଣେ ନୈଷ୍ଠିକ ସାଧକ ।

ପୁନଶ୍ଚ ତାଙ୍କର ଅନ୍ୟତମ ଅନ୍ତିମ ରଚନା ଥିଲା 'ଶ୍ରୀଅରବିନ୍ଦ : ମହଯୋଗୀଙ୍କ ଜୀବନ ଓ ଯୁଗ' । ଏହାର ଧାରାବାହିକ ପ୍ରବନ୍ଧମାଳା ପ୍ରଥମେ ଇଂରାଜୀ ପତ୍ରିକା 'Mother India' ରେ ଏବଂ ପରେ ଏହାର ଓଡ଼ିଆ ସଂସ୍କରଣ 'ନବପ୍ରକାଶ'ରେ ପ୍ରକାଶିତ ହେଉଥିଲା । ଇଂରାଜୀ ରଚନାଟି ଗ୍ରନ୍ଥ ଆକାରରେ ପ୍ରକାଶିତ ଏବଂ ଓଡ଼ିଆ ସଂସ୍କରଣଟି ଖୁବ୍ ଶୀଘ୍ର ଗ୍ରନ୍ଥ ଆକାରରେ ପ୍ରକାଶ ପାଇବ ।

ଏହି ଗ୍ରନ୍ଥଟି ମୁଖ୍ୟତଃ ଶ୍ରୀଅରବିନ୍ଦଙ୍କର ବାଲ୍ୟ ଜୀବନରୁ ଆରମ୍ଭ ହୋଇ ତାଙ୍କର ପଣ୍ଡିଚେରୀରେ ପଦାର୍ପଣ କରିବା ପର୍ଯ୍ୟନ୍ତ ରଚିତ । ନବପ୍ରକାଶରେ ପ୍ରକାଶିତ ଏହି ଗ୍ରନ୍ଥଟିର ଉପସଂହାରରେ ମନୋଜ ବାବୁ ଏକ ଉଲ୍ଲେଖଯୋଗ୍ୟ କଥା ବ୍ୟକ୍ତ କରିଛନ୍ତି : ''ଶ୍ରୀଅରବିନ୍ଦଙ୍କ ଜୀବନର ପଣ୍ଡିଚେରୀ ପର୍ଯ୍ୟାୟ ଉପରେ ଉପଯୁକ୍ତ ଗ୍ରନ୍ଥ ଦିନେ ପ୍ରଣୀତ ହେବ – ସଚେତନ ଓ ଗ୍ରହଣଶୀଳ ସନ୍ଧାନୀବର୍ଗଙ୍କ ସକାଶେ; ଏ ଲେଖକ ଏହି ଆଶା ପୋଷଣ କରି ବିଦାୟ ନେଉଛି ।''

(ନବପ୍ରକାଶ, ଡିସେମ୍ବର ୨୦୨୦, ପୃ. ୧୧)

ମନୋଜ ବାବୁଙ୍କର ଏହି ଆଶା ଓ ଭରସା ତାଙ୍କର ଉତ୍ତର ପିଢ଼ିର ସାଧକମାନଙ୍କ ସକାଶେ, ଅର୍ଥାତ୍ ଆମମାନଙ୍କ ସକାଶେ ଏକ କର୍ତ୍ତବ୍ୟ-କର୍ମ, ଗୁରୁଦାୟିତ୍ୱପୂର୍ଣ୍ଣ ଏକ ଦିବ୍ୟ କର୍ମ । ଚାଲନ୍ତୁ, ଆଜି (୨୯ ତାରିଖ) ସୂର୍ଯ୍ୟୋଦୟର ପ୍ରଥମ କିରଣ ସ୍ପର୍ଶରେ, ମନୋଜ ବାବୁଙ୍କର ଅସ୍ଥି ବିସର୍ଜନ ମୁହୂର୍ତ୍ତରେ ଆମେ ସଂକଳ୍ପବଦ୍ଧ ହେବୁ ତାଙ୍କର ସେଇ ଆଶାଟିକୁ ପରିପୂର୍ଣ୍ଣ କରିବାକୁ ଏବଂ ଏହି ସଂକଳ୍ପକୁ ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣ କମଳରେ ଅର୍ପଣ କରିବାକୁ ।

ମନୋଜ ବାବୁଙ୍କ ଦେହାନ୍ତର ପ୍ରାପ୍ତି ସକାଶେ ଆମେ ଆଦୌ ଦୁଃଖ ପ୍ରକାଶ କରିବୁ ନାହିଁ । ସେ ତାଙ୍କର ଜୀର୍ଣ୍ଣ ବସ୍ତ୍ରଟିକୁ ପରିହାର କରି 'ସ୍ୱଧାମ'କୁ ବାହୁଡ଼ିଛନ୍ତି ମାତ୍ର; ଆମର 'ସ୍ୱଧାମ' ହେଉଛି ଶ୍ରୀମା'ଙ୍କ କୋଳ । ପୁଣି ଉପଯୁକ୍ତ ସମୟରେ ଶ୍ରୀମା'ଙ୍କର ଦିବ୍ୟ ଇଚ୍ଛାରେ ନବ କଳେବରରେ ପୃଥିବୀରେ ତାଙ୍କରି ପ୍ରଦତ୍ତ ଦିବ୍ୟ କର୍ମ-ସମ୍ପାଦନରେ ମନୋଜ ବାବୁ ଆସିବାକୁ ବାଧ୍ୟ । ବାଧ୍ୟ ବା ବିଧିନିର୍ଦ୍ଦିଷ୍ଟ । କାରଣ ଶ୍ରୀମା'ଙ୍କ ଉକ୍ତିରେ : ''ତୁମେମାନେ କେବଳ ଇହଜୀବନ ସକାଶେ ନୁହେଁ, ଭବିଷ୍ୟତରେ ତୁମର ସମସ୍ତ ଜୀବନ ସକାଶେ ମୋର ହୋଇ ରହିବାକୁ ବାଧ୍ୟ ।'' (ଶ୍ରୀମାଙ୍କର 'I am with you' ପ୍ରବନ୍ଧଟି ଅବଶ୍ୟ ପଠନୀୟ ।)

**– ଗୋପାଳଚନ୍ଦ୍ର ମାହାନା**

❑❑❑

*ପ୍ରଶ୍ନ : ଜଣେ ମୃତ ବ୍ୟକ୍ତିର ଶରୀରକୁ ସମ୍ମାନ କରିବା ଉଚିତ କି ? ଯଦି କରିବା ଉଚିତ, ତେବେ କିପରି ?*

ଜୀବନ୍ତ ଓ ମୃତ ସବୁକିଛିକୁ ସମ୍ମାନ କରିବା ଉଚିତ ଏବଂ ଜାଣିରଖିବା ଉଚିତ ଯେ, ସକଳ ବସ୍ତୁ ଦିବ୍ୟ-ଚେତନା ମଧ୍ୟରେ ଅବସ୍ଥାନ କରୁଛନ୍ତି । ଆମର ହୃଦୟରେ ଏବଂ ଆନ୍ତର ଦୃଷ୍ଟିକୋଣରେ ସେହି ସମ୍ମାନବୋଧ ରହିଥିବା ଉଚିତ ।

– ଶ୍ରୀମା

# ଚେତନା-ଦିଗ୍‌ବଳୟର ଅଲିଭା ସୂର୍ଯ୍ୟ

ବରେଣ୍ୟ ମନୋଜ ଦାସଙ୍କ ବିଷୟରେ କିଛି କହିବା ବା ଲେଖିବା ସମୟରେ ଲିୱିସ୍ କ୍ୟାରୋଲ୍ (Lewis Carroll)ଙ୍କ ପ୍ରସିଦ୍ଧ ଉଦ୍ଧୃତିଟି ସ୍ମୃତିପଟରେ ଜାଗ୍ରତ୍ ହୁଏ ।

''A cat may look at a king...''

''ଏକ ମାର୍ଜାର ମଧ୍ୟ ଜଣେ ସମ୍ରାଟଙ୍କ ପ୍ରତି ଦୃଷ୍ଟିପାତ କରିପାରେ ।''

ଏପରି ଜଣେ ଅକ୍ଷୟ କୀର୍ତ୍ତିରେ ଦୀପ୍ତିମନ୍ତ ଓଡ଼ିଆ ସାହିତ୍ୟ-ନଭମଣ୍ଡଳର ଜାଜ୍ଜ୍ୱଲ୍ୟମାନ ତାରକା ବାଗ୍ମୀ ପୁରୁଷଙ୍କ ବିଷୟରେ କ'ଣ ବା କୁହାଯାଇ ପାରେ । ତାଙ୍କରି ସାହିତ୍ୟ କୃତିର ବିବରଣୀ ବିସ୍ତୃତ ରୂପେ ଅନେକ ଉତ୍ସରୁ ଉପଲବ୍ଧ ହୋଇଯାଏ ।

ପଦ୍ମଶ୍ରୀ ଓ ପଦ୍ମଭୂଷଣ ଉପାଧିରେ ଦେଶ ତାଙ୍କୁ ସମ୍ମାନିତ କରିଥିଲା । ଏହା ବ୍ୟତୀତ ସରସ୍ୱତୀ ସମ୍ମାନ, କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର (ଦୁଇଥର), ସାହିତ୍ୟ ଏକାଡ଼େମୀ ଫେଲୋସିପ୍, ଶାରଳା ପୁରସ୍କାର, ଉତ୍କଳ ରତ୍ନ ସମ୍ମାନ, ସାହିତ୍ୟ ଭାରତୀ ସମ୍ମାନ, ପାଞ୍ଚୋଟି ବିଶ୍ୱବିଦ୍ୟାଳୟରୁ ସମ୍ମାନଜନକ ଡକ୍‌ଟରେଟ୍ ଉପାଧି ପ୍ରାପ୍ତ ଏହି ପ୍ରଚଣ୍ଡ ମନୀଷାର କଳନା କରିବା ସାଧାରଣ ମଣିଷ ପକ୍ଷେ ସମ୍ଭବ ନୁହେଁ ।

ଆଧ୍ୟାତ୍ମିକ ଓ ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟରେ ଭରି ରହିଥିବା ତାଙ୍କ ଲିଖିତ ଅଗଣିତ ଗଳ୍ପଗୁଚ୍ଛ କେବଳ ଭାରତରେ ନୁହେଁ, ଆନ୍ତର୍ଜାତିକ ସ୍ତରରେ ଜଣେ ଖ୍ୟାତିସମ୍ପନ୍ନ ଗଳ୍ପ ଲେଖକ ରୂପେ ତାଙ୍କୁ ପରିଚିତ ଓ ସମ୍ମାନିତ କରିଛି । ଗାମ୍ଭୀର୍ଯ୍ୟଭରା ମାର୍ଜିତ ଭାଷା, ସଂଭ୍ରାନ୍ତ ଚିନ୍ତାଧାରା, ଆଧ୍ୟାତ୍ମିକ ଫଲ୍‌ଗୁଧାରା ବହନ କରିଥିବା ତାଙ୍କରି ଗଳ୍ପମାଳା ତାଙ୍କୁ ଆଧୁନିକ ଯୁଗର ବିଷ୍ଣୁଶର୍ମା ରୂପେ ପରିଚିତ କରାଏ ।

ତାଙ୍କରି ଗଳ୍ପ ସଙ୍କଳନ, କବିତା ସଙ୍କଳନ, ଉପନ୍ୟାସ, ପ୍ରବନ୍ଧ, ରମ୍ୟରଚନା, ଶିଶୁସାହିତ୍ୟ ଓ ଇଂରାଜୀ ରଚନାବଳି ଉଭୟ ଓଡ଼ିଆ ଓ ଇଂରାଜୀ ସାହିତ୍ୟକୁ ସମୃଦ୍ଧ କରିଯାଇଛି ।

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦର୍ଶନ, ସାହିତ୍ୟ ଓ ଜୀବନୀର ସେ ଥିଲେ ଜଣେ ପ୍ରାମାଣିକ-ଜ୍ଞାନ-ସଂପନ୍ନ ବ୍ୟକ୍ତିତ୍ୱ । ସେ ଇଂଲଣ୍ଡ ଓ ଏଡ଼ିନ୍‌ବରା ସ୍ଥିତ ଐତିହାସିକ ଦଲିଲ ଥିବା ସଂଗ୍ରହାଳୟ(Archives)ରେ ଗବେଷଣା କରି ଶ୍ରୀଅରବିନ୍ଦଙ୍କ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରି ଆଣି ଥିଲେ ।

୧୯୯୯ ମସିହାରେ ଭାରତୀୟ ଲେଖକ ଗୋଷ୍ଠୀର ନେତୃତ୍ୱ ନେଇ ସେ ଚୀନ ଦେଶରେ ଭାରତୀୟ ସାହିତ୍ୟର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ସିଙ୍ଗାପୁର ସରକାରଙ୍କର ଶିକ୍ଷା ମନ୍ତ୍ରଣାଳୟର ଜଣେ ପରାମର୍ଶଦାତା ରୂପେ ୧୯୮୩ ରୁ ୧୯୮୫ ମସିହା ଯାଏ ଦାୟିତ୍ୱ ସମ୍ପାଦନ କରିଥିଲେ ।

ଏପରି ବହୁମୁଖୀ ପ୍ରତିଭା ଓ ବ୍ୟକ୍ତିତ୍ୱର ଅଧିକାରୀ ମାତୃ ସନ୍ତାନ ଆଜି ଆମ ଗହଣରେ ସଶରୀରେ ନାହାନ୍ତି, ତେବେ ବି –

''ହେ, ଏ ମାଟିର ଦେବାତ୍ମା ସନ୍ତାନ !<br>
ତୁମେ ଗରୀୟାନ୍,<br>
କୀର୍ତ୍ତି ତୁମ ଅନିର୍ବାଣ,<br>
ଦୀପଶିଖା ହୋଇ ଜଳୁଥିବ,<br>
କରୁଥିବ ଚିରଦିନ ଏ ମାଟିକୁ ମହାନ୍...''

**– କୁମାର ଚନ୍ଦ୍ର ମିଶ୍ର** ❑

# ମନୋଜ ଦାସ : ଏକ ଅନିର୍ବାଣ ସାରସ୍ୱତ ଶିଖା

କାହାଣୀ ପ୍ରତି ସଦାସର୍ବଦା ଶିଶୁସୁଲଭ ଏକ ଅଦମ୍ୟ ଆକର୍ଷଣ-ବଳ ହିଁ ମୋତେ ଟାଣି ଆଣିଛି ମନୋଜୀୟ କଥା ସାହିତ୍ୟର ଆଲୋକ ଓ ଆନନ୍ଦ ବଳୟ ଭିତରକୁ । ଯୁଗପତ୍ ଚକିତ ଓ ଚମତ୍କୃତ ହୋଇଛି ମୁଁ । କି ମନୋଜ୍ଞ ତାଙ୍କର କଥନ-ଶୈଳୀ ! କେତେ ଅନନ୍ୟ ଓ ସଂବେଦନଶୀଳ ତାଙ୍କର ମାନବଚରିତ୍ରର ଅନୁଶୀଳନ ! ଗଳ୍ପ ହେଉ କି ଉପନ୍ୟାସ, ଭ୍ରମଣ ବୃତ୍ତାନ୍ତ ହେଉ ବା ଲଳିତ ନିବନ୍ଧମାଳା, ସ୍ତମ୍ଭଲେଖା ଅଥବା ଅଭିଭାଷଣ, – ସବୁଠି ବେଶ୍ ବାରି ହୋଇ ପଡ଼େ ତାଙ୍କର ସୃଜନୀ-ବୈଶିଷ୍ଟ୍ୟ, ଅଧ୍ୟାତ୍ମଭାବସ୍ପନ୍ଦିତ ତାଙ୍କର ସେ ଉଦାର ବ୍ୟକ୍ତିତ୍ୱର ଦରଦୀ ଦୃଷ୍ଟି ।

ମନୋଜ ଦାସ ମୋର ଅତ୍ୟନ୍ତ ପ୍ରିୟ ଗାଳ୍ପିକମାନଙ୍କ ମଧ୍ୟରୁ ଅନ୍ୟତମ । ସେ ଯେ ବିଷ୍ଣୁଶର୍ମା, ସୋମଦେବ, ଲିଓ ଟଲଷ୍ଟୟ, ଆଣ୍ଟୋନ୍ ଚେକଭ୍, ମୋପାସାଁ, ଓସ୍କାର ୱାଇଲଡ୍ ଆଦି ବିଶ୍ୱବିଶ୍ରୁତ କାଳଜୟୀ କଥାଶିଳ୍ପୀଙ୍କର ସମପର୍ଯ୍ୟାୟବାଚୀ; ଏହା ମୋର ବିନମ୍ର ବିଚାର ତଥା ଅବିକମ୍ପ ବିଶ୍ୱାସ ଓ ଅନୁଭବ ।

ଅଜସ୍ର ତାଙ୍କର ଶ୍ରଦ୍ଧାଳୁ, ସଂଖ୍ୟାତୀତ ତାଙ୍କ ସାହିତ୍ୟର ବିମୁଗ୍ଧ ଓ ବିଦଗ୍ଧ ପାଠକ, ଅସୁମାରି ତାଙ୍କ ବକ୍ତବ୍ୟର ବିଭୋର ଓ ସମୁତ୍ସାହୀ ଶ୍ରୋତା । ସେଇମାନଙ୍କ ମଧ୍ୟରୁ ମୁଁ ବି ଜଣେ । ଅନବଦ୍ୟ ସାହିତ୍ୟସ୍ରଷ୍ଟା ବ୍ୟତୀତ ସେ ଯେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଶରଣାଗତ ଓ ଆଶ୍ରମବାସୀ ପୂର୍ଣ୍ଣଯୋଗର ସାଧକ, ଏହାହିଁ ଥିଲା ତାଙ୍କ ସହିତ ମୋର ନିବିଡ଼ ଅଥଚ ନୀରବ ଅନ୍ତରଙ୍ଗତାର ଅନ୍ୟତମ ହେତୁ; ଅନ୍ୟଥା ତାଙ୍କ ସହିତ ମୋର ବହିରଙ୍ଗ ଆଳାପ ବା ବାହ୍ୟ ସମ୍ପର୍କ ଖୁବ୍ କ୍ଷୀଣ, ସ୍ୱଳ୍ପ ଓ ସୀମିତ । ପ୍ରସଙ୍ଗତଃ ଉଲ୍ଲେଖନୀୟ ଯେ ଶ୍ରୀଅରବିନ୍ଦ ପାଠଚକ୍ର ଓ ପୂର୍ଣ୍ଣାଙ୍ଗ ଶିକ୍ଷାର ପୃଷ୍ଠଭୂମିରେ ସଂଘଟିତ ହୋଇଛି ପୂଜ୍ୟ ଚିତ୍ତଭାଇ (ଚିତ୍ତରଂଜନ ଦାସ), ମନୋଜ ଦାସ, ମହାପାତ୍ର ନୀଳମଣି ସାହୁ ଓ ଚନ୍ଦ୍ରଶେଖର ରଥଙ୍କ ପରି ଓଡ଼ିଶାର ଉତ୍ତୁଙ୍ଗ ସାରସ୍ୱତ ପ୍ରତିଭାଙ୍କ ସହ ମୋର ତଥା ଅନ୍ୟାନ୍ୟ ସମଧର୍ମୀ, ସତୀର୍ଥ ଭାଇଭଉଣୀଙ୍କର ସାକ୍ଷାତ୍ ଓ ପରିଚୟ । ଏକ ହିଁ ଆଦର୍ଶର ପତାକା ତଳେ ସମବେତ ଆମ୍ଭେମାନେ । ଏହା କ'ଣ କମ୍ ସୌଭାଗ୍ୟର କଥା ? ଏତେ ବିଶାଳ ବ୍ୟକ୍ତିତ୍ୱଙ୍କ ସ୍ନେହମୟ ସାନ୍ନିଧ୍ୟ ଲାଭ କରିଥିବାରୁ ଉତ୍‌ଫୁଲ୍ଲ ହୋଇଯାଏ ଛାତି । କୃତଜ୍ଞତାରେ ମଥାବନତ ହୋଇଯାଏ ଦିବ୍ୟଜନନୀଙ୍କ ଚରଣତଳେ । ଶ୍ରୀଅରବିନ୍ଦ ପାଠଚକ୍ର ଆମର ଏଇ ମହାମିଳନର ଭୂମି ସାଜି ଥିବାରୁ ଆମେ ସବୁତକ ଶ୍ରେୟ ପାଠଚକ୍ରକୁ ହିଁ ଦେବା । ଆଉ ମୋତେ ଲାଗେ ପାଠଚକ୍ରଟିଏ ସତେଅବା ପୁରାଣବର୍ଣ୍ଣିତ ସେଇ ପବିତ୍ର ବୃନ୍ଦାବନର ନବାୟିତ ରୂପ, ଭଗବତ୍ ପ୍ରୀତି-ବିଗଳିତା କେତେ କେତେ ଗୋପାଙ୍ଗନା ଅର୍ଥାତ୍ ଆଲୋକ-ଅଭୀପ୍ସୁ ଆତ୍ମାମାନଙ୍କର ଅଭିନବ ଅଭିସାର ସ୍ଥଳ ! ସେଇ ପାଠଚକ୍ରକୁ ମୋର ଆଭୂମ ପ୍ରଣାମ ।

ମନୋଜ ଦାସଙ୍କ ସହିତ ସ୍ଥୂଳ ଦେଖାସାକ୍ଷାତ୍‌ର ବହୁ ପୂର୍ବରୁ ତାଙ୍କ ରଚିତ ସାହିତ୍ୟ ମାଧ୍ୟମରେ ମୁଁ ତାଙ୍କର ଅସାମାନ୍ୟ ପ୍ରତିଭାର ସାମାନ୍ୟ ପରିଚୟ ପାଇଥିଲି । ହାଇସ୍କୁଲରେ ପଢୁଥିବା ବେଳେ ଅତିରିକ୍ତ ସାହିତ୍ୟ ପୁସ୍ତକ 'ଗଳ୍ପ ପରାଗ'ରେ ସ୍ଥାନିତ ତାଙ୍କର ''ଶେଷ ବସନ୍ତର ଚିଠି'' କାହାଣୀଟି ମୋର କିଶୋର ପ୍ରାଣକୁ ଏକାବେଳେ ଆବେଗ-ଉଦ୍‌ବେଳ କରି ଦେଇଥିଲା । ଯେତେଥର ସେ ଗପଟି ମୁଁ ପଢ଼ିଛି, କେଜାଣି କାହିଁକି, ପ୍ରତିଥର ଅଶ୍ରୁଳ ହୋଇ ଯାଇଛି ମୋର ଆଖି । ଆଷାଢ଼ର ମେଘମାଳା ପରି ଚିଦାକାଶରେ ଘୋଟି ଯାଇଛି ମମତାସ୍ନିଗ୍ଧ ମା'ର ସ୍ମୃତି ଓ ଭିତରେ ସଂଚରି ଯାଇଛି ବାତ୍ସଲ୍ୟର ବାସ୍ନା । କାହାଣୀର ଶେଷ ଉଚ୍ଚାରଣ ତୁହାକୁ ତୁହା ଅଶ୍ରୁତ ପ୍ରତିଧ୍ୱନି ତୋଳିଛି ମନ ତଳେ : ''ରୀନା ! ଟିକି ମାଆଟି ମୋର !''

ଜୀବନର ପର ପର୍ଯ୍ୟାୟରେ ମନୋଜୀୟ କଥା-କଲ୍ଲୋଳିନୀରେ ମନ ଭରି ଅବଗାହନର ଅନେକ ସୁଯୋଗ ମୋତେ ମିଳିଛି । ତଦ୍ଦ୍ୱାରା ପୁଲକିତ ହୋଇଛି ମୋର ପାଠକୀୟ ସତ୍ତା; ଆଲୋକିତ ହୋଇଛି ଚେତନାର ଆବେଗମୟ ଇଲାକା । ତାଙ୍କ ରଚନାବଳୀର ଅତୁଳନୀୟ ସଂଭ୍ରାନ୍ତ, ସଂଯତ ଓ ପରିମାର୍ଜିତ ଭାଷାବିନ୍ୟାସ, ନାଟକୀୟ ଉପସ୍ଥାପନା, ଭାବଗର୍ଭକ ସଂକ୍ଷିପ୍ତ ବକ୍ତବ୍ୟର ବ୍ୟଙ୍ଗଧର୍ମୀ ସୂକ୍ଷ୍ମ ଅର୍ଥବ୍ୟଞ୍ଜନା ଓ ସର୍ବୋପରି ତାଙ୍କର ଅନ୍ତର୍ଭେଦୀ ଦରଦଭରା ଦୃଷ୍ଟିର ପ୍ରକାଶଭଙ୍ଗୀ ବହୁପାଠକଙ୍କ ସମେତ ମୋତେ ମଧ୍ୟ ଅଭିଭୂତ କରିଛି । ପ୍ରାଣତନ୍ତ୍ରୀକୁ କମ୍ପିତ କରିଛି ଚରିତ୍ରୋପଯୋଗୀ ତାଙ୍କର ନିର୍ମଳ ଅଭିବ୍ୟକ୍ତି । ଏଇ ଯେମିତି 'ଲକ୍ଷ୍ମୀର ଅଭିସାର' ଗଳ୍ପରେ ଦିଅଁଙ୍କ ପ୍ରତି ସରଳ ନିଷ୍ପାପ ଲକ୍ଷ୍ମୀର ନିରୀହ ସଂଳାପ : ''ମୋ ବୋଉ

ମିଛ କହିଥାଇ ପାରେ, ସେ କିନ୍ତୁ ମିଛେଇ ନୁହେଁ । ସାରା ପୃଥିବୀ ମିଥ୍ୟାବାଦୀ ହୋଇପାରେ, ମୋ ବୋଉ କିନ୍ତୁ ନୁହେଁ । ସେ ସାରା ପୃଥିବୀ ଉପରେ ।''

ମନୋଜ ଦାସଙ୍କ ଲେଖାରେ ଥାଏ ମାଟିର ମହକ ସାଙ୍ଗକୁ ଆକାଶର ଇସାରା । ଜନ୍ମମାଟିକୁ ସେ ନିବିଡ଼ ଭାବେ ଭଲ ପାଆନ୍ତି । ଓଡ଼ିଶା ତଥା ଭାରତୀୟ ସଂସ୍କୃତିର ଜଣେ ଅନୁପମ ଉଦ୍‌ଗାତା ରୂପେ ସେ ଆନ୍ତର୍ଜାତିକ ସ୍ତରରେ ସୁଖ୍ୟାତି ଅର୍ଜନ କରିଛନ୍ତି । ଦେଶମାତୃକା ପ୍ରତି ପ୍ରେମ ଓ ଗଭୀର ଗୌରବବୋଧରେ ଉଦ୍‌ବୁଦ୍ଧ ତାଙ୍କର ଚେତନା । ତାହାର ସମୁଜ୍ଜ୍ୱଳ ସ୍ୱାକ୍ଷର ବହନ କରେ ତାଙ୍କର ବିପୁଳ ସାହିତ୍ୟ ସମ୍ଭାର ଓ ଅଭିଭାଷଣମାଳା ।

ସମୁଦ୍ରକୂଳର ଏକ ଗାଆଁରୁ ସମୁଦ୍ରକୂଳର ଏକ ସହର ଅର୍ଥାତ୍ ପ୍ରାଚୀନ ବେଦପୁରୀ ସୁଦୂର ପଣ୍ଡିଚେରୀକୁ ପ୍ରସରି ଯାଇଛି ତାଙ୍କର ସୁଦୀର୍ଘ ଯାତ୍ରାପଥ । ଏକଦା ସାମ୍ୟବାଦୀ ଚିନ୍ତାଧାରାରେ ଗୋଟାସୁଦ୍ଧା ଅନୁପ୍ରାଣିତ ତରୁଣଟି ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ଦର୍ଶନ ପ୍ରତି କେବଳ ଆକୃଷ୍ଟ ହୋଇ ନାହିଁ; ପରନ୍ତୁ ଏକ ବ୍ୟାକୁଳ ଜିଜ୍ଞାସା ଓ ଅପ୍ରତିହତ ଆନ୍ତର ଅଭୀପ୍ସାର ଆହ୍ୱାନରେ ସସ୍ତ୍ରୀକ ସାଧନା-ଜୀବନକୁ ବରଣ କରି ନେଇଛି ଓ ଆଶ୍ରମବାସୀ ହୋଇଛି । ତା' ପରଠୁ ମନୋଜ ଦାସଙ୍କର ଜୀବନ ଯୋଗ ଓ ସାରସ୍ୱତ ସାଧନା ଯୁଗଳବନ୍ଦୀ ରୂପେ ଗତି କରିଛି ଆଗକୁ ଆଗକୁ । ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଇଂରାଜୀ ଭାଷାର ଅଧ୍ୟାପନା ସହିତ ପ୍ରେରଣା-ପ୍ରସୂତ ସାହିତ୍ୟ ସର୍ଜନାରେ ସେ ନିଜକୁ ନିୟୋଜିତ କରିଛନ୍ତି । ଆପଣାର ସକଳ ସୃଷ୍ଟି-ସାମର୍ଥ୍ୟକୁ ସେ ସମର୍ପି ଦେଇଛନ୍ତି ମାଆ ଭଗବତୀଙ୍କ ଚରଣ କମଳରେ ।

ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ସମ୍ବସରର ଅବ୍ୟବହିତ ପୂର୍ବରୁ ଏକାଧିକ ଦୁଃସାଧ ସାଧନର ଦାୟିତ୍ୱ ନ୍ୟସ୍ତ ହୋଇଛି ତାଙ୍କ ଉପରେ । ପ୍ରଥମତଃ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ତରଫରୁ 'ଭାରତୀୟ ସାହିତ୍ୟର ସ୍ରଷ୍ଟାଗଣ' (Makers of Indian Literature) ଅନୁକ୍ରମରେ ଶ୍ରୀଅରବିନ୍ଦଙ୍କର ଏକ ମନୋଗ୍ରାଫ୍ ଓ ଦ୍ୱିତୀୟତଃ ସେଯାବତ୍ ସ୍ୱଳ୍ପାଲୋଚିତ ବା ଉପେକ୍ଷିତ ଭାରତର ସ୍ୱାଧୀନତା ସଂଗ୍ରାମକୁ ଶ୍ରୀଅରବିନ୍ଦଙ୍କର ଅନନ୍ୟ ଅବଦାନ ସମ୍ପର୍କରେ ଗବେଷଣାମୂଳକ ଏକ ପୁସ୍ତକ ରଚନା । ସୀମିତ ସମୟର ଅବଧି ଭିତରେ ୧୯୭୨ ଅଗଷ୍ଟ ୧୫ ତାରିଖ ପୂର୍ବରୁ ହିଁ ଦୁଇଟି ଯାକ ବହି ପ୍ରକାଶିତ ହେବ । ପ୍ରଥମ କାର୍ଯ୍ୟଟି ସମ୍ପନ୍ନ ହୋଇଛି ତରବରରେ । ଦ୍ୱିତୀୟୋକ୍ତ କାର୍ଯ୍ୟ ପାଇଁ ମାଆଙ୍କର ଆଶୀର୍ବାଦ ଓ ଅନୁମୋଦନ କ୍ରମେ ଗବେଷଣାର୍ଥେ ସେ ଇଂଲଣ୍ଡ ଯାତ୍ରା କରିଛନ୍ତି ଓ ଅକ୍ଳାନ୍ତ ଶ୍ରମ ସ୍ୱୀକାର ପୂର୍ବକ ବହୁ ଅଜଣା ତଥ୍ୟ ସଂଗ୍ରହ କରି ଆଣିଛନ୍ତି । ସେସବୁ ସନ୍ନିବେଶିତ ହୋଇଛି ତାଙ୍କ ରଚିତ 'Sri Aurobindo in the First Decade of the Century' ଶୀର୍ଷକ ପୁସ୍ତକରେ । ବିଂଶଶତାବ୍ଦୀର ପ୍ରଥମ ଦଶକରେ ଭାରତବର୍ଷର ରାଜନୈତିକ ଆକାଶରେ ଶ୍ରୀଅରବିନ୍ଦଙ୍କର ଭାସ୍ୱର ଆବିର୍ଭାବ ଏକ ସୁପ୍ତ ଜାତିର ନିର୍ବେଦ ନିସ୍ତେଜ ପ୍ରାଣରେ କିପରି ଭରି ଦେଇଥିଲା ପ୍ରଚଣ୍ଡ ନବୋନ୍ମାଦନା, ଖାଲି ଏ ଦେଶରେ ନୁହେଁ, ଦରିଆପାରି ବ୍ରିଟିଶ ପାର୍ଲାମେଣ୍ଟରେ (ଦ ହାଉସ୍ ଅଫ କମନ୍‌ସ୍‌ରେ) ଶ୍ରୀଅରବିନ୍ଦଙ୍କୁ କେନ୍ଦ୍ର କରି କିପରି ବିତର୍କ ଓ ଚର୍ଚ୍ଚାର ଝଡ଼ ଉଠିଥିଲା ତାହାର ବିବରଣୀଚୟ ବିବୃତ ହୋଇଥିଲା ମନୋଜ ଦାସଙ୍କର ସେହି ପୁସ୍ତକଟିରେ । ଏତିକିରେ ପ୍ରଶମିତ ହୋଇ ନାହିଁ ଲେଖକଙ୍କର ଆଗ୍ରହ । ପରବର୍ତ୍ତୀ ସମୟରେ ଶ୍ରୀଅରବିନ୍ଦଙ୍କର ବଙ୍ଗପର୍ଯ୍ୟାୟର ରାଜନୈତିକ କ୍ରିୟାକଳାପ ସମ୍ପର୍କରେ ଆହୁରି ସବିଶେଷ ତଥ୍ୟ ଓ ସେ ବିଷୟରେ ପ୍ରକାଶିତ ଉଚ୍ଛ୍ୱସିତ ପ୍ରଚୁର ମତାମତ ସେ ସଯତ୍ନ ସଂଗ୍ରହ କରିଛନ୍ତି । ମୂଳ କ୍ଷୁଦ୍ରକାୟ ପୁସ୍ତକଟିକୁ ପରିବର୍ଦ୍ଧିତ ରୂପ ଦେବା ପାଇଁ ତାହା ହିଁ ତାଙ୍କୁ ଯୋଗାଇଛି ଦୁରନ୍ତ ପ୍ରେରଣା ।

ଜୀବନର ଶେଷଭାଗରେ ମୁଖ୍ୟତଃ ଦୁଇଟି କାର୍ଯ୍ୟରେ ସେ ଆପଣାକୁ ବ୍ୟାପୃତ ରଖିଥିଲେ । ତନ୍ମଧ୍ୟରୁ ଗୋଟିଏ ମହାକାବ୍ୟ ସାବିତ୍ରୀର ଓଡ଼ିଆ ଅନୁବାଦ ଏବଂ ଅନ୍ୟଟି ମହାଯୋଗୀ ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ ପୂର୍ବ ପର୍ଯ୍ୟାୟର ବ୍ୟାପକ ବର୍ଣ୍ଣନା ଆଧାରିତ ଜୀବନୀଲେଖ୍ୟ ପ୍ରସ୍ତୁତି । କିଛି ବର୍ଷ ତଳେ ବିଦେଶରେ ପ୍ରକାଶିତ ଶ୍ରୀଅରବିନ୍ଦଙ୍କର ଏକ ଜୀବନୀକୁ ନେଇ ଉପୁଜିଥିଲା ଏକ ଅଭାବନୀୟ ବିବାଦୀୟ ପରିସ୍ଥିତି । ଏଥିରେ ମର୍ମାହତ ହୋଇଥିଲେ ଅନେକ ଅନୁଗତ ଓ ଅନୁରାଗୀ । ଏହାକୁ ପ୍ରସଙ୍ଗ କରି ଦୁଃଖଦ ଘଟନାବଳୀର ବାତ୍ୟାଟିଏ ବହିଯାଇଥିଲା । ଏ ସଂକ୍ରାନ୍ତରେ ମନୋଜ ଦାସଙ୍କର ଅଭିମତ ଓ ବିଚାର ଥିଲା ଖୁବ୍ ଉଦାର ଓ ଅକାତର । ଦେବତାତ୍ମା ନଗାଧିରାଜ ହିମାଳୟ ପ୍ରତି କେହି ଯଦି ପଥରଟିଏ ନିକ୍ଷେପ କରେ, ଆମେ ତହିଁରେ ଏତେ ବିଚଳିତ ହେବା କାହିଁକି ? ବ୍ୟକ୍ତି ଓ ବସ୍ତୁର ଆଲୋକିତ ଦିଗ ଉପରେ, ସକାରାତ୍ମକତା ଉପରେ ଆମେ ସତତ ମହତ୍ତ୍ୱାରୋପ କରିବା । ଅନ୍ଧକାରର ଅସ୍ତିତ୍ୱ

ବିଷୟରେ ଦାଣ୍ଡଘାଟରେ ଧେଣ୍ଟୁରା ନ ପିଟି, ନିନ୍ଦାସୂଚକ କୌଣସି ଚର୍ଚ୍ଚା ନ କରି ଆମେ ଆମର ସାଧକୋଚିତ ନୀରବ ପ୍ରତିବାଦ ତଥା ପରିସ୍ଥିତିର ପ୍ରତିବିଧାନ ସ୍ୱରୂପ ବରଂ ଜାଳିଦେବା ଆଲୋକ ବର୍ତ୍ତିକାଟିଏ, — ଏବଂ ତାହା ହିଁ ସେ କରିଥିଲେ । ମୋର ମନେ ହୁଏ ଆଶ୍ରମରୁ ପ୍ରକାଶିତ 'ମଦର୍ ଇଣ୍ଡିଆ' ପତ୍ରିକାରେ ''Sri Aurobindo : Life and Times of the Mahayogi'' ଶୀର୍ଷକ ଧାରାବାହିକ ରଚନା ପଶ୍ଚାତରେ ଆହୁରି ଅନେକ ପ୍ରେରଣା ଭିତରୁ ଏଇଟି ବି ଥିଲା ଗୋଟିଏ । ଶ୍ରୀଅରବିନ୍ଦଙ୍କ ସମ୍ପର୍କିତ ନିରାଧାର ଭ୍ରାନ୍ତ ଧାରଣା କେତୋଟିର ଦୂରୀକରଣ ନିମନ୍ତେ ହୋଇପାରେ ଏହା ଏକ ଅଘୋଷିତ ଉଦ୍ଦେଶ୍ୟ ।

'ମଦର୍ ଇଣ୍ଡିଆ' ପତ୍ରିକାରେ ଉପରୋକ୍ତ ଧାରାବାହିକ ଲେଖା ପ୍ରତିମାସରେ ପ୍ରକାଶ ପାଉଥିବା ସମୟରେ ପତ୍ରିକାଟିକୁ ପାଇବା ପାଇଁ ମୁଁ ବଡ଼ ଉତ୍ସୁକତାର ସହିତ ସତୃଷ୍ଣ ନୟନରେ ଅପେକ୍ଷା କରୁଥିଲି ଡାକବାଲାର ବାଟକୁ ('ଶେଷବସନ୍ତର ଚିଠି'ର କୁନି ନାୟିକାଟି ପରି) । ପତ୍ରିକା ହସ୍ତଗତ ହେବା ମାତ୍ରେ ରଙ୍କନିଧି ପାଇବା ସଦୃଶ ତନ୍ନ ତନ୍ନ କରି ସବାଆଗେ ସେଇ ଲେଖାଟିକୁ ପଢ଼ି ପକାଉଥିଲି ଏବଂ ତା'ପରେ ଯାଇ ଅନ୍ୟ ଲେଖା ଉପରେ ନଜର ପକାଉଥିଲି । ଏହି ଭାବରେ ବିତିଯାଇଛି ବର୍ଷ ପରେ ବର୍ଷ । ଶେଷକୁ Post script ଓ Epilogue ଯେବେ ପ୍ରକାଶ ପାଇଲା, ନୈରାଶ୍ୟ ଓ ଅବସାଦରେ ଭରିଗଲା ମନ । ହାୟ ! ମନୋଜ ଦାସଙ୍କ ଲେଖନୀରୁ ଆଉ କ'ଣ ନିସୃତ ହେବ ନାହିଁ ମହାଯୋଗୀଙ୍କର ପରବର୍ତ୍ତୀ ପଣ୍ଡିଚେରୀ ତପଶ୍ଚର୍ଯ୍ୟାର ମହିମମୟ ଗାଥା ? ଲେଖକଙ୍କର ପ୍ରାରମ୍ଭିକ ଯୋଜନା ସେତେବେଳକୁ ବଦଳି ଯାଇଥିଲା । ଅତଏବ ନିଜକୁ ସାନ୍ତ୍ୱନା ଦେଲି । ଲେଖକଙ୍କର ଅଭିପ୍ରାୟକୁ ସମ୍ମାନ ଜଣାଇଲି । ମାତ୍ର ପ୍ରକାଶିତ ସମଗ୍ର ବିଷୟକୁ ଯଥା ଶୀଘ୍ର ପୁସ୍ତକାକାରରେ ପାଇବାକୁ ପୁଣି ଏକ ପ୍ରତୀକ୍ଷା ମୋତେ ଆଚ୍ଛନ୍ନ କରି ବସିଲା ।

ପରିଶେଷରେ ସମସ୍ତ ପ୍ରତୀକ୍ଷାର ଅନ୍ତ ଘଟାଇ ବିପୁଳ କଳେବର ଧରି ବହିଟି ଯେତେବେଳେ ଆତ୍ମପ୍ରକାଶ କଲା, ସୁଖଦ ସେଇ ସମ୍ବାଦ ପ୍ରାପ୍ତି ମାତ୍ରେ ମୁଁ ସକୃତଜ୍ଞ ସ୍ମରଣ କଲି ପୁସ୍ତକଟିର ଭଗବତ୍ ନିର୍ବାଚିତ ମହାନ୍ ରଚୟିତାଙ୍କୁ । ସେତେବେଳକୁ ସେ ଥାଆନ୍ତି ଅସୁସ୍ଥ । ଅତଏବ ତାଙ୍କର ଆଶୁ ଆରୋଗ୍ୟ ଓ ଦୀର୍ଘଜୀବନ ମନାସି ମା'ଙ୍କ ପାଖରେ ଯୋଡ଼ହସ୍ତ ହେଲି ।

ଜାତୀୟ ମୁକ୍ତି ସଂଗ୍ରାମରେ ଶ୍ରୀଅରବିନ୍ଦଙ୍କର ବଳିଷ୍ଠ ଭୂମିକାର ଯାବତୀୟ ଅବମୂଲ୍ୟାୟନ ଓ ଅବମାନନାସୂଚକ ମନ୍ତବ୍ୟ ବିରୋଧରେ ମନୋଜ ଦାସଙ୍କର ବହୁ ଗବେଷଣାପ୍ରସୂତ, ଗଭୀର ପ୍ରତ୍ୟୟଯୁକ୍ତ ଓ ପ୍ରାମାଣିକ ଏହି ଗ୍ରନ୍ଥଟି ଯେ ଅବଶ୍ୟ ଏକ ଐତିହାସିକ ପଦକ୍ଷେପ ଓ ପ୍ରତ୍ୟୁତ୍ତର ହୋଇ ରହିବ, ଏଥିରେ ସନ୍ଦେହର ତିଳେମାତ୍ର ଅବକାଶ ନାହିଁ ।

*

ଆଲେଖ୍ୟଟିର ଦୀର୍ଘତା ଆଶଙ୍କାରେ ମନସ୍ୱୀ ଓ ପ୍ରାଜ୍ଞ ମନୋଜ ଦାସଙ୍କ ସହ ମୋର ବ୍ୟକ୍ତିଗତ ଯତ୍‌କିଞ୍ଚିତ୍ ସମ୍ପର୍କର ଅବତାରଣାରୁ ମୁଁ କ୍ଷାନ୍ତ ରହୁଛି । ଏତିକି କେବଳ କହିବି : ଅନ୍ୟ ଅନେକଙ୍କ ପରି ତାଙ୍କର ଗୁଣମୁଗ୍ଧ ଓ ସ୍ନେହଧନ୍ୟ ମୁଁ । ମନୋଜ ଦାସ ଏକ ଅନିର୍ବାଣ ସାରସ୍ୱତ ଶିଖା, ମହାକାଳର ସ୍ୱର୍ଣ୍ଣିମ ପୃଷ୍ଠାରେ ସେ ଏକ ଶାଶ୍ୱତ ସ୍ୱାକ୍ଷର । ଦିବଂଗତ ଓ ମାତୃଚରଣାଶ୍ରିତ ତାଙ୍କର ମୃତ୍ୟୁଞ୍ଜୟୀ ଅନ୍ତରାତ୍ମା ଉଦ୍ଦେଶ୍ୟରେ ମୋର ଅଶେଷ କୃତଜ୍ଞତାପ୍ଲୁତ ବିନମ୍ର ପ୍ରଣାମ ଓ ସଭକ୍ତି ଶ୍ରଦ୍ଧାଞ୍ଜଳି ।

**— ରବୀନ୍ଦ୍ର ନାଥ ପାଢ଼ୀ ❑**

... ଯଦି ଶରୀର ଅନ୍ତର୍ସତ୍ତାର ପ୍ରଗତିମୂଳକ ଗତିବୃତ୍ତିକୁ ଅନୁସରଣ କରୁଥାଆନ୍ତା, ଯଦି ଏହାର ଚୈତ୍ୟସତ୍ତା ସଙ୍ଗେ ସମାନ ଅଗ୍ରଗତି ଓ ପୂର୍ଣ୍ଣତାର ବୋଧ ଥାଆନ୍ତା ତା'ହେଲେ ମୃତ୍ୟୁ ପାଇଁ ଏହାର କୌଣସି ପ୍ରୟୋଜନ ନ ଥା'ନ୍ତା ।

— ଶ୍ରୀମା

# ସାଧକ ମନୋଜ ଦାସ

ମନୋଜ ବାବୁଙ୍କ ସମଗ୍ର ଜୀବନ ଓ କୃତିତ୍ୱକୁ ଲକ୍ଷ୍ୟ କଲେ ସ୍ୱତଃ ଅବଗତ ହୁଏ ଯେ ସେ ସାହିତ୍ୟ ପ୍ରତି ଏକ ସମର୍ପିତ ଆତ୍ମା ଥିଲେ । ତାହାରି ମାଧ୍ୟମରେ ସେ ସମଗ୍ର ମାନବଜାତିର ସେବା କରିଛନ୍ତି ଓ ଜାଗତିକ ମାନସ ସତ୍ତା ଉପରେ ଏକ ଅଭିନବ ରେଖା ଅଙ୍କିତ କରି ଯାଇଛନ୍ତି । ଚତୁର୍ଦ୍ଦଶ ଶତାବ୍ଦୀର ଓଡ଼ିଶାର ବିଶିଷ୍ଟ ଆଳଙ୍କାରିକ କବିରାଜ ବିଶ୍ୱନାଥ ତାଙ୍କ 'ସାହିତ୍ୟ ଦର୍ପଣ' ଗ୍ରନ୍ଥରେ ଏକ ସିଦ୍ଧାନ୍ତ ଦେଇ ଯାଇଥିଲେ – ''ବାକ୍ୟଂ ରସାତ୍ମକଂ କାବ୍ୟମ୍'', ଅର୍ଥାତ୍ ରସାତ୍ମକ ବାଗ୍‌ବିଭବକୁ କାବ୍ୟ କୁହାଯାଏ । ସେହି ରସର ଭାବାତ୍ମକତା ଅନନ୍ତ ହେଲେ ବି ମୁଖ୍ୟତଃ ତାହାକୁ ନବ ଭାଗରେ ବିଭକ୍ତ କରି ନବରସ କୁହାଯାଏ । ଏହି ଦୃଷ୍ଟିରେ ସେ ରାମାୟଣଠାରୁ ଆରମ୍ଭ କରି ସେପର୍ଯ୍ୟନ୍ତ ଖ୍ୟାତ ବିଖ୍ୟାତ କବିମାନଙ୍କ କାବ୍ୟସମ୍ପଦକୁ ସମୀକ୍ଷା କରିଛନ୍ତି । ତାଙ୍କର ସେହି ଗ୍ରନ୍ଥରେ ସେ ରସର ବିବେଚନା ବେଳେ କହିଛନ୍ତି, ରସ ହେଉଛି ମୁଖ୍ୟତଃ ''...ଅଖଣ୍ଡ-ସ୍ୱପ୍ରକାଶ-ଆନନ୍ଦ-ଚିନ୍ମୟ... ବ୍ରହ୍ମାସ୍ୱାଦସହୋଦରଃ...'', ଅର୍ଥାତ୍ ଯୋଗୀମାନେ ଯେଉଁ ସ୍ୱ-ପ୍ରକାଶ ବ୍ରହ୍ମାନନ୍ଦର ଆସ୍ୱାଦନ କରିଥା'ନ୍ତି, କାବ୍ୟରସ ତାହାରି ସମଧର୍ମୀ । ତାଙ୍କ ମତରେ କୌଣସି ସାହିତ୍ୟରେ ସ୍ଥାୟୀ-ଭାବ ରୂପେ ରତି (ଶୃଙ୍ଗାର) ବା ହାସ (ହାସ୍ୟ) ବା ଉତ୍ସାହ (ବୀର) ବା ଶମ (ଶାନ୍ତ) ରହୁଥିବା ବେଳେ ଅନ୍ୟଗୁଡ଼ିକ ଅଙ୍ଗଭାବେ ତାହାର ପରିପୋଷଣ କରୁଥିବେ । କିନ୍ତୁ ଯେଉଁ କାବ୍ୟରେ ବ୍ରହ୍ମାନନ୍ଦକୁ ପରିସ୍ଫୁଟ କରାଯାଇଛି ତାହାକୁ ସେ ବେଦାଦି ଶାସ୍ତ୍ରଭାବେ ଏକ ଊର୍ଦ୍ଧ୍ୱତର ବିଷୟ ବୋଲି ବିଚାର କରିଛନ୍ତି ଓ ସେସବୁକୁ ଆଲୋଚନାର ପରିସରକୁ ଆଣି ନାହାନ୍ତି । କିନ୍ତୁ ବ୍ରହ୍ମାନନ୍ଦକୁ ଯେ ଲୌକିକ ସାହିତ୍ୟର ଅନ୍ତର୍ଭୁକ୍ତ କରାଯାଇପାରେ ତାହାର ଏକ ଜୀବନ୍ତ ଓ ଜ୍ୱଳନ୍ତ କଳାକାର ହେଉଛନ୍ତି ମନୋଜ ଦାସ । ତାଙ୍କ କାବ୍ୟଗୁଡ଼ିକୁ ଅଧ୍ୟୟନ କଲେ ପାଠକ ମନେ କରିବ ସେ କାବ୍ୟକଳାର ରସାତ୍ମକତାର ଦିଗନ୍ତକୁ ଭେଦ କରି ଅଚିନ୍ତ୍ୟ ଲୋକକୁ ଉନ୍ନୀତ ହେଉଛି । ସେ ନିଜ ସାହିତ୍ୟରେ ପାଠକକୁ ଏହି ବ୍ରହ୍ମାନନ୍ଦକୁ ସ୍ପର୍ଶ କରାଇବା ପୂର୍ବରୁ ଶୃଙ୍ଗାର-ହାସ୍ୟାଦି ସମସ୍ତ ଦିଗକୁ ସ୍ପର୍ଶ କରିଥା'ନ୍ତି ସତ କିନ୍ତୁ ସେହି ସ୍ପର୍ଶ କେବଳ ଶାରୀର ବା ମାନସିକ ସ୍ପର୍ଶ ନୁହେଁ; ମାର୍ମିକ ସ୍ପର୍ଶ । ତାଙ୍କ ସାହିତ୍ୟରେ ବାହ୍ୟ ଜୀବନର ଅସାରତା ନାହିଁ, ବରଂ ମନୁଷ୍ୟର କାମନା-ବାସନା, କୁ-ପ୍ରବୃତ୍ତି, ଅଜ୍ଞାନତାର ଅସାରତା ଓ କ୍ଷଣଭଙ୍ଗୁରତାକୁ ଦେଖାଇ ଏହି ସଂସାରରେ ଯେଉଁ ଚିରନ୍ତନ ସତ୍ୟ ରହିଛି ସେହି ବିଷୟରେ ଏକ ମନସ୍ତତ୍ତ୍ୱର ସୌଧ ସେ ଗଢ଼ିଛନ୍ତି ସର୍ବଜନବୋଧଗମ୍ୟ ଭାଷାରେ । ଏହି କାରଣରୁ ସେ ତାଙ୍କ ସାହିତ୍ୟ ମାଧ୍ୟମରେ ସମଗ୍ର ମାନବଜାତିର ମନ ଉପରେ ରାଜତ୍ୱ କରିଯାଇଛନ୍ତି; ଭାବ, ଭାଷା ଓ ଛନ୍ଦରେ ସେ ଅତୁଳନୀୟ ସାହିତ୍ୟ ରଚନା କରି ଯାଇଛନ୍ତି । ଆଗକୁ ଅନେକ ପିଢ଼ି ତାଙ୍କ ମନୋଜ୍ଞ ସାହିତ୍ୟରୁ ନୂତନ ପ୍ରେରଣା ପାଇବେ । ସେହି ଅଭିନବ ଜ୍ୟୋତିଷ୍କ ଆଜି ସ୍ୱଦେହରେ ନ ଥିଲେ ବି ତାଙ୍କ ସାହିତ୍ୟ ମଧ୍ୟରେ ସେ ଚିର ଉଜ୍ଜ୍ୱଳ ହୋଇ ରହିବେ । ଚୀନ ଓ ରୁଷୀୟ ଭାଷାରେ ତାଙ୍କ ସାହିତ୍ୟକୃତି ''ମନୋଜ ଦାସଙ୍କ କଥା ଓ କାହାଣୀ''ର ଅନୁବାଦ ହେବା ଏହାର ପରିଚାୟକ । ଏହି ପ୍ରକାର ସାହିତ୍ୟ ଯେ ତାଙ୍କର ଆଧ୍ୟାତ୍ମିକ ବ୍ୟକ୍ତିତ୍ୱରୁ ନିଃସାରିତ ହୋଇଛି ତାହା ନିଃସନ୍ଦେହ । ଜଣେ ବିଦଗ୍ଧ ପାଠକ ରୂପେ ଏହା ମୋର ବ୍ୟକ୍ତିଗତ ଅନୁଭୂତି ।

ମନୋଜ ବାବୁଙ୍କ ବିଶ୍ୱବ୍ୟାପକ ଜୀବନ ଚରିତକୁ ନେଇ ଅନେକ ଲେଖା ରହିଛି । ନବପ୍ରକାଶର ଏହି ବିଶେଷ ସଂଖ୍ୟାରେ ସେହି ଦିଗକୁ ନ ଯାଇ ମୁଁ ଚେଷ୍ଟା କରିବି ଆଶ୍ରମରେ ତାଙ୍କର ସାଧକ ଜୀବନର କିଛି କାର୍ଯ୍ୟ ସ୍ମରଣ କରିବାକୁ । ଥରେ ତାଙ୍କୁ କେହି ଜଣେ ପ୍ରଶ୍ନ କରିଥିଲେ : ''ଆପଣ ଓଡ଼ିଶାରେ ଥିଲେ ବୋଧହୁଏ ଅଧିକ ପ୍ରଖ୍ୟାତ ହୋଇ ପାରିଥା'ନ୍ତେ ।'' ସେ ଉତ୍ତରରେ କହିଥିଲେ : ''ନା, ତାହା ନୁହେଁ । ଆଶ୍ରମରେ ରହିବାରେ ମୁଁ ଯାହା ପାଇଛି ତାହା ସେସବୁର ଊର୍ଦ୍ଧ୍ୱରେ, ତାହାର କଳ୍ପନା କରି ହେବ ନାହିଁ ।'' ଥରେ ମୋ ଉପସ୍ଥିତିରେ ଓଡ଼ିଶାରୁ ଆସିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରଶ୍ନୋତ୍ତରରେ ସେ କହିଥିଲେ : ''ଆଶ୍ରମର ପରିବେଶରେ ଯେତେ ଆଧ୍ୟାତ୍ମିକ ସୁଯୋଗ ନେବା କଥା ମୁଁ ତାହା ନେଇପାରି ନାହିଁ ।'' ଏହା ତାଙ୍କର ବିନମ୍ରତାର ପରିଚାୟକ ବୋଲି ମୋତେ ଲାଗେ । କାରଣ କେହି ଆଶ୍ରମବାସୀ ଦାବି କରି ପାରିବ ନାହିଁ ଯେ ସେ ଆଧ୍ୟାତ୍ମିକ ଜୀବନରେ ପୂର୍ଣ୍ଣତା ଲାଭ କରିଛି । ଏହା ଏପରି ଏକ ପଥ ଯେଉଁଥିରେ ଗୋଟିଏ ବୀଥି ପାରିହେଲା ବେଳକୁ ଅନ୍ୟ ଗୋଟିଏ ପ୍ରଶସ୍ତତର ବୀଥି ଆସି ନିଜର ମୁଖ ଉଦ୍‌ଘାଟନ କରୁଥାଏ ।

୧୯୬୩ ମସିହାରେ ଆଶ୍ରମରେ ଯୋଗଦେବା ପୂର୍ବରୁ ସେ କଟକର କ୍ରାଏଷ୍ଟ କଲେଜରେ ଅଧ୍ୟାପକ ଥିଲେ । ବାମପନ୍ଥୀ ବିଚାରଧାରାରେ ରଚିତ ସଂଗଠନରେ ସେ ଜଣେ ଛାତ୍ରନେତା ଥିଲେ । ଜଣେ ଉଚ୍ଚକୋଟୀର ସାହିତ୍ୟିକ ହିସାବରେ ସେ ଓଡ଼ିଶାରେ ପ୍ରତିଷ୍ଠା ଲାଭ କରି ସାରିଥିଲେ । ଜଣେ ସମ୍ଭ୍ରାନ୍ତ କୁଳର ସନ୍ତାନ ରୂପେ ସେ ଅପର୍ଯ୍ୟାପ୍ତ ସମ୍ପତ୍ତିର ଅଧିକାରୀ ଥିଲେ । ପତ୍ନୀ ପ୍ରତିଜ୍ଞାଦେବୀ ଥିଲେ ସାମନ୍ତ ରାଜବଂଶର କନ୍ୟା ଓ ମନୋବିଜ୍ଞାନରେ ଉଚ୍ଚଶିକ୍ଷିତା । ଏ ସମସ୍ତ ତାଙ୍କୁ ଓ ପ୍ରତିଜ୍ଞାଦେବୀଙ୍କୁ ବିମୋହିତ କରିପାରି ନ ଥିଲା । ଶ୍ରୀମାଙ୍କୁ ବାଲକୋନୀରେ ଭଗବତୀ ରୂପେ ସେ ଯେଉଁଦିନ ଦର୍ଶନ କରିଥିଲେ ତାହା ହିଁ ତାଙ୍କ ଚିନ୍ତା ଓ ଚେତନାକୁ ନୂତନ ଦିଗନ୍ତ ଆଡ଼କୁ ନେଇ ଯାଇଥିଲା ।

ଆଶ୍ରମ ବିଦ୍ୟାଳୟର ଜଣେ ଇଂରାଜୀ ଅଧ୍ୟାପକ ଭାବେ ତାଙ୍କର ଜୀବନ ଆରମ୍ଭ ହୋଇଥିଲା । ପରେ ବିଭିନ୍ନ କାର୍ଯ୍ୟଭାର ବହନ କରି ସେ କିଛିବର୍ଷ ପାଇଁ ଆଶ୍ରମ ଟ୍ରଷ୍ଟର ଜଣେ ସଭ୍ୟ ହୋଇଥିଲେ । ପ୍ରାୟ ୧୯୯୭ ମସିହାରୁ ପାଞ୍ଚବର୍ଷ ଧରି ସେ ଶ୍ରୀଅରବିନ୍ଦଙ୍କ ଗ୍ରନ୍ଥଗୁଡ଼ିକ ଉପରେ ଆଲୋକପାତ କରି ତିନିଟି ଭାଷା – ଓଡ଼ିଆ, ବଙ୍ଗଳା ଓ ଇଂରାଜୀରେ ବକ୍ତୃତାମାଳା ପ୍ରଦାନ କରିଥିଲେ । ତା' ବ୍ୟତୀତ ଦର୍ଶନ ଦିବସ ଉପଲକ୍ଷେ ଆଶ୍ରମ ବିଦ୍ୟାଳୟ ପରିସରରେ ସେ କେତେକ ଉଚ୍ଚକୋଟୀର ବକ୍ତୃତା ପ୍ରଦାନ କରିଥିଲେ । ଆମେ ଦେଖିଛୁ, କୌଣସି ବାହ୍ୟ ଅନୁଷ୍ଠାନରେ ଆଶ୍ରମର ଅଂଶଗ୍ରହଣ କରିବାର ଥିଲେ ମନୋଜବାବୁ ସେଥିରେ ପ୍ରତିନିଧିତ୍ୱ କରନ୍ତି । ଦୂରରାଜ୍ୟ-ମାନଙ୍କରେ ଥିବା ଜମିଜମାର ତଦାରଖ ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ନ୍ୟସ୍ତ ଥିଲା । ''ଶ୍ରୀଅରବିନ୍ଦ ଉଦ୍ୟୋଗ ଟ୍ରଷ୍ଟ''ର ସେ ଜଣେ ପ୍ରାଥମିକ ସଭ୍ୟଭାବେ ଶେଷ ପର୍ଯ୍ୟନ୍ତ ରହି ଆସିଥିଲେ । ଏତଦ୍ ବ୍ୟତୀତ ଓଡ଼ିଶାରୁ, ଭାରତରୁ ତଥା ବିଦେଶରୁ ଆସୁଥିବା ମାତୃଭକ୍ତ ଓ ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ୍ ନିମନ୍ତେ ସେ ଲୋଡ଼ା ହେଉଥିଲେ । ଆଶ୍ରମବାସୀମାନେ ମଧ୍ୟ ନିଜ ନିଜର ବ୍ୟକ୍ତିଗତ ସମସ୍ୟା ନେଇ ତାଙ୍କ ନିକଟକୁ ପରାମର୍ଶ ପାଇଁ ଯାଇଥା'ନ୍ତି । ସକଳ ପରିସ୍ଥିତିରେ ସମସ୍ତଙ୍କୁ ସାହାଯ୍ୟ କରିବା ତାଙ୍କର ଏକ ସନ୍ଥ-ସୁଲଭ ପ୍ରବୃତ୍ତି ଥିଲା, ''ସର୍ବଭୂତହିତେରତାଃ'' – ଗୀତା ।

ପ୍ରପତ୍ତିଙ୍କ ଦେହାନ୍ତ ପରେ ବାବାଜୀ ମହାରାଜ ତାଙ୍କୁ ନବଜ୍ୟୋତି କାର୍ଯ୍ୟାଳୟ ସହିତ ଧୀରେ ଧୀରେ ସଂପୃକ୍ତ କରାଇ ଥିଲେ । ''ନବଜ୍ୟୋତି ପ୍ରକାଶନ ବିଭାଗ''ର ସେ ଉପଦେଷ୍ଟା ଭାବେ ଶେଷ ପର୍ଯ୍ୟନ୍ତ ରହି ଆସିଥିଲେ । ୧୯୯୮ରେ ବାବାଜୀ ମହାରାଜଙ୍କ ଦେହାନ୍ତ ପରେ ଆଶ୍ରମ ଟ୍ରଷ୍ଟ ତାଙ୍କୁ ହିଁ ସେଠାକାର ତତ୍ତ୍ୱାବଧାରକ ଭାବେ ଗ୍ରହଣ କରିଥିଲା । ନବପ୍ରକାଶ ଓ ନବଜ୍ୟୋତିରେ ସେ ନିୟମିତ ଲେଖୁଥିଲେ । ନବଜ୍ୟୋତି କାର୍ଯ୍ୟାଳୟରେ ମୁଁ କାର୍ଯ୍ୟ କରୁଥିବା ବେଳେ ଏହି ପ୍ରକାଶନ ବିଭାଗରେ ମୁଁ ଯେତିକି ଦିନ କାର୍ଯ୍ୟ କରିଥିଲି, ସେଥିରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କ ସହିତ କାର୍ଯ୍ୟ କରିବାର ସୌଭାଗ୍ୟ ଲାଭ କରିଛି ଓ ସେଥିରୁ ମୁଁ ଅନେକ କିଛି ଶିଖିଛି । ବିଶେଷ କରି 'ଅଗ୍ନିମନ୍ତ୍ରମାଳା' ଓ 'ବେଦରହସ୍ୟ' ପୁସ୍ତକଦ୍ୱୟରେ ତାଙ୍କର ସଂପୃକ୍ତି ଓ ମାର୍ଗନିର୍ଦ୍ଦେଶ ମୋ ପାଇଁ ଅବିସ୍ମରଣୀୟ । ଶେଷରେ ଗତବର୍ଷ କଠୋପନିଷଦ୍‌ର ଅନୁବାଦ ଓ ଟୀକା ପୁସ୍ତକଟିର ପ୍ରାକ୍‌ପ୍ରକାଶନ ପର୍ଯ୍ୟବେକ୍ଷଣ ନିମନ୍ତେ ମୁଁ ତାଙ୍କୁ ଅନୁରୋଧ କରିଥିଲି; ସେ ତାହା ରକ୍ଷା କରି କାର୍ଯ୍ୟଟିକୁ ଗ୍ରହଣ କରିଥିଲେ ଏବଂ ସମ୍ପୂର୍ଣ୍ଣ ପୁସ୍ତକଟିକୁ ପଢ଼ି ଆବଶ୍ୟକ ସଂଶୋଧନ କରିଥିଲେ । ମୁଁ କେବେ ଆଶା କରି ନଥିଲି ଯେ ସେ ଏତେ ସମୟ ଏଥିପାଇଁ ଦେଇ ପାରିବେ ବୋଲି । ଏହା ଥିଲା ତାଙ୍କର ମୋ ପ୍ରତି ସ୍ନେହ ତଥା ସତ୍-କାର୍ଯ୍ୟରେ ନିଜର ବଦାନ୍ୟତା । ଏହି କାର୍ଯ୍ୟଟି ଥିଲା ତାଙ୍କ ସହିତ ମିଳିତ ହେବାର ମୋର ଅନ୍ତିମ ଅବସର ।

ଶ୍ରୀଅରବିନ୍ଦଙ୍କ ''Savitri'' ମହାକାବ୍ୟର ପଦ୍ୟାନୁବାଦ ତାଙ୍କର ଅତ୍ୟନ୍ତ ଅନବଦ୍ୟ କୃତି । ଏହି କାର୍ଯ୍ୟ ପ୍ରାୟ ସେ ଅନେକ ବର୍ଷ ପୂର୍ବରୁ ଆରମ୍ଭ କରିଥିଲେ । ସ୍ୱର୍ଗତ ନିମାଇଁ ଚରଣ ମହାପାତ୍ରଙ୍କ ସାବିତ୍ରୀ ଅନୁବାଦ ନବଜ୍ୟୋତିରେ ବାହାରିବା କଥା ସେ ଜାଣିବା ପରେ କେତେକ ପୁରୁଣା ସଂଖ୍ୟାର ଅନୁବାଦର ଫଟୋ କପି ଦେବାକୁ ମୋତେ କହିଥିଲେ ଏବଂ ମୁଁ ତାହା ଦେଇଥିଲି । ଅନୁବାଦର ଶୈଳୀ ଜାଣିବାକୁ ସେ ଏହା ଚାହୁଁଛନ୍ତି ବୋଲି ମୋତେ କହିଥିଲେ । ସୌଭାଗ୍ୟର ବିଷୟ ଯେ ନବଜ୍ୟୋତି ପ୍ରକାଶନ ତାହାକୁ ନିକଟ ଭବିଷ୍ୟତରେ ପ୍ରକାଶ କରିବାକୁ ଯାଉଛି ।

ତାଙ୍କର ଅନ୍ତିମ କୃତି ଶ୍ରୀଅରବିନ୍ଦଙ୍କ ଜୀବନୀ ପୁସ୍ତକ : ''Sri Aurobindo : Life and Times of the Mahayogi'', ଓଡ଼ିଆରେ ''ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ'' । ଏହା ଏକ ଗବେଷଣାମୂଳକ ତଥା ଗଭୀର ତତ୍ତ୍ୱମୂଳକ ଗ୍ରନ୍ଥ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷା ପାଇଁ ।

ତାଙ୍କର ଏହି ମହାନ୍ ତଥା କର୍ମମୟ ବ୍ୟକ୍ତିତ୍ୱର ଓ ତେଜସ୍ୱୀ ସାହିତ୍ୟର କେନ୍ଦ୍ରରେ ତାଙ୍କ ସାଧକଜୀବନର ପ୍ରତିଫଳନ ଯେ ରହିଛି ତାହା ମୁଁ ମର୍ମେ ମର୍ମେ ଅନୁଭବ କରିଛି । ତାଙ୍କର ଶକ୍ତି ଓ ଯୋଗ୍ୟତାକୁ ସେ ମାତୃସେବାରେ ବିନିଯୋଗ କରିଛନ୍ତି କିଂବା ମାତୃଶକ୍ତି ତାଙ୍କୁ ନିଜ ଇଚ୍ଛାରେ ଉପଯୋଗ କରିଛି ତାହା ନିର୍ଦ୍ଧାରଣ କରିବା ଆମ ଭଳି କ୍ଷୁଦ୍ର ବ୍ୟକ୍ତିଙ୍କ ପକ୍ଷେ ଅସମ୍ଭବ; ତଥାପି ବ୍ୟକ୍ତିର ଆତ୍ମ-ସମର୍ପଣ ଓ ତାହାରି ମାଧମରେ ଦିବ୍ୟଶକ୍ତିର କ୍ରିୟା ଏକସଙ୍ଗେ ଚାଲୁଥାଏ ବୋଲି ଶ୍ରୀଅରବିନ୍ଦ ଯାହା କହିଛନ୍ତି ତାହାର ଏକ ପ୍ରତ୍ୟକ୍ଷ ଉଦାହରଣ ହେଉଛନ୍ତି ମନୋଜ ବାବୁ ।

ତାଙ୍କ ବିଷୟରେ ଯେତେ ଲେଖିଲେ ବି ତାହା ଅସମାପ୍ତ ହୋଇଯିବ । ତଥାପି ସେ ଆମର ହୃଦୟରେ ଜଣେ ଶ୍ରଦ୍ଧାସ୍ପଦ ଆତ୍ମା ରୂପେ ଚିରସ୍ମରଣୀୟ ହୋଇ ରହିବେ ।

**– ମଧୁସୂଦନ ମହାପାତ୍ର** ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଏକ ନମ୍ର ସ୍ମୃତିଚାରଣ

୨୦୦୩ ମସିହାର ଏକ ଉଷ୍ଣ ସକାଳ ।

ଫୋନ୍ ଘଣ୍ଟି ବାଜୁଥାଏ । ରିସିଭର୍ ଉଠାଇ ସେ ଉତ୍ତର ଦେଲେ ''ୟେସ୍ ପ୍ଲିଜ୍'' ।

ସେ କଣ୍ଠରେ ଥିଲା ସହଜ ଆତ୍ମୀୟତା ସହ ଏକ ମଧୁର ଗାମ୍ଭୀର୍ଯ୍ୟର ସମନ୍ୱୟ ।

– ''ସାର୍ ନମସ୍କାର । ମୁଁ ଆପଣଙ୍କୁ ଭେଟିବାକୁ ଚାହେଁ । ଆପଣଙ୍କ ସମୟ ଓ ସ୍ଥାନର ଅନୁକୂଳତା ସହ ।'' ଟିକିଏ ଅପ୍ରସ୍ତୁତ ହୋଇ ଉତ୍ତର ଦେଲି ।

ସେ ସମୟ ଦେଲେ ।

ତାଙ୍କ ସହ ପ୍ରଥମ ମୁହାଁମୁହିଁ ସାକ୍ଷାତ୍ । କିଶୋରାବସ୍ଥାରୁ ତାଙ୍କ ସାହିତ୍ୟର ଯେଉଁ ଯାଦୁକରୀ ପ୍ରଭାବ ଅନୁଭବ କରି ଆସୁଥିଲି, ସେସବୁ ଘନୀଭୂତ ହୋଇ ମୋତେ ଆବେଗ ଓ ଉତ୍କଣ୍ଠାର ଜୁଆର ଭିତରକୁ ଟାଣିନେବାକୁ ପ୍ରୟାସ କରୁଥିବା ସତ୍ତ୍ୱେ ଯଥାସମ୍ଭବ ପ୍ରକୃତିସ୍ଥ ହେବାକୁ ଚେଷ୍ଟା କରି ମୋର ପ୍ରଥମ ପ୍ରଶ୍ନ କଲି ।

– ''କଥାପ୍ରସଙ୍ଗରେ ଥରେ ଆପଣ କହୁଥିଲେ, ଆମ ଜୀବନରେ ଦୁଃଖକଷ୍ଟର କାରଣ ଆମର ଅଜ୍ଞାନତା । ଦୟାକରି ବିଷୟଟିକୁ ଟିକିଏ ବିସ୍ତାର କରି ବୁଝାଇବେ କି ?''

କିଛି ମୁହୂର୍ତ୍ତ ନୀରବ ରହି ସେ ଉତ୍ତର ଦେଲେ – ''ଏକ ମହାସମୁଦ୍ରକୁ ଆପଣ ଗୋଟାଏ ଚାମଚ ଦ୍ୱାରା ବିଭକ୍ତ କରି ପାରିବେ କି ? ନା, ପାରିବେ ନାହିଁ ।''

ଅନ୍ୟକିଛି ପ୍ରଶ୍ନୋତ୍ତର ସହ ସାକ୍ଷାତ୍କାର ଶେଷ ହେଲା । ଶେଷରେ ସେ ମୋର ପ୍ରଥମ ପ୍ରଶ୍ନର ଉତ୍ତର ସଂକ୍ଷେପରେ ବୁଝାଇ ଦେଇଥିଲେ ।

ପରେ, କିଛି ସମୟ ନୀରବ ରହି ମୁଁ ମୋ ପ୍ରଥମ ପ୍ରଶ୍ନର ସେ ଦେଇଥିବା ଉତ୍ତରକୁ ବ୍ୟାଖ୍ୟା କରିବାକୁ ଚେଷ୍ଟା କଲି । ସ୍ପଷ୍ଟ ହେଲା, ଆମ ଦୁଃଖକଷ୍ଟ ସହ ଆମ ଅଜ୍ଞାନତାର ସମ୍ପର୍କ ଭଳି ଏକ ବିରାଟ ବିଷୟକୁ ସାମାନ୍ୟ ଏକ ଆସ୍ପୃହା, ଏକ କୌତୂହଳ ଯୋଗେ ସାମନା କରାଯାଇ ପାରିବ ନାହିଁ । ଆସ୍ପୃହା ଆହୁରି ବଳବତ୍ତର ହେବା ଚାହି ।

ମନୋଜ ଦାସ, ମୋ ଧାରଣାରେ ଏକ ବିଶାଳ ଅନୁଷ୍ଠାନ, କେବଳ ଏକ ବ୍ୟକ୍ତି ମାତ୍ର ନୁହଁନ୍ତି । ସମସାମୟିକ ଭାରତରେ ସେ ଏଭଳି ଏକ ବିରଳ ବ୍ୟକ୍ତିତ୍ୱ ଯିଏକି ଏକ ହିଁ ଜୀବନକାଳରେ ଜଣେ ତୁଙ୍ଗ ଶ୍ରେଣୀର ଛାତ୍ରନେତା, ଅତ୍ୟନ୍ତ ଲୋକପ୍ରିୟ ଗାଳ୍ପିକ ଓ ଔପନ୍ୟାସିକ, ଜଣେ ପ୍ରଭାବଶାଳୀ ବକ୍ତା, ଜଣେ ସର୍ବମାନ୍ୟ ସ୍ତମ୍ଭକାର, ଏକ ବିଚକ୍ଷଣ ସମ୍ପାଦକ, ଜଣେ ଉଚ୍ଚକୋଟୀର ଦାର୍ଶନିକ, ସମୀକ୍ଷକ ଓ ଅଧ୍ୟାପକ; ଭାରତୀୟ ଦର୍ଶନର ଜଣେ ପ୍ରଖର ପ୍ରବକ୍ତା, ଶ୍ରୀଅରବିନ୍ଦଙ୍କ ଦର୍ଶନର ଜଣେ ପ୍ରଚଣ୍ଡ ବାଗ୍ମୀ, ତାଙ୍କ କବିତାର ମହକ ସର୍ବଜନବିଦିତ; ସେ ପୁଣି ଜଣେ ଅନନ୍ୟ ଗବେଷକ । ତାଙ୍କ ଲେଖକୀୟ ଦକ୍ଷତା ପୁଣି ଗୋଟିଏ ଭାଷାରେ ନୁହେଁ, ଦୁଇଟି ଭାଷାରେ ।

ଜଣେ ପାଠକ ବା ଶ୍ରୋତା ଯେତେବେଳେ ତାଙ୍କୁ ପଢୁଥାଏ ବା ଶୁଣୁଥାଏ, କେବେ କେବେ ସେ ନିଜର ଅନ୍ତରରେ ଏକ ସୁନ୍ଦର ପ୍ରସାରଣର ଅନୁଭବ କରୁଥାଏ ତ କେବେ କେବେ ଚେତନାର କେଉଁ ଏକ ଗଭୀର ପ୍ରାନ୍ତରେ ବୁଡ଼ଟିଏ ପକାଇବା ପ୍ରାୟ ଏକ ଅସାମାନ୍ୟ ଆନନ୍ଦର ଅନୁଭବ କରୁଥାଏ । କିନ୍ତୁ ଗୋଟିଏ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ଉପରେ ଏଭଳି ପ୍ରଭାବ ପକାଇବା କେମିତି ସମ୍ଭବ ହୋଇପାରେ !

ଯେକୌଣସି ସୃଜନଶୀଳ ପ୍ରେରଣା ଏକ ଦିବ୍ୟ ପ୍ରେରଣା । ସେ ସୂକ୍ଷ୍ମଶକ୍ତି ଏକ ବିଶେଷ ଆଧାରକୁ ବାଛିଥାଏ କୌଣସି ଏକ ବିଶେଷ କାରଣରୁ । ମନୋଜ ଦାସ ଜଣେ ଆବାଲ୍ୟ ଲେଖକ । ଲେଖକ ମାତ୍ରେ ତା' ପାଖରେ ଶବ୍ଦ ସଂଯୋଜନା ଓ ଭାଷା ଚୟନ କରିବାର ଏକ ବିଶେଷ ଶକ୍ତି ରହିଥାଏ । ଯେତେବେଳେ ଏହି ଶକ୍ତି ନିକଟକୁ ସେ ସୂକ୍ଷ୍ମଶକ୍ତି ଅବତରଣ କରେ ସେତେବେଳେ ଆଧାରଟି ଯଦି ତାକୁ ସର୍ବାଧିକ ସମ୍ମାନ ଦେଇ, ସେ ସୂକ୍ଷ୍ମ ଶକ୍ତି ପ୍ରତି ସତ୍ ରହି, ସମସ୍ତ ଆବେଗ, ଅଭିଳାଷ ଓ ଉଚ୍ଚାକାଂକ୍ଷାରୁ ନିଜକୁ ମୁକ୍ତ ରଖି, ନିର୍ଭେଜାଲ ଭାବେ ତାକୁ ପ୍ରକଟିତ ହେବାର ସୁଯୋଗ ଦିଏ, ତେବେ ସେ ଅଭିବ୍ୟକ୍ତିରେ ଦିବ୍ୟସ୍ପର୍ଶର ଝଲକ ଅନୁଭବ କରିବା ସମ୍ଭବ । ଏଥିପାଇଁ ଯାହା ଲୋଡ଼ା ତାହା ହେଉଛି ପ୍ରଚୁର ଆତ୍ମସଂଯମ ଓ ଆନ୍ତରିକତା । ମନୋଜ ଦାସ ସେହି ଧରଣର ଜଣେ ବିରଳ ଲେଖକ । ଏସବୁ ସହିତ ଆଧ୍ୟାତ୍ମିକତାର ଅନ୍ୟ ଦିଗ ସହ ସଚେତନ ସଂଯୋଗ ତାଙ୍କ ସମଗ୍ର ବ୍ୟକ୍ତିତ୍ୱକୁ ଆହୁରି ମୁଖରିତ କରିଛି ।

ପଣ୍ଡିଚେରୀରେ ତାଙ୍କ ବାସଭବନରେ ତାଙ୍କ ସହ ଅନେକ ଥର ଭିନ୍ନ ଭିନ୍ନ କାରଣରୁ ସାକ୍ଷାତ୍ ହେବା ସମ୍ଭବ ହୋଇଛି । କେବେ ବି ମୋର କୌଣସି ପ୍ରଶ୍ନ ବା ସନ୍ଦେହର ଉତ୍ତର ଦେବାକୁ ସେ କୁଣ୍ଠାବୋଧ କରି ନାହାନ୍ତି । ଏକଦା ଏକ ରବିବାସରୀୟ ସନ୍ଧ୍ୟାରେ ତାଙ୍କୁ ଭେଟିବାର ସୁଯୋଗ ମିଳିଥିଲା । କଥାବାର୍ତ୍ତା ଅବସରରେ ମୁଁ ପ୍ରଶ୍ନ କରିଥିଲି, ''ଏତେ ଶ୍ରମସ୍ୱୀକାର କରି ଏ ଆଶ୍ରମ ଗଢ଼ିବା ଓ ତା'ର ସଞ୍ଚାଳନା କରିବା ସତ୍ତ୍ୱେ ଶ୍ରୀମାଙ୍କୁ ଅନେକ ଘଟଣା ଓ ଦୁର୍ଘଟଣାକୁ ସହ୍ୟ କରିବାକୁ ପଡୁଥିଲା ଏବଂ ଆଜି ମଧ୍ୟ ପଡୁଛି ।'' ମୋ ସ୍ୱରରେ କୌଣସି ପ୍ରଶ୍ନବାଚକ ଭଙ୍ଗୀ ନ ଥିବା ସତ୍ତ୍ୱେ ସେ କହିଲେ, ''ଅନେକ ସମୟରେ ଶ୍ରୀମାଙ୍କ କାର୍ଯ୍ୟପଦ୍ଧତିକୁ ଠିକ୍ ଭାବେ ବୁଝିପାରିବା ଆମ ପକ୍ଷରେ ସମ୍ଭବ ହୋଇ ନଥାଏ ।'' ପରେ ତାଙ୍କ ସ୍ୱଭାବସୁଲଭ ଢଙ୍ଗରେ ସେ ବିବୃତ କଲେ ଏକ ଘଟଣା ।

ସମ୍ଭବତଃ ୧୯୬୫ ମସିହା । ଜଣେ ସୁଦର୍ଶନ ବିଦେଶୀ ଯୁବକ ଆସି ପାର୍କ ଗେଷ୍ଟ ହାଉସ୍‌ରେ ରହୁଥା'ନ୍ତି । ପୋଷାକ ତାଙ୍କର ଯେମିତି ଆକର୍ଷଣୀୟ, ତାଙ୍କ କେଶ ସଜ୍ଜା ସେତିକି ଆଧୁନିକ ମନେ ହେଉଥାଏ । ସେ ହିପ୍‌ପି ଶ୍ରେଣୀୟ ଯୁବକ ତାଙ୍କ ଛାତି ପକେଟରେ ଏକ ହଜାର ଟଙ୍କିଆ ନୋଟ୍‌ଟିଏ ଏପରି ରଖିଥା'ନ୍ତି ଯେ ତାହା ଯେ କୌଣସି ବ୍ୟକ୍ତିର ଦୃଷ୍ଟି ଆକର୍ଷଣ କରିବ । (ସେ ସମୟରେ ଏକ ହଜାର ଟଙ୍କାର ମୂଲ୍ୟ ଖୁବ୍ ଅଧିକ) ସେ ଗେଷ୍ଟ ହାଉସ୍‌ରେ ରହିବା ଓ ଡାଇନିଙ୍ଗ୍ ରୁମ୍ ଭୋଜନ ବାବଦରେ କିଛି ଅର୍ଥଦାନ ଦେଇ ନଥା'ନ୍ତି – ବେଶ୍ କିଛି ଦିନ ଅତିକ୍ରାନ୍ତ ହୋଇଯିବା ସତ୍ତ୍ୱେ । କେହି ଜଣେ ଶ୍ରୀମାଙ୍କ ଦୃଷ୍ଟିକୁ ଆଣିଲେ ଏକଥା । ଶ୍ରୀମା ଜଣାଇଲେ, ସେ ଯୁବକଙ୍କୁ ଭେଟିବା ପାଇଁ ସେ ଚାହାନ୍ତି । ଖବର ଗଲା ଓ ସେ ଯୁବକ ଶ୍ରୀମାଙ୍କୁ ଭେଟିଲେ । ପନ୍ଦର କିଂବା କୋଡ଼ିଏ ମିନିଟ ପରେ ଯୁବକ ଜଣକ ଶ୍ରୀମାଙ୍କ କୋଠରିରୁ ବାହାରିଲେ । ଶ୍ରୀମାଙ୍କ ନିର୍ଦ୍ଦେଶ – ସେ ଯୁବକଙ୍କ ଠାରୁ କେହି କିଛି ପଇସାପତ୍ର ନେବେ ନାହିଁ । ସେ ଯେତେଦିନ ରହିବେ ରୁହନ୍ତୁ । କିଛି ଆଶ୍ରମବାସୀଙ୍କ ମଧ୍ୟରେ କଳ୍ପନାଜଳ୍ପନା ଚାଲିଲା, ବୋଧହୁଏ ଯୁବକଜଣକ କିଛି ମୋଟା ଅଙ୍କର ଅନୁଦାନ ଦେବେ, ସେଥିପାଇଁ ଶ୍ରୀମାଙ୍କର ଏଭଳି ନିର୍ଦ୍ଦେଶ । କିଛି ଦିନ ଅନ୍ତେ ଦିନେ ହଠାତ୍ ଉଭାନ ହୋଇ ଗଲେ ବ୍ୟକ୍ତି ଜଣକ । ଦୁଇ ବା ତିନି ଦିନ ପରେ ଆନ୍ତର୍ଜାତିକ ପୋଲିସ ସଂସ୍ଥା(Interpol) ଆସି ପଣ୍ଡିଚେରୀରେ ପହଞ୍ଚିଲେ । ସେମାନେ ଖୋଜୁଥିଲେ ସେହି ହିପ୍‌ପି ଜଣକୁ । ମହାଶୟ ଜଣେ ବଡ଼ଧରଣର ଅପରାଧୀ । କୌଣସି ସୁରାକ ନ ପାଇ ଫେରିଗଲେ ଇଣ୍ଟରପୋଲ୍ । ଅନେକଙ୍କ ମନରେ ଧାରଣା ହେଲା, ଆଶ୍ରମକୁ କୌଣସି ପୋଲିସ ତଦନ୍ତର ସ୍ଥାନ ରୂପେ ବ୍ୟବହାର ନ କରିବା ପାଇଁ ହୁଏତ ସେଭଳି ନିର୍ଦ୍ଦେଶ ଦେଇଥିଲେ ଶ୍ରୀମା । କୌଣସି ଟଙ୍କା ପଇସାର କାରବାର, ଆଶ୍ରମରେ ତା'ର ଉପସ୍ଥିତିର ପ୍ରମାଣ ରୂପେ ସାବ୍ୟସ୍ତ ହୋଇଥା'ନ୍ତା । କିନ୍ତୁ କାହିଁକି ପ୍ରକୃତରେ ଶ୍ରୀମା ସେ ବିଶେଷ ଅଧିକାର ଦେଇଥିଲେ ସେ ବ୍ୟକ୍ତି ଜଣକୁ ? ରହସ୍ୟ ଉଦ୍‌ଘାଟନ ହେଲା କିଛି ଦିନ ପରେ । କେହି ଜଣେ ପ୍ରଶ୍ନ କରନ୍ତେ ଶ୍ରୀମା କହିଥିଲେ – ଯେଉଁ କେତେ ସମୟ ମୋ କୋଠରିରେ ସିଏ ବସିଥିଲା, ସ୍ଥୂଳ ସ୍ତରରେ କିଛି ଆଦାନପ୍ରଦାନ ହୋଇ ନାହିଁ । କିନ୍ତୁ ତା' ଅନ୍ତରାତ୍ମା ନଇଁପଡ଼ି ମୋ ପାଦ ପାଖରେ ବିଳାପ କରିବାକୁ ଲାଗିଲା । ସେ ତା' ଜୀବନରେ ଅନେକ କୁକର୍ମ କରିଛି । ଏବେ କିନ୍ତୁ ସେ ଅନୁତପ୍ତ ଓ ପ୍ରାୟଶ୍ଚିତ କରିବାକୁ ଚାହେଁ । କିନ୍ତୁ ସେ ଏତେ ବେଶୀ ପୋଲିସର ଭୟରେ ଅଛି ଯଦ୍ଦ୍ୱାରା ଏକ ଶାନ୍ତ ଜୀବନ ବିତାଇବା ତା' ପକ୍ଷରେ ସମ୍ଭବ ହେଉ ନାହିଁ । ଶ୍ରୀମାଙ୍କ ଅଭୟବାଣୀ – ଯେହେତୁ ତା' ଅନ୍ତରାତ୍ମା ପ୍ରାୟଶ୍ଚିତ ଚାହେଁ, ତେଣୁ ଏବେଠାରୁ ଯେଉଁଆଡ଼େ ସେ ଯିବ, ସେ ସୁରକ୍ଷିତ ରହିବ । ଯେତେଦିନ ସେ ଏଠି ରହିବାକୁ ଚାହୁଁଛି ନିର୍ଦ୍ୱନ୍ଦ୍ୱରେ ରହୁ ।

ଏକଥା କହି ମନୋଜ ବାବୁ ସ୍ୱଗତୋକ୍ତି କରିବା ପ୍ରାୟ କହିଥିଲେ, ''କରୁଣାର କେଡ଼େ ମୂର୍ତ୍ତିମନ୍ତ ପ୍ରତୀକ ଶ୍ରୀମା !''

ମନୋଜ ଦାସଙ୍କ ସମଗ୍ର ବ୍ୟକ୍ତିତ୍ୱକୁ ଟିକିଏ ନିକଟରୁ ପର୍ଯ୍ୟବେକ୍ଷଣ କଲେ ବୁଝାଯାଏ, ଏକ ଅବିଚଳିତ ଓ ଶାନ୍ତ ମନ ହିଁ ତାଙ୍କୁ ତାଙ୍କ ଅନ୍ତର୍ସତ୍ତା ସହ କ୍ରମାଗତ ଯୋଗାଯୋଗ ରକ୍ଷା କରାଉଥାଏ । କୌଣସି ସମୟରେ କୌଣସି ଅତିରିକ୍ତ ଭାବାବେଗର ଅଧୀନକୁ ଆସିବା, କୌଣସି ଅଯଥା ପ୍ରତିକ୍ରିୟା ଦେବା, କୌଣସି ଅନାବଶ୍ୟକ ଭାଷା ପ୍ରୟୋଗ କରିବା ତାଙ୍କ ଦ୍ୱାରା ଏସବୁ କେବେ ହୋଇ ନାହିଁ । ଏକ ସମ୍ପୂର୍ଣ୍ଣ ଅନ୍ତଃସମତାର ଅଧିକାରୀ ଭଳି ତାଙ୍କର ସମସ୍ତ ପ୍ରଜ୍ଞାଦୀପ୍ତ ଅଭିବ୍ୟକ୍ତି ପ୍ରକାଶ ପାଉଥାଏ ।

ଗତବର୍ଷ (୨୦୨୦) ସେ ପଦ୍ମଭୂଷଣ ଉପାଧିରେ ଭୂଷିତ ହେବା ଖବର ଆସିବା ପରେ ତାଙ୍କ ସହ ସାକ୍ଷାତ୍ ହୋଇଥିଲା । ମୁଁ ପଚାରି ପକାଇଲି, ''ଆଜି ଯେତେବେଳେ ମଣିଷ ନିଜକୁ 'ବିଶ୍ୱମାନବ' ଭାବେ ପରିଚୟ ଦେବାକୁ ଚାହୁଁଛି, ସେତେବେଳେ 'ଭାରତୀୟ ଦର୍ଶନ'ର ମହତ୍ତ୍ୱକୁ କିଭଳି

ଦେଖାଯାଇ ପାରେ ?'' ସେ ସ୍ମିତହସଟିଏ ଖେଳାଇ କହିଲେ, ''ଭାରତୀୟ ଦର୍ଶନର ଅନେକ ଧାରା ରହିଛି । ଯାହା ସର୍ବାଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଧାରା, ତାହା ହେଉଛି – ଆଶାବାଦ । ଆଜିର ପରିସ୍ଥିତି ଯେତେ ବିକଳ ହେଉ ନା କାହିଁକି ଆମ ସମସ୍ତଙ୍କର ଏକ ଉଜ୍ଜ୍ୱଳ ଭବିଷ୍ୟତ୍ ରହିଛି । ଭବିଷ୍ୟତ୍ ପ୍ରତି ଏତେ ଆଶାବାଦୀ ଦୃଷ୍ଟିଭଙ୍ଗୀ ଅନ୍ୟ ସଭ୍ୟତାରେ ଦେଖାଯାଏ ନାହିଁ !''

ପ୍ରାଚୀନ ଭାରତର ଚରିତ୍ରମାନଙ୍କଠାରୁ ଆରମ୍ଭ କରି ଆଧୁନିକ ପୃଥିବୀର ଚରିତ୍ର ଓ ଘଟଣାମାନଙ୍କ ପ୍ରତି ମନୋଜ ବାବୁଙ୍କର ଯେଉଁ ଅନ୍ତର୍ଦୃଷ୍ଟି ଓ ପ୍ରଜ୍ଞାଶୀଳ ଅନୁଶୀଳନ – ସାଂପ୍ରତିକ ଭାରତରେ ତାହା ଖୁବ୍ କମ୍ ଦେଖିବାକୁ ମିଳେ । କଥାପ୍ରସଙ୍ଗରେ ଥରେ ପଚାରିଲି, ''ଋଷି ଦୁର୍ବାସାଙ୍କ ଚରିତ୍ର ଖୁବ୍ ବିଚିତ୍ର ମନେହୁଏ । ଜଣେ ଋଷି, ଯାହାଙ୍କର ନିଜ କ୍ରୋଧ ଉପରେ ଆଦୌ ନିୟନ୍ତ୍ରଣ ନ ଥିଲା ଭଳି ମନେହୁଏ, ସେ ଅଭିଶାପ ଦେବେ ଏବଂ ସେ ଅଭିଶାପ ପୁଣି ଫଳବତୀ ହେବ ! କ'ଣ ଥାଇପାରେ ଏହାର ରହସ୍ୟ ?''

କିଛି କ୍ଷଣ ଧ୍ୟାନସ୍ଥ ରହି ସେ କହିଲେ, ଦୁର୍ବାସା ଜଣେ ସାଧାରଣ ଋଷି ନୁହଁନ୍ତି । ତାଙ୍କ କ୍ରୋଧ ଅହଂ ପ୍ରସୂତ ନୁହେଁ । ଜଣେ ଯେତେବେଳେ ସମ୍ପୂର୍ଣ୍ଣ ରୂପେ ଦିବ୍ୟଶକ୍ତିଙ୍କ ନିକଟରେ ସମର୍ପିତ ହୋଇ ରୁହେ ସେତେବେଳେ ତା' ଭିତରର ସବୁ ସୁଗୁଣ ଓ ଦୁର୍ଗୁଣକୁ ଦିବ୍ୟଶକ୍ତି ତା' ନିଜ କାର୍ଯ୍ୟହାସଲ ପାଇଁ ଏକ ସାଧନ ରୂପେ ବ୍ୟବହାର କରିପାରେ । ଦୁର୍ବାସା ସେହି ଧରଣର ଜଣେ ଅଧିକୃତ ଋଷି । ତାଙ୍କ କ୍ରୋଧକୁ ବିଧାତା ତା'ର ଅନେକ କାର୍ଯ୍ୟହାସଲ ପାଇଁ ବ୍ୟବହାର କରିଛି ।

ସେ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କ ସହ ମୋର ସାକ୍ଷାତ୍ ପ୍ରାୟ ସବୁଦିନ ହେବାକୁ ଲାଗିଲା । ତାଙ୍କ ସହ ସମୟ ବିତାଇବା ମଧ୍ୟ ବଢ଼ିଗଲା । କିନ୍ତୁ ସେ ସମୟରେ ମଧ୍ୟ କେବେ ଅନୁଭୂତ ହୋଇ ନାହିଁ ଯେ ସେ ତାଙ୍କ ଅନ୍ତଃସମତାରେ ଭାରସାମ୍ୟ ହରାଇଛନ୍ତି । ସେତେବେଳେ ''ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ'' ବହିର ଶେଷ ସଂଶୋଧନ ପ୍ରକ୍ରିୟା ଚାଲିଥାଏ । ମୁଁ ପଢୁଥାଏ, ସେ ଶୁଣୁଥା'ନ୍ତି । ଥରେ ନିମ୍ନୋକ୍ତ ବିଷୟଟି ପଢ଼ା ଚାଲିଥାଏ ।

କଲିକତାରେ ଥିବାବେଳେ ଶ୍ରୀଅରବିନ୍ଦଙ୍କୁ ତାଙ୍କର ଜଣେ ବନ୍ଧୁ ପରାମର୍ଶ ଦେଲେ, ସେ କିଛି ଦିନ ପାଇଁ ଦେଓଘର ଯାଇ ସେଠାରେ ରୁହନ୍ତୁ । ଶ୍ରୀଅରବିନ୍ଦ ସେଠାକୁ ଗଲେ ମୃଣାଳିନୀ ଦେବୀ, ସରୋଜିନୀ ଦେବୀ, ଜଣେ ରୋଷେଇଆ ଏବଂ ବନ୍ଧୁ ସୁଧୀର ସରକାରଙ୍କ ସହ । ସୁଧୀର ସରକାରଙ୍କ ସ୍ମୃତିଚାରଣ ଅନୁସାରେ – ''ମୁଁ ଗୋଟିଏ ମୋଟା କାର୍ପେଟ ଉପରେ ଶୋଇଥାଏ । ସେତେବେଳେ ଶ୍ରୀଅରବିନ୍ଦ ମୂଳ ସଂସ୍କୃତ ମହାଭାରତକୁ ଇଂରାଜୀରେ ଅନୁବାଦ କରୁଥା'ନ୍ତି ତାଙ୍କ ଟାଇପ୍ ରାଇଟର ଯୋଗେ । ଦିନେ ମୋତେ ପ୍ରବଳ ଜ୍ୱର ହୋଇଥାଏ । ମୋ ତକିଆ ପାଖରେ ଥୁଆ ହୋଇଥାଏ ସେ ଟାଇପ୍ ହୋଇଥିବା କାଗଜମାନ । ମୁଁ ହଠାତ୍ ବାନ୍ତି କରି ପକାଇଲି ଏବଂ ସେ ବାନ୍ତି ଯାଇ ପଡ଼ିଲା ସେ କାଗଜରାଶିମାନଙ୍କ ଉପରେ । ଶ୍ରୀଅରବିନ୍ଦଙ୍କ ଶାନ୍ତ ମୁଖମଣ୍ଡଳରେ ବିବ୍ରତର ଚିହ୍ନମାତ୍ର ଦେଖିଲି ନାହିଁ । ସେ ସେହି କାଗଜମାନଙ୍କୁ ବଞ୍ଚାଇବା ପାଇଁ ଚେଷ୍ଟା ମଧ୍ୟ କଲେ ନାହିଁ । ଚୁପ୍‌ଚାପ୍ ଉଠି ଆବଶ୍ୟକୀୟ ପରିଷ୍କାର କରି ବସି ରହିଲେ – କୌଣସି ଶବ୍ଦ ଉଚ୍ଚାରଣ ବିନା । ଯାହା ଆମକୁ ଆଶ୍ଚର୍ଯ୍ୟ କରିବା ଉଚିତ, ଭବିଷ୍ୟତରେ ମଧ୍ୟ ସେ ବିଷୟରେ କେବେ ଆଲୋଚନା କରି ନାହାନ୍ତି ।''

ଏହା ପଢ଼ାସରିବାର କିଛି ସମୟ ପରେ ତାଙ୍କର ସୁପ୍ ପିଇବାର ସମୟ ହେଲା । ସୁପ୍ ଆସିଲା । ତାଙ୍କୁ ପିଇବାର ସୁଯୋଗ ଦେବା ପାଇଁ ମୁଁ ଚେୟାରରୁ ଉଠି ପଡ଼ିଲା ବେଳକୁ ମୋ ହାତ ବାଜି ସୁପ୍ ଗ୍ଲାସ୍‌ଟି ଢାଳି ହୋଇଗଲା – ଅଧା ଟେବୁଲ ଉପରେ, ଅଧା ତାଙ୍କ ଉପରେ – ଅର୍ଥାତ୍ ସେ ଘୋଡ଼ାଇ ହୋଇଥିବା ଚାଦର ଉପରେ । ଅତ୍ୟନ୍ତ ବିବ୍ରତ ହୋଇ ମୁଁ ଦୁଃଖ ପ୍ରକାଶ କଲି – ଥରେ, ଦୁଇଥର ଏବଂ ତିନିଥର । ତାଙ୍କ ମୁହଁରେ ଏକ ହାଲୁକା ସ୍ମିତହସ । ସବୁ ପରିଷ୍କାର ସରିଲା ପରେ ମୋ ବିଚଳିତ ଅବସ୍ଥା ପ୍ରଶମିତ ନ ହେବା ଦେଖି ସେ କହିଲେ,– ''ମନେ ପକାନ୍ତୁ, ଟିକିଏ ପୂର୍ବରୁ ଆପଣ ପଢ଼ିଥିବା ବିଷୟକୁ । ଯାହା ହୁଏ, ତା' ପଛରେ କିଛି କାରଣ ଥାଏ, କିଛି ଉଦ୍ଦେଶ୍ୟ ଥାଏ । ତେଣୁ ବ୍ୟସ୍ତ ହୁଅନ୍ତୁ ନାହିଁ ।''

କିନ୍ତୁ ଯାହା ଅନୁଭବ କଲି, ଏଭଳି ଦୁର୍ବଳ ଅବସ୍ଥାରେ ତାଙ୍କ ପାଇଁ ନିର୍ଦ୍ଦିଷ୍ଟ ସମୟରେ ଏକ ପେୟ ଆସିଛି ହୁଏତ ସେ ସାମାନ୍ୟ କ୍ଷୁଧାର୍ତ୍ତ ଥିବେ । ପୁଣି ଥରେ ସୁପ୍ ପ୍ରସ୍ତୁତ ହୋଇ ଆସିଲା ବେଳକୁ ସମୟ ଲାଗିବ – ଏକଥା ଜାଣିବା ସତ୍ତ୍ୱେ ତାଙ୍କ ଭିତରର ନିଶ୍ଚଳ ଶାନ୍ତିରେ ସେ ବିଭ୍ରାଟ ହେବାକୁ ଦେଇ ନଥିଲେ ।

ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଥରେ ପଚାରିବାରୁ ସେ କହିଥିଲେ, ''ଶ୍ରୀଜଗନ୍ନାଥଙ୍କୁ କ୍ୱଚିତ୍ କେହି ପ୍ରକୃତ ଭାବେ ବୁଝନ୍ତି । ଶ୍ରୀଜଗନ୍ନାଥ ହେଉଛନ୍ତି ସମଗ୍ର ବିବର୍ତ୍ତନର ପ୍ରତୀକ ।

ବିବର୍ତ୍ତନର ପ୍ରକ୍ରିୟା ଯେପରି ଆରମ୍ଭ ହୋଇଥିଲା ଜଳ ମଧ୍ୟରୁ, ଶ୍ରୀଜଗନ୍ନାଥଙ୍କ ଯାତ୍ରା ମଧ୍ୟ ଆରମ୍ଭ ଜଳ ମଧ୍ୟରୁ (ତାଙ୍କ ଦାରୁ ସମୁଦ୍ରରୁ ଭାସି ଭାସି ଆସିବା) । ସେ ନିଜେ ହିଁ ବିବର୍ତ୍ତିତ ହୋଇ ଚାଲିଛନ୍ତି ।''

ଆଶ୍ରମ ନର୍ସିଂହୋମ୍‌ରେ ଥିବାବେଳେ ଏକ କଥୋପକଥନ ସମୟରେ ମୁଁ ପଚାରିଲି, ''ଯଦି କେବେ କୌଣସି ବିଷୟରେ କିଛି ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱାବସ୍ଥା ଉପୁଜେ ତେବେ ସବୁଠୁ ଆଦର୍ଶ ପଦକ୍ଷେପ କିପରି ନିଆଯିବା ଉଚିତ ? ସେ ଉତ୍ତର ଦେଇଥିଲେ, ''ଜୀବନର କୌଣସି ଅବସ୍ଥା, କୌଣସି ପଦକ୍ଷେପ ବା ପରିସ୍ଥିତି ଭଗବାନଙ୍କ ପରିସର ବାହାରେ ନୁହେଁ । ଯଦି କେବେ ଦ୍ୱନ୍ଦ୍ୱାବସ୍ଥା ଉପୁଜେ ତେବେ ମନେ ମନେ ଈଶ୍ୱରଙ୍କୁ ସ୍ମରଣ କରି ସେ ଅବସ୍ଥାରେ ସବୁଠୁ ଯାହା ଉଚିତ ମନେ ହେଉଥିବ, ସେ ପଦକ୍ଷେପ ନେଇ ତାହା ତାଙ୍କୁ ସମର୍ପଣ କରାଯିବା ଉଚିତ । ସମର୍ପିତ କାର୍ଯ୍ୟ ଯଦି ଆପାତଃ ଦୃଷ୍ଟିରୁ ଭୁଲ୍ ମାର୍ଗ ବି ହୋଇଥାଏ ତେବେ ସେ ସମର୍ପଣ ଶକ୍ତି ହିଁ ସେ ଭୁଲ୍ ମାର୍ଗ ମଧ୍ୟ ଦେଇ ଆପଣଙ୍କୁ ଆପଣଙ୍କ ଉଚିତ ସ୍ଥାନରେ ଉପନୀତ କରାଇ ଦେବ ।''

ଶେଷବେଳକୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଆହୁରି ଅବନତି ଘଟିଥାଏ । ଥରେ ମୋର ମନେ ହୋଇଥିଲା ତାଙ୍କର ପୂର୍ବ ଲେଖାଲେଖି, ପୂର୍ବ କୃତିତ୍ୱମାନଙ୍କୁ ବୋଧହୁଏ ସେ ସ୍ମରଣ କରିପାରୁ ନାହାନ୍ତି । ଥରେ ପଚାରିଲି – ''କିଛି ବର୍ଷ ତଳେ 'ସମାଜ' ଖବର କାଗଜରେ ଏକ ପ୍ରଶ୍ନୋତ୍ତର ସ୍ତମ୍ଭ ଲେଖିଲା ବେଳେ କେହି ଜଣେ ଆପଣଙ୍କୁ ପ୍ରଶ୍ନ କରିଥିଲେ – ଆପଣଙ୍କର କ'ଣ ମୃତ୍ୟୁ ପ୍ରତି ଭୟ ନାହିଁ ? ଉତ୍ତରରେ ଆପଣ କହିଥିଲେ, ମୃତ୍ୟୁ ପ୍ରତି ଭୟ ନାହିଁ, କିନ୍ତୁ ପୁଣି ଏକ ଶୈଶବ, ପୁଣି ଏକ ଅଜ୍ଞାନତାରୁ ଯାତ୍ରାରମ୍ଭ – ଏସବୁ ପ୍ରତି ସାମାନ୍ୟ ଭୟ ରହିଛି । କିଛି ମନେ ପଡୁଛି ?''

ସେ ମନେ ପକାଇ ପାରିଲେ ନାହିଁ, କିନ୍ତୁ କିଛି ସମୟ ପରେ କହିଲେ, ''ମୋର ତେବେ ଏଇଟା ଅଣଶୈଶବ ଅବସ୍ଥା !'' ମୁଁ ହଠାତ୍ ବୁଝି ନପାରି ଚୁପ୍ ରହିଲି । ପାଖରେ ଉପସ୍ଥିତ ଥିବା ତଥା ତାଙ୍କୁ ଅତ୍ୟନ୍ତ ଆନ୍ତରିକତାର ସହ ଦେଖାଶୁଣା କରୁଥିବା ରେଖା ଅପା ଅଣଶୈଶବ ଶବ୍ଦର ଅର୍ଥ କ'ଣ ବୋଲି ପଚାରିଲେ ।

– ''ଅଣଶୈଶବ ମାନେ ଶୈଶବର ପୂର୍ବାବସ୍ଥା ।''

ମୁଁ ମନେ ପକାଇବାକୁ ଆରମ୍ଭ କଲି ଯେମିତି ତିରିଶର ପୂର୍ବାବସ୍ଥା ଅଣତିରିଶ, ଚାଳିଶିର ଅଣଚାଳିଶ, ସେମିତି ଶୈଶବର ପୂର୍ବାବସ୍ଥା ଅଣଶୈଶବ ।

ଜୀବନର ସେ ଅବସ୍ଥାରେ ମଧ୍ୟ ସାହିତ୍ୟ ଓ ତାଙ୍କ ଭିତରର ଯୋଗାଯୋଗ ମ୍ଳାନ ହୋଇ ନଥିଲା ।

ଅସୁସ୍ଥ ହେବା ପରଠାରୁ ତାଙ୍କ ସହ ମୋର କିଛି କାର୍ଯ୍ୟ ନିର୍ଦ୍ଦିଷ୍ଟ ହୋଇଥାଏ, ତା' ମଧ୍ୟରୁ ସବୁଦିନ ତାଙ୍କୁ ସେଦିନର ଖବର ଶୁଣାଇବା ଅନ୍ୟତମ । ଶେଷଦିନ, ଯେଉଁଦିନ ସେ ଦେହତ୍ୟାଗ କଲେ, ତାଙ୍କ ସହ ମୋର ଶେଷ କଥାବାର୍ତ୍ତା – ''ନିର୍ଭୟ ବାବୁ, ଆପଣ ମୋତେ ଆଜିର ଖବର ଶୁଣାଇ ନାହାନ୍ତି ।'' ତାଙ୍କୁ ଶୁଣାଇବାର ଆଶ୍ୱାସନା ଦେଇ ମୁଁ ଠିଆ ହୋଇ ରହିଲି ନୀରବରେ । କିନ୍ତୁ କିଏ ଜାଣିଥିଲା ସେଦିନର ସବୁଠୁ ବଡ଼ ଖବରର କେନ୍ଦ୍ରବିନ୍ଦୁ ସେ ନିଜେ ହେବେ ବୋଲି ?

ତାଙ୍କ ବ୍ୟକ୍ତିତ୍ୱର ମହାକାଶ ମଧ୍ୟକୁ କେବେ କେବେ ଦୃଷ୍ଟି ପକାଇ ଅନେକଥର ମୋର ମନେ ହୋଇଛି ପାରମ୍ପରିକ ଦୃଷ୍ଟିରୁ ତାଙ୍କ ବେଶପୋଷାକ ସାଧାରଣ ବ୍ୟକ୍ତିଟିଏ ଭଳି ହୋଇଥିଲେ ମଧ୍ୟ ସେ ଜଣେ ''ନିଶଦାଢ଼ୀବିହୀନ ଋଷି'' । ଯଥାର୍ଥରେ ଏକ ଋଷି-ଚେତନାକୁ ବହନ କରୁଥିଲେ ମହାନ୍ ମନୋଜ ଦାସ ।

**– ନିର୍ଭୟ ରଞ୍ଜନ ପାଢ଼ୀ ❑**

*ପ୍ରଶ୍ନ : ଜଣେ ମୃତ ବ୍ୟକ୍ତିର ଶରୀର ଭିତରେ ପରମେଶ୍ୱର ଅବସ୍ଥିତ ଥାଆନ୍ତି କି ?*

ପରମେଶ୍ୱର **ସର୍ବତ୍ର** ରହିଥା'ନ୍ତି; ଏବଂ ମୁଁ ପୁନର୍ବାର କହିରଖୁଛି ଯେ, ଦିବ୍ୟ ପରମସତ୍ତାଙ୍କ ପାଇଁ ଜୀବିତ ବା ମୃତ ବୋଲି କିଛି ନାହିଁ – ସକଳ ବସ୍ତୁ ଶାଶ୍ୱତ ରୂପେ ହିଁ ବିଦ୍ୟମାନ ରହିଛନ୍ତି ।

– ଶ୍ରୀମା

# ଏକ ପରିପୂର୍ଣ୍ଣ ଶୂନ୍ୟତା

ଗତ ଏପ୍ରିଲ ୨୭ ତାରିଖରେ ମନୋଜ ଦାସଙ୍କର ପାର୍ଥିବ ଶରୀର ଆମଠାରୁ ବିଚ୍ଛିନ୍ନ ହୋଇଗଲା – ସେ ଆମକୁ ଛାଡ଼ି ଚାଲିଗଲେ ବୋଲି କହିବା ଯଥାର୍ଥ ବାସ୍ତବତା ହେବ ନାହିଁ । ଯଦିଓ ସେହି ୨୭ ତାରିଖ ରାତି ଆମ ସମସ୍ତଙ୍କ ପ୍ରତି ଯେଉଁ ଦାରୁଣ ଅନୁଭବ ଆଣିଦେଲା ତା'ର ତୁଳନା ନାହିଁ । ହଠାତ୍ ମନେ ହେଲା ଆମ ଅସ୍ତିତ୍ୱର କିଛି ଅଂଶ ସତେକି ଉଭେଇ ଗଲା ।

ମନୋଜ ବାବୁ କାହାକୁ କେତେ କ'ଣ ଦେଇଥିଲେ ସତରେ ! ଯେ ବି ତାଙ୍କୁ ଜାଣିଥିଲେ, ଥରେ ବି ଦେଖିଥିଲେ ସେମାନେ କହନ୍ତି ତାଙ୍କଠାରୁ ଯାହା ପାଇଥିଲେ – ହୁଏତ ପଦଟିଏ  କଥା, ହୁଏତ ସ୍ମିତ ହସ କିଛି, ହୁଏତ ତାଙ୍କ ଲେଖା ବହି, ହୁଏତ କାହାକୁ କାହା ସହିତ ପରିଚୟ କରାଇଛନ୍ତି, ସେତିକିରେ ସମସ୍ତେ ଯେ ବିହ୍ୱଳ ହୋଇ ଯାଆନ୍ତି ତା'ର କାରଣ କ'ଣ ? କାହିଁକି ତାଙ୍କ ଘରୁ ବାହାରି ଆସିଲା ବେଳେ ଯେତେବେଳେ ସେ ତାଙ୍କ ଘର ବାହାରେ ଠିଆ ହୋଇ ବିଦାୟ ଦିଅନ୍ତି, ଅନ୍ତର ପୂର୍ଣ୍ଣ ହୋଇଯାଏ । ମନେ ହୁଏ କିଛି ପାଇଗଲି । ତା'ର କାରଣ ତାଙ୍କର ଭଲପାଇବା ଥିଲା ଦିବ୍ୟ ସ୍ତରର ।

ଓଡ଼ିଆ ଓ ଭାରତୀୟ ସାହିତ୍ୟ ପ୍ରତି ମନୋଜ ଦାସଙ୍କର ଅବଦାନ ଅତୁଳନୀୟ ଓ ଅବିସ୍ମରଣୀୟ । ସେ ଜଣେ ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ଶିଶୁ ସାହିତ୍ୟିକ, କବି ଏବଂ ବାଗ୍ମୀ । ସେ ଉଭୟ ଇଂରାଜୀ ଓ ଓଡ଼ିଆରେ ଲେଖୁଥିଲେ । ସେ ନିଜର ଗପ ଓ ଉପନ୍ୟାସକୁ ଓଡ଼ିଆ ଓ ଇଂରାଜୀ ଉଭୟରେ ମୌଳିକ ଭାବରେ ଲେଖୁଥିଲେ । ଶତାଧିକ ଛାତ୍ର ଛାତ୍ରୀ ତାଙ୍କ ଉପରେ ପି. ଏଚ୍. ଡ଼ି. କରିଛନ୍ତି । ତାଙ୍କ ଉପରେ ଇଂରାଜୀ ଓ ଓଡ଼ିଆରେ ଅନେକ ବହି ଲେଖା ହୋଇଛି । ସେ ନିଜର ଲେଖା ପାଇଁ ଅନେକ ପୁରସ୍କାର, ସମ୍ମାନ ଲାଭ କରିଛନ୍ତି, ପଦ୍ମଶ୍ରୀ ଓ ପଦ୍ମଭୂଷଣ ବି ପାଇଛନ୍ତି । କିନ୍ତୁ ଏ ସମସ୍ତ ଯଶ, ଖ୍ୟାତି ତାଙ୍କ ଜୀବନର ଶେଷ କଥା ନୁହେଁ ।

ପିଲାଟି ଦିନରୁ ସେ ଅତ୍ୟଧିକ ସମ୍ବେଦନଶୀଳ ଥିଲେ । ଜୀବନକୁ ଗଭୀର ଭାବରେ ପ୍ରତ୍ୟକ୍ଷ କରୁଥିଲେ । ''ସମୁଦ୍ର କୂଳର ଏକ ଗ୍ରାମ''ରେ ସେ ନିଜର ପିଲାଦିନ କଥା ଲେଖିଛନ୍ତି । ସେ କେମିତି ଅତି ଛୋଟ ଦିନରୁ ବୁଝିଥିଲେ ମୃତ୍ୟୁକୁ, ଦାରିଦ୍ର୍ୟକୁ, ଚୋରି, ଡକାୟତି, ରୋଗ, ଦ୍ୱିତୀୟ ବିଶ୍ୱଯୁଦ୍ଧକୁ; ଏ ସବୁକୁ ସେ ଭୋଗିଛନ୍ତି, ସହିଛନ୍ତି ଓ ଅତିକ୍ରମ କରିଛନ୍ତି । ସେ ଛୋଟ ଥିଲା ବେଳେ ବି ତାଙ୍କର ପ୍ରଥମ ଆଧ୍ୟାତ୍ମିକ ଅନୁଭବ ହୋଇ ଥିଲା ।

ତାଙ୍କୁ ଚାରିବର୍ଷ ହୋଇ ଥିଲା ବେଳେ ଥରେ ଗୋଟିଏ ଜହ୍ନରାତିରେ ସେ ମାଆଙ୍କ କୋଳରେ ବସି ମାମୁ ଘରୁ ନିଜ ଘରକୁ ଫେରୁଥିଲେ । ତାଙ୍କ ସହିତ ଶିବ ନାମକ ଜଣେ ବ୍ୟକ୍ତି ପାଲିଙ୍କି ସଙ୍ଗେ ସଙ୍ଗେ ଆସୁଥିଲେ । ହଠାତ୍ ଶିବ ପାଲିଙ୍କି ବାହକଙ୍କୁ ଅଟକିବାକୁ କହିଲେ । ମାଆ ପଚାରିଲେ, ''ଏଇଠି, ଶିବ ?'' । ଶିବ କହିଲେ ''ହଁ'' । ମାଆ ଓହ୍ଲାଇବାରୁ ଶିଶୁ ମନୋଜ ବି ତାଙ୍କ ପଛରେ ଗଲେ । ଗୋଟିଏ ଗଛ ମୂଳରେ ପାଉଁଶ ଗଦା ହୋଇଥିଲା । ମାଆ ସେଇଠି କିଛି ସମୟ ଠିଆ ହୋଇ ଆଖିରୁ ଲୁହ ପୋଛି ଫେରିଲେ । ମନୋଜ ଜାଣିଲେ ତାଙ୍କ ମାମୁଙ୍କର ପତ୍ନୀ ଦୁଇଟି ପିଲାଙ୍କୁ ଜନ୍ମ ଦେଇ ଅକାଳରେ ଚାଲି ଯାଇଛନ୍ତି ଓ ସେଠାରେ ତାଙ୍କୁ ସତ୍କାର କରାଯାଇଛି । ମନୋଜ ସେହିଦିନ ପ୍ରଥମ ଅନୁଭବ କଲେ ମୃତ୍ୟୁକୁ ଏବଂ ବୁଝିଗଲେ ଯେ ସବୁ ଯାତ୍ରାର ଶେଷ ଅଛି ।

ତାଙ୍କ ଘରେ କେତେ ଗୁଡ଼ିଏ ବିଲେଇ ଥିଲେ । ସେ ଭିତରୁ ଗୋଟିଏ ଶୀର୍ଣ୍ଣ ଡରୁଆ ବିଲେଇକୁ ଶିଶୁ ମନୋଜ ଭଲ ପାଉଥିଲେ । ଥରେ ସେ ବିଲେଇ କୁଆଡ଼େ ଗଲା ଯେ ଆଉ ଘରକୁ ଫେରିଲା ନାହିଁ । ମନୋଜ ପ୍ରତିଜ୍ଞା କଲେ ବିଲେଇ ନ ମିଳିଲେ ସେ ଖାଇବେ ନାହିଁ । ସମସ୍ତେ ଖୋଜି ଖୋଜି ନୟାନ୍ତ ହେଲେ । ବିଲେଇ କୁଆଡ଼େ ଉଭେଇ ଗଲା ସତେକି । ସେଥିପାଇଁ ମନୋଜ ବହୁତ କଷ୍ଟ ପାଇଲେ । ଦିନେ ସେ ତାଙ୍କ ଘର ଆଗରେ ଥିବା ବିସ୍ତୀର୍ଣ୍ଣ ପଡ଼ିଆ ଆଡ଼େ ଚାହିଁଥିଲେ । ବିଲେଇ ହଜିଯିବାର ବ୍ୟଥା ତାଙ୍କୁ ଆକୁଳ କରୁଥିଲା । ହଠାତ୍ ମନୋଜଙ୍କର ମନେହେଲା ତାଙ୍କ ଘର ଆଗରେ ଥିବା ବିସ୍ତୀର୍ଣ୍ଣ ପଡ଼ିଆ ଓ ଏହି ସମୁଦ୍ର ଏବଂ ତା'ପରେ ରହିଥିବା ଦିଗ୍‌ବଳୟ ନିଶ୍ଚେ ସମସ୍ତଙ୍କ ମୃତ୍ୟୁ ଓ ହଜିଯିବା ପାଇଁ ଦାୟୀ । ଏତେ କମ୍ ବୟସରୁ ସେ ମୃତ୍ୟୁ ଓ ବିଚ୍ଛେଦ ଭିତରର ଗଭୀରତା ଓ ରହସ୍ୟକୁ ବୁଝିଥିଲେ ।

୧୯୪୨ ମସିହାରେ ହେଲା ଏକ ମହାବାତ୍ୟା,

ବଙ୍ଗଳାକୁ ଛିନ୍ନଛତ୍ର କରିଦେଲା । ମନୋଜ ସେହି ବାତ୍ୟାର କରାଳ ରୂପ ଦେଖିଲେ, ପରେ ଦେଖିଲେ ଦ୍ୱିତୀୟ ବିଶ୍ୱ ଯୁଦ୍ଧର ବିଭୀଷିକା । ଯନ୍ତ୍ରଣା, ମୃତ୍ୟୁ, ଚାରିଆଡ଼େ ଶହ ଶହ ଶବ, ଶବମାନଙ୍କର ପୋଷାକକୁ ଦରିଦ୍ର ଲୋକମାନେ ଉତାରି ନେଇ ବିକୁଥିବା ଓ ପିନ୍ଧୁଥିବାର ଦୃଶ୍ୟ, ଦୁର୍ଭିକ୍ଷ, ତା'ର ଭୟାବହତା, ସବୁକିଛି ତାଙ୍କ ସମ୍ବେଦନଶୀଳ ଶିଶୁ ମନରେ ଛାପ ରଖିଦେଲା । ସେ ସେବେଠାରୁ ବୁଝିଲେ ମଣିଷର ନିୟତି ପରିବର୍ତ୍ତିତ ହେବା ଦରକାର । ସେତେବେଳେ ତାଙ୍କୁ ବସନ୍ତ ରୋଗ ହେଲା । ଘରେ ଦୁଇଥର ଡକାୟତି ହେଲା । ଦ୍ୱିତୀୟ ଥର ଡକାୟତି ବେଳେ ମନୋଜ ତାଙ୍କ ଜୀବନର ପ୍ରଥମ ଦିବ୍ୟ ଅଭିଜ୍ଞତା ପାଇଥିଲେ ।

ପ୍ରଥମ ଥର ଡକାୟତମାନେ ଘରେ ପଶିବା ମାତ୍ରେ ମନୋଜଙ୍କ ବାପାଙ୍କ ହାତ ଗୋଡ଼ ବାନ୍ଧି ପକାଇ ଦେଲେ । ତାଙ୍କ ମାଆ ସବୁ ଚାବି ଡାକୁମାନଙ୍କୁ ଦେଇ ଦେଲେ । ମନୋଜ ସେତେବେଳେ ବାପାଙ୍କର ଏ ଅବସ୍ଥା ଦେଖି ହତଚକିତ ହୋଇଗଲେ । ବାପାଙ୍କୁ ସେ ଅଜେୟ ବୋଲି ଭାବିଥିଲେ, ଭାବିଥିଲେ ତାଙ୍କ ବାପାଙ୍କୁ କେହି କେବେ କଷ୍ଟ ଦେଇ ପାରିବ ନାହିଁ । ସେଦିନ ସେ ପ୍ରଥମେ ବୁଝିଲେ ଏସବୁ ଚିନ୍ତାର ନିରର୍ଥକତା । ଏ ପୃଥିବୀରେ କେହି ବି ଅଜେୟ ନୁହେଁ । ତାଙ୍କର ଶକ୍ତିଶାଳୀ ବାପାଙ୍କୁ ମଧ୍ୟ ଏ ସାଧାରଣ ଡାକୁମାନେ ଅସହାୟ କରି ପାରିଲେ ।

ଦ୍ୱିତୀୟ ଥର ଡକାୟତି ବେଳେ ମନୋଜଙ୍କୁ ବସନ୍ତ ରୋଗ ହୋଇଥିଲା । ସେ ଜ୍ୱରରେ ଥରୁଥିଲେ । ତାଙ୍କ ମାଆ ପାଖରେ ବସି ନିମ୍ବ ପତ୍ରରେ ବିଞ୍ଚୁଥିଲେ । ହଠାତ୍ ଡକାୟତମାନେ ଘରେ ପଶିଲେ । ମାଆ ଭିତରୁ କବାଟ କିଳି ଥିଲେ । କିନ୍ତୁ ସେମାନେ ସେଇ କବାଟରେ ଧକ୍କା ମାରି ଭାଙ୍ଗିବାକୁ ଚେଷ୍ଟା କଲେ । ମାଆ କହି ଚାଲିଥା'ନ୍ତି ଯେ ଏଠି କେବଳ ଗୋଟିଏ ଅସୁସ୍ଥ ପିଲା ଛଡ଼ା କିଛି ନାହିଁ । ଡାକୁମାନେ ଧକ୍କା ଦେଇ ଦେଇ ଅଧା ଦ୍ୱାର ଭାଙ୍ଗି ଦେଲେ । ଶେଷ ଧକ୍କାରେ କବାଟ ପୂରା ପଡ଼ି ଯାଇଥା'ନ୍ତା । ମାଆ ମନୋଜଙ୍କୁ କହିଲେ, ''ଏଥର ଭଗବାନଙ୍କୁ ଡାକ ବାପା ।'' ମନୋଜ ବହୁତ କଷ୍ଟରେ ଝରକା ନିକଟକୁ ଗଲେ । ଅଗଣାରେ ଥିବା ତାଙ୍କ ଠାକୁର ଘର ଆଡ଼କୁ ଚାହିଁ ପ୍ରାର୍ଥନା କଲେ । କହିଲେ ଯେ ଭଗବାନଙ୍କର କରୁଣା ବିନା ସେ ଓ ତାଙ୍କ ମା ବଞ୍ଚିବେ ନାହିଁ । ହଠାତ୍ ଡକାୟତମାନେ ଧକ୍କା ମାରିବା ବନ୍ଦ କରି ଦେଲେ । କାରଣ ଏ ଭିତରେ ତାଙ୍କର ବଡ଼ ଭାଇ କୌଣସି ମତେ ଲୁଚି ବାହାରକୁ ଯାଇ ଗାଁ ଲୋକଙ୍କୁ ଖବର ଦେଇ ଦେଇଥିଲେ ଓ ସମସ୍ତେ ହାତ ହତିଆର ଧରି ମାଡ଼ି ଆସିଲେ । ଡକାୟତମାନେ ପଳାଇ ଗଲେ । କିନ୍ତୁ ମନୋଜଙ୍କର ଉପଲବ୍ଧି ହେଲା ଯେ ଭଗବାନ୍ ଅଛନ୍ତି ଓ ଭଗବାନ୍ ସେମାନଙ୍କ ପ୍ରାର୍ଥନା ଶୁଣିଲେ । ଆହୁରି କେତେ ଥର ତାଙ୍କର ଏପରି ଅନୁଭବ ହୋଇଥିଲା ।

ତାଙ୍କ ଲେଖାରେ ଆମେ ଯେଉଁ Fantasy ଦେଖିବାକୁ ପାଉ ତାହା ମଧ୍ୟ ସେଇ ଗାଁରେ ତାଙ୍କର ଚେତନାକୁ ସ୍ପର୍ଶ କରିଥିଲା । ତାଙ୍କ ଗାଁରେ ସ୍ୱତନ୍ତ୍ର ଭାବେ ଧଳା ଓ ନାଲି ରଙ୍ଗର ପଦ୍ମ ଫୁଲ ଫୁଟୁଥିବା ଦୁଇଟି ପୋଖରୀ ଥିଲା । ସେହି ପୋଖରୀକୁ ନେଇ ଗୋଟିଏ ଚମତ୍କାର କାହାଣୀ ଥିଲା । ଗାଁରେ ଭୂତପ୍ରେତ ଓ ଅତୀନ୍ଦ୍ରିୟ ସତ୍ତାମାନଙ୍କୁ ନେଇ ମଧ୍ୟ ଅନେକ କାହାଣୀ ଥିଲା । ସେ ନିଜେ ମଧ୍ୟ ଏମିତି ଅନେକ ଗୂଢ଼ ଜଗତର ରହସ୍ୟ ଅନୁଭବ କରିଥିଲେ । ଏହି ବାଲ୍ୟାବସ୍ଥାରୁ ତାଙ୍କର ପରବର୍ତ୍ତୀ ଜୀବନ କାଳର ଭିତ୍ତିଭୂମି ପଡ଼ି ଯାଇଥିଲା ।

ଏପରି ଏକ ବାଲ୍ୟ ଜୀବନ ବିତାଇବା ପରେ ମନୋଜ ଦାସ ଯେତେବେଳେ କଲେଜରେ ପଢ଼ିଲେ ସେତେବେଳେ ସେ ସ୍ଥିର କଲେ ଯେ ମଣିଷ ଜୀବନରେ ଏଇ ଯେ ବୈଷମ୍ୟ ରହିଛି, ତାହାର ସମାଧାନ ହେବା ଉଚିତ । ସେ ସେତେବେଳେ କମ୍ୟୁନିଜିମ୍ ଭାବ ଧାରାରେ ପ୍ରଭାବିତ ହୋଇଥିଲେ ଓ ସେଥିରେ ଯୋଗ ଦେଲେ । ସକ୍ରିୟ ଭାବରେ କର୍ମ କରିବା ସହିତ ସେ ଲେଖୁଥିଲେ । ତାଙ୍କର ଗଳ୍ପ ନିମିତ୍ତ ସେ ପ୍ରସିଦ୍ଧ ଓ ପ୍ରତିଷ୍ଠିତ ହୋଇ ଯାଇଥିଲେ । ଅଧ୍ୟୟନ ପରେ ସେ ଚାକିରି କଲେ ଓ ପ୍ରତିଜ୍ଞା ଦେବୀଙ୍କୁ ବିବାହ କଲେ । ଧୀରେ ଧୀରେ ସେ ଶ୍ରୀଅରବିନ୍ଦଙ୍କ ଦର୍ଶନ ବିଷୟରେ ଜାଣିଲେ ।

୧୯୬୩ ମସିହାରେ ସପତ୍ନୀକ ପଣ୍ଡିଚେରୀ ଯାଇଥିଲେ । ସେଠାରେ ଶ୍ରୀମାଙ୍କୁ ଦର୍ଶନ କଲା ପରେ ଭାବିଲେ ଏଭଳି ସୌନ୍ଦର୍ଯ୍ୟକୁ ଦେଖିବା ପରେ ଆଉ କ'ଣ କେହି ଏ ଜାଗା ଛାଡ଼ି ଯାଇପାରେ ? ସେ ପ୍ରତିଜ୍ଞା ଦେବୀଙ୍କୁ କହିଲେ ''ଆମେ ଅବସର ପରେ ଏଠି ରହିବା'' । ସେ କହିଲେ, ''ଆଜିଠୁ କାହିଁକି ନୁହେଁ ?'' ତା'ପରେ ସେମାନେ ମାଆଙ୍କ ଅନୁମତି ପାଇଲେ, ଓଡ଼ିଶାରୁ ବିଦାୟ ନେଇ ଆସି ପଣ୍ଡିଚେରୀରେ ସବୁଦିନ ପାଇଁ ରହିଲେ ।

ତାଙ୍କର ସାହିତ୍ୟିକ ଜୀବନ, ଆଧ୍ୟାତ୍ମିକ ଜୀବନ, ସାଂସାରିକ ଜୀବନ ସବୁକିଛି ମାଆଙ୍କ ଆଶ୍ରୟରେ ସମାହିତ ହେଲା ।

ଓଡ଼ିଶାରୁ ବିଦାୟ ନେବା ବେଳେ ସମସ୍ତେ ଭାବିଥିଲେ ସେ ବୋଧହୁଏ ଆଉ ଲେଖିବେ ନାହିଁ । କିନ୍ତୁ ମନୋଜ ବାବୁ ଆହୁରି ଅନେକ କିଛି ଲେଖିଲେ । ତାଙ୍କର ସାଧନା ଗଭୀରତର ହେଲା । ତାଙ୍କ ଜୀବନରେ ତାଙ୍କ ସାଧନାର ପ୍ରଭାବ ପରିଲକ୍ଷିତ ହେଲା । ତାଙ୍କର ସ୍ନେହ ସାର୍ବଜନୀନ ହୋଇଗଲା । ସେ ସର୍ବ ଭାରତୀୟ ସ୍ତରରେ ତାଙ୍କର ଗଳ୍ପ, ଉପନ୍ୟାସ ଓ ଭାଷଣ ନିମିତ୍ତ ସମ୍ମାନିତ ହେଲେ ।

ଅନେକ ପୁରସ୍କାର, ଅନେକ ସମ୍ମାନ, ଅନେକ ସ୍ୱୀକୃତି ସେ ପାଇଥିଲେ; ସମସ୍ତ ଅର୍ଥ ଆଶ୍ରମକୁ ଦେଇ ଦେଉଥିଲେ । ଅର୍ଥ, ଯଶ, ଖ୍ୟାତି ପାଇଁ ତାଙ୍କର ଲୋଭ ନଥିଲା । ସରଳ ନିରାଡ଼ମ୍ବର ଜୀବନଯାପନ କରୁଥିଲେ ସେ । ଓଡ଼ିଶା ଓ ଭାରତର ଅନେକ ସାହିତ୍ୟିକମାନେ ତାଙ୍କର ସାକ୍ଷାତ୍ ପାଇଁ ପଣ୍ଡିଚେରୀ ଆସୁଥିଲେ ।

ମଣିଷର ନିୟତିର ପରିବର୍ତ୍ତନ ପାଇଁ ଶ୍ରୀଅରବିନ୍ଦଙ୍କର ପ୍ରଦର୍ଶିତ ପୂର୍ଣ୍ଣଯୋଗ ହିଁ ଏକମାତ୍ର ସୂତ୍ର ବୋଲି ସେ ତାଙ୍କ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ବକ୍ତୃତା ଦ୍ୱାରା ଅଭିବ୍ୟକ୍ତ କରୁଥିଲେ ।

ଶେଷ ପର୍ଯ୍ୟନ୍ତ ସେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ କର୍ମ କରୁଥିଲେ । ଅସୁସ୍ଥତା ତାଙ୍କର ଆତ୍ମିକ ବଳ ପାଖରେ ହାରି ଯାଇଥିଲା । ସେସବୁ କର୍ମ ସମ୍ପୂର୍ଣ୍ଣ କରି ଶେଷନିଃଶ୍ୱାସ ତ୍ୟାଗ କଲେ ।

ପଣ୍ଡିଚେରୀରେ ମୋର ବାର ବର୍ଷ ରହଣି କାଳରେ ବ୍ୟକ୍ତିଗତ ଭାବରେ ମୁଁ ମନୋଜ ବାବୁ ଓ ପ୍ରତିଜ୍ଞା ଅପାଙ୍କ ଠାରୁ ଯେଉଁ ସ୍ନେହ ଓ ଯତ୍ନ ପାଇଥିଲି ତାହାର ପଟାନ୍ତର ନାହିଁ । ସେଥିପାଇଁ ମୁଁ ମାଆଙ୍କ ପାଖରେ ଓ ତାଙ୍କ ପାଖରେ କେତେ ଯେ କୃତଜ୍ଞ ତାହା ବର୍ଣ୍ଣନା କରି ହେବ ନାହିଁ ।

ପଣ୍ଡିଚେରୀରେ ସମାଧି ଦର୍ଶନ ପରେ ପରେ ଅଧିକାଂଶ ଦର୍ଶନାର୍ଥୀ ମନୋଜ ଦାସଙ୍କ ସାକ୍ଷାତ୍ ପାଇଁ ଯାଉଥିଲେ । ସେ ସମସ୍ତଙ୍କୁ ସ୍ୱାଗତ କରୁଥିଲେ । ଅତିଥି ସତ୍କାରରେ ସେ ଅବହେଳା କରୁ ନଥିଲେ । ଘର ବାହାରକୁ ଆସି ସ୍ମିତହାସ୍ୟ ସହ ବିଦାୟ ଦେଉଥିଲେ ।

ସେ ଘର ସେମିତି ରହିବ । ମନୋଜ ଦାସ କିନ୍ତୁ ଆଉ ଆମକୁ ସ୍ନେହ, ସାନ୍ତ୍ୱନା, ଆଶୀର୍ବାଦ ଦେବାକୁ ନଥିବେ । ସେ ଶୂନ୍ୟତା ନିଶ୍ଚୟ ଏକ ଦାରୁଣ ବାସ୍ତବତା; କିନ୍ତୁ ଅନ୍ୟ ଗୋଟିଏ ସ୍ତରରେ ସେ ନିଶ୍ଚୟ ଜୀବନ୍ତ ଓ ଉଜ୍ଜ୍ୱଳ ହୋଇ ରହିବେ । ତାଙ୍କର ଅସଂଖ୍ୟ ଲେଖା ଭିତରେ ସେ ଅମର ହୋଇ ରହିବେ । ତାଙ୍କର ଦିବ୍ୟ ଭଲ ପାଇବାର ସ୍ପନ୍ଦନ ସଦାବେଳେ ଆଶ୍ରମ ଚାରିପାଖେ ଓ ତାଙ୍କୁ ଭଲ ପାଉଥିବା ଲୋକଙ୍କ ଚେତନାର ବଳୟରେ ଘେରି ରହିଥିବ । ସେ ନ ଥିବାର ଶୂନ୍ୟସ୍ଥାନ ସଦାବେଳେ ତାଙ୍କର ଆତ୍ମିକ ଉପସ୍ଥିତିରେ ପରିପୂର୍ଣ୍ଣ ହୋଇ ରହିଥିବ, ଏହା ନିଃସନ୍ଦେହ । ଏହି ଅନନ୍ୟ ବ୍ୟକ୍ତିତ୍ୱଙ୍କୁ ମୋର ଚିରକାଳର ସମ୍ମାନ ଓ ପ୍ରଣାମ ।

**— ମମତା ଦାଶ**

❑❑❑

*ପ୍ରଶ୍ନ : ବିଦାୟୀ ଆତ୍ମାକୁ ସୁଖୀ ରଖିବା ପାଇଁ ଆମର କ'ଣ କରିବା ଉଚିତ, ଯଦ୍ୱାରା ତାହା ଉତ୍ତମ ପରିବେଶ ମଧ୍ୟରେ, ଉଦାହରଣ ସ୍ୱରୂପ ଏକ ଆଧ୍ୟାତ୍ମିକ ବାତାବରଣରେ ପୁନର୍ବାର ଜନ୍ମ ନେଇପାରିବ ?*

ଦୁଃଖରୁ ମୁକ୍ତ ରହି ଅତ୍ୟନ୍ତ ଶାନ୍ତ ଏବଂ ସ୍ଥିର ରୁହ, ଏବଂ ବିଦାୟୀ ଆତ୍ମାଙ୍କୁ ଶ୍ରଦ୍ଧାର ସହ ସ୍ମରଣ କର ।

— ଶ୍ରୀମା

# ମନୋଜ ଦାସ : ଏକ ଏବଂ ଅଦ୍ୱିତୀୟ

ସେଦିନ ଥିଲା ମାର୍ଚ୍ଚ ୨୫ ତାରିଖ, ଉଣେଇଶି ଶହ ଅଣାନବେ ମସିହା । ତିଥି ଥିଲା ପବିତ୍ର ଦୋଳ ପୂର୍ଣ୍ଣିମା । ଖଣ୍ଡଗିରି ମାତୃବିହାରସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ସନ୍ଧ୍ୟାବେଳେ ଏକ ବନ୍ଧୁମିଳନର ଆୟୋଜନ କରାଯାଇଥିଲା । ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଲେଖକ ମନୋଜ ଦାସ ସେଥିରେ ଯୋଗ ଦେଉଛନ୍ତି ଶୁଣି ମୋର ଆନନ୍ଦର ସୀମା ନ ଥିଲା । ସ୍କୁଲରେ ପଢ଼ିବା ଦିନରୁ ତାଙ୍କର ଗଳ୍ପମାନଙ୍କର ମାୟାରେ ପଡ଼ି ଯାଇଥିଲି । ଯେତେ ଥର ପଢ଼ିଥିଲେ ମଧ୍ୟ ବାରଂବାର ପଢ଼ିବାରେ କ୍ଳାନ୍ତି ନଥାଏ ମୋର । ପ୍ରତ୍ୟେକ ଥର ପଢ଼ିବା ବେଳେ ଯେମିତି ନୂଆ ଏକ ଦିଗନ୍ତ ମୋର ଚେତନାରେ ଉଦ୍ଭାସିତ ହୋଇଉଠେ । ବିଶ୍ୱବିଖ୍ୟାତ ସେହି ମହାନ୍ ସାହିତ୍ୟିକଙ୍କୁ ଆମ ଅନୁଷ୍ଠାନର ପରିସର ମଧ୍ୟରେ ଦେଖିବାର ସୁଯୋଗ ମିଳିବ – ସେହି ମହାର୍ଘ ମୁହୂର୍ତ୍ତଟିକୁ ମୁଁ ଖୁବ୍ ଉତ୍କଣ୍ଠିତ ଭାବରେ ଅପେକ୍ଷା କରିଥିଲି । ତାଙ୍କୁ ଭେଟିଲେ କ'ଣ ସବୁ ପଚାରିବି, ସେସବୁ କଥା ମନ ଭିତରେ ସଜାଡ଼ି ରଖିଥାଏ । ମନୋଜ ଦାସଙ୍କ ଆସିବା କଥା ଜାଣି ବେଶ୍ ଗହଳି ହୋଇଥିଲା । ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ବେଢ଼ି ରହିଥିବାର ଦେଖି ତାଙ୍କ ପାଖକୁ ଯିବାକୁ ସଙ୍କୋଚ ହେଉଥାଏ । ଆମ ଅନୁଷ୍ଠାନ ସହିତ ନିବିଡ଼ ଭାବରେ ସଂପୃକ୍ତ ବିଶିଷ୍ଟ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ ମୋତେ କହିଲେ, ''ଆ – ତୋତେ ମନୋଜ ଦାସଙ୍କ ସହିତ ପରିଚୟ କରାଇ ଦେବି ।'' ଖୁବ୍ ଆନନ୍ଦରେ ମୁଁ ତାଙ୍କ ସହିତ ଗଲି । ନୀଳମଣି ମଉସା ମୋତେ ମନୋଜ ଦାସଙ୍କ ଆଗରେ ପହଞ୍ଚାଇ ଦେଇ କହିଲେ, ''ଇଏ ପ୍ରବୀଣା । ଆମ ସ୍କୁଲରେ ଶିକ୍ଷକ ଅଛି । ଭଲ ଲେଖାଲେଖି କରୁଛି ।'' ମୋତେ ଲାଗିଲା ଯେମିତି ବିରାଟ ବଟବୃକ୍ଷ ଆଗରେ ଛୋଟିଆ ଦୂବଘାସଟିକୁ ସେ ପରିଚିତ କରାଉଛନ୍ତି, ଇଏ ବି ଗୋଟେ ଗଛ !''

''ଆଚ୍ଛା ! କ'ଣ ସବୁ ଲେଖୁଛନ୍ତି ଆପଣ ?'' ସ୍ନେହ କୋମଳ କଣ୍ଠରେ ପଚାରିଥିଲେ ମନୋଜ ଦାସ । ଓଡ଼ିଆ ସାହିତ୍ୟର ସେହି ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କର ଉଜ୍ଜ୍ୱଳ ପ୍ରତିଭା ନିକଟରେ ମୁଁ ସାମାନ୍ୟ ଜୁଳୁଜୁଳିଆ ପୋକଟିଏ ମଧ୍ୟ ନୁହେଁ । କେମିତି କହିବି, ମୁଁ ଜଣେ ଲେଖିକା ବୋଲି ?'' ''ତୁ କ'ଣ ପଚାରିବୁ ପରା ମନୋଜ ଦାସଙ୍କୁ ?'' ନୀଳମଣି ମଉସା ମନେ ପକେଇ ଦେଲେ । ମୋ ଭିତରେ ଆଉ କିଛି ପ୍ରଶ୍ନ ନଥିଲା । ମୋର ପ୍ରିୟ ଲେଖକଙ୍କୁ ଭେଟିବାର ଆନନ୍ଦରେ ମୋ ହୃଦୟ ପରିପୂର୍ଣ୍ଣ ହୋଇ ଯାଇଥିଲା । କୁଣ୍ଠିତ ଭାବରେ ମୋର ଅଟୋଗ୍ରାଫ୍ ଡାଏରିଟିକୁ ତାଙ୍କ ହାତକୁ ବଢ଼ାଇ ଦେଇ ସେଥିରେ ମୋ ପାଇଁ ଧାଡ଼ିଏ ଲେଖିଦେବାକୁ ଅନୁରୋଧ କଲି । ସେଥିରେ ଲେଖୁ ଲେଖୁ ସେ କହିଲେ, ''ଆପଣଙ୍କର ଯଦି କିଛି ପଚାରିବାକୁ ଥିବ, ମୋତେ ଚିଠି ଲେଖିବେ ।'' ମୁଁ ସମ୍ମତି ଜଣାଇ ତାଙ୍କ ପାଖରୁ ଚାଲି ଆସିଥିଲି । ସେଦିନ ମୋର ଅଟୋଗ୍ରାଫ୍ ଡାଏରିରେ ଶ୍ରୀଅରବିନ୍ଦଙ୍କର ବାର୍ତ୍ତାଟିଏ ଲେଖି ଦେଇଥିଲେ ମନୋଜ ଦାସ । ସେଇ ବାର୍ତ୍ତାଟି ଥିଲା : "An eternal perfection is moulding us into its own image." ପରବର୍ତ୍ତୀ ସମୟରେ ମୁଁ ଆହୁରି ଦୁଇଥର ତାଙ୍କ ଆଗରେ ମୋର ଅଟୋଗ୍ରାଫ୍ ଡାଏରିଟି ରଖିଛି । ଥରେ ତା : ୧୪.୦୪.୯୫ରେ ଏବଂ ଆଉ ଥରେ ତା : ୦୮.୦୧.୯୬ରେ । ଆଶ୍ଚର୍ଯ୍ୟ ହୋଇଛି ମୁଁ । ସେଇ ଗୋଟିଏ ବାର୍ତ୍ତା ହିଁ ସେ ପ୍ରତ୍ୟେକ ଥର ଲେଖିଛନ୍ତି ମୋ ପାଇଁ । ତୃତୀୟ ଥର ସେହି ବାର୍ତ୍ତାଟି ଲେଖିବା ପରେ ମୁଁ ବିସ୍ମିତ ହୋଇ ପଚାରିଥିଲି ଏହାର କାରଣ । ପୂର୍ବଥରମାନଙ୍କରେ ଲେଖିଥିବା ସେହି ବାର୍ତ୍ତାଟି ଦେଖାଇଲି ତାଙ୍କୁ । ପ୍ରଥମେ ସେ ଟିକେ ଆଶ୍ଚର୍ଯ୍ୟ ହେଲେ । ତା'ପରେ ହସି ହସି କହିଲେ, ''ଯଦିଓ ମୋର ସମ୍ପୂର୍ଣ୍ଣ ଅଜାଣତରେ ମୁଁ ଏକଇ ବାର୍ତ୍ତା ବାରଂବାର ଲେଖିଛି, ବର୍ତ୍ତମାନ ମନେ ହେଉଛି ଏହି ବାର୍ତ୍ତା ପଛରେ ଆପଣଙ୍କ ପାଇଁ ନିର୍ଦ୍ଦିଷ୍ଟ କିଛି ଉଦ୍ଦେଶ୍ୟ ରହିଛି । ଏକଥା ଆପଣ ଉପଲବ୍ଧି କରିବେ ବୋଲି ମୋର ବିଶ୍ୱାସ ।''

ଏତେ ବଡ଼ ସାହିତ୍ୟିକଙ୍କୁ ଚିଠି ଲେଖିଲେ ସିଏ ଯେ ଉତ୍ତର ଦେବେ, ସେ ବିଶ୍ୱାସ ମୋର ନଥିଲା । ପୂର୍ବରୁ କୌଣସି ବିଶିଷ୍ଟ ଲେଖକ/ଲେଖିକାଙ୍କର ଲେଖା ମନକୁ ଛୁଇଁଗଲେ ମୁଁ ଚିଠି ଲେଖୁଥିଲି । କିନ୍ତୁ କ୍ୱଚିତ୍ କାହା ପାଖରୁ ସୌଜନ୍ୟମୂଳକ ଉତ୍ତରଟିଏ ପାଉଥିଲି । ମୋର ସେହି ଧାରଣାକୁ ବଦଳାଇ ଦେଇଥିଲେ ମନୋଜ ଦାସ । ପ୍ରତ୍ୟେକ ଚିଠିର ଉତ୍ତର ସେ ଦେଉଥିଲେ । ତାଙ୍କର ସ୍ୱହସ୍ତ ଲିଖିତ ପତ୍ର ପାଇବା ପରେ ନିଜକୁ ଖୁବ୍ ଭାଗ୍ୟବତୀ ମନେ କରୁଥିଲି । ଇତି ମଧ୍ୟରେ ମନୋଜ ଦାସଙ୍କର ଗଳ୍ପମାନଙ୍କୁ ଆହୁରି ଭଲ ଭାବରେ ବୁଝିବା ପାଇଁ

ଉତ୍କଳ ବିଶ୍ୱବିଦ୍ୟାଳୟରେ ପି. ଏଚ୍. ଡି. ଗବେଷଣା ନିମନ୍ତେ ମୋର ନାମ ପଞ୍ଜିକୃତ କରାଇଥିଲି । ପ୍ରଫେସର ସଂଘମିତ୍ରା ମିଶ୍ର ଥିଲେ ମୋର ମାର୍ଗଦର୍ଶିକା । ଗବେଷଣା କାର୍ଯ୍ୟର ଅୟମାରମ୍ଭରେ ମନୋଜ ଦାସଙ୍କର ଆଶୀର୍ବାଦ କାମନା କରି ମୁଁ ଚିଠିଟିଏ ଲେଖିଥିଲି । ପିମ୍ପୁଡ଼ିଟିଏ ପର୍ବତର ବିରାଟତ୍ୱ କଳନା କରିବାର ଦୁଃସାହସ କରିଛି ବୋଲି ଲେଖିଥିଲି ମୋ ଚିଠିରେ । ଖୁବ୍ ଶୀଘ୍ର ତାଙ୍କ ନିକଟରୁ ଶୁଭେଚ୍ଛାପୂର୍ଣ୍ଣ ଚିଠିଟିଏ ପାଇଲି । ତାଙ୍କ ଗଳ୍ପମାନଙ୍କର ଯେଉଁ ବିଭାବକୁ ନେଇ ମୋର ଗବେଷଣାର ପ୍ରସଙ୍ଗ ରଖିଥିଲି, ସେ ସମ୍ପର୍କରେ କିଛି ଦିଗ୍‌ଦର୍ଶନ ମଧ ଦେଇଥିଲେ ସେ ।

ଏଇଠୁ ଆରମ୍ଭ । ଯେଉଁ କଥାସବୁ ପ୍ରତ୍ୟକ୍ଷରେ ପଚାରି ପାରି ନ ଥିଲି ପତ୍ର ମାଧ୍ୟମରେ ତାହା ଜଣାଇ ଉତ୍ତର ପାଇଗଲି । ମନୋଜ ଦାସଙ୍କର ପ୍ରତ୍ୟେକ ଚିଠି ମୋ ଭିତରର ଆତ୍ମବିଶ୍ୱାସକୁ ସୁଦୃଢ଼ କରିବାରେ ସାହାଯ୍ୟ କରିଛି । ପରବର୍ତ୍ତୀ ସମୟରେ ତାଙ୍କ ସହିତ ବାରଂବାର ସାକ୍ଷାତ୍ ହୋଇଛି । ତାଙ୍କର ସ୍ନେହପୂର୍ଣ୍ଣ ସାନ୍ନିଧ୍ୟରେ ମୋ ଭିତରର ସମସ୍ତ କୁଣ୍ଠା ଦୂର ହୋଇଯାଇଛି । ସୁଯୋଗ ପାଇବା ମାତ୍ରେ ମୁଁ ତାଙ୍କୁ ପ୍ରଶ୍ନ ପରେ ପ୍ରଶ୍ନ ପଚାରିଚାଲେ । ଅତ୍ୟନ୍ତ ସହୃଦୟତାର ସହିତ ସେ ମୋର ସମସ୍ତ ପ୍ରଶ୍ନର ଉତ୍ତର ସହାସ୍ୟ ବଦନରେ ଦିଅନ୍ତି ।

ଥରେ ତାଙ୍କୁ ବିଦାୟ ଦେବା ପାଇଁ ଆମେ ଭୁବନେଶ୍ୱର ବିମାନ ବନ୍ଦରକୁ ଯାଇଥାଉ । ସେଇଠି ପହଞ୍ଚିବା ପରେ ଜାଣିବାକୁ ପାଇଲୁ ପ୍ଲେନ୍ ଦୁଇଘଣ୍ଟା ବିଳମ୍ବରେ ଆସିବ । ମନୋଜ ଦାସଙ୍କୁ ବିଦାୟ ସମ୍ଭାଷଣ ଜଣାଇ ଅନେକ ବ୍ୟକ୍ତି ଫେରିଗଲେ । ଆମେ ତିନି ଚାରିଜଣ ମାତ୍ର ରହିଲୁ ତାଙ୍କ ପାଖରେ । ଓଡ଼ିଶା ମାଟିର ଏଭଳି ସୁଯୋଗ୍ୟ ବରପୁତ୍ର ତଥା ଆମମାନଙ୍କର ଅତ୍ୟନ୍ତ ପ୍ରିୟ ମଣିଷ ଜଣଙ୍କୁ ଏକୁଟିଆ ଛାଡ଼ି ଦେଇ ଆସିବାକୁ ଚାହିଁ ନଥିଲୁ ଆମେ । ସେଇଠି ଅପେକ୍ଷା ଗୃହରେ ବସି ରହିଲୁ ତାଙ୍କ ପାଖରେ । ପ୍ରାୟ ଦୁଇଘଣ୍ଟା ଧରି ବିଭିନ୍ନ ପ୍ରସଙ୍ଗରେ ମୁଁ ପ୍ରଶ୍ନ ପଚାରି ଚାଲିଥାଏ । ସାହିତ୍ୟଠାରୁ ଆରମ୍ଭ କରି ରାଜନୀତି ତଥା ଆଧ୍ୟାତ୍ମିକତା ପର୍ଯ୍ୟନ୍ତ । ଯେଉଁ ଯେଉଁ ପ୍ରଶ୍ନ ସେତିକିବେଳେ ମୋ ମନକୁ ଆସିଲା ଗୋଟିଏ ପରେ ଗୋଟିଏ ପଚାରି ଚାଲିଥାଏ । ଖୁବ୍ ଧୈର୍ଯ୍ୟର ସହିତ ଅକାତର ଭାବରେ ସେ ମୋର ସମସ୍ତ ଜିଜ୍ଞାସାର ପରିପୂର୍ତ୍ତି କରୁ ଥାଆନ୍ତି । ହଠାତ୍ ସଚେତନ ହେଲି ମୋର ଆଚରଣ ସମ୍ପର୍କରେ । କହିଲି, ‘‘ସାର୍, ଆପଣ ବିରକ୍ତ ହେଉ ନାହାନ୍ତି ତ ? ମୋତେ ଲାଗୁଛି ମୁଁ ଯେମିତି ରବି ଠାକୁରଙ୍କ ‘କାବୁଲିୱାଲା’ ଗପର ‘ମିନି’ ପାଲଟି ଯାଇଛି ଆପଣଙ୍କ ପାଖରେ । ମନୋଜ ଦାସ ତାଙ୍କର ସ୍ୱଭାବସୁଲଭ ଅମାୟିକ କଣ୍ଠରେ କହିଲେ, ‘‘ବାଃ – ତୁମେ ନିଜ ପାଇଁ ବଢ଼ିଆ ରୋଲ୍‌ଟେ ବାଛି ନେଇ ମୋତେ ‘କାବୁଲିୱାଲା’ ବନେଇଦେଲ ?’’ ତାଙ୍କର କହିବାର ଢଙ୍ଗଟି ଏତେ ମଜାଳିଆ ଥିଲା ଯେ ଆମେ ସମସ୍ତେ ଖୁବ୍ ଜୋର୍‌ରେ ହସି ଉଠିଥିଲୁ । ସେଇ ମୁହୂର୍ତ୍ତରେ ମୋର ମନେ ହୋଇଥିଲା ତାଙ୍କ ଗପମାନଙ୍କରେ ଥିବା ରୀନା, ମୀନା, ସୀତା, ଲକ୍ଷ୍ମୀ ଆଦି ଟିକି ଝିଅମାନଙ୍କ ସହିତ ମୁଁ ମଧ ସାମିଲ ହୋଇ ଯାଇଛି । ତାଙ୍କ ପାଖରେ ଥିବାବେଳେ ମୋର ମନେ ହୁଏ ବିଶ୍ୱବିଖ୍ୟାତ କୌଣସି ସାହିତ୍ୟକଙ୍କ ନିକଟରେ ନୁହେଁ, ମୁଁ ଯେମିତି ମୋର ପରମ ଶୁଭେଚ୍ଛୁ, ଖୁବ୍ ସ୍ନେହୀ ମୋର ବଡ଼ଭାଇ କିଂବା ବାପାଙ୍କୁ ଭେଟୁଛି । ଧୀରେ ଧୀରେ ତାଙ୍କ ସହିତ ମୋର ସମ୍ପର୍କ ଏଭଳି ହେଲା ଯେ ମୋର ସୁଖଦୁଃଖ, ଭଲମନ୍ଦ ସମସ୍ତ ବିଷୟ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ଜଣାଇ ପାରିଲି । ମୋ ପାଇଁ ଯାହା ଜଟିଳ ସମସ୍ୟା ଭଳି ମନେ ହେଉଥାଏ ସେହି ବିଷୟଟି ତାଙ୍କୁ ଜଣାଇ ଦେଇ ମୁଁ ଆଶ୍ୱସ୍ତ ହୋଇଯାଏ । ତାଙ୍କ ପତ୍ରରେ ଯେଉଁ ସ୍ନେହ ତଥା ସଦିଚ୍ଛାର ସ୍ପର୍ଶ ଥାଏ, ମୋର ସବୁ ସମସ୍ୟାର ସମାଧାନ ଆପେ ଆପେ ହୋଇଯାଏ ।

ଜଣେ ବିଶ୍ୱପ୍ରସିଦ୍ଧ ବ୍ୟକ୍ତି କେତେ ସହଜ, ସରଳ, ବିନମ୍ର ତଥା ଅମାୟିକ ହୋଇ ପାରନ୍ତି, ତାଙ୍କ ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି – ସେ ନିଶ୍ଚିତ ଉପଲବ୍ଧି କରିଛନ୍ତି । ଅହଂକାର ବିବର୍ଜିତ ତାଙ୍କର ଆଚରଣ ଆଉ ଉଚ୍ଚାରଣ । ତାଙ୍କ ସଦା ସ୍ମିତହାସ୍ୟମଣ୍ଡିତ ମୁଖମଣ୍ଡଳ ସମସ୍ତଙ୍କୁ ଆପଣାପଣରେ ବାନ୍ଧିରଖେ । ଜଣେ ସାହିତ୍ୟିକ ଭାବରେ ଯେତିକି ସେ ସମ୍ମାନନୀୟ, ଜଣେ ଅତ୍ୟନ୍ତ ଭଲ ମଣିଷ ଭାବରେ ସେ ଲକ୍ଷ ଲକ୍ଷ ପାଠକ ତଥା ଶ୍ରୋତାଙ୍କ ହୃଦୟରେ ସୁପ୍ରତିଷ୍ଠିତ । ସାହିତ୍ୟର ପ୍ରାୟ ପ୍ରତ୍ୟେକ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି । ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଭ୍ରମଣ କାହାଣୀ, ଶିଶୁ ସାହିତ୍ୟ, ଖବର କାଗଜ ପାଇଁ ସ୍ତମ୍ଭ ଲିଖନ ତଥା ପତ୍ରିକା ସମ୍ପାଦନା – ସବୁଥିରେ ତାଙ୍କର ଉତ୍କର୍ଷତା ପ୍ରତିପାଦିତ ହୋଇଛି । ତାଙ୍କର ସାରସ୍ୱତ ସୃଷ୍ଟି ସମ୍ଭାରର ତାଲିକା ଯେମିତି ଦୀର୍ଘ – ତାଙ୍କୁ ମିଳିଥିବା ପୁରସ୍କାର ଏବଂ ସମ୍ମାନର ତାଲିକା ମଧ ସେହିଭଳି ସୁଦୀର୍ଘ । ତାଙ୍କ ନାମ ସହିତ ସଂପୃକ୍ତ ହେବା ପରେ ପୁରସ୍କାରମାନେ ବି ଗୌରବାନ୍ୱିତ ହୋଇଯାଆନ୍ତି । ସେ କିନ୍ତୁ ସମସ୍ତ ପୁରସ୍କାର ଏବଂ ସମ୍ମାନର

*(ଅବଶିଷ୍ଟାଂଶ ୪୫ ପୃଷ୍ଠାରେ ଦେଖନ୍ତୁ)*

# ଓଡ଼ିଆ ଓ ଇଂରାଜୀ ସାହିତ୍ୟର ମହାରଥୀ : ମନୋଜ ଦାସ

ସମସ୍ତଙ୍କୁ ଯିବାକୁ ହେବ । ଆସିବା ଯେପରି ସତ୍ୟ ଯିବା ମଧ୍ୟ ସେହିପରି ସତ୍ୟ । ଫେବ୍ରୁଆରୀ ୨୭ ତାରିଖ ୧୯୩୪ରେ ସେ ପୃଥିବୀକୁ ଆସିଥିଲେ; ଏପ୍ରିଲ ୨୭ ତାରିଖ ୨୦୨୧ରେ ପୃଥିବୀରୁ ବିଦାୟ ନେଲେ ।

ସିଏ ଥିଲେ ମଣିଷ ପରି ମଣିଷଟିଏ । ମାନବିକତାର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କର ନମ୍ର, ଭଦ୍ର, ଅମାୟିକ ବ୍ୟବହାର ମନକୁ ଛୁଇଁଯାଏ । ଶ୍ରୀମା ଶ୍ରୀଅରବିନ୍ଦ ଥିଲେ ତାଙ୍କ ଜୀବନର ଧ୍ରୁବତାରା । ସିଏ ଜଣେ ଆଶ୍ରମବାସୀ, ଏହା ତାଙ୍କର ଆନନ୍ଦ ଥିଲା ।

ଅତି ଅଳ୍ପ ବୟସରୁ ତାଙ୍କର ଲେଖନୀ ଚାଳନା ଆରମ୍ଭ ହୋଇ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ଥିଲା । ତାଙ୍କ ଲିଖିତ ଅସଂଖ୍ୟ ଓଡ଼ିଆ ଓ ଇଂରାଜୀ ପୁସ୍ତକ ଅଗଣିତ ପାଠକଙ୍କୁ ଜୀବନ ବଞ୍ଚିବାର ପ୍ରେରଣା ଦେଇଛି ଓ ଦେଉଥିବ । ଲେଖନୀ ତାଙ୍କର କାଳଜୟୀ, ଇତିହାସର ପୃଷ୍ଠାରେ ସିଏ ଚିରକାଳ ଉଜ୍ଜ୍ୱଳ ହୋଇ ରହିବେ । ''ଅମୃତ ଫଳ'' ତାଙ୍କ ରଚନାର ଶ୍ରେଷ୍ଠକୃତି; ସେଥିପାଇଁ ତାଙ୍କୁ ସାହିତ୍ୟର ବିଶିଷ୍ଟ ସମ୍ମାନ ''ସ୍ୱରସ୍ୱତୀ ସମ୍ମାନ''ରେ ଭୂଷିତ କରାଯାଇଛି । ଅମୃତଫଳ ପାଠ କରି ଡାଲିୟା ସରକାର ନାମ୍ନୀ ଜଣେ ଆଶ୍ରମବାସୀ ଭଗିନୀ ଏତେ ଅନୁପ୍ରାଣିତ ଓ ପ୍ରଭାବିତ ହେଲେ ଯେ ଓଡ଼ିଆ ଭାଷା ଶିଖି ସମୁଦାୟ ପୁସ୍ତକଟିକୁ ବଙ୍ଗଳାରେ ଅନୁବାଦ କରିଛନ୍ତି । ତାଙ୍କର ଏହି ବିରଳ ଅବଦାନ ପାଇଁ ବହୁ ବେଙ୍ଗଲୀ ପାଠକ ମନୋଜ ଦାସଙ୍କର ଅମୃତ ଫଳ ପଢ଼ିବାର ସୌଭାଗ୍ୟ ପାଇଛନ୍ତି । ଜୀବନରେ ବହୁ ସମ୍ମାନ ଓ ପୁରସ୍କାର ତାଙ୍କୁ ମିଳିଛି । ଜାତୀୟ ସ୍ତରରେ ପଦ୍ମଶ୍ରୀ, ପଦ୍ମଭୂଷଣ ଉପାଧି ମିଳିଛି । ପଣ୍ଡିଚେରୀର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନାରାୟଣ ସ୍ୱାମୀ ତାଙ୍କ ନିବାସକୁ ଆସି ଚନ୍ଦନର ମାଳା, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ମାନ ଜଣାଇଥିଲେ । ପଡ଼ୋଶୀ ହିସାବରେ ମୁଁ ଏହା ଦେଖିଛି । ପଣ୍ଡିଚେରୀର ତତ୍‌କାଳୀନ ଲେଫଟ୍‌ନାଣ୍ଟ ଗଭର୍ଣ୍ଣର କିରଣ ବେଦୀ ତାଙ୍କୁ ଏବଂ ଆଶ୍ରମର ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ରାଜଭବନକୁ ନିମନ୍ତ୍ରଣ କରି ଆପ୍ୟାୟନ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ସମୟର ଚୋରା ବାଲିରେ ସବୁକିଛି ହଜି ଯିବ । କିନ୍ତୁ ତାଙ୍କର ଲେଖନୀ ନିସୃତ ଅସଂଖ୍ୟ ପୁସ୍ତକ ତାଙ୍କୁ ଦିଗନ୍ତ ପ୍ରସାରି ଚିର ସବୁଜ ତଥା ଅମର କରି ରଖିବ ।

ସେ ଛାଡ଼ି ଯାଇଛନ୍ତି ଏକ ବିରାଟ ଐତିହ୍ୟ, ପରମ୍ପରା ଓ ତାଙ୍କ ପ୍ରିୟ ସହର ପଣ୍ଡିଚେରୀ । ଏହା ହେଉଛି ତାଙ୍କ ଜୀବନର ସାର୍ଥକତା । ବହୁ ଦିନରୁ ସେ ଅସୁସ୍ଥ ଥିଲେ । ବ୍ୟାଧି ଯେତେ ପୀଡ଼ାଦାୟକ ହେଲେ ବି ତାଙ୍କୁ ବିଭ୍ରାନ୍ତ କରି ନାହିଁ । ସିଏ ଥିଲେ ମୃତ୍ୟୁଞ୍ଜୟୀ । ଜୀବନର ସାର୍ଥକତା ସେ ପ୍ରତିପାଦନ କରି ଯାଇଛନ୍ତି ।

କର୍ମକ୍ଳାନ୍ତ ଶରୀର ମିଶି ଯାଇଛି ମହାସମୁଦ୍ରରେ । ଧୂପ ଆଉ ଫୁଲର ମହକ ଭିତରେ ସେ ଶୋଇଥିଲେ । ନିର୍ଭୟତାର ଢେଉ ମୁହଁ ଉପରେ ଲହଡ଼ି ଭାଙ୍ଗୁଥିଲା । ତାଙ୍କୁ ଚାହିଁଲେ ଇଏ ମୃତ୍ୟୁ ନା ଧ୍ୟାନ ! – ଏପରି ଭ୍ରମ ସୃଷ୍ଟି ହେଉଥିଲା । ସେ ଆସିବେ ବାରଂବାର ଏଇ ଜାତି ପାଇଁ, ଏଇ ଦେଶ ପାଇଁ । ତାଙ୍କର ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ କରାଗଲା । ତାଙ୍କର ଜଣେ ସ୍ନେହାସ୍ପଦ ପୁରାତନ ଛାତ୍ର ଅନିର୍ବାଣ ଜଣାଇଥିଲେ ଯେ, ଭାରତର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ତାଙ୍କ ବିୟୋଗରେ ଶୋକବାର୍ତ୍ତା ପଠାଇଛନ୍ତି । ତାଙ୍କ ଅଭାବରେ ଯେଉଁ ଶୂନ୍ୟତା ସୃଷ୍ଟି ହେଲା ତା' ପୂରଣ ହେବ କିପରି ? ବିଭିନ୍ନ ଭାଷାରେ ଭାଷଣ ଦେବା ଭଳି ମଣିଷଟିଏ ମିଳିବେ ତ ? ସେ ଚାଲିଗଲେ ନିର୍ବିକାର ନିର୍ଲିପ୍ତ ଭାବରେ । ଅତିମାନସ ଚେତନାର ଶୋଭନୀୟ ପୃଥିବୀଟିଏ ଗଢ଼ିବା କାମର ଡାକରା କ'ଣ ତାଙ୍କୁ ଟାଣି ନେଲା ?

ପଡ଼ୋଶୀ ହିସାବରେ ରହିବାର ସୌଭାଗ୍ୟ ମୋର ବହୁ ଦିନର । ବଡ଼ଭାଇ ଭାବେ ମୁଁ ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରେ । ତାଙ୍କ ସହଧର୍ମିଣୀ ପ୍ରତିଜ୍ଞା ଦେବୀଙ୍କ ସହିତ ମୋର ଅନ୍ତରଙ୍ଗ ସଖ୍ୟତା ଥିଲା । ଅବାଧରେ ଆମେ ପରସ୍ପର ପାଖକୁ ଯା'ଆସ କରୁଥିଲୁ । ମନୋଜ ଭାଇ ତାଙ୍କ ସୃଜନ ଶିଳ୍ପରେ ଏତେ ମଗ୍ନ ଓ ଲିପ୍ତ ରହୁଥିଲେ ଯେ ଆମର ଯିବା ଆସିବାର ସ୍ଥୂଳ ଉପସ୍ଥିତି ତାଙ୍କ କର୍ମରେ ବାଧା ସୃଷ୍ଟି କରୁ ନ ଥିଲା । ଆମ ଆଡ଼କୁ ନଜର ଦେବାର ସମୟ ମଧ୍ୟ ନ ଥିଲା । ତାଙ୍କର ସହାନୁଭୂତି, ସମ-ବେଦନା ତଥା ଦରଦୀ ହୃଦୟର ଯେଉଁ ଅଭୁଲା ପରିଚୟ ମୁଁ ପାଇଛି, ସେକଥା ନ ଲେଖିଲେ ଏ ଲେଖା ମୋର ଅର୍ଥହୀନ ହୋଇଯିବ । ତାଙ୍କ ପାଖରେ ମୁଁ ଚିରଋଣୀ ।

ମୋ ସ୍ୱାମୀ ଜୟନ୍ତ ଘୋଷାଲ ଆଶ୍ରମର ନର୍ସିଂହୋମରେ ଚିକିତ୍ସିତ ହେଉଥିଲେ । ପ୍ରତିଜ୍ଞା ଦିଦି ମଧ୍ୟ ଅସୁସ୍ଥତା ହେତୁ ନର୍ସିଂହୋମରେ ଥିଲେ । ୨୦୧୭ ମସିହା ୨୩ ନଭେମ୍ବର ରାତିରେ ଜୟନ୍ତ ଘୋଷାଲ ଚାଲିଗଲେ । ଡାକ୍ତର ସଲୀଳାଦି ମୁଁ ହୁଏତ ବିଚଳିତ ହୋଇ ପଡ଼ିବି, ଏହି କାରଣରୁ ଜୟନ୍ତ ଘୋଷାଲଙ୍କ ଚାଲିଯିବାର ଖବର ପ୍ରଥମେ ମନୋଜ ଭାଇଙ୍କୁ ଜଣାଇଲେ ।

ପରେ ଅବଶ୍ୟ ନର୍ସିଂହୋମର ଜଣେ ସିଷ୍ଟର ମୋତେ ଫୋନ୍‌ରେ ଜୟନ୍ତଙ୍କ ଖବର ଦେଇଥିଲେ । ମୁଁ ନିଦରୁ ଉଠି ହତବାକ୍ । ହତଭମ୍ଭ ହୋଇ ଠିଆ ହୋଇଛି ଆମ ଝରକାରେ ଠକ୍ ଠକ୍ ଶବ୍ଦ ହେଲା । ସେହି ସମୟରେ ପ୍ରତିଜ୍ଞାଦି'ଙ୍କ ସାନ ଭଉଣୀ ଡାକ୍ତର ବାଣୀ ସାମନ୍ତ ଏଠାରେ ଥିଲେ । ମନୋଜ ଭାଇ ଫୋନ୍ ପାଇବା ମାତ୍ରେ ବାଣୀ, ବାଣୀ କହି ବଡ଼ ପାଟିରେ ଡାକିଲେ । ବାଣୀ ଉପର ମହଲାରୁ ଯଥାଶୀଘ୍ର ତଳକୁ ଆସି ସେମାନଙ୍କର ଦାଣ୍ଡ କବାଟ ଫିଟାଇ ମୋ ଝରକା ନିକଟରେ ଠିଆ ହୋଇ ମୋ ନାଁ ଧରି ଦୁହେଁ ବାରଂବାର ଡାକିଲେ, ମୁଁ ମଧ୍ୟ ଛାନିଆଁ ହୋଇ ବାହାରକୁ ବାହାରି ଆସିଲି । ମନୋଜ ଭାଇ ମୋତେ କହିଲେ ନର୍ସିଂହୋମ ଯିବେ ? ମୁଁ ହଁ କରିବାରୁ କହିଲେ, ଶୀଘ୍ର ପ୍ରସ୍ତୁତ ହୋଇ ବାହାରି ଆସନ୍ତୁ । ମୋତେ ସାଙ୍ଗରେ ନେଇ ମନୋଜ ଭାଇ ଆଶ୍ରମ ମୁହାଁ ଆସିଲେ । ସେଦିନ ୨୪ ନଭେମ୍ବର ପ୍ରାତଃକାଳ । ବାଲ୍‌କୋନି ତଳେ ଧ୍ୟାନ ଓ ଦର୍ଶନ ପାଇଁ ନୀରବ ଜନସମାଗମ ହୋଇଥାଏ । ମନୋଜ ଭାଇ ଆଶ୍ରମର ଜଣେ ଯୁବକଙ୍କୁ ଡାକି ଅତ୍ୟୁଚ୍ଚ ସ୍ୱରରେ କିଛି କହିଲେ । ସେହି ସଦାଶୟ ବ୍ୟକ୍ତି ସଙ୍ଗେ ସଙ୍ଗେ ମଟର ସାଇକେଲ ବାହାର କରି ମୋତେ ନର୍ସିଂହୋମରେ ପହଞ୍ଚାଇ ଫେରି ଯାଇଥିଲେ । ଜୟନ୍ତ ଘୋଷାଲଙ୍କର ସାନ ଭଉଣୀର ନାମ ବାଣୀ, ସେଥିପାଇଁ ସିଏ ବାଣୀ ସାମନ୍ତଙ୍କୁ ସାନ ଭଉଣୀ ପରି ସ୍ନେହ କରୁଥିଲେ । ଯେତେବେଳ ପର୍ଯ୍ୟନ୍ତ ଜୟନ୍ତ ଘୋଷାଲଙ୍କୁ ଶେଷକୃତ୍ୟ ପାଇଁ ନିଆ ନ ଯାଇଛି, ସେପର୍ଯ୍ୟନ୍ତ ବାଣୀ ମୋ ପାଖେ ପାଖେ ନର୍ସିଂହୋମରେ ରହିଥିଲେ । ଦର୍ଶନ ଦିବସ ହେଲେ ମଧ୍ୟ ଜୟନ୍ତ ଘୋଷାଲଙ୍କୁ ଶେଷକୃତ୍ୟ ପାଇଁ ମୁଥିଆଲପେଟ୍ ନିଆଗଲା । ମନୋଜ ଭାଇ ଓ ବାଣୀ ଅନ୍ୟାନ୍ୟ ଶୁଭାନୁଧ୍ୟାୟୀମାନଙ୍କ ସହିତ ଶେଷକୃତ୍ୟ ପାଇଁ ଯାଇଥିଲେ । ସେମାନଙ୍କର ବ୍ୟବହାର, ଶ୍ରଦ୍ଧା ମୋ ପାଖରେ ଅବିସ୍ମରଣୀୟ । ସେଠାରୁ ଫେରି ସେଇ ରାତି ଓ ତା' ପରର କିଛି ଦିନ ପର୍ଯ୍ୟନ୍ତ ବାଣୀ ଶ୍ରଦ୍ଧାର ସହିତ ଅନଳସ ଭାବରେ ମୋର ତତ୍ତ୍ୱାବଧାନ କରିଥିଲେ । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ କୃପା ଓ କରୁଣାରେ ଏହା ମୋ ଜୀବନର ପରମ ପ୍ରାପ୍ତି ଓ ଚରମ ସାନ୍ତ୍ୱନା ।

**– ଝରଣା ଘୋଷାଲ**

❑❑❑

---

(*ପୃଷ୍ଠା ୪୩ ର ଅବଶିଷ୍ଟାଂଶ*)

ଅନେକ ଊର୍ଦ୍ଧ୍ୱରେ । ଲକ୍ଷ ଲକ୍ଷ ପାଠକ ଏବଂ ଶ୍ରୋତାଙ୍କର ହୃଦୟରେ ଯେଉଁ ଶ୍ରଦ୍ଧା ଏବଂ ସମ୍ମାନର ଆସନଟିଏ ସେ ଅନାୟାସରେ ପାଇ ପାରିଛନ୍ତି – ସେ ଗୌରବ ଖୁବ୍ କମ୍ ଲୋକଙ୍କୁ ମିଳିଥାଏ ।

ପାର୍ଥିବ ଶରୀରର ବନ୍ଧନରୁ ସେ ଏବେ ମୁକ୍ତ ହୋଇ ବିଶ୍ୱଚେତନାରେ ଏକାକାର ହୋଇ ଯାଇଛନ୍ତି । ସେ ଆଉ ଆମ ଗହଣରେ ନାହାନ୍ତି ବୋଲି ଭାବି ହେଉ ନାହିଁ । ସେ ଅଛନ୍ତି ଏବଂ ଚିରକାଳ ରହିଥିବେ – ଆମମାନଙ୍କ ହୃଦୟରେ ଚିର ଭାସ୍ୱର ହୋଇ ରହିଥିବ ତାଙ୍କ ଉପସ୍ଥିତି । ତାଙ୍କ ଲେଖନୀ ପ୍ରସୂତ ସାହିତ୍ୟ ସମ୍ଭାର ଆମମାନଙ୍କ ଚେତନାକୁ ଉତ୍ତରଣ ପଥରେ ଅଗ୍ରସର କରାଇବାରେ ସହାୟକ ହେଉଥିବ । ତାଙ୍କ ପ୍ରଦତ୍ତ ଅନବଦ୍ୟ ଅଭିଭାଷଣ ଆମ ଅନ୍ତରକୁ ଦିବ୍ୟାନୁଭବରେ ଅଭିଷିକ୍ତ କରୁଥିବ । ଗଳ୍ପସାଗର, ଆଧୁନିକ ବିଷ୍ଣୁଶର୍ମା, ଉତ୍କଳରତ୍ନ, ଭାରତ ଗୌରବ, ପଦ୍ମଶ୍ରୀ, ପଦ୍ମଭୂଷଣ ଯେତେ ଯାହା ଉପାଧି ପ୍ରାପ୍ତ ହେଲେ ବି ସେ କେବଳ ''ମନୋଜ ଦାସ'' – ଏକ ଏବଂ ଅଦ୍ୱିତୀୟ ।

**– ପ୍ରବୀଣା ମହାନ୍ତି**

❑❑❑

# ଶ୍ରଦ୍ଧାର ସ୍ନିଗ୍ଧ ବଳୟ

ଯଶସ୍ୱୀ ସାହିତ୍ୟିକ ମନୋଜ ଦାସ ଅନେକ କୃତିତ୍ୱରେ ପରିମଣ୍ଡିତ, ସମ୍ମାନରେ ବିଭୂଷିତ, ଯାହାଙ୍କ ସୃଜନୀରେ ଉପଲବ୍ଧି ହୁଏ ଆଧ୍ୟାତ୍ମିକତାର ସ୍ୱର୍ଣ୍ଣିମ ସ୍ପର୍ଶ; ଅପରୂପ ବର୍ଣ୍ଣନା ଶୈଳୀ ସହିତ ମନସ୍ତତ୍ତ୍ୱର ଗଭୀର ତଥା ଜଟିଳ ବିଭବର ଆଲୋକିତ ବ୍ୟାଖ୍ୟା; ତାହାଠାରୁ ଅଧିକ ତାଙ୍କର ପରିଚୟ ଜଣେ ଅତ୍ୟନ୍ତ ସ୍ନେହୀ, ସମ୍ବେଦନଶୀଳ ଉଚ୍ଚକୋଟୀର ମନୁଷ୍ୟ । ତାଙ୍କର ଅଗାଧ ସୃଜନୀ ସମୁଦ୍ର ମଧ୍ୟରୁ ଗୋଟିଏ ଟୋପା ବୋଧହୁଏ ମୁଁ ଜାଣିଛି କିନ୍ତୁ ତାଙ୍କର ଯେଉଁ ଶ୍ରଦ୍ଧାର ପରିଧି ମୋତେ ବେଷ୍ଟନ କରିଥିଲା ତାହା ଥିଲା ଜଣେ ସ୍ନେହଶୀଳ ଅଗ୍ରଜଙ୍କର । ସେହି ସଜଳ ଅନୁଭୂତିରୁ କିଛି ପ୍ରକାଶ କରିବା ଏହା ମୋର ପ୍ରୟାସ ମାତ୍ର ।

ଚିର କୃତଜ୍ଞ ରହିବି ଡା. ମାଳବିକା ରାୟଙ୍କ ପାଖରେ ଯାହାଙ୍କ ସୌଜନ୍ୟରେ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ଏକ ସମ୍ବର୍ଦ୍ଧନା ସଭାରେ ମନୋଜ ବାବୁଙ୍କ ସହିତ ପ୍ରଥମ ପରିଚୟ ହୋଇଥିଲା; ତାଙ୍କର ବ୍ୟବହାରରେ ପାଇଥିଲି ଆତ୍ମୀୟତାର ଝଲକ । ସାହିତ୍ୟିକଙ୍କ ସହିତ ପରିଚୟ ହେବା ପରେ ଆଗ୍ରହ ଜନ୍ମିଲା ତାଙ୍କର ଲେଖା ପଢ଼ିବା ପାଇଁ । ଯଦିଓ ଇଂରାଜୀ ସାହିତ୍ୟର ମୁଗ୍ଧ ପାଠିକା ଥିଲି, ଓଡ଼ିଆ ରଚନାବଳୀରେ ପ୍ରବେଶ ନଥିଲା । ଓଡ଼ିଆ ଶବ୍ଦକୋଷଟିଏ କିଣିଲି, କାରଣ ଅନେକ ଶବ୍ଦ ଥିଲା ଅବୋଧ । ଧୀରେ ଧୀରେ ପ୍ରବେଶ କଲି ତାଙ୍କର ଆଲୋକିତ ସାରସ୍ୱତ ଜଗତ୍ ମଧ୍ୟକୁ ।

'ସମୁଦ୍ରକୂଳର ଏକ ଗ୍ରାମ' ପୁସ୍ତକଟି ପଢ଼ି ଏତେ ଏକାତ୍ମ ହୋଇ ଯାଇଥିଲି ସେ ପରିବେଶ ସହିତ, ପାରାଦ୍ୱୀପ ନେହେରୁ ବଙ୍ଗଳାର ବାରଣ୍ଡାରୁ ଫୋନ୍‌ରେ ମୋର ଅନୁଭୂତି ତାଙ୍କୁ ଜଣାଇ ଥିଲି । 'ତନ୍ଦ୍ରାଲୋକର ପ୍ରହରୀ' ଉପନ୍ୟାସ ମଧ୍ୟରେ ଏତେ ଗୁହ୍ୟ ବିଦ୍ୟାର ଝଲକ ଦେଖି ପଚାରି ବସିଥିଲି, ''ଆପଣ କ'ଣ ଗୁଣି ଗାରେଡ଼ି ଶିଖିଥିଲେ ?'' ସାହିତ୍ୟ କିନ୍ତୁ ସେତୁ ନ ଥିଲା ତାଙ୍କ ସହିତ ସମ୍ପର୍କର, ତାହା ଥିଲା ନିଷ୍କପଟ ସ୍ନେହର, ଯେଉଁ ସ୍ମୃତିସବୁ ସାଇତି ରଖିଛି ମଣିମାଣିକ୍ୟ ପରି ହୃଦୟର ପସରାରେ ।

ଶ୍ରୀମାଶ୍ରୀଅରବିନ୍ଦଙ୍କର ଧାରାରେ ଅନୁପ୍ରାଣିତ ହେବା ପରେ ୨୦୦୪ ମସିହାରେ ଏକ ଦର୍ଶନ ଦିବସରେ ପଣ୍ଡିଚେରୀ ଯାତ୍ରା, ଯଦିଓ ଆଗରୁ ସେଠାକୁ ଦୁଇଥର ଯାଇଥିଲି । ଆଖିରେ ସତେ ଯେପରି ଅନ୍ଧପୁଟୁଳି ବନ୍ଧାଥିଲା – ଆନ୍ତର ପ୍ରସ୍ତୁତି ନଥିଲା । ସେହି ଗୋଟିଏ ଦର୍ଶନରେ ହିଁ ହୃଦୟର ଅନେକ ବାତାୟନ ଖୋଲିଯାଇ ଭିତରେ ବାହାରେ ଆନନ୍ଦର ପ୍ଲାବନ – ମତେ ମାତୃନିଳୟ ମିଳିଗଲା । ଭିତରେ ଥିବା ଅନେକ ସଂଶୟ – ବୈଷ୍ଣବ ପରିବାରରେ ଜନ୍ମିତ, ରାମକୃଷ୍ଣ ମିଶନରେ ଦୀକ୍ଷିତ ଇତ୍ୟାଦି ମନକୁ ଆନ୍ଦୋଳିତ କରୁଥିଲା । ସେଠାରେ ରହଣି କାଳରେ ସେହି ଗଣ୍ଠିଗୁଡ଼ିକୁ ହୁଗାଳି ଦେଇଥିଲା ମନୋଜ ବାବୁଙ୍କର ସରଳ ଶ୍ରଦ୍ଧାଯୁକ୍ତ ଉତ୍ତର; ଯାହା ଦ୍ୱାରା ଏହି ମାର୍ଗରେ ମୋର ଭିତ୍ତିଭୂମି ସୁଦୃଢ଼ ହେବା ସହ ତାଙ୍କ ସହିତ ଏକ ଆତ୍ମିକ ଯୋଗାଯୋଗ ପ୍ରତିଷ୍ଠା ହୋଇଗଲା ।

ସ୍ମୃତି ଅନେକ । ଅନୁଭବ ମଧ୍ୟ ଜୀବନ୍ତ । ସମସ୍ତଙ୍କ ପ୍ରତି ମନୋଜ ବାବୁଙ୍କର ଶ୍ରଦ୍ଧା ଓ ସମ୍ମାନବୋଧ ସବୁଠାରୁ ମୋତେ ଅଧିକ ଛୁଇଁଥିଲା । ସାଧନା ସମ୍ବନ୍ଧରେ କିଛି ପ୍ରଶ୍ନ କିଂବା ସମାଧିରେ ମୋର କିଛି ପ୍ରାର୍ଥନା ଜଣାଇବା ଉଦ୍ଦେଶ୍ୟରେ ଫୋନ୍ କଲେ ନିଶ୍ଚୟ ଉତ୍ତର ଦିଅନ୍ତି । ଗୋଟିଏ ଛୋଟ ଘଟଣା – ଦିନେ କଲେଜରୁ ଫେରିବା ପରେ ଶାଶୁ କହିଲେ ପଣ୍ଡିଚେରୀରୁ ମନୋଜ ଦାସ ଫୋନ୍ କରି ଶାନ୍ତି ଦେବୀଙ୍କୁ ଖୋଜୁଥିଲେ । ମୁଁ ଯେତେବେଳେ ତାଙ୍କୁ କହିଲି ଆଜି ପର୍ଯ୍ୟନ୍ତ ମୋତେ କେହି ଦେବୀ ସମ୍ବୋଧନ କରି ନଥିଲେ, ହସି କହିଥିଲେ – ତୁମେ କ'ଣ ଦେବୀ ନୁହେଁ କି ? ସତରେ ଅନୁଭବ ହେଲା, ମୋତେ ମୋ ନିଜ ସହିତ ସେ ପରିଚୟ କରାଇ ଦେଲେ ।

ଦ୍ୱିତୀୟ ଭୂମିକାଟିରେ ତାଙ୍କୁ ପାଇଥିଲି ଜଣେ ଶ୍ରଦ୍ଧାଳୁ ଅଭିଭାବକ, ଅଗ୍ରଜ ଭାବରେ । ବର୍ଷରେ ଦୁଇ, ତିନିଥର ପଣ୍ଡିଚେରୀ ଯାତ୍ରା – ଯିବା ଆଗରୁ ଖବର ଦିଏ । ବୁଝି ନିଅନ୍ତି ଗେଷ୍ଟ ହାଉସ୍, ଟ୍ୟାକ୍ସି ଠିକ୍ ହୋଇଛି କି ନାହିଁ, ରହଣିକାଳର ଅବଧି ଇତ୍ୟାଦି । ମୋର ଅନୁରୋଧରେ ଆଶ୍ରମର ଗୋଲକୁଣ୍ଡ ଗେଷ୍ଟ ହାଉସ୍‌ରେ ରହିବା ବ୍ୟବସ୍ଥା କରାଇ ଏକ ଅନନ୍ୟ ଅନୁଭୂତିର ସୁଯୋଗ ଦେଇଥିଲେ । ଶ୍ରୀମାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ମିତ ଏହି ଗେଷ୍ଟ ହାଉସ୍‌ରେ ସଚେତନ, ଶୃଙ୍ଖଳିତ ଓ ସୌନ୍ଦର୍ଯ୍ୟବୋଧ ସହିତ ରହିବାର ଏକ ଅପରୂପ ଅନୁଭୂତି । ପ୍ରତ୍ୟେକ ଥର ପଣ୍ଡିଚେରୀରେ ପହଞ୍ଚି ସମାଧିରେ ପ୍ରଣାମ କରି ଗେଷ୍ଟ ହାଉସ୍‌ରେ ଜିନିଷ ରଖିବା ପରେ ମନୋଜ

ବାବୁଙ୍କ ସହିତ ଦେଖା କରିବା ଥିଲା ଅତ୍ୟନ୍ତ ଆନନ୍ଦକର । ସେ ଭଲ ପାଉଥିବା ମିଠା ଆମ୍ବ ଆଚାର, ଛେନାପୋଡ଼, ଦାର୍ଜିଲିଂ ଚାହା ଦେଖି କୁହନ୍ତି – ଭାଇ ପାଇଁ ଛୋଟ ଭଉଣୀର ଭାର ଆସିଛି । ପ୍ରତିଜ୍ଞା ଅପାଙ୍କ ପାଇଁ ଥାଏ ମିକ୍ସଚର । ସେ ଦୁଇଜଣଙ୍କର ଅନାବିଳ ସ୍ନେହ ଏ ଜୀବନର ଅମୂଲ୍ୟ ଧନ । ତାଙ୍କ ଜୀବନରେ ଶ୍ରୀଅରବିନ୍ଦଙ୍କର ଦର୍ଶନକୁ ଜୀବନ ଶୈଳୀରେ ପରିଣତ କରିଥିବାର ମୁଁ ଦେଖିଛି । ଦ୍ୱିପହର ଖରାରେ ବାଲକୋନିରେ ବସି ଲେଖାପଢ଼ା କରୁଥିବାର ଦେଖି ଆଶ୍ଚର୍ଯ୍ୟ ହେଲେ କୁହନ୍ତି – 'ସୂର୍ଯ୍ୟଙ୍କ ସଙ୍ଗେ ମିତ୍ରତା ହୋଇଛି'– ତୁମେ ଚାହିଁଲେ କରିପାରିବ ।

ଏଠାରେ ପ୍ରାସଙ୍ଗିକ ହେବ ବିନା ବାକ୍ୟରେ ସେ ଅନେକ କିଛି ଶିଖାଇ ପାରୁଥିଲେ । ପ୍ରଥମ ଥର ବୋଉକୁ ନେଇ ପଣ୍ଡିଚେରୀ ଯାଇଥାଏ, ରହଣି ସେଇ ଗୋଲକୁଣ୍ଡରେ । ତାଙ୍କ ସହିତ ସାକ୍ଷାତ୍ ସମୟରେ ଉତ୍‌ଫୁଲ୍ଲିତ ହୋଇ ଜଣାଇଲି, 'ଭାରୀ ଖୁସି ଲାଗୁଛି ବୋଉକୁ ଆଣି ଶ୍ରୀମାଙ୍କ ରୁମ୍ ଦର୍ଶନ କରାଇ ପାରିଲି ।' ତାଙ୍କର ଚାହାଣିରେ ସେଦିନ ମୋର ଅହଂକାରର ଛାୟା ଝଲସି ଯାଇ ମୋତେ ସଚେତନ ଓ ନୀରବ କରି ଦେଇଥିଲା ।

ପ୍ରଥମ ଥର ପାଇଁ ଜନ୍ମଦିନରେ ଶ୍ରୀଅରବିନ୍ଦଙ୍କ କକ୍ଷରେ ଧ୍ୟାନ କରିବାର ବ୍ୟବସ୍ଥା ଆମ ଦୁଇଜଣଙ୍କ ପାଇଁ (ମୋର ଓ ମୋ ସ୍ୱାମୀଙ୍କର ସମାନ ତାରିଖରେ ଜନ୍ମଦିନ); ତା'ପରେ ରାତ୍ରୀ ଭୋଜନ ତାଙ୍କ ଘରେ – ଅଭୁଲା ସେ ସ୍ମୃତି । ଅତି ଶ୍ରଦ୍ଧାର ସହ ଆମକୁ ଆପ୍ୟାୟିତ କରି ଶେଷରେ ଉପହାର ରୂପେ ତାଙ୍କର ପୁସ୍ତକ, ଏବଂ ପ୍ରତିଜ୍ଞା ଅପାଙ୍କ ଠାରୁ ବ୍ୟାଗ ଭରି writing pad ଠାରୁ ଛୋଟ ତଉଲିଆ ପର୍ଯ୍ୟନ୍ତ ସ୍ନେହର ପୁଟୁଳି । ତାଙ୍କର ସ୍ନେହ ସମ୍ଭାଷଣ 'ସୁନା ଝିଅଟିଏ' – ଅନେକ ଆତ୍ମ ସନ୍ତୋଷ ଆଣି ଦେଇଥିଲା ।

ଶ୍ରୀମାଙ୍କର ଚରଣ କମଳରେ ଆଶ୍ରିତ ହେବା ଦିନଠାରୁ ପଣ୍ଡିଚେରୀ ମୋ ପାଇଁ ପ୍ରକୃତ ଆତ୍ମ-ନିବାସ । ସେଠାରେ ସମସ୍ତେ ନିଜର ଲାଗନ୍ତି । ବାତାବରଣରେ ଏପରି ସତେଜତା, ଉତ୍ସାହ, ଉର୍ଜା ଭରି ରହିଥାଏ ଯେ ମୋ ଭିତରର ଶିଶୁଟି ସେଠାରେ ଜାଗିଉଠେ ନିର୍ଭୟ ଆନନ୍ଦରେ । ଏକା ଏକା ଡେରି ପର୍ଯ୍ୟନ୍ତ ସମୁଦ୍ର କୂଳରେ ବସେ, ମୋ ଠାରୁ ସବୁ ବିବରଣୀ ଶୁଣି ତାଗିଦ କରନ୍ତି – ଏଠାରେ ଏବେ Snatching ହେଉଛି – ସାବଧାନରେ ରହିବ ।

ଅନ୍ୟ ଏକ ପରିଧିରେ ଲେଖାଲେଖି କରିବାକୁ ଉତ୍ସାହିତ କରୁଥିଲେ । ମୋର ଅପରିପକ୍ୱ ଲେଖା ମଧ୍ୟ ଶ୍ରଦ୍ଧାର ସହ ପାଠକରି ଉତ୍ସାହିତ କରି କୁହନ୍ତି – ଅନେକ ଦକ୍ଷତା ଆମ ଭିତରେ ବିକଶିତ ହେବା ଅପେକ୍ଷାରେ ରହିଛି, ଲାଗି ରୁହ । ନିଜର ଦୃଷ୍ଟାନ୍ତ ଦେଇଥିଲେ, କିପରି ଯାତ୍ରା ସମୟରେ ମଧ୍ୟ ସମୟ ଉପଯୋଗ କରି ନିର୍ଦ୍ଦିଷ୍ଟ ସମୟସୀମାରେ ତାଙ୍କୁ ଶେଷ କରିବାକୁ ପଡ଼େ ଲେଖାଗୁଡ଼ିକୁ ।

ମନୋଜ ବାବୁଙ୍କ ବ୍ୟକ୍ତିତ୍ୱର ମହନୀୟତା ଛୋଟ ବଡ଼ କେତୋଟି ଘଟଣାବଳୀରୁ ପ୍ରତ୍ୟକ୍ଷ କରିଛି । କଲିକତାରେ Ramakrishna Mission Institute of Culture ନାମକ ଏକ ସ୍ୱନାମଧନ୍ୟ ଅନୁଷ୍ଠାନ ରହିଛି । ଯାହା ଭାରତୀୟ ସଂସ୍କୃତି ଓ ବେଦାନ୍ତର ଏକ ଅଗ୍ରଣୀ ଗବେଷଣା କେନ୍ଦ୍ର, ସେଠାକୁ ସେ ''ଜଗନ୍ନାଥଙ୍କର କିମ୍ବଦନ୍ତି'' ଉପରେ ବକ୍ତୃତା ଦେବା ପାଇଁ ନିମନ୍ତ୍ରିତ ହୋଇଥା'ନ୍ତି ଏବଂ ବକ୍ତବ୍ୟଟି ଇଂରାଜୀରେ ପ୍ରସ୍ତୁତ । ସଭାର ପୂର୍ବ ମୁହୂର୍ତ୍ତରେ ସେ ଅନୁଷ୍ଠାନର ଅଧ୍ୟକ୍ଷ ତାଙ୍କୁ ବଙ୍ଗଳାରେ କହିବାକୁ ଅନୁରୋଧ କରିବାରୁ ବିନା ଆପତ୍ତିରେ ତାକୁ ସମ୍ପାଦନ କରିଥିଲେ । ସେହି ଅନୁଷ୍ଠାନଟି ସହିତ ମୁଁ ଜଡ଼ିତ ଥିବାରୁ ତା'ର ରେକଡ଼ିଂ ସେମାନେ ମୋ ପାଖକୁ ପଠାଇ ଦେଇଥିଲେ, ଯାହାକୁ ସଂଗ୍ରହ କରିବା ପାଇଁ ତାଙ୍କର ପାଦ ମୋ ଘରେ ପଡ଼ିଥିଲା ।

ଅନ୍ୟ ଏକ ପରିପ୍ରେକ୍ଷୀରେ ମନେପଡ଼େ କିଛି ବର୍ଷ ପୂର୍ବେ ରେଭେନ୍ସା ୟୁନିଭରସିଟିର ଉପକୁଳପତି ଶ୍ରୀଯୁକ୍ତ ଦେବଦତ୍ତ ଛୋଟରାୟଙ୍କର ନିମନ୍ତ୍ରଣ କ୍ରମେ ଦୁଇ ଦିନ ତାଙ୍କର ବକ୍ତୃତା ଥିଲା । ଏହା ଏତେ ଆଗ୍ରହ ଉଦ୍ଦୀପକ ଥିଲା ଯେ ପିଲାମାନେ ହଲର ତଳେ ବସି ଶୁଣୁଥିଲେ ଏବଂ ଦ୍ୱିତୀୟ ଦିନ ବାହାରେ ପରଦା ଲଗାଇବାର ବ୍ୟବସ୍ଥା କରାଯାଇଥିଲା । ସଭା ପରେ ପିଲାମାନଙ୍କର ଅସମ୍ଭାଳ ଭିଡ଼ – ତାଙ୍କର ବହି କିଣି ତା' ଉପରେ Autograph ନେବା ସକାଶେ । ପ୍ରଥମ ଦିନ ସଭାଗୃହରେ ନ ଦେଖି ସନ୍ଧ୍ୟାରେ ଫୋନ୍ କରି ପଚାରିଥିଲେ । ମୁଣ୍ଡ ନଇଁ ଯାଇଥିଲା ତାଙ୍କର ମହାନତା ଆଗରେ ।

ମନୋଜ ବାବୁଙ୍କ ଲିଖିତ 'ଅନ୍ତରଙ୍ଗ ଭାରତ' ପଢ଼ି ଭାରତକୁ ଆହୁରି ଗଭୀର ଭାବେ ଭଲ ପାଇଛି । ପ୍ରଥମ ଥର 'ସୋମନାଥ ମନ୍ଦିର' ଦର୍ଶନ କରିବାର ମୁହୂର୍ତ୍ତ ଥିଲା ଗୋଧୂଳିବେଳା । ଦୂରରୁ ସ୍ୱର୍ଣ୍ଣଆଭାରେ ଝଟକୁଥିବା ଅତୀବ ମନୋରମ ମନ୍ଦିର, ଭିତରେ ମହାଶିବଙ୍କର ମନୋହର

ରୂପସଜ୍ଜାରେ ଏପରି ମୁଗ୍ଧ ହୋଇଥିଲି ଯାହା ଅତ୍ୟନ୍ତ ପ୍ରଗଲ୍‌ଭ ଭାବେ ତାଙ୍କୁ ବର୍ଣ୍ଣନା କରିବା ପରେ ଆହୁରି ଭଲ ଭାବେ ଜାଣିବା ପାଇଁ କେ. ଏମ୍. ମୁନ୍‌ସୀଙ୍କ ରଚିତ ''ଜୟ ସୋମନାଥ'' ପୁସ୍ତକଟିକୁ ପଢ଼ିବାକୁ କହିଥିଲେ । ତାହାକୁ ଅନେକ କଷ୍ଟରେ ଯୋଗାଡ଼ କରି ପଢ଼ିଥିଲି । ପ୍ରକୃତରେ ସନାତନ ଧର୍ମ ଓ ଭାରତୀୟ ସଂସ୍କୃତିର ଦୃଢ଼ ସ୍ୱାକ୍ଷର ଏହି ସୋମନାଥ ମନ୍ଦିର ! ଇତିହାସ ସାକ୍ଷୀ ଏଗାର ଥର ବାହ୍ୟ-ଆକ୍ରମଣ, ଲୁଟ୍‌ରେ ଧ୍ୱଂସ ପ୍ରାୟ ଅବସ୍ଥା ମଧ୍ୟରୁ ସେହି ଅମଳିନ ଆଧ୍ୟାତ୍ମିକ କୀର୍ତ୍ତିକୁ ପୁନର୍ଜୀବିତ କରିବାର ମୁଖ୍ୟ ଭୂମିକା ନେଇଥିଲେ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । ଯାହାକୁ ଦେଖିବା ଆଗରୁ ସେ ଇହଧାମ ଛାଡ଼ିଥିଲେ । ସେହି ସମ୍ମାନରେ ମନ୍ଦିର ସାମନାରେ ହାତଯୋଡ଼ି ଦଣ୍ଡାୟମାନ ତାଙ୍କର ଏକ ବିରାଟ ମୂର୍ତ୍ତି ଦୃଶ୍ୟମାନ ହୁଏ । ବିନା ଦ୍ୱିଧାରେ ମୋର ଭାବ ବ୍ୟକ୍ତ କରିବାର ସୁଯୋଗ ଦେଉଥିବାରୁ ତାଙ୍କ ନମ୍ରତାରେ ମୁଁ ନଇଁ ଯାଉଥିଲି ।

ଅନେକ ଉପାଧି, ସମ୍ମାନ ଆଦିର ଅଧିକାରୀ ଥିଲେ ମନୋଜ ଦାସ । ସେହି ସମ୍ମାନଗୁଡ଼ିକ ପ୍ରତି ଥିଲା ତାଙ୍କର ଗଭୀର ସମ୍ମାନ କିନ୍ତୁ ଅଧିକ କିଛି ନୁହେଁ । ମନେ ପଡ଼େ ଦୁଇ ବର୍ଷ ତଳେ ଭୁବନେଶ୍ୱରରେ ଅନୁଷ୍ଠିତ All India Congress of Obstetrics & Gynaecology ରେ ନିମନ୍ତ୍ରିତ ହୋଇ ଆସିଥା'ନ୍ତି ବିଶିଷ୍ଟ ବକ୍ତା ଭାବେ, ସୌଭାଗ୍ୟ ବଶତଃ ତାଙ୍କର ପରିଚୟ ପ୍ରଦାନ କରିବା ଦାୟିତ୍ୱ ମତେ ମିଳିଥିଲା । ମଞ୍ଚକୁ ଯିବା ଆଗରୁ ତାଙ୍କୁ ପ୍ରଣାମ କରିବା ବେଳେ କହିଲେ, ''ମୋର ସମ୍ମାନଗୁଡ଼ିକ ବିଷୟରେ ଅତି ବେଶୀ କହିବ ନାହିଁ ।'' ସମ୍ମାନ କରିଥିଲି ତାଙ୍କର ଇଚ୍ଛାକୁ ।

ଶେଷରେ ତାଙ୍କ ବ୍ୟକ୍ତିତ୍ୱର ମହତ୍ତମ ଦିଗ ଯାହା ମତେ ଅନୁପ୍ରାଣିତ କରେ ତାହା ହେଲା ତାଙ୍କର ଚିନ୍ତା ଓ ଚେତନାର ବିଶାଳତା ସଙ୍ଗେ ସବୁ ଘଟଣା ପଶ୍ଚାତ୍‌ରେ ଥିବା ଆଲୋକିତ ଦିଗଟିକୁ ଆବିଷ୍କାର କରି ସାମନାକୁ ଆଣି ଆଶାର କିରଣ ଦେଖାଇ ପାରିବା । ସେଥିପାଇଁ ତାଙ୍କର ଭାଷଣ ଯେତିକି ଆଗ୍ରହୋଦ୍ଦୀପକ, ରଚାନବଳୀ ସେତିକି ଆଲୋକିତ । ଏହି ପରିପ୍ରେକ୍ଷୀରେ 'Indian Express'ରେ ପ୍ରକାଶିତ ହୋଇଥିବା ୧୪ ମାର୍ଚ୍ଚ ୨୦୧୯ର ଶିରୋନାମା ''Selfies and Explosive of Narcissism''ର ଶେଷ ଅଂଶଟିକୁ ଉଦ୍ଧୃତ କରୁଛି, ''It is too late for the older generation to change the situation. The only hope is this new generation itself, so lively with expectation realising that they had a second self beneath their glittering surface self. Intelligent as they are they can turn their curiosity towards the former and try a selfie with it.''

ଅନ୍ତର୍ମୁଖୀ ହେବା ଦ୍ୱାରା ଯୁବପିଢ଼ି ନିଜେ ଏହାର ସମାଧାନ ପାଇ ପାରିବେ ।

୨୦୨୦ ମସିହା ଫେବ୍ରୁଆରୀ ୨୭ ତାରିଖରେ ତାଙ୍କର ଜନ୍ମଦିନରେ ପ୍ରଣାମ କରିବାକୁ ଯାଇଥିଲି, ପ୍ରକୋଷ୍ଠଟି ଫୁଲତୋଡ଼ା ଓ ମିଠାରେ ଭରି ଯାଇଥାଏ । ଶେଷ କୃତି ଶ୍ରୀଅରବିନ୍ଦଙ୍କର ମହାକାବ୍ୟ 'ସାବିତ୍ରୀ'ର ପଦ୍ୟାନୁବାଦଟିକୁ ଯଥାଶୀଘ୍ର ସାରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଥିବା ଦେଖିଲି । ମୋର ପୁରାତନ ଅନୁରୋଧ ଶ୍ରୀଅରବିନ୍ଦଙ୍କର 'Thoughts and Aphorism'ର ବାକି ରହିଥିବା ଅଂଶଗୁଡ଼ିକ ଆଲୋଚନା କରିବାର ସଂକ୍ଷିପ୍ତ ଉତ୍ତର ଥିଲା ''ଆଉ ସମ୍ଭବ ନୁହେଁ ।'' କ୍ଳାନ୍ତ ହୋଇ ପଡ଼ିଥିଲେ, ତା'ପରେ ଅସୁସ୍ଥତା, ନର୍ସିଂହୋମରେ ଚିକିତ୍ସା । ପ୍ରଥମ କିଛିଦିନ ସେଠାରେ ରହିବା ପରେ କଥା ହେବାର ସୁଯୋଗ ମିଳିଥିଲା । କହିଥିଲେ ''ମୁଁ ଖୁବ୍ ସୁନ୍ଦର ରୁମ୍‌ରେ ଅଛି, ସମୁଦ୍ର ଆଡ଼କୁ ଖୋଲା ଝରକା, ସବୁ ପ୍ରକାର ଯତ୍ନ, ମା ସବୁ ବ୍ୟବସ୍ଥା କରିଛନ୍ତି ।'' କୃତଜ୍ଞତାରେ ମୋ ହୃଦୟ ମଧ୍ୟ ଭରି ଯାଇଥିଲା ।

ସ୍ୱର ଧୀରେ ଧୀରେ କ୍ଷୀଣ ହୋଇ ତା'ପରେ ଚରମ ନୀରବତା । ଅନ୍ତର ଆଲୋକରେ ସିକ୍ତ ହୃଦୟ ତାଙ୍କର ସମୁଦ୍ର ପରି ବିଶାଳ ଓ ଗଭୀର, ଯେପରି ସେ ଗଭୀରତାରେ ସେ ନିମଗ୍ନ । ଅମୃତର ସନ୍ତାନ ସେ, ଅମୃତ ବିତରଣ କରି ଫେରି ଯାଇଛନ୍ତି ଅମୃତମୟୀ ଜନନୀଙ୍କର କୋଳକୁ, ନୂତନ ରୂପରେ ଫେରି ଆସିବା ନିମିତ୍ତ ।

**– ଶାନ୍ତି ପରିଡ଼ା**

❑❑❑

# କଥା ସମ୍ରାଟଙ୍କୁ କୋଟି ପ୍ରଣାମ

ମୃତ୍ୟୁ ଏକ ମିଛ କଥା
ହେ ଯୋଗୀ ହେ କବି
ଅତୀନ୍ଦ୍ରିୟ ଭାଷା ଶିଳ୍ପୀ
ଅନିର୍ବାଣ ସୂର୍ଯ୍ୟ ଶିଖା
ନବ ଯୁଗ ସୃଜନର
ସବୁଠି ବିକୀର୍ଣ୍ଣ ତବ
ଆଜନ୍ମ ସ୍ୱପ୍ନ ବିଭୋର
ଆବିଷ୍କାର କରିବାକୁ

ଚିରଞ୍ଜୀବୀ ତୁମେ ଚିରକାଳ
ଏ ଜାତିର ବାଗ୍ମୀ କଥାକାର ।
ତୁମେ 'ତନ୍ଦ୍ରାଲୋକର ପ୍ରହରୀ'
ଯା'ର ପାଶେ ମୃତ୍ୟୁ ଯାଏ ହାରି ।
ଜ୍ଞାନଦୀପ୍ତ ପ୍ରଚଣ୍ଡ ଉଦ୍‌ଗାତା
ଯଶ କୀର୍ତ୍ତି ଗଉରବ ଗାଥା ।
ଥିଲା ତୁମ ଜ୍ଞାନର ତପସ୍ୟା
ଚେତନାର ନୂଆ ପରିଭାଷା ।

ବିମୁକ୍ତ ବିହଙ୍ଗ ତୁମେ
'ଧୂମ୍ରାଭ ଦିଗନ୍ତ' ଡେଇଁ
'ଆକାଶର ଇସାରା'କୁ
'ଗୋଧୂଳି ବାଘ'କୁ କେବେ
ହେ ସାହିତ୍ୟ ମହାସିନ୍ଧୁ
ନାହିଁ ଯା'ର ପଟାନ୍ତର
ଓଡ଼ିଶା ଓ ଓଡ଼ିଆଙ୍କ
ମାତୃଭାଷା ପ୍ରତି ଥିଲା

ଉଡ଼ି ଉଡ଼ି ନୀଳ ପାରାବାର
ଛୁଇଁଥିଲ ଉତ୍ତୁଙ୍ଗ ଶିଖର ।
ବୁଝିଥିଲ ତୁମେ ଏକା ଜଣେ
ଡରି ନାହଁ ଏକାକୀ ଜୀବନେ ।
ନିଜେ ତୁମେ ନିଜର ତୁଳନା
କିଏ ତାକୁ କରିବ କଳନା ।
ତୁମେ ଥିଲ ଭୀଷ୍ମ ପିତାମହ
ଅହେତୁକ ଶ୍ରଦ୍ଧା ଆଉ ସ୍ନେହ ।

ସାରସ୍ୱତ ଜଗତର
ଭ୍ରମି ଦେଶ ବିଦେଶରେ
ଉପନ୍ୟାସ, ପ୍ରବନ୍ଧରେ
ଗଳ୍ପ, ରମ୍ୟ ରଚନାରେ
ଉତ୍କଳ ଭାରତୀ କୋଳେ
ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ
ମିଷ୍ଟଭାଷୀ ବନ୍ଧୁପ୍ରିୟ
ଦରଦୀ ହୃଦୟ ସଦା

ତୁମେ ସେହି ମନ୍ଦାକିନୀ ଧାରା
ବୁହାଇଛ ଭାଷା ମଧୁକ୍ଷରା ।
ମଣି ମୁକ୍ତା ଆଣିଛ ସାଉଁଟି
ମାଳା କେତେ ଦେଇଅଛ ଭେଟି ।
କି ଯୋଗରେ ହୋଇଥିଲ ଜନ୍ମ
ଆଜି ତୁମ ନାମ ଆଉ ଧାମ ।
ଅମାୟିକ ଉଦାର ବ୍ୟକ୍ତିତ୍ୱ
ଅନ୍ୟ ପାଇଁ ହୁଏ କଲ୍ଲୋଳିତ ।

ଅଟଳ ପ୍ରତିଜ୍ଞା ଦେବୀ
ପତ୍ନୀ ରୂପେ ପାଶେ ରହି
'ଶତାବ୍ଦୀର ଆର୍ତ୍ତନାଦ'
'ନାସ୍ତିକରୁ ଆସ୍ତିକ' ସାଜି
ଶ୍ରୀମାତା ଶ୍ରୀଅରବିନ୍ଦ
ପଣ୍ଡିଚେରୀ ଆଶ୍ରମକୁ

ମମତାର ମଧୁର ଝରଣା
ଦେଇଛନ୍ତି ତୁମକୁ ପ୍ରେରଣା ।
ବିଗଳିତ କରିଥିଲା ପ୍ରାଣ
ଯୋଗପଥ କରିଲ ବରଣ ।
ଦର୍ଶନରେ ହୋଇ ଆକର୍ଷିତ
କଲ ତୁମ ସାଧନାର କ୍ଷେତ୍ର ॥

ଯୋଗ, ଜୀବନ, ସାହିତ୍ୟ ହେଲା ସେଠି ତ୍ରିବେଣୀ ସଂଗମ
ଖୋଜୁଥିଲ ମିଳିଗଲା ସେ 'ଅମୃତ ଫଳ'ର ସନ୍ଧାନ ।
ବିପୁଳ ସାହିତ୍ୟ କୃତି ଅନୂଦିତ ରଚନା ସମ୍ଭାର
ଉଦ୍ଭାସିତ ହେଲା ଅବା ଲୁକ୍କାୟିତ ହୃଦୟ କମଳ ।
କାଳଜୟୀ ପାଲଟିଲା ସମୁଜ୍ଜ୍ୱଳ ସାରସ୍ୱତ ବିଭା
ବିଚ୍ଛୁରିତ ଚଉଦିଗେ ସେ କୃତିର ଅନୁପମ ଆଭା ।
'ସମୁଦ୍ରର କ୍ଷୁଧା' ଅବା 'ଆରଣ୍ୟକ', 'ଅରଣ୍ୟ ଉଲ୍ଲାସ'
'ଲକ୍ଷ୍ମୀର ଅଭିସାର' ପୁଣି ଅଦ୍ଭୁତ ସେ 'ଆବୁ ପୁରୁଷ' ।

ସହିଥିଲ କେତେ ଝଡ଼ 'ବୁଲ୍‌ଡୋଜର୍ସ' ଅବା 'ପ୍ରଭଞ୍ଜନ'
'ନନ୍ଦାବତୀ ମାଝେ' ପୁଣି 'ବିପୁଳାଚ ପୃଥ୍ୱୀ'ର ଦହନ ।
'ଦୂର ଦୂରାନ୍ତର' ବୁଲି ଚାଖିଥିଲ 'ଜୀବନର ସ୍ୱାଦ'
'ପ୍ରଜ୍ଞା ପ୍ରଦୀପିକା' ଦିଏ ତା'ର 'ସନ୍ଧାନ ଓ ସଂକେତ' ।
'ଅବୋଲକରା କାହାଣୀ' ହାସ୍ୟ ରସ ବ୍ୟଙ୍ଗର ସାରଣୀ
'ଆଲୋକ ଓ ଆନନ୍ଦ'ର କାହାଣୀରେ ତୁମ ପଦଧ୍ୱନି ।
ପ୍ରବେଶ ମାତ୍ରକେ ମନେ ଜାଗେ ନିତ୍ୟ ନୂତନ କଳ୍ପନା
'କେତେ ଦିଗନ୍ତ'କୁ ଛୁଇଁ ଯାଏ ତୁମ ଚିନ୍ତା ଓ ଚେତନା ।

ହୃଦେ ତୋଳି ଦେବାଳୟ ମାତୃ ପାଦେ ଆତୁର ଆରତି
ଦେଖିଛ ମଣିଷ ଦେହେ ଦେବତାଙ୍କ ଦିବ୍ୟ ଉପସ୍ଥିତି ।
ବିଶ୍ୱ ଐକ୍ୟ ସନ୍ଧାନରେ ଥିଲ ତୁମେ ପ୍ରଚଣ୍ଡ ବିଶ୍ୱାସୀ
ଚେତନାର ପ୍ରଗତିରେ ଯୋଗାରୂଢ଼ ନିବିଡ଼ ପ୍ରୟାସୀ ।
'ଶେଷ ବସନ୍ତର ଚିଠି' ଆସିଲା କି କାଳ ଇଙ୍ଗିତରେ
'ଅନେକ ସ୍ମିତ ହସ'ରେ ଆପଣେଇ ନେଲ ନୀରବରେ ।

ନଶ୍ୱର ନିବାସ ମୁକ୍ତ ଏବେ ତୁମ ଆତ୍ମା ଚିରନ୍ତନ
ପରମା ବିଶ୍ୱ ଜନନୀ ବର ପ୍ରାପ୍ତ ସୁଯୋଗ୍ୟ ସନ୍ତାନ ।
ସ୍ୱର୍ଗୀୟ ବିଶ୍ରାନ୍ତି ଶେଷେ ପୁଣି ନବ କଳେବର ନେଇ
ଲେଉଟି ଆସିବ ଦିନେ ଏ ଜଗତ ରହିଥିବ ଚାହିଁ ।
ଏ ଜାତିର ହେ ନମସ୍ୟ ପ୍ରଜ୍ଞାଘନ ପ୍ରବାଦ ପୁରୁଷ
ତୁମ ବିନା ସ୍ତବ୍ଧ ଆଜି ଭାରତର ସବୁ ଭାଷାକୋଷ ।
ଦିବଂଗତ ହେ ସାଧକ ସ୍ମୃତି ତୁମ ଅମ୍ଳାନ ଅମର
ଘେନ ଆମ କୃତଜ୍ଞତା ଶ୍ରଦ୍ଧାଞ୍ଜଳି ଚରଣେ ତୁମର ।

**– ହୃଷୀକେଶ ପଣ୍ଡା ❑**

# ସମୟ ଓ ଆବେଗର ସାଧକ

ପଣ୍ଡିଚେରୀ ଭ୍ରମଣ ଅବଧିରେ ତିନୋଟି କଥା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଥାଏ ଆମ ସମସ୍ତଙ୍କ ପାଇଁ । ଶ୍ରୀଅରବିନ୍ଦ ଆଶ୍ରମର କେନ୍ଦ୍ର ଭାଗରେ ଥିବା ସମାଧି ସ୍ଥଳ ପାଖରେ କିଛି ସମୟ ନୀରବତାର ଅସ୍ତିତ୍ୱକୁ ଅନୁଭବ କରିବା, ସମୁଦ୍ରର ସାନ୍ନିଧ୍ୟରେ କିଛି ସମୟ କାଟିବା ଏବଂ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରସ୍ଥ 'ହଲ୍ ଅଫ୍ ହାର୍ମୋନି' (ସଂହତି ଗୃହ)ରେ ଶ୍ରୀଅରବିନ୍ଦଙ୍କ ଲିଖିତ 'ଭାବନା କାରିକା' ଉପରେ ମନୋଜ ଦାସଙ୍କ ବ୍ୟାଖ୍ୟା ଶ୍ରବଣ । ପ୍ରଥମ ଦୁଇଟି କଥା ପାଇଁ ସମୟ ନମନୀୟ, ମାତ୍ର ମନୋଜ ଦାସଙ୍କ ସାନ୍ଧ୍ୟ ଅଧିବେଶନ କଥାଟା ନିଆରା । ନିର୍ଘଣ୍ଟ ସମୟ ଆଗରୁ ସେଠି ପହଞ୍ଚିବାକୁ ହୁଏ । ଆମେ ୧୦ ମିନିଟ ଆଗରୁ ଆସୁ । ହେଲେ ସେତେବେଳକୁ ପ୍ରଫେସର ଦାସ ଆସି ତାଙ୍କ ଉଦ୍ଦିଷ୍ଟ ଆସନରେ ବସି ରହିଥା'ନ୍ତି । ଟେବୁଲ ଉପରେ ରଖିଥା'ନ୍ତି ତାଙ୍କ କାନ୍ଧ ଝୁଲା ବ୍ୟାଗ ଯାହା ଭିତରେ ଥାଏ ସେହି ପୁସ୍ତକଟି । ଆଖି ଖୋଲି ଥାଆନ୍ତି, ମାତ୍ର ଆମ ଆଖି ସହ ସେ ଆଖି ଯୁକ୍ତ ହୋଇ ରହିଯିବାର ସମ୍ଭାବନା କମ୍, ଯେମିତି ପବନ ବହିଲେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକି ରହେନା – ଠିକ୍ ସେମିତି । କେହି ନମସ୍କାର କଲେ ମଥା ହଲାଇ ସେ ପ୍ରତ୍ୟୁତ୍ତର ଦିଅନ୍ତି ପ୍ରତି ନମସ୍କାର ମୁଦ୍ରାରେ । ଅନେକ ଖାତା, ବହି ଓ କଲମ ଧରି ବସି ରହିଥା'ନ୍ତି । ଠିକ୍ ୬.୩୦ ହେଲେ ତାଙ୍କ ଖୋଲା ଆଖିର ଧ୍ୟାନ ଭାଙ୍ଗି ଯାଏ ଏବଂ ସେ ସଚଳ ଓ ସକ୍ରିୟ ହୋଇ ଯାଆନ୍ତି । ସାବଲୀଳ ଭାବରେ ଅନର୍ଗଳ ସେ ବୁଝାଇ ଚାଲନ୍ତି ଶ୍ରୀଅରବିନ୍ଦଙ୍କର ସେହି ଗୂଢ଼ ତତ୍ତ୍ୱ ବା ଉକ୍ତିକୁ ନିଜ ଅଭିଜ୍ଞତାଲବ୍ଧ ଜ୍ଞାନ ଏବଂ ପଠିତ ବା ଲିଖିତ କାହାଣୀମାନଙ୍କ ମାଧ୍ୟମରେ । ଆମେ ସେହି ୪୫ ମିନିଟ କେଉଁ ଏକ କୁହୁକ ରାଜ୍ୟରେ ପ୍ରବେଶ କରିଯାଉ । ମୋହଗ୍ରସ୍ତ ହୋଇ ଶୁଣୁ ତାଙ୍କର ବ୍ୟାଖ୍ୟାନ । ତାଙ୍କ କ୍ଲାସ ଆରମ୍ଭ ପରେ ସେ ଗୃହକୁ କେହି ପ୍ରବେଶ କରିବା ବା କେହି ସେ ଗୃହ ଛାଡ଼ି ବାହାରକୁ ଯିବା ମୋ ସ୍ମରଣକୁ ଆସୁ ନାହିଁ । ଯେଉଁଦିନ ପ୍ରଥମ କରି ମୁଁ ସେହି ଗୃହରେ ତାହା ଶୁଣିବାର ସୁଯୋଗ ପାଇଥିଲି ମୋର ଅନୁମାନ ହୋଇଥିଲା ସେ ବୋଧହୁଏ କୌଣସି କାରଣବଶତଃ ୧୦ ମିନିଟ ଆଗରୁ ଆସି ଯାଇଥାଇ ପାରନ୍ତି । ମାତ୍ର ସେ ମୋତେ ଭୁଲ୍ ପ୍ରମାଣିତ କରିଥିଲେ ବାରମ୍ବାର । ସମୟ ଜ୍ଞାନ ଯେ ଏକ ସାଧନା – ସେ ଥିଲେ ତା'ର ଗୋଟିଏ ଜ୍ୱଳନ୍ତ ଉଦାହରଣ ।

୧୯୬୩ ମସିହାରେ ମନୋଜ ଦାସ ସବୁଦିନ ପାଇଁ ଓଡ଼ିଶା ଛାଡ଼ି ପଣ୍ଡିଚେରୀ ଚାଲିଯିବା ପୂର୍ବରୁ ଶେଷ କିଛି ଦିନ କଟାଇଥିଲେ କୋରାପୁଟର ଜୟପୁରରେ । ୨୦୦୫ରେ ମୁଁ ଜୟପୁର ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥାଏ । ଆମେ ବହୁତ ଥର ତାଙ୍କୁ ପଣ୍ଡିଚେରୀ ଯାଇ ଅନୁରୋଧ କରିଥିଲୁ ସେ ଆଉ ଥରେ ଜୟପୁର ଆସନ୍ତୁ ବୋଲି । ଆମକୁ ସେ ୨୦୦୫, ନଭେମ୍ବର ଶେଷ ଥର ପାଇଁ ଆସିବେ ବୋଲି ପ୍ରତିଶ୍ରୁତି ଦେଲେ । ତାହା ହିଁ ହେଲା । ସେଦିନ ସନ୍ଧ୍ୟାରେ ଶ୍ରୀଅରବିନ୍ଦ ଭବନ ପରିସର ଗହଳି ହୋଇଗଲା । ପଡ଼ିଥିବା ଚୌକିଠାରୁ ଅଧିକ ଲୋକ ଆସିଥିଲେ । ସଭା ଆରମ୍ଭରେ କିଛି କ୍ଷଣ ପୂର୍ବରୁ ଭଲ କରି ଅସରାଏ ବର୍ଷା ବର୍ଷି ପୁଣି ଛାଡ଼ିଗଲା । ବାହାରେ କୁଣ୍ଡାଝାଡ଼ିବା ପରି ବର୍ଷା ହେଉଥିବାରୁ ସାମିୟାନା ତଳେ ଜାକିଜୁକି ହୋଇ ଆମେ ବସିଲୁ । ସେଦିନ ତାଙ୍କ ବକ୍ତବ୍ୟର ଶିର୍ଷକ ଥିଲା ''ଚିରକାଳର ଅନ୍ୱେଷଣ'', ଆଉ ସମୟ ଥିଲା ୬:୩୦ ରୁ ୭:୩୦ । ପ୍ରଫେସର ଦାସ ତାଙ୍କ ବକ୍ତବ୍ୟ ରଖିଲେ । ସେ ସେଦିନ, ରୁସ୍ତମ ଓ ସୋହରାବଙ୍କ ଯୁଦ୍ଧର କାହାଣୀ କହିଥିଲେ । ସେଥିରେ ରୁସ୍ତମଙ୍କ ହାତରେ ତାଙ୍କ ପୁତ୍ରର ମୃତ୍ୟୁ ଏବଂ ପରେ ସୋହରାବଙ୍କ ହାତ ତାବିଜରୁ ସେ ତାଙ୍କ ପୁତ୍ର ବୋଲି ଜାଣି ପାରି ଯେଉଁ ନିଷ୍ଠୁର ସତ୍ୟର ସାମନା କରିଥିଲେ ତାହା କହୁଥିଲେ । ଆଜି ତାଙ୍କୁ ତାଙ୍କ ବିଜୟ ଓ ଜୟ ଧ୍ୱନି ଆଉ ଭଲ ଲାଗୁ ନଥିଲା । ତାଙ୍କ ଅହଂକାର ଭାଙ୍ଗି ଚୁରମାର ହୋଇଗଲା । ସେ ଆତ୍ମସ୍ଥ ହେଲେ, ତାଙ୍କ ଜୀବନରେ ଆଉ ଏକ ଦିଗ ଉନ୍ମୋଚିତ ହେଲା । ଏମିତି ଗୋଟାଏ ପରେ ଗୋଟେ ମନୋଜଶୈଳୀର କାହାଣୀର ଅବତାରଣା ମାଧ୍ୟମରେ ସେ ବୁଝାଇ ଚାଲିଥିଲେ ମଣିଷର ଅନ୍ୱେଷଣର ଇତିହାସ ଓ ଇତିବୃତ୍ତି । ଏମିତି ପ୍ରାୟ ୪୨ ମିନିଟ । ଏଥର ସେ ନିଜ ବକ୍ତବ୍ୟକୁ ଶେଷ କରିବାକୁ ଚାହିଁଲେ ଏବଂ କହିଲେ, ''ଆଉ ଆପଣମାନଙ୍କର ଧୈର୍ଯ୍ୟର ପରୀକ୍ଷା ମୁଁ ନେବି ନାହିଁ, ମୋର ଭାଷଣକୁ ଲଦି ଦେବି ନାହିଁ; କାରଣ ପାଗର ପ୍ରତିକୂଳତା ସମ୍ପର୍କରେ ମୁଁ ଅବଗତ । ଅତଏବ ମୋତେ ଏଠାରେ ଭାଷଣରେ ବିରାମ ଆଣିବାକୁ ପଡ଼ିବ ।''

*(ଅବଶିଷ୍ଟାଂଶ ୫୪ ପୃଷ୍ଠାରେ ଦେଖନ୍ତୁ)*

# ଶ୍ରୀ ମନୋଜ ଦାସଙ୍କ ଉପଲକ୍ଷେ
# କୃତଜ୍ଞତାର ଏକ ଫୁଲତୋଡ଼ା

ସାନବେଳେ ସ୍କୁଲରେ ପଚାରୁଥିଲେ ବଡ଼ ହେଲେ କ'ଣ ହେବ ? ଆମେ କିଛି ନ ବୁଝି ଉତ୍ତର ଦେଉଥିଲୁ ଯେ ହଁ ଏକ ବଡ଼ ମଣିଷ ହେବୁ । କିନ୍ତୁ ଆଜି ପର୍ଯ୍ୟନ୍ତ ପୃଥିବୀପୃଷ୍ଠରେ ଏକ ବଡ଼ ମଣିଷ ହେବାର ଯଥାର୍ଥ ଅର୍ଥ କ'ଣ ତା ହୁଏତ ପ୍ରକୃତରେ ଆମେ ସେଦିନ ବୁଝି ନଥିଲୁ । ୨୭ ଏପ୍ରିଲ, ୨୦୨୧ ରେ ଶ୍ରୀଯୁକ୍ତ ମନୋଜ ଦାସଙ୍କ ବିୟୋଗର ଖବର ଶୁଣି ତାଙ୍କର ବ୍ୟକ୍ତିତ୍ୱର ମହନୀୟତାକୁ ଅନୁଭବ କରି ବୁଝି ପାରିଥିଲି ଯେ ପ୍ରକୃତରେ ବଡ଼ ମଣିଷ କହିଲେ କାହାକୁ ବୁଝାଏ । ଜାଣେନି ଦୀର୍ଘ ତିରିଶ ବର୍ଷ ମଧ୍ୟରେ ଆଶ୍ରମରେ ତାଙ୍କ ସହିତ ଆଳାପ ଆଲୋଚନା ମାଧ୍ୟମରେ ସେହି ମହାନ୍ ଆତ୍ମାର ଦୃଷ୍ଟିଭଙ୍ଗୀ ନେଇ ତାଙ୍କ ଠାରୁ ଯଥେଷ୍ଟ ଅମୃତମୟ ମଧୁ ସଂଗ୍ରହ କରି ପାରିଛି କି ନାହିଁ । ମାତ୍ର ତାଙ୍କର ଅବର୍ତ୍ତମାନର ମୁହୂର୍ତ୍ତ ମଧ୍ୟରେ ଧୀରେ ଧୀରେ ତାଙ୍କ ମଧୁର ସ୍ମୃତିର ସୁଗନ୍ଧ ମୋ ସ୍ମୃତିପଟକୁ ବିମୋହିତ କରି ଚାଲିଲା ।

ଚାହେଁ ବା ନ ଚାହେଁ ମୋର ଅନ୍ତରାତ୍ମା କହୁଥିଲା ତାଙ୍କୁ ମୋର ଶେଷ କୃତଜ୍ଞତା ଜଣାଇବା ପାଇଁ । ଦୀର୍ଘ ଏକ ବର୍ଷ ପାଖାପାଖି ସେ ଆଶ୍ରମ ନର୍ସିଂ ହୋମ୍‌ରେ ଥିଲାବେଳେ ମୋତେ ତାଙ୍କୁ ଭେଟିବାର ଇଚ୍ଛାର ଏହି ଗୋଟିଏ ହିଁ କାରଣ ଥିଲା, ସିଏ ଦେଇ ଯାଇଥିବା ସବୁକିଛି ପାଇଁ ତାଙ୍କୁ ମୋର ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନର ଏକ ଭେଟି ଅର୍ପଣ କରିବାକୁ । ସେହି ପ୍ରସଙ୍ଗଟି କୌଣସି କାରଣ ବଶତଃ ବଞ୍ଚିତ ହୋଇ ଥିବାରୁ ମୁଁ ଆଜି ତାଙ୍କୁ ଭଲ ପାଉଥିବା ସମସ୍ତ ଆତ୍ମୀୟ ଭାଇ ଭଉଣୀଙ୍କ ସହିତ ମୋର କୃତଜ୍ଞତା ଅର୍ପଣପୂର୍ବକ ପ୍ରାର୍ଥନା ଜଣାଇବି ଯାହା ହୁଏତ ତାଙ୍କ ଅମର ଆତ୍ମାର ଯାତ୍ରାପଥରେ ସହାୟକ ହେବ ।

କେଉଁଠୁ ଆରମ୍ଭ କରିବି ? ହାଇସ୍କୁଲରେ ପଢ଼ିଲା ବେଳେ ସାହିତ୍ୟକୁ ଖୁବ୍ ଭଲ ପାଉଥିଲି । ପରେ ପରେ ମୋର ସ୍ନାତକୋତ୍ତର ସମୟରେ ଶ୍ରୀଯୁକ୍ତ ମନୋଜ ଦାସଙ୍କ Heritage Magazine ମତେ ଏକ ଉଚ୍ଚମାନର ସାହିତ୍ୟ ଦିଗରେ ଆକର୍ଷିତ କରିଥିଲା । ମାତ୍ର ମୋର ତା ମଧ୍ୟରେ ନିମଗ୍ନ ହେବାର ପ୍ରବଳ ଇଚ୍ଛା ଥିଲେ ମଧ୍ୟ ମୁଁ ସେଥିପାଇଁ ସୁଯୋଗ ସୃଷ୍ଟି କରି ପାରି ନ ଥିଲି । କାରଣ ମୁକ୍ତ ଆକାଶର ଅନ୍ୟ ଅନେକ ଜଗତର ଆହ୍ୱାନରେ ମୁଁ ସାହିତ୍ୟ ପ୍ରତି ଥିବା ଆକର୍ଷଣରୁ ଅନେକଟା ବଞ୍ଚିତ ହୋଇଥିଲି । କିନ୍ତୁ ଶ୍ରୀ ମନୋଜ ଦାସଙ୍କ ଦ୍ୱାରା ସମାହିତ ହୋଇଥିବା ସାହିତ୍ୟକୁ କେବେ ଭୁଲି ପାରି ନ ଥିଲି ।

ଆଜିକୁ ତିରିଶ ବର୍ଷ ତଳେ ମୁଁ ଯେତେବେଳେ ଆଶ୍ରମକୁ ଆସିଥିଲି ସେତେବେଳେ ସ୍ୱତଃସ୍ଫୂର୍ତ୍ତ ଭାବେ ମୋର ହୃଦୟର ଅନୁଭବରୁ କାହିଁକି କେଜାଣି ମୁଁ ତାଙ୍କ ବ୍ୟକ୍ତିତ୍ୱର ଆଗ୍ରହୀ ସ୍ତାବକ ହୋଇଯାଇଥିଲି । ତାଙ୍କର ସାହିତ୍ୟିକ ପ୍ରତିଭା ଦିଗରେ ଅଧିକ ଆକର୍ଷିତ ହେବାଠାରୁ ମୁଁ ତାଙ୍କ ମଧୁର ବ୍ୟକ୍ତିତ୍ୱର ଚୁମ୍ବକୀୟ ଆକର୍ଷଣ ପ୍ରତି ଅଧିକ ଆକୃଷ୍ଟ ହୋଇଥିଲି । ଏହି ପରିପ୍ରେକ୍ଷୀରେ ମନକୁ ଆସେ ଭକ୍ତ ପ୍ରହ୍ଲାଦଙ୍କ ଚାଲିଯିବାର କେତେ ହଜାର ବର୍ଷ ପରେ ମଧ୍ୟ ତାଙ୍କର ଭକ୍ତିର ପରାକାଷ୍ଠା ମନୁଷ୍ୟର ଆଧାତ୍ମିକ ପରମ୍ପରାରେ ଚିର ସ୍ମରଣୀୟ ହୋଇ ରହିଛି ଯଦିଓ ତାଙ୍କର କୌଣସି ସୃଜନଶୀଳ ପ୍ରତିଭାର ନମୁନା ଆମେ ଦେଖିବାକୁ ପାଉ ନାହିଁ ।

ବାସ୍ତବରେ କହିବାକୁ ଗଲେ ମୋର ଶିଶୁ ହୃଦୟରେ ଓ ସ୍ୱଚ୍ଛ, ସରଳ ମନରେ 'ବଡ଼ ମଣିଷ' ହେବାର ଯେଉଁ ଚିତ୍ରଟି ଆଙ୍କି ହୋଇ ଯାଇଥିଲା, ସେଇଟା ମୁଁ ପ୍ରତ୍ୟକ୍ଷ କରିଥିଲି ମନୋଜ ବାବୁଙ୍କ ବ୍ୟକ୍ତିତ୍ୱ ଭିତରେ । ବିଗତ ବର୍ଷଗୁଡ଼ିକରେ ଆମେମାନେ ଏକ ସାଙ୍ଗରେ ଆଶ୍ରମ ଜୀବନଯାପନ କରୁଥିବା ବେଳେ ସାହିତ୍ୟ ଛଡ଼ା ସେ ଆମମାନଙ୍କୁ ଅନେକ କିଛି ଦେଇଛନ୍ତି । ଯାହାକୁ ଆଜି ମୋର ସ୍ମୃତିପଟରେ ଅନୁଭବ କରିବାକୁ ଯାଇ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ ।

ସେ ଏପରି କ'ଣ ଦେଇଥିଲେ ଯାହା ମୋର ହୃଦୟ ଏବଂ ଆତ୍ମାର ଗଭୀରତାକୁ ଛୁଉଁଥିଲା, ଯାହାକୁ ପ୍ରକାଶ କରିବା ପାଇଁ ମୋତେ ଏକ ତୀବ୍ର ଭାବୋଚ୍ଛ୍ୱାସର ସମ୍ମୁଖୀନ ହେବାକୁ ପଡୁଛି । ସଂକ୍ଷିପ୍ତ ଭାବରେ କହିବାକୁ ଗଲେ ତାଙ୍କର ବିଶାଳ ବ୍ୟକ୍ତିତ୍ୱ ମଧ୍ୟରେ ସଂଶ୍ଳିଷ୍ଟ ହୋଇ ରହିଥିବା ତିନୋଟି ଉତ୍କର୍ଷ ଗୁଣ ଦେଖିବାକୁ ମିଳେ । ତାଙ୍କର ଗଭୀର ଶ୍ରଦ୍ଧା ଓ ଭଲ ପାଇବା, ଅକପଟ ଓ ଅସାଧାରଣ ବିନମ୍ରତା, ଅଯାଚିତ ଭାବେ ଅନ୍ୟଜଣକୁ ଏକ ସମ୍ମାନାସ୍ପଦ ଦୃଷ୍ଟିରେ ବ୍ୟବହାର କରିବା ଥିଲା ଏହାର ଜୀବନ୍ତ ଦୃଷ୍ଟାନ୍ତ ।

ଏହି ପ୍ରସଙ୍ଗରେ ମୋର ଆଉ ଗୋଟିଏ କଥା ମନେ ପଡ଼େ । ସୌଭାଗ୍ୟବଶତଃ ୧୯୯୧ ମସିହାରେ ଶ୍ରୀଅରବିନ୍ଦ ଆଶ୍ରମକୁ ଆସିବା ପରେ ମୁଁ ଅନେକ ଅସାଧାରଣ ବ୍ୟକ୍ତିତ୍ୱଙ୍କ ସମ୍ପର୍କରେ ଆସିଥିଲି । ସେମାନଙ୍କ ମଧ୍ୟରେ ଥିଲେ ଆମର ଅତିପ୍ରିୟ ଅମଳକିରଣ, ଯାହାଙ୍କ ସହ ମୋର ପ୍ରଥମ ସାକ୍ଷାତ୍‌ରେ ତାଙ୍କର ଅମାୟିକ, ଅସାଧାରଣ, ସରଳ ବ୍ୟକ୍ତିତ୍ୱକୁ ଦେଖି ମୁଁ ଚମତ୍କୃତ ହୋଇଥିଲି ଏବଂ ବିଶ୍ୱାସ କରିପାରୁ ନଥିଲି ଯେ ମଣିଷ ଏତେ ସୁପ୍ରତିଷ୍ଠିତ ହେଲା ପରେ ମଧ୍ୟ ଶିଶୁ ଭଳି ଏତେ ସରଳ ରହିପାରେ ! ସେତେବେଳେ ମୋର ମନେ ହେଉଥିଲା, ସତରେ ମୁଁ ଏପରି କିଛି ଉପଲବ୍ଧି କରୁଛି ନା ଉପନ୍ୟାସର ଏକ ବ୍ୟକ୍ତି ଚରିତ୍ରର କାହାଣୀ ପଢୁଛି । ଠିକ୍ ସେହିପରି ଶ୍ରୀ ମନୋଜ ଦାସଙ୍କୁ ଭେଟିବା ପରେ ତାଙ୍କ ଅସାଧାରଣ ବିନମ୍ରତା ଓ ସମ୍ମାନାସ୍ପଦ ବ୍ୟବହାର ମୋତେ ଚକିତ କରିଥିଲା । ବିଭିନ୍ନ ସମୟରେ ଏବଂ ବିଭିନ୍ନ ପରିସ୍ଥିତିରେ ତାଙ୍କର ମୋର ପରିସରଭୁକ୍ତ ବିଭିନ୍ନ ପ୍ରକାର କର୍ମ ପ୍ରତି ଗଭୀର ଶୁଭେଚ୍ଛାମୂଳକ ଦୃଷ୍ଟି ଓ ବିଭିନ୍ନ ସମୟରେ ତାଙ୍କର ଉପସ୍ଥିତି ଏବଂ ମୋ ଭଳି ଏକ କ୍ଷୁଦ୍ର ବ୍ୟକ୍ତିର ଛୋଟ ଛୋଟ ସମସ୍ୟାର ସମାଧାନକୁ ନେଇ ତାଙ୍କର ପ୍ରଜ୍ଞାଲୋକିତ ଦୃଷ୍ଟଭଙ୍ଗୀ ମୋତେ ବାରବାର ଚମତ୍କୃତ କରୁଥିଲା । ପରିଣାମରେ ଅଜାଣତରେ ଯେପରି ଏକ ଗଭୀର ବନ୍ଧୁତାର ସମ୍ପର୍କରେ ମା'ଙ୍କର ସେହି ସୁବର୍ଣ୍ଣ ହାରରେ ଆମେମାନେ ପାଖାପାଖି ଗୁନ୍ଥା ହୋଇ ରହିଗଲୁ । ଆପଣମାନଙ୍କ ମଧ୍ୟରୁ କେହି କେହି ହୁଏତ ଏହି ସମାନ ଅନୁଭୂତି ଲାଭ କରିଥିବେ ।

୨୭ ଫେବ୍ରୁଆରୀ, ୧୯୩୪ ମସିହାରେ ସେ ଏହି ଧରାପୃଷ୍ଠକୁ ଆସିଥିଲେ । ସେଦିନଟିର ବୈଶିଷ୍ଟ୍ୟ କ'ଣ ଥିଲା ମୁଁ ଜାଣେନି । ଯଦିବା ୨୭ ଏପ୍ରିଲ, ୨୦୨୧ର ଚୈତ୍ର ପୂର୍ଣ୍ଣିମାରେ ତାଙ୍କ ତିରୋଧାନର ସନ୍ଧ୍ୟାଟି ପୃଥିବୀପୃଷ୍ଠରେ ତାଙ୍କର ଆଧ୍ୟାତ୍ମିକ ଜୀବନରେ ଯେ ପୂର୍ଣ୍ଣତା ଆଣି ଦେଇଛି ତାହାର ଏକ ସ୍ପଷ୍ଟ ସଙ୍କେତ ଥିଲା, ଯାହା ମୋତେ ଏପରି ଏକ ଅନୁଭବ ଆଣିଦେଲା । ମୁଁ ତାଙ୍କର ଜୀବନ କାଳ ମଧ୍ୟରେ ଯାହାସବୁ ବିଶ୍ଳେଷଣ କରିବାର ଚେଷ୍ଟା ନ କରିଛି ଏବେ ତାହା କରିବାକୁ ଅତ୍ୟଧିକ ଆଗ୍ରହ ଅନୁଭବ କରୁଛି । ଏହି ଆଗ୍ରହର ଉତ୍ସ ହିଁ ମୋର ତାଙ୍କ ପ୍ରତି ଭଲ ପାଇବାର ଦୃଷ୍ଟିକୋଣଟାକୁ ଉନ୍ମୋଚିତ କଲା । ମୁଁ ଆବିଷ୍କାର କଲି ଯେ ତାଙ୍କ ମଧ୍ୟରେ ଏକ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ସଂଗୁପ୍ତ ହୋଇ ରହିଥିଲା ଯାହାକି ତାଙ୍କ ରଚନା ତଥା ବକ୍ତବ୍ୟ ମାଧ୍ୟମରେ ମାନବ ସମାଜକୁ ବିତରଣ କରୁଥିଲେ ।

ଏସମ୍ବନ୍ଧରେ ବାସ୍ତବରେ ମୁଁ ବିସ୍ମିତ ତଥା ଦ୍ୱନ୍ଦ୍ୱରେ ନ ଥିଲେ ମଧ୍ୟ ଏକ ଆଭାସ ମୋ ଭିତରେ ଉଙ୍କି ମାରୁଛି ଯେ ସେ ହୁଏତ ସ୍ୱର୍ଗତ ବ୍ୟାସକବି ଫକୀର ମୋହନ ସେନାପତି (ତିରୋଧାନ ଜୁନ୍ ୧୯୧୮)ଙ୍କର ପୁନର୍ଜନ୍ମ ପାଇଥିଲେ ବା ଶ୍ରୀଅରବିନ୍ଦଙ୍କ ଦ୍ୱାରା ବହୁ ଆଦୃତ ଭାରତୀ ସୁବ୍ରମଣ୍ୟମ୍ (ତିରୋଧାନ ୧୨ ସେପ୍ଟେମ୍ବର, ୧୯୨୧)ଙ୍କର ପୁନର୍ଜନ୍ମ ପାଇଥିଲେ ।

ଏକ ନାସ୍ତିକ ବ୍ୟକ୍ତି ବିଶିଷ୍ଟ ସାହିତ୍ୟିକ ହିସାବରେ ପରିଗଣିତ ହେବା ପରେ ମଧ୍ୟ ପରବର୍ତ୍ତୀ କାଳରେ ତାଙ୍କର ଉଦ୍ଦୀପ୍ତ ଯୁବ ପ୍ରତିଭା ପ୍ରସ୍ଫୁଟିତ ହେବା ସମୟରେ ଶ୍ରୀଅରବିନ୍ଦଙ୍କର ଗଭୀର ଆଧ୍ୟାତ୍ମିକ ଦର୍ଶନରେ ସଂପୂର୍ଣ୍ଣ ପ୍ରଭାବିତ ହୋଇ ୧୯୬୩ ମସିହାରେ ୨୯ ବର୍ଷ ବୟସରେ ପୂର୍ଣ୍ଣରୂପେ ଶ୍ରୀଅରବିନ୍ଦ ଆଶ୍ରମକୁ ଚାଲି ଆସିବା ତାଙ୍କ ଅଧ୍ୟାତ୍ମ ଯାତ୍ରାର ଏକ ଉଚ୍ଚତର ଆରୋହଣର ଦିଗକୁ ଉନ୍ମୋଚିତ କରୁଛି । ଯାହା ପରବର୍ତ୍ତୀ ସମୟରେ ତାଙ୍କର ଅନନ୍ୟ ସାହିତ୍ୟିକ କୃତି ଓ ପ୍ରତିଭା ପ୍ରତି ଉନ୍ମୁକ୍ତ ଥିବା ପୃଥିବୀର ଅସଂଖ୍ୟ ପାଠକବୃନ୍ଦଙ୍କର ମାନସିକ ଧାରାକୁ ପ୍ରଭାବିତ କରି ପାରିଥିଲା ।

ଶ୍ରୀଅରବିନ୍ଦଙ୍କ ଦର୍ଶନର ଗଭୀର ବୋଧଗମ୍ୟତା ଓ ସାବଲୀଳ ପ୍ରାଜ୍ଞିକ ବାଗ୍ମିତାର ପ୍ରକାଶ ତାଙ୍କ ମଧ୍ୟରେ ଅନନ୍ୟ ଥିଲା । ଏହାର ପ୍ରମାଣ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ଜୀବନ ସମ୍ବନ୍ଧୀୟ ତଥ୍ୟମୂଳକ ନଥିସବୁ ଇଂଲଣ୍ଡରୁ ପଣ୍ଡିଚେରୀ ପର୍ଯ୍ୟନ୍ତ ସମସ୍ତ କିଛି ଗଭୀର ଅନୁଧ୍ୟାନ ସହ ସଂଗ୍ରହ କରି ଆଶ୍ରମର ସଂଗ୍ରହାଳୟରେ ଅନ୍ତର୍ଭୁକ୍ତ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଏଥିରୁ ଅନୁଭୂତ ହୁଏ ଶ୍ରୀଅରବିନ୍ଦଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନ । କହିବା ବାହୁଲ୍ୟ ଆଉ ଏକ ଆଧ୍ୟାତ୍ମିକ କର୍ମର ପ୍ରମାଣସ୍ୱରୂପ ସେ ଦେଇଯାଇଛନ୍ତି ତାଙ୍କର ଦୀର୍ଘ ଦିନର ସାଧନା ଓ ପ୍ରୟାସଲବ୍ଧ ସାବିତ୍ରୀ ମହାକାବ୍ୟର ଓଡ଼ିଆ ଅନୁବାଦରେ । ଅନ୍ୟଟି ହେଲା ଶ୍ରୀଅରବିନ୍ଦଙ୍କ ଦୃଶ୍ୟମାନ ଓ ଅଦୃଶ୍ୟମାନ ଅନ୍ତର୍ନିହିତ ଜୀବନ ବ୍ୟାଖ୍ୟାର ଏକ ସବିଶେଷ କୃତୀକୁ ସେ ଲିପିବଦ୍ଧ କରି ନିକଟରେ ପ୍ରକାଶ କରିଛନ୍ତି ଶ୍ରୀଅରବିନ୍ଦଙ୍କ ଜୀବନୀ ପୁସ୍ତକରେ ।

କେବଳ ସେ ଆଧ୍ୟାତ୍ମିକ, ସାମାଜିକ ଏବଂ ସମସାମୟିକ ପ୍ରଶ୍ନ ବା ବିଷୟବସ୍ତୁର ଯେ ଅସାଧାରଣ ଉତ୍ତର ଦେଉଥିଲେ ସେତିକି ନୁହେଁ, ମାତ୍ର ଶ୍ରୀଅରବିନ୍ଦଙ୍କ ଜୀବନ ସମ୍ବନ୍ଧୀୟ ସମସ୍ତ ତଥ୍ୟଗତ ବିଷୟ ଉପସ୍ଥାପିତ କରିବାରେ ତାଙ୍କର ଅନନ୍ୟ

ପାରଦର୍ଶିତା ଥିଲା; ଯାହାକି ତାଙ୍କୁ ସର୍ବସମକ୍ଷରେ ଏକ ପ୍ରଶଂସନୀୟ ବ୍ୟକ୍ତିତ୍ୱ ଭାବେ ଉପସ୍ଥାପିତ କରିଥିଲା । ପ୍ରଶ୍ନୋତ୍ତର ପ୍ରସଙ୍ଗରେ ତାଙ୍କ ମଧ୍ୟରେ ପ୍ରବୀଣ ଜ୍ଞାନର ଭଣ୍ଡାର ସ୍ୱରୂପ ଏକ ବ୍ୟାପକତା ଥିଲା ଏବଂ ଭଗବାନ୍ ତାହାକୁ ପ୍ରକାଶ କରିବାକୁ ଏକ ସ୍ୱତନ୍ତ୍ର ଗାମ୍ଭୀର୍ଯ୍ୟପୂର୍ଣ୍ଣ, ଉଦାତ୍ତ କଣ୍ଠ ମଧ୍ୟ ଦେଇଥିଲେ ।

ଶ୍ରୀଅରବିନ୍ଦଙ୍କ ଜୀବନୀକୁ ଏକ ପୂର୍ଣ୍ଣ ଚଳଚ୍ଚିତ୍ରରେ ରୂପ ଦେଇ ସବୁଦିନ ପାଇଁ ମାନବଜାତିର ସ୍ମୃତିରେ ଲିପିବଦ୍ଧ କରି ରଖିବା ପାଇଁ ମୋର ଏକ ସ୍ୱପ୍ନ ରହିଥିଲା ଏବଂ ରହିଛି ମଧ୍ୟ ସେହିଟିକୁ ରୂପ ଦେବା ପାଇଁ ପ୍ରାଥମିକ ଆବଶ୍ୟକତା ହେଉଛି ଏକ ଉଚ୍ଚମାନର ଲିପିବଦ୍ଧ ଶ୍ରୀଅରବିନ୍ଦଙ୍କ ଜୀବନ କାହାଣୀ । ସେହି କାର୍ଯ୍ୟ ପାଇଁ ମୁଁ ଯଦି କାହାରିକୁ ଏକାନ୍ତ ରୂପେ ଖୋଜି ବୁଲୁଥିଲି ତେବେ ସେ ହେଉଛନ୍ତି କେବଳ ହିଁ ଶ୍ରୀ ମନୋଜ ଦାସ । ଉଭୟଙ୍କର ସମୟ ଓ କର୍ମର ତାଡ଼ନା ହେତୁ ମୁଁ ତାଙ୍କୁ ଏହି ପ୍ରସ୍ତାବଟି ଉପସ୍ଥାପିତ କରିବା ପୂର୍ବରୁ ସେ ଅସୁସ୍ଥ ହୋଇ ଯାଇଥିଲେ । ପ୍ରତ୍ୟେକ ସଦିଚ୍ଛାମୂଳକ ସ୍ୱପ୍ନ ଦିନେ ନା ଦିନେ ସତ୍ୟରେ ରୂପାୟିତ ହୁଏ ଏବଂ ତାହା ହିଁ ଘଟିଥିଲା ଏହି ଘଟଣାରେ । ତେଣୁ ମୋର ସ୍ୱପ୍ନ ଅଧା ସାର୍ଥକ ହେଲା ଯେତେବେଳେ ମୁଁ ଜାଣିଲି ଯେ ମୋର ଆବଶ୍ୟକ ପାଣ୍ଡୁଲିପିଟି ତାଙ୍କ ଲିଖିତ ଶ୍ରୀଅରବିନ୍ଦଙ୍କ ଜୀବନ କାହାଣୀରେ ସୁଚାରୁ ରୂପେ ସଂରକ୍ଷିତ ହୋଇ ରହିଛି ।

ତାଙ୍କର ଆଶ୍ରମ ଜୀବନ କାଳରେ ବିଭିନ୍ନ ସାମୂହିକ ଅନୁଷ୍ଠାନ ପ୍ରତି ଏବଂ ଅନ୍ୟ ସହଯାତ୍ରୀମାନଙ୍କର ପ୍ରକୃତ ଆବଶ୍ୟକତା ପ୍ରତି ଅନନ୍ୟ ଅବଦାନକୁ ଅସ୍ୱୀକାର କରି ହେବନି । ଦେଶ ବିଦେଶରେ ସେ ଏକ ଉଚ୍ଚକୋଟୀର ସାହିତ୍ୟିକ ଭାବେ ପରିଚିତ । ତାଙ୍କର ଆଧ୍ୟାତ୍ମ ବ୍ୟକ୍ତିତ୍ୱ ଅତି ସୂକ୍ଷ୍ମ ଭାବରେ ତାଙ୍କ ଲେଖନୀରେ, ଭାଷାରେ ଏବଂ ଚାଲି ଚଳନରେ ସମସ୍ତଙ୍କୁ ଅପୂର୍ବ ଭାବେ ସ୍ପର୍ଶ କରିଥିଲା । ଆଗାମୀ ଦିନରେ ସେଇ ବ୍ୟକ୍ତି ହିଁ ଶ୍ରେଷ୍ଠତ୍ୱର ଚରମ ସୋପାନରେ ପର୍ଯ୍ୟବସିତ ଶ୍ରୀ ମନୋଜ ଦାସ ହୋଇ ପାରିବ; ଯାହା ମଧ୍ୟରେ ପ୍ରତୀତ ହୋଇ ପାରିବ ମାନବିକ ଗୁଣଧର୍ମର ଅମାପ ଐଶ୍ୱର୍ଯ୍ୟ ସହିତ  ଅନ୍ୟ ସମସ୍ତଙ୍କୁ ବିନମ୍ରତାର ସହ ଗଭୀର ଭଲ ପାଇବାର ସାମର୍ଥ୍ୟ ।

ତାଙ୍କ ଆତ୍ମାର ଉଚ୍ଚତର ଆରୋହଣ ଏବଂ ପୃଥିବୀପୃଷ୍ଠରେ ପୁନଃ ଆବିର୍ଭାବର ଶୁଭେଚ୍ଛା ରଖି ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି ଯେ ଏହିଭଳି ଉଚ୍ଚକୋଟୀର ଆତ୍ମିକ ବ୍ୟକ୍ତିତ୍ୱ ବାରଂବାର ପୃଥିବୀପୃଷ୍ଠକୁ ଆସିବାର ସ୍ୱୀକୃତି ପାଆନ୍ତୁ ।

**– କ୍ରିଷ୍ଣେନ୍ଦୁ ❑**

(*ପୃଷ୍ଠା ୫୧ ର ଅବଶିଷ୍ଟାଂଶ*)

ବାସ୍ତବିକ ସେଠାରେ ବସିଥିବା ସମସ୍ତେ ତାଙ୍କର ସଂକ୍ଷିପ୍ତ ଭାଷଣରେ ଅତୃପ୍ତ ଅନୁଭବ କଲେ, କାରଣ ସେମାନେ ତାଙ୍କ ପ୍ରିୟ ଲେଖକଙ୍କ ଠାରୁ ଆହୁରି ବେଶୀ ଶୁଣିବାକୁ ଚାହୁଁଥିଲେ । କେହି ଧୈର୍ଯ୍ୟହରା ହୋଇ ନଥିଲେ ବରଂ ନୀରବରେ ସବୁ ଆଖି ଗୁହାରି କରୁଥିଲେ ଆଉ ଟିକେ ଦୀର୍ଘ ଭାଷଣ ପାଇଁ । ମନୋଜ ଦାସ ଭାଷଣ ଦେବାର ଲୋଭ, ଆବେଗ ଓ ବିକଳତା ସମ୍ବରଣ କରିବାରେ ଥିଲେ ସିଦ୍ଧହସ୍ତ । ସେ ହୁଏତ କାହାଣୀ ପରେ କାହାଣୀ ଯୋଡ଼ି ଆଉ ଘଣ୍ଟାଏ କହି ପାରିଥା'ନ୍ତେ, ମାତ୍ର ସେ ଆଉ ସେହି ମନୋଜ ଦାସ ହୋଇ ରହି ନଥା'ନ୍ତେ ।

ସମୟର ସଦ୍‌ବ୍ୟବହାର ତାଙ୍କ ଠାରୁ ଯେ କେହି ବି ଶିଖିବା କଥା । ଶେଷ ସମୟ ଯାଏ ସେ କାର୍ଯ୍ୟ କରି ଚାଲୁଥିଲେ । କଲମରେ ଲେଖି ପାରିଲେନି ବୋଲି ଟାଇପ କରିବା ଶିଖିଲେ ଖୁବ୍ ଅଳ୍ପ ଦିନରେ । ଫେସ୍‌ବୁକ୍ ଓ ୟୁଟ୍ୟୁବ ବ୍ୟବହାର କରିବା ଶିଖିଲେ । ରୋଗ ଶଯ୍ୟାରେ ଥାଇ ମଧ୍ୟ ସେ ପ୍ରୁଫ୍ ଦେଖୁଥିଲେ । ୨୦୨୦ରେ ପ୍ରକାଶିତ ''Sri Aurobindo : Life and Times of the Mahayogi'' ପୁସ୍ତକରୁ କେତେ ବିକ୍ରୟ ହେଲାଣି ତାହାର ହିସାବ ରଖୁଥିଲେ । ଏପରି ସେ ତାଙ୍କ ଜୀବନର ଶେଷ ମୁହୂର୍ତ୍ତ ଯାଏ କର୍ମ କରି ଚାଲିଥିଲେ । ସେ ଥିଲେ ଜ୍ଞାନ ଓ ଭକ୍ତି ଯୋଗର ସମନ୍ୱୟ ଏବଂ ସମୟ ଓ ଆବେଗର ଜଣେ ସାଧକର ନିଦର୍ଶନ ।

**– ଅନିଲ କୁମାର ମହାପାତ୍ର ❑**

# ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଓ ସୃଜନ ଶିଳ୍ପୀ

ମନୋଜ ଦାସ ଥିଲେ ଜଣେ ବିବିଧ ଗୁଣଯୁକ୍ତ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ । ମୁଁ ତାଙ୍କୁ ବିଭିନ୍ନ ରୂପରେ ଅତି ନିକଟରୁ ଦେଖିବାର ସୁଯୋଗ ପାଇଥିଲି । ୧୯୬୬ ଠାରୁ ୧୯୭୨ ମସିହା ପର୍ଯ୍ୟନ୍ତ ପଣ୍ଡିଚେରୀସ୍ଥିତ 'ହୋମ୍ ଅଫ୍ ପ୍ରୋଗ୍ରେସ୍' (ଓଡ଼ିଶା ବୋର୍ଡ଼ିଂ)ରେ ରହି ପଢ଼ିବା ବେଳେ ନିଜର ଅଭିଭାବକ ବ୍ୟତିରେକେ ଜଣେ ସିଦ୍ଧ ସାଧକ, ଜଣେ କର୍ମଯୋଗୀ, ଜଣେ ସୁଲେଖକ, ଜଣେ ଚିନ୍ତକ ଏବଂ ଜଣେ ଅନନ୍ୟ ପ୍ରେରଣାଦାତା ଭାବେ ପାଇଥିଲି । ଆଶ୍ରମର ସକଳ ପ୍ରକାର ଦାୟିତ୍ୱ ସହ ମନୋଜ ବାବୁ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ରଙ୍କ ସହ ମିଶିବା, ଆଶ୍ରମର ସମସ୍ତ କର୍ମୀଙ୍କ ସହିତ ଭାବ ବିନିମୟ କରିବା ତଥା ନିଜର ସାହିତ୍ୟ ସାଧନା ଓ ଶ୍ରୀଅରବିନ୍ଦଙ୍କ ଦର୍ଶନରେ ଗବେଷଣା ଜାରି ରଖିଥିବା ମୁଁ ନିକଟରୁ ଲକ୍ଷ୍ୟ କରିଥିଲି । ମନୋଜ ଦାସଙ୍କ ବ୍ୟକ୍ତିଗତ ଜୀବନ, ଦର୍ଶନ ଓ ସାହିତ୍ୟ ଏକ ଏବଂ ଅଭିନ୍ନ ।

ପ୍ରେମଚାନ୍ଦ ଓ ଫକୀରମୋହନ ସେନାପତିଙ୍କ ପରେ ସାମାଜିକ ବାସ୍ତବବାଦକୁ ନିଜ ସାହିତ୍ୟରେ ଫୁଟାଇବାରେ ମନୋଜ ଦାସ ଥିଲେ ଅଦ୍ୱିତୀୟ । ତାଙ୍କର ପ୍ରତିଟି ରଚନାର ଅଲୌକିକତା ଓ ମାନବୀୟତାର ଦିଗ ବିଶେଷ ଅଧ୍ୟୟନ ଓ ବିଶ୍ଳେଷଣର ମାନ୍ୟତା ବହନ କରେ । ସେହିଭଳି ନିଜ ଗଳ୍ପ ଓ ଉପନ୍ୟାସରେ 'ଶ୍ଳେଷ' ବ୍ୟବହାର କରିବାରେ ମନୋଜ ବାବୁଙ୍କ ଦକ୍ଷତା ମଧ୍ୟ ଅନୁକରଣୀୟ । ମନୋଜ ସାହିତ୍ୟରେ ଯେଉଁ ଅଦୃଶ୍ୟ ଭୌତିକ ଜଗତକୁ ପାଠକ ସାମନା କରନ୍ତି ସେଥିରେ ଭୟ ନଥାଏ । ତାଙ୍କ ରଚନାର 'ହାସ୍ୟରସ' ଅନ୍ୟ କୌଣସି ସାହିତ୍ୟ ସାଧକଙ୍କ ପାଖରେ ଏତେ ମାତ୍ରାରେ ଦେଖିବାକୁ ମିଳେ ନାହିଁ । ପରମ୍ପରା ଓ ଆଧୁନିକତାକୁ ନିଖୁଣ ଭାବେ ନିଜ ସାହିତ୍ୟରେ ସେ ମିଶ୍ରଣ ଘଟାଇଛନ୍ତି ।

ଜଣେ ଦ୍ୱି-ଭାଷୀ ସାହିତ୍ୟିକ ଭାବେ ମନୋଜ ଦାସ ଅତୁଳନୀୟ । ଉଭୟ ଓଡ଼ିଆ ଓ ଇଂରାଜୀରେ ସାହିତ୍ୟ ସୃଷ୍ଟି କରିଛନ୍ତି ଏବଂ ଉଭୟ ଭାଷାର ପାଠକଙ୍କୁ ନିଜ ସୃଜନ କଳାରେ ବାନ୍ଧି ରଖିବାରେ ସେ ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି । ମିଥ୍ ଅବା ପୌରାଣିକ ଆଖ୍ୟାୟିକାକୁ ସେ ତାଙ୍କ ରଚନାରେ ଏଭଳି ଆଧୁନିକତାର ରୂପ ପ୍ରଦାନ କରିଛନ୍ତି ଯାହା ଉତ୍ତର ଆଧୁନିକ ପିଢ଼ିର ପାଠକଙ୍କ ମନକୁ ସୁଦ୍ଧା ଆନନ୍ଦ ପ୍ରଦାନ କରିଥାଏ ।

ମନୋଜ ଦାସଙ୍କ ଗଳ୍ପ, ଉପନ୍ୟାସ, କବିତା, ଶିଶୁସାହିତ୍ୟ, ଭ୍ରମଣ କାହାଣୀ, ପ୍ରବନ୍ଧ, ଆଲୋଚନା ଆଦି ପାଠ କଲେ ପ୍ରାଚୀନ ବୈଦିକ ସାହିତ୍ୟଠାରୁ ଆରମ୍ଭ କରି ପୁରାଣ, ବୌଦ୍ଧ ଜାତକ, ବିଭିନ୍ନ ଦେଶର ଲୋକବିଦ୍ୟା, ଲୋକଧର୍ମ, ଲୋକ ସଂସ୍କୃତି, କିମ୍ବଦନ୍ତୀ ଓ ସାହିତ୍ୟକୁ ଏକ ସମୟରେ ପାଠକ ଆହରଣ କରିପାରନ୍ତି । ତାଙ୍କ ସାହିତ୍ୟରେ ସେସବୁର ସଫଳ ସମ୍ମିଶ୍ରଣ ଘଟିଛି ।

ଶ୍ରୀଅରବିନ୍ଦ ଦର୍ଶନରେ ଅନୁପ୍ରାଣିତ ମନୋଜ ଦାସ ଦୀର୍ଘ ବର୍ଷ ଶ୍ରୀଅରବିନ୍ଦ ସାହିତ୍ୟକୁ ପୁଙ୍ଖାନୁପୁଙ୍ଖ ଭାବେ ଅଧ୍ୟୟନ କରିଛନ୍ତି ଓ ଅନେକ ପୁସ୍ତକ ମଧ୍ୟ ରଚନା କରିଛନ୍ତି । ତାଙ୍କ ରଚିତ 'ଶ୍ରୀଅରବିନ୍ଦ : ଲାଇଫ୍ ଆଣ୍ଡ୍ ଟାଇମ୍ସ ଅଫ୍ ଏ ମହାଯୋଗୀ' ଏକ ମହାନ୍ କୃତି । ଏହା ତାଙ୍କ ଦୀର୍ଘ ବର୍ଷ ସାଧନାର ଫଳ । ଏହି ଜୀବନୀ ପୁସ୍ତକରେ ସେ ଶ୍ରୀଅରବିନ୍ଦଙ୍କ ଜୀବନ ଓ ଦର୍ଶନର ବହୁ ଅନାଲୋକିତ ଦିଗ ସମ୍ପର୍କରେ ଆଲୋଚନା କରିଛନ୍ତି ।

ମନୋଜ ଦାସଙ୍କ ଅବର୍ତ୍ତମାନ କେବଳ ଓଡ଼ିଆ ସାହିତ୍ୟ ପାଇଁ ନୁହେଁ ଭାରତୀୟ ସାହିତ୍ୟ ପ୍ରତି ଏକ ଅପୂରଣୀୟ କ୍ଷତି ।

**– ସଚ୍ଚିଦାନନ୍ଦ ମହାନ୍ତି ❑**

# ଶ୍ରୀଅରବିନ୍ଦ ଦର୍ଶନ-ଚିନ୍ତନର ଅନୁପମ ପ୍ରବକ୍ତା ମନୋଜ ଦାସ

ଆଧୁନିକ ଓଡ଼ିଶାର ବରପୁତ୍ର ଶ୍ରୀଯୁକ୍ତ ମନୋଜ ଦାସ ଗତ ଏପ୍ରିଲ ୨୭, ୨୦୨୧ରୁ ଆମ ଗହଣରୁ ଚାଲି ଗଲେଣି । ମାତ୍ର ଓଡ଼ିଶା ଏପର୍ଯ୍ୟନ୍ତ ଶୋକରୁ ମୁକ୍ତ ହୋଇ ପାରି ନାହିଁ । ସବୁ ଦୈନିକ ସମ୍ବାଦପତ୍ର, ସାହିତ୍ୟ ପତ୍ରିକା ଓ ସୋସିଆଲ ମିଡ଼ିଆରେ ତାଙ୍କ ସମ୍ପର୍କରେ ଆଲୋଚନା ଏ ଯାବତ୍ ବନ୍ଦ ହୋଇ ନାହିଁ । ଓଡ଼ିଶାର ମହତ୍ ବ୍ୟକ୍ତିତ୍ୱ ଜଣେ ଚାଲିଗଲେ ବୋଲି ଆବାଳବୃଦ୍ଧବନିତା ଶୋକସନ୍ତପ୍ତ । କ'ଣ ତା'ର କାରଣ ? ଜଣେ ମଣିଷ ପ୍ରତି ଏତେ ଦରଦ ବୋଧେ ଉକ୍ରଳମଣି ଓ ମଧୁବାବୁଙ୍କ ପରେ ଓଡ଼ିଶାରୁ ଆଉ କେହି ପାଇ ନଥିଲେ ।

ମନୋଜ ବାବୁ ଯେତେବେଳେ ଅସୁସ୍ଥ ହୋଇ ପଡ଼ିଥିଲେ ତାଙ୍କୁ ସେବା ଯୋଗାଇବା ପାଇଁ ଦେଶର ପ୍ରଧାନ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କ ନିକଟକୁ ସମ୍ବାଦ ପଠାଇଥିଲେ । ଭାରତର ଯେ କୌଣସି ଡାକ୍ତରଖାନାରେ ତାଙ୍କୁ ଚିକିତ୍ସା କରିବାରେ ଅସୁବିଧା ନାହିଁ ବୋଲି ପ୍ରସ୍ତାବ ଦିଆ ଯାଇଥିଲା । ମାତ୍ର ମନୋଜ ବାବୁ ଆଶ୍ରମ ଛାଡ଼ି କୁଆଡ଼େ ଯିବେ ନାହିଁ ବୋଲି ଜଣାଇ ଦେଇଥିଲେ । ଏ ଖବର ଶୁଣି ଆମେ ଓଡ଼ିଶାବାସୀ ସ୍ତବ୍ଧ ହୋଇ ଯାଇଥିଲୁ । ସେ କେତେ ବଡ଼ ସାଧକ ଥିଲେ ଏଥିରୁ ଅନୁମେୟ । ଶେଷରେ ଏକ ଡାକ୍ତରୀଦଳର ପରାମର୍ଶକ୍ରମେ ପଣ୍ଡିଚେରୀର ଜିପ୍‌ମର ହସ୍ପିଟାଲରେ ତାଙ୍କର ଚିକିତ୍ସା ଆରମ୍ଭ କରାଯାଇଥିଲା ।

ମନୋଜ ବାବୁଙ୍କ ସାହିତ୍ୟ ସୃଷ୍ଟି ସମ୍ବନ୍ଧରେ ଆଲୋଚନା କଲେ ବହୁ କଥା ଆସିବ । ଛାତ୍ରଜୀବନରେ ସେ ମାର୍କସ୍‌ବାଦର ଅନୁଗାମୀ ଥିଲେ ଓ ମାର୍କସ୍‌ଙ୍କର ପ୍ରସିଦ୍ଧ ପୁସ୍ତକ 'ଦାସ କ୍ୟାପିଟାଲ'ର ସେ ଥିଲେ ପ୍ରବକ୍ତା । ମଣିଷର ଦୁଃଖ, ଦାରିଦ୍ର୍ୟ ତାଙ୍କୁ ବିଚଳିତ କରିଥିଲା । କାହିଁକି ମଣିଷ ଦୁଃଖ ପାଇବ ? ଶ୍ରେଣୀ ବିଭକ୍ତ ସମାଜରେ ମଣିଷ ଦୁଃଖ ପାଇବା ସ୍ୱାଭାବିକ । ମାର୍କସ୍‌ଙ୍କର ଶ୍ରେଣୀହୀନ ସମାଜ କଳ୍ପନା ମଣିଷକୁ ସମସ୍ତ ଦୁଃଖରୁ ମୁକ୍ତ କରିବ ବୋଲି ତାଙ୍କର ଧାରଣା ଜନ୍ମିଲା । ସେ ଦିଗରେ ସେ ପ୍ରୟାସୀ ହୋଇଥିଲେ ଓ ଲେଖାଲେଖି ତଥା ଆନ୍ଦୋଳନ ଚାଲୁ ରଖିଥିଲେ ।

ମନୋଜ ଦାସ ବାଲେଶ୍ୱରର ଏକ ଜମିଦାର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଓଡ଼ିଶା ଓ ବଙ୍ଗଳାରେ ବାପାଙ୍କର ଜମିଦାରୀ ଥିଲା । ସୁନ୍ଦରବନ ଅଞ୍ଚଳରେ (ବଙ୍ଗଳାର) ତାଙ୍କର ବହୁ ଭୂ-ସମ୍ପତ୍ତି ଥିଲା । ପିଲାଦିନୁ ଅତ୍ୟନ୍ତ ଆନନ୍ଦଘନ ଓ ରାଜକୀୟ ପରିବେଶରେ ସେ ବଢ଼ିଥିଲେ । ମାତ୍ର ନାନା ପ୍ରାକୃତିକ ଦୁର୍ବିପାକ ଯୋଗୁଁ ଜନସାଧାରଣ ବାରଂବାର କ୍ଷତିଗ୍ରସ୍ତ ହେଉଥିଲେ । ତାଙ୍କ ଗାଁଟି ଥିଲା ସମୁଦ୍ରକୂଳର ଏକ ଗାଁ । ବାଲେଶ୍ୱର ଜିଲ୍ଲାର ଶଂଖାରୀ । ସାମୁଦ୍ରିକ ଝଡ଼, ଜୁଆର ଯୋଗୁଁ ଲୋକେ ବହୁ ହିନସ୍ତା ହୁଅନ୍ତି । ୧୯୫୦ ମସିହା ପୂର୍ବରୁ ଏକ ଦୁର୍ଭିକ୍ଷ ସେତେବେଳର ବାଲେଶ୍ୱରବାସୀଙ୍କୁ ବହୁ ଦୁଃଖ ଦେଇଥିଲା । ମଣିଷର ଏସବୁ ଦୁଃଖ ଦେଖି ଦେଖି କିଶୋର ମନୋଜଙ୍କ ମନରେ ଗଭୀର ଦୁଃଖ ଆସିଥିଲା । ମାନବ ସମାଜକୁ କିଏ ମୁକ୍ତ କରି ପାରିବ ବୋଲି ତାଙ୍କ ମନରେ ନିରନ୍ତର ପ୍ରଶ୍ନ ଜାଗି ଉଠିଥିଲା ।

ମନୋଜ ବାବୁ ନବମ ଶ୍ରେଣୀରେ ଅଧ୍ୟୟନ ପାଇଁ ବାଲେଶ୍ୱରକୁ ଆସିଥିଲେ । ତାଙ୍କ ବଡ଼ଭାଇ ମନ୍ମଥନାଥ ଦାସ ସେତେବେଳେ ବାଲେଶ୍ୱର କଲେଜରେ ଇତିହାସ ଅଧ୍ୟାପକ ଭାବେ ନିଯୁକ୍ତି ପାଇଥା'ନ୍ତି । ମନୋଜ ବାବୁ ଥିଲେ ଜଣେ ଜନ୍ମସିଦ୍ଧ କବି ଓ ଲେଖକ । ବାଲେଶ୍ୱରରେ ତାହା ବହୁଗୁଣିତ ହେଲା । ବାଲେଶ୍ୱରରେ ମନୋଜ ବାବୁ ପ୍ରଫେସର ଶ୍ୟାମସୁନ୍ଦର ମହାପାତ୍ରଙ୍କ ସମ୍ପର୍କରେ ଆସିଲେ । ଶ୍ୟାମବାବୁ ଥିଲେ ମାର୍କସ୍‌ବାଦର ପ୍ରବକ୍ତା ଯଦିଓ ସେ ମାର୍କସ୍‌ବାଦୀ ଦଳର ସଦସ୍ୟ ନଥିଲେ । ଏଇଠୁ ପ୍ରେରଣା ପାଇ ମନୋଜ ବାବୁ ମାର୍କସୀୟ ଦର୍ଶନର ପଠନ, ପାଠନ ଓ ଅନୁଶୀଳନ କରି ବହୁ ଉଚ୍ଚକୁ ଚାଲିଯାଇଥିଲେ । ଦିନେ ଯେଉଁ ଦର୍ଶନ ମାନବ ସଭ୍ୟତାକୁ ସବୁ ଦୁଃଖ ଯନ୍ତ୍ରଣାରୁ ମୁକ୍ତି ଦେଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ ହଠାତ୍ ସେ ବିଶ୍ୱାସରେ ଯବନିକା ପଡ଼ିଥିଲା । ତାଙ୍କର ମନେ ହୋଇଥିଲା ଯେ ମଣିଷର ଦାରିଦ୍ର୍ୟାବସ୍ଥା କେବଳ ଦୁଃଖର କାରଣ ନୁହେଁ, ଚେତନାର ବିକାଶ ନ ହେବା ଦୁଃଖର ମୁଖ୍ୟ କାରଣ । ମଣିଷ ଚେତନାରେ ଏପରି କିଛି ଅଛି ଯାହା ମଣିଷକୁ କର୍ଦ୍ଦମାକ୍ତ କରି ଦେଇପାରେ ନଚେତ୍ କେଉଁ ଏକ ଉର୍ଦ୍ଧ୍ୱସ୍ତରକୁ ନେଇ ଯାଇପାରେ । ରାଜନୈତିକ ଦୃଷ୍ଟିଭଙ୍ଗୀ ମଣିଷକୁ ପରିବର୍ତ୍ତନ କରି ପାରେନା ।

ଏପରି ଏକ ସମୟରେ ତାଙ୍କ ପାଖରେ ପହଞ୍ଚିଛି ଶ୍ରୀଅରବିନ୍ଦଙ୍କ ପୁସ୍ତକ 'Life Divine'; ଏ ବହି ତାଙ୍କୁ ପାଠ କରିବା ପାଇଁ ଦେଇଥିଲେ ଶ୍ରୀଯୁକ୍ତ ବିଶ୍ୱମ୍ଭର ସାମନ୍ତ । ଏ ଗ୍ରନ୍ଥଟି ପଢ଼ି ବୁଝିବା ଏତେ ସହଜ ନଥିଲା । ତଥାପି ସେ ତାକୁ ପାଠ

କରି ବୁଝିବାକୁ ଚେଷ୍ଟା କରିଥିଲେ । 'Life Divine' ପୁସ୍ତକ ସମ୍ପର୍କରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଦର୍ଶନ ଅଧ୍ୟାପକ ଏସ୍. କେ. ମୈତ୍ରଙ୍କର ତିନୋଟି ପ୍ରବନ୍ଧ ରାମକୃଷ୍ଣ ମିଶନର ପତ୍ରିକା, 'ପ୍ରବୁଦ୍ଧ ଭାରତ'ରେ ପ୍ରକାଶିତ ହୋଇଥାଏ । ସେତେବେଳେ 'ପ୍ରବୁଦ୍ଧ ଭାରତ'ର ସମ୍ପାଦକ ଥିଲେ ସ୍ୱାମୀ ବିପୁଳାନନ୍ଦ । ପରେ ଏହା ପୁସ୍ତକ ଆକାରରେ ପ୍ରକାଶିତ ହୋଇଥିଲା ୧୯୪୧ ମସିହାରେ । ମନୋଜ ବାବୁ ଏହି ପୁସ୍ତକଟି ପାଠ କରି ଶ୍ରୀଅରବିନ୍ଦଙ୍କ ଦର୍ଶନ ସମ୍ବନ୍ଧରେ ପ୍ରାଥମିକ ଭାବରେ ଜ୍ଞାନ ଲାଭ କଲେ । ଯେଉଁ ସମୟରେ ମନୋଜ ବାବୁଙ୍କୁ ମାର୍କସ୍ ଦର୍ଶନ ମାନବର ଦୁଃଖ ଦୂର ପାଇଁ ଯଥେଷ୍ଟ ନୁହେଁ ବୋଲି ପ୍ରତୀୟମାନ ହେଉଥିଲା ସେହି ସମୟରେ ଏହି ପୁସ୍ତକ ତାଙ୍କୁ ନୂତନ ପ୍ରେରଣା ଦେଲା । ମନୋଜ ବାବୁ ସେତେବେଳେ ଖ୍ରୀଷ୍ଟ କଲେଜର ଇଂରାଜୀ ଅଧ୍ୟାପକ । ଶ୍ରୀ ଏସ. କେ. ମୈତ୍ର ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ବ୍ୟାଖ୍ୟା କରି ସୂଚାଇଛନ୍ତି ଯେ ମଣିଷର ଚେତନାକୁ ଊର୍ଦ୍ଧ୍ୱଗାମୀ କରିବା ଦିଗରେ ତା'ର ନିଶ୍ଚେତନା ଏକ ବାଧକ ହିସାବରେ ଦଣ୍ଡାୟମାନ ହୋଇଛି । ଏଥିରୁ ମୁକ୍ତ ହେଲେ ଯାଇ ମଣିଷ ଏକ ଉର୍ଦ୍ଧ୍ୱତର ସୋପାନକୁ ଯାତ୍ରା କରିବ ଓ ଅତିମାନସ ସତ୍ୟର ସ୍ୱାଦ ଲାଭ କରିପାରିବ ।

ଏ ପୁସ୍ତକ ପାଠ କଲା ପରେ ମନୋଜ ବାବୁ ପଣ୍ଡିଚେରୀ ଗଲେ ଶ୍ରୀଅରବିନ୍ଦଙ୍କ ଆଶ୍ରମ ଦର୍ଶନ ଲାଗି । ଉଦ୍ଦେଶ୍ୟ ଥିଲା ଶ୍ରୀଅରବିନ୍ଦଙ୍କର ସାଧନାପୀଠ ପରିଦର୍ଶନ । ମାତ୍ର ଆଶ୍ରମରେ ପହଞ୍ଚି ଯାହାଙ୍କୁ ସେ ପ୍ରଥମେ ଦର୍ଶନ କଲେ ସେ ହେଲେ ଶ୍ରୀମା । ଯାହାଙ୍କୁ ଜଗତ 'ମା' ବୋଲି ସମ୍ବୋଧନ କରେ । ମା'ଙ୍କ ଆଖିରେ ଆଖି ମିଶିବା ପରେ ଆଉ ସେ ଫେରି ଚାହିଁ ନାହାନ୍ତି । ସସ୍ତ୍ରୀକ ଆଶ୍ରମରେ ରହିବା ପାଇଁ ଅନୁମତି ପାଇଲେ ସାଧକ ସାଧିକା ଭାବରେ । ସେବେଠାରୁ ସେ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ରୂପେ ରହିଆସୁଛନ୍ତି ।

ମନୋଜ ବାବୁଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ଥିଲା । ଆଶ୍ରମକୁ ଗଲେ ତାଙ୍କ ସହିତ ତାଙ୍କ ବାସଭବନରେ ନଚେତ ସେ ପିଲାଙ୍କୁ ପାଠ ପଢ଼ାଉଥିବା Knowledge ଠାରେ ଭେଟିବାକୁ ଯାଏ । ଶ୍ରୀଅରବିନ୍ଦ ଆଶ୍ରମର କଲେଜକୁ ମା ନାମ ଦେଇଥିଲେ Knowledge । ସେଠାରେ ମୋର ମାଉସୀ କାର୍ଯ୍ୟରତା । ସେ ମୋତେ ମନୋଜ ବାବୁଙ୍କୁ ପ୍ରଥମେ ପରିଚୟ କରାଇ କହିଥିଲେ ଏ ଜଣେ ଆପଣଙ୍କର ପାଠକ ।

ଶେଷଥର ତାଙ୍କ ସହିତ ୨୦୧୬ ମସିହାରେ ସାକ୍ଷାତ୍ ହୋଇଥିଲା । ମନୋଜ ବାବୁଙ୍କୁ ଭେଟିବାକୁ ତାଙ୍କ ଘରକୁ ଯାଉଥାଏ, ସେ ଆସୁଥା'ନ୍ତି ଆଶ୍ରମ ଆଡ଼େ । ମା ଯେଉଁଠି ବାଲକୋନି ଦର୍ଶନ ଦିଅନ୍ତି ସେଇଠି ମନୋଜ ବାବୁ ଠିଆ ହୋଇଗଲେ । କିଛି କ୍ଷଣ ନୀରବ ହେବା ପରେ ପ୍ରଣାମ କଲେ । ମୁଁ କହିଲି ଆପଣଙ୍କୁ ଭେଟିବାକୁ ଯାଉଥିଲି । ଖୁସି ହେଲେ, ପଚାରିଲେ – କାହିଁକି ଯାଉଥିଲ କିଛି କଥା ଥିଲା ? ମୁଁ କହିଲି ଗୋଟିଏ କଥା ପଚାରିବି । ସେ କହିଲେ କାହିଁକି ହଜାରେ କଥା ପଚାରୁନ । ମୁଁ କହିଲି – ଦୀର୍ଘଦିନ ଧରି ଶ୍ରୀଅରବିନ୍ଦଙ୍କୁ ପଢୁଛି ମାତ୍ର ମୋତେ ଜଣାଯାଉଛି ଯେମିତି ମୁଁ ଶ୍ରୀଅରବିନ୍ଦଙ୍କୁ ଆଦୌ ବୁଝିପାରି ନାହିଁ । ଏ କଥା କେମିତି ଦୂର ହେବ ? ସେ ମୋ ଆଡ଼େ ଅନେଇଲେ ଓ କହିଲେ – ମୋର ମଧ୍ୟ ସେହି କଥା ହେଉଛି । ଶ୍ରୀଅରବିନ୍ଦ ସାଧାରଣ ଚେତନାର ମଣିଷ ନଥିଲେ, ସେ ଭଗବାନ୍ । ତାଙ୍କୁ ମଣିଷ ସହଜରେ ବୁଝନ୍ତା କିପରି ? ତଥାପି ଏ ଦିଗରେ କିଛି ଚେଷ୍ଟା କର । କିନ୍ତୁ ପଢ଼ । ମା'ଙ୍କ ଲେଖା ଆହୁରି ପଢ଼ ବୋଲି କହିଲେ । ତପ୍ରରେ ତାଙ୍କର ଭ୍ରମ କିଭଳି ଦୂର ହୋଇଛି ସେ କଥା କହିବା ପରେ ଗୋଟିଏ ବହି ଆଶ୍ରମରୁ କିଣିବା ପାଇଁ ପରାମର୍ଶ ଦେଲେ । ସେ ବହିଟି ହେଉଛି – An Introduction to the Philosophy of Sri Aurobindo ଯାହାର ଲେଖକ ହେଉଛନ୍ତି ଏସ୍. କେ. ମୈତ୍ର । ମୁଁ ସେ ବହି ସଙ୍ଗେସଙ୍ଗେ କିଣିଲି ଓ ପଢ଼ା ଆରମ୍ଭ କଲି ।

ମନୋଜ ବାବୁ ସାଧାରଣ ସାଧକ ନଥିଲେ । ସ୍ଥିତପ୍ରଜ୍ଞ ପୁରୁଷମାନେ ଶେଷ ସମୟ ଉପସ୍ଥିତ ହେଲେ ସହଜରେ ଜାଣିପାରନ୍ତି; ସେମାନେ ଦେହଛାଡ଼ି ଦେବାକୁ ପ୍ରସ୍ତୁତ ହୋଇ ଯାଆନ୍ତି । ଯେଉଁ ନିର୍ଦ୍ଦିଷ୍ଟ ସ୍ଥାନରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟେ, ମୃତ୍ୟୁର ଅଚେତନ ଅବସ୍ଥା ଦୂର ହେବା ପରେ ତାଙ୍କର ଜୀବନ ସେହି ସ୍ଥାନରେ ଅନ୍ୟ ଏକ ଲୋକର ଅନୁଭୂତି ଲାଭ କରେ । ଏକଥା ମନୋଜ ବାବୁଙ୍କୁ ନିଶ୍ଚିତ ରୂପେ ଜଣାଥିଲା । ତେଣୁ ସେ ଶେଷ ସମୟରେ ଆଶ୍ରମ ବାହାରକୁ ଯାଇ ତାଙ୍କର ମୃତ୍ୟୁକାଳୀନ ଚେତନାକୁ ବିକ୍ଷିପ୍ତ କରିବା ପାଇଁ ଚାହିଁ ନ ଥିବେ । କର୍ମଫଳ ଶେଷ ହୋଇଗଲେ ଶରୀର ମନକୁ ମନ ଖସି ପଡ଼େ ଓ ଆତ୍ମା ପୁଣି ଅନ୍ୟ ଏକ ଘଟରେ ପ୍ରବେଶ କରେ । ମନୋଜ ବାବୁ ଆମ ଗହଣକୁ ଫେରି ଆସିବେ – ଏ ଆଶା ଆମ ସମସ୍ତଙ୍କର ରହିଛି । ସର୍ବଶେଷ ନିୟନ୍ତ୍ରଣ କର୍ତ୍ତ୍ରୀ ହେଉଛନ୍ତି ଶ୍ରୀମା, ଆମ ମା ।

**– ସୁବାସ ଚନ୍ଦ୍ର ପଟ୍ଟନାୟକ ❑**

# ନବପ୍ରକାଶର ବିନମ୍ର ନିବେଦନ

ଦୀର୍ଘ ଅର୍ଦ୍ଧ ଶତାବ୍ଦୀରୁ କିଛି ଅଧିକ କାଳ ବିତିଗଲାଣି । ୧୯୭୦ ମସିହା ଅକ୍ଟୋବର ମାସରେ ଦିବ୍ୟ ଜନନୀଙ୍କ ଆଶିଷପ୍ରାପ୍ତ ହୋଇ ଆତ୍ମ-ପ୍ରକାଶ କରିଥିଲା ଛାତ୍ର ଓ ଯୁବ-ସମାଜର ମୁଖପତ୍ର ''ନବପ୍ରକାଶ'' ।

ଏହାର ପ୍ରଥମ ସମ୍ପାଦକୀୟରେ ଶ୍ରୀ ପ୍ରପତ୍ତି ସ୍ପଷ୍ଟ କରି ଦେଇଥିଲେ, ''ନବପ୍ରକାଶର ଲକ୍ଷ୍ୟ ନୁହେଁ ସାହିତ୍ୟଚର୍ଚ୍ଚା, ଭାଷାଚର୍ଚ୍ଚା, ଧର୍ମାଲୋଚନା, ନୀତିଶିକ୍ଷା ବା ଏପରି ଆଉ କିଛି । ଏସବୁ ଏଥିରୁ ମିଳିପାରେ; କିନ୍ତୁ ଏହାର ଏକମାତ୍ର ଲକ୍ଷ୍ୟ ପୃଥିବୀପୃଷ୍ଠରେ କେବଳ ଶ୍ରୀମାଶ୍ରୀଅରବିନ୍ଦ ଉତ୍ତାରି ଆଣିଥିବା ନୂତନ ସତ୍ୟର ଅଭିବ୍ୟକ୍ତି ନିମନ୍ତେ କାର୍ଯ୍ୟ କରିବା ।''

'ନବପ୍ରକାଶ' ଲାଗି ଦିବ୍ୟଜନନୀଙ୍କର ଅସୀମ କୃପାସିକ୍ତ ବାଣୀଟି ହେଲା : "Only Truth" ଅର୍ଥାତ୍, "ଏକମାତ୍ର ସତ୍ୟ ।'' ଅନ୍ତରରେ ଏହି ସତ୍ୟକୁ ଅନ୍ୱେଷଣ କରିବାକୁ ହେବ, ହୃଦୟରେ ତା'ର ପ୍ରାଣ ପ୍ରତିଷ୍ଠା କରିବାକୁ ହେବ । ସେଥିପାଇଁ ଭାଷା ଓ ସାହିତ୍ୟ ମାଧ୍ୟମରେ 'ନବପ୍ରକାଶ' ଆମର ସହାୟତା କରିବ । ତେବେ ଏ ସାହିତ୍ୟ ସୃଷ୍ଟି କରିବ କିଏ ?

ଏହି ପ୍ରଶ୍ନଟିକୁ ସମୀକ୍ଷା କଲାବେଳେ ହୃଦୟରେ ଯେଉଁ ଉତ୍ତରଟି ବଳବତ୍ତର ହୋଇଉଠେ ତାହାହେଲା, ଦିବ୍ୟ ଜନନୀ ଓ ପରମ ପ୍ରଭୁଙ୍କ ପ୍ରଦର୍ଶିତ ଯୋଗମାର୍ଗରେ ବ୍ରତୀ ତଥା ଅନୁରାଗୀ ସାଧକମାନେ ହିଁ ଏହି ପତ୍ରିକା ପାଇଁ ଯୋଗ୍ୟ ସାହିତ୍ୟ ସୃଜନ କରିପାରିବେ । ସୌଭାଗ୍ୟକ୍ରମେ ବୟସର ପାହାଚରେ ଆଗକୁ ଉଠିଲା ବେଳେ 'ନବପ୍ରକାଶ' ଅନେକ ପ୍ରୟାସଶୀଳ ପ୍ରତିଭାବାନ୍ ସାଧକମାନଙ୍କ ରଚନାକୃତିରେ ନିଜର ପୃଷ୍ଠା ମଣ୍ଡନ କରିବାର ସୁଯୋଗ ପାଇଛି । ସେସବୁ ମଧ୍ୟରୁ ପ୍ରଥିତ୍ୟଶା ମନୋଜ ଦାସଙ୍କର ସୃଜନୀ ସାହିତ୍ୟ ଅନ୍ୟତମ ।

ପତ୍ରିକାଟି ମୁଖ୍ୟତଃ କିଶୋର ଓ ତରୁଣମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନଙ୍କ ଚରିତ୍ର ଗଠନରେ କାହାଣୀର ଭୂମିକା ଅନସ୍ୱୀକାର୍ଯ୍ୟ । ବିଶେଷ କରି କାହାଣୀ ମାଧ୍ୟମରେ ଯୋଗର ଜଟିଳ ସତ୍ୟକୁ ସହଜରେ ଉପସ୍ଥାପିତ କରିବା, ମାନବୀୟ ଚରିତ୍ରର ଅଜଣା ଦିଗ ଉନ୍ମୋଚନ କରିବା, ଜୀବନର ବିବିଧ ସମସ୍ୟାର ସମାଧାନ ପାଇଁ ସରଳ ମାର୍ଗର ସୂଚନା ଦେବା ସହଜ ହୋଇଥାଏ । ସେଥିପାଇଁ ଆରମ୍ଭରୁ ହିଁ 'ନବପ୍ରକାଶ'ରେ କାହାଣୀଧର୍ମୀ ରଚନାମାନଙ୍କୁ ଅଗ୍ରାଧିକାର ଦିଆଯାଇଛି । ଭିନ୍ନ ଭିନ୍ନ ସମୟରେ ମନୋଜ ଦାସଙ୍କର ସୃଷ୍ଟ 'କଥା ଓ କାହାଣୀ' ତଥା ଅନ୍ୟାନ୍ୟ ପୁସ୍ତକରୁ ଅଳ୍ପ କେତେକ କାହାଣୀ ନବପ୍ରକାଶରେ ପ୍ରକାଶିତ ହୋଇଥିଲା । ମାତ୍ର ଗତ ପାଞ୍ଚ ବର୍ଷ ଧରି ନିୟମିତ ଭାବେ ତାଙ୍କ ରଚିତ କାହାଣୀ 'ନବପ୍ରକାଶ'ର ପୃଷ୍ଠା ମଣ୍ଡନ କରି ଚାଲିଛି । କେବେ କେବେ ସେ ତାଙ୍କର ରଚନା ମଧ୍ୟରୁ କାହାଣୀଟିଏ ନିର୍ବାଚନ କରିଦିଅନ୍ତି କିଂବା ପୁସ୍ତକଟିଏ ଧରାଇ ଦିଅନ୍ତି କାହାଣୀଟିଏ ବାଛି ନେବା ପାଇଁ । ୨୦୧୯ ମସିହାର ଶେଷ ବେଳକୁ ସେ କହିଥିଲେ, 'ଆଗାମୀ ସଂଖ୍ୟା ପାଇଁ ପ୍ରକାଶିତ ଗପ ଭିତରୁ କିଛି ଗୋଟାଏ ବାଛି ନିଅ । ମୁଁ ପୁଣି ସମୟ କରି ନୂଆ ଗପ ଲେଖିଦେବି ।' ହୁଏତ ସମୟ ଓ ସୁଯୋଗ ତାଙ୍କର ଅନୁକୂଳ ହେଲାନି । ଅନେକ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ ଭିତରେ ସେ ନୂଆ ଗପଟିଏ ଲେଖି ପାରିଲେନି । ମାତ୍ର ଏବେ ବି ଭିତରେ ତାଙ୍କର ସେ ପ୍ରତିଶ୍ରୁତିର ମହକ ସାଇତା ହୋଇ ରହିଛି ।

ଶ୍ରୀମାଙ୍କର ଲିଖିତ ବା କଥିତ କାହାଣୀଗୁଡ଼ିକ ସମ୍ପର୍କରେ ମନୋଜ ଦାସଙ୍କର ଥିଲା ସ୍ୱତନ୍ତ୍ର ସମ୍ମାନ । ଏକଦା ତାଙ୍କ ସହ 'ଶ୍ରୀମାଙ୍କ କ୍ଲାସର କାହାଣୀ'ସବୁ ନବପ୍ରକାଶରେ ପ୍ରକାଶିତ ହେବା କଥା ଆଲୋଚନା କଲା ବେଳେ ସେ ମୋତେ କହିଥିଲେ, ମା ଯେଉଁ କାହାଣୀ ଲେଖିଛନ୍ତି ବା ପିଲାମାନଙ୍କୁ କହିଛନ୍ତି, ସେଥିରେ ସେ ସ୍ୱତନ୍ତ୍ର ଶକ୍ତି ଦେଇଥା'ନ୍ତି । ସେଥିପାଇଁ ସେ କାହାଣୀଗୁଡ଼ିକର ଆବେଦନ ବା ପରିବେଶ ଏତେ ସ୍ୱତନ୍ତ୍ର ।

୨୦୧୧ ମସିହାରେ ନବପ୍ରକାଶର କିଶୋର ପାଠକମାନଙ୍କୁ ଦୃଷ୍ଟି ସମକ୍ଷରେ ରଖି ପ୍ରତି ବର୍ଷ ଜୁନ୍‌ମାସରେ 'ଗଳ୍ପ ବିଶେଷାଙ୍କ'ଟିଏ ପ୍ରକାଶ କରିବାକୁ ଆମେ ଆଗ୍ରହୀ ବୋଲି ଜଣାଇବାରୁ ସେ ଖୁବ୍ ଆନନ୍ଦିତ ହୋଇଥିଲେ । ମାତ୍ର 'ନବପ୍ରକାଶ'ର ଲକ୍ଷ୍ୟ ତଥା ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଯଥାର୍ଥ ଗଳ୍ପ ନିର୍ବାଚନ ବେଶ୍ କଷ୍ଟସାଧ୍ୟ । ଖିଆଲ ଆସିଲା ନିର୍ଦ୍ଦିଷ୍ଟ ସଂଖ୍ୟାମାନଙ୍କରେ କୌଣସି ମହତ୍ତର ମାନବିକ ଗୁଣଧର୍ମକୁ ଆଧାରିତ କରି ସ୍ୱତନ୍ତ୍ର ଗଳ୍ପ ନିର୍ବାଚନ କଲେ ହୁଏତ ଭଲ ହେବ । ଏ ପ୍ରକାର ସିଦ୍ଧାନ୍ତକୁ ସେ ସ୍ୱାଗତ କରିଥିଲେ । ସେତିକି ନୁହେଁ, ପ୍ରତିବର୍ଷ ବିଷୟବସ୍ତୁଟି ବୁଝି ନେଇ ସେଥିପାଇଁ

ତାଙ୍କର କାହାଣୀ ମଧ୍ୟ ନିର୍ବାଚନ କରି ଦେଉଥିଲେ । ମନେଅଛି, 'ଉପହାର'କୁ ଭିତ୍ତି କରି କାହାଣୀଚୟନ କଲାବେଳେ ସେ ତାଙ୍କର 'ଶେଷ ବସନ୍ତର ଚିଠି'ଟି ପ୍ରକାଶ ପାଇଁ ବାଛି ଦେଇଥିଲେ ।

କିଛି ବର୍ଷ ଧରି ତାଙ୍କ ସୃଷ୍ଟ 'ଇଂରାଜୀ ପ୍ରବାଦମାଳାର ବିଚିତ୍ର କାହାଣୀ' ଧାରାବାହିକ ଭାବେ ପ୍ରକାଶିତ ହେଉଥିଲା । ଏ ସମ୍ପର୍କରେ ତାଙ୍କର ବକ୍ତବ୍ୟ ଥିଲା ବହୁ ଇଂରାଜୀ ପ୍ରବାଦର ପଟଭୂମିରେ ଥାଏ ଏକ ଏକ ଅଭୁଲା କାହାଣୀ ବା କିଂବଦନ୍ତୀ । ସେସବୁ ପଟଭୂମି ସହ ଧାରଣା ଥିଲେ ପ୍ରବାଦର ତାତ୍ପର୍ଯ୍ୟ ଭଲ ଭାବରେ ବୁଝି ହୁଏ । ଏସବୁ ଅଧ୍ୟୟନ କରି ବିଦ୍ୟାର୍ଥୀ ତଥା ସାଧାରଣ ପାଠକବର୍ଗ ଉପକୃତ ହୋଇଥିବେ ନିଶ୍ଚୟ ।

୨୦୧୭ ମସିହାର ସେପ୍ଟେମ୍ବର ମାସରୁ ତାଙ୍କର ସ୍ୱତନ୍ତ୍ର ଶୈଳୀରେ ଲିଖିତ 'ଶ୍ରୀକୃଷ୍ଣ କାହାଣୀ'ର ଆରମ୍ଭ ହୁଏ । ସେଥିରେ ଓତପ୍ରୋତ ଭାବେ ଜଡ଼ିତ ହୋଇ ରହିଛି ଭାରତର ଅମର ଗାଥାର ଆବେଦନ । କେବଳ ତରୁଣ କିଶୋର କାହିଁକି ସବୁ ବୟସସୀମାର ପାଠକମାନଙ୍କ ପାଇଁ ତାହା ବେଶ୍ ରୋଚକ ହୋଇଉଠିଥିଲା । ତାଙ୍କର ସେ ଧାରାବାହିକ ରଚନା ଏବେ ପୁସ୍ତକାକାରରେ ପ୍ରକାଶିତ ହୋଇ ସାରିଛି ।

ମନୋଜ ଦାସଙ୍କର ଗଳ୍ପ ବ୍ୟତୀତ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଓ ଦର୍ଶନ ଭିତ୍ତିକ ରଚନାବଳି ମଧ୍ୟ ନବପ୍ରକାଶରେ ସ୍ଥାନିତ ହୋଇଛି । ଆଶ୍ରମରେ ଅନୁଷ୍ଠିତ ସାନ୍ଧ୍ୟ ଅଧିବେଶନରେ ଶ୍ରୀଅରବିନ୍ଦଙ୍କର Thoughts and Aphorismsର ଆଲୋଚନା କରୁଥିଲା ବେଳେ ମନୋଜ ବାବୁ ସେସବୁ ଆଲୋଚନାର କିୟତ୍‌ଅଂଶ 'ଶ୍ରୀଅରବିନ୍ଦଙ୍କ ଭାବନା କାରିକା : ଏକ ଦୃଷ୍ଟିପାତ' ଶୀର୍ଷକରେ ଧାରାବାହିକ ଭାବେ ନବପ୍ରକାଶରେ ପ୍ରକାଶ ପାଇଁ ଦେଉଥିଲେ । ପରବର୍ତ୍ତୀ ସମୟରେ ତାହା 'ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକ ଭାବେ ପ୍ରକାଶିତ ହୋଇଛି ।

'ନବପ୍ରକାଶ' ପାଇଁ ମନୋଜ ବାବୁଙ୍କର ଏକ ସ୍ୱତନ୍ତ୍ର ମହାର୍ଘ ଅବଦାନ ହେଉଛି 'ଚେତନାର ଦିଗ୍‌ବଳୟ' । ସମସାମୟିକ ସମାଜର ସ୍ଥିତି ଓ ସମସ୍ୟାକୁ ଆଧାର କରି ପ୍ରତିମାସରେ ସେ ପ୍ରସ୍ତୁତ କରୁଥିଲେ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ବିଷୟ । ଏପରିକି ଅସୁସ୍ଥ ହେଲା ପରେ ବି ସେକାର୍ଯ୍ୟରୁ ସେ ବିରତ ହୋଇ ନଥିଲେ । ୨୦୨୦ ଅଗଷ୍ଟ ସଂଖ୍ୟା ପାଇଁ ସେ ''ଦୁର୍ଯୋଗ ନିହିତ ସମ୍ଭାବ୍ୟ ସଙ୍କେତ'' ପାଣ୍ଡୁଲିପିଟି ପ୍ରସ୍ତୁତ କରି ଦେବାର ମୁହୂର୍ତ୍ତଟି ଏବେ ବି ସ୍ମୃତିପଟରେ ସତେଜ ହୋଇ ରହିଛି । ସେତେବେଳେ ତାଙ୍କର ସ୍ୱାସ୍ଥ୍ୟର ଅବସ୍ଥା ବେଶ୍ ଦୁର୍ବଳ । ପାଣ୍ଡୁଲିପିଟି ତାଙ୍କ ହାତରୁ ଆଣୁ ଆଣୁ ଅବାକ୍ ବିସ୍ମିତ ହୋଇ କହିଲି, 'ଏତେ ଅସୁବିଧା ଭିତରେ ବି ଲେଖିଦେଲେ ?'... ଆଉ କିଛି କହିବା ପୂର୍ବରୁ ଅଟକି ଗଲି । ମୋର ଅକୁହା ଶବ୍ଦ ଯେମିତି ସେ ପଢ଼ିନେଲେ । ଶାନ୍ତ, ସମାହିତ ଭାବେ ଉତ୍ତର ଦେଲେ – ''କାମଟା ତ କରିବାକୁ ଥିଲା ।'' ବୁଝିଲି ନିଷ୍ଠାପର କର୍ମୀ ପାଇଁ ସବୁ ପରିସ୍ଥିତିରେ ଦିବ୍ୟଜନନୀଙ୍କ କୃପା ଓ ସାହାଯ୍ୟ ଅବାରିତ ଭାବେ ରହିଥାଏ ।

ତା'ର କିଛିଦିନ ପରେ ସେ ଆଶ୍ରମ ନର୍ସିଂହୋମରେ ଚିକିତ୍ସିତ ହେବା ପାଇଁ ଗଲେ । ସେଠାରେ ମଧ୍ୟ ତାଙ୍କର ଲେଖନୀ ଚଳଚଞ୍ଚଳ ରହିଥିଲା । ସାହିତ୍ୟ-ସୃଜନ ତାଙ୍କ ପାଇଁ ନିଃଶ୍ୱାସ-ପ୍ରଶ୍ୱାସର ଗତିପ୍ରବୃତ୍ତି ଠାରୁ ଥିଲା ଅଧିକ ସ୍ୱାଭାବିକ ।

ମନୋଜ ଦାସଙ୍କ ଦ୍ୱାରା ପ୍ରସ୍ତୁତ ''ଶ୍ରୀଅରବିନ୍ଦ, ମହାଯୋଗୀଙ୍କ ଜୀବନ ଏବଂ ଯୁଗ'' ବହୁଦିନ ଧରି ତା'ର ଧାରାବାହିକତା ରକ୍ଷା କରି 'ନବପ୍ରକାଶ'ରେ ପ୍ରକାଶିତ ହୋଇ ଚାଲିଥିଲା । ଉଦ୍ଦେଶ୍ୟ ଥିଲା ସେସବୁ ରଚନା ସଂକଳନ କରି ଇଂରାଜୀ ପୁସ୍ତକର ଅନୁରୂପ ପୁସ୍ତକଟିଏ ପ୍ରସ୍ତୁତ କରିବା । ପରିଶେଷରେ ବାକି ରହିଯାଇଥିବା 'ଉପସଂହାର' ଶୀର୍ଷକ ଶେଷ ଚାରିଟି ପ୍ରବନ୍ଧ ମନୋଜ ବାବୁ ନର୍ସିଂହୋମରେ ହିଁ ପ୍ରସ୍ତୁତ କରିଛନ୍ତି । ସେତେବେଳେ ମନେ ହେଉଥିଲା ଏକ ମହତ୍ ପ୍ରୟାସୀ ସଂକଳ୍ପବଦ୍ଧ ଚେତନା ହିଁ ନିଜ ଜୀବନର ସବିଶେଷ ମୁହୂର୍ତ୍ତକୁ ଏପରି ବିନିଯୋଗ କରିପାରେ, ଆଗାମୀ ପିଢ଼ି ପାଇଁ ସଜାଡ଼ି ସାଇତି ରଖିଦେଇ ପାରେ ନିଜ ଜୀବନସଂଗ୍ରାମର ସଞ୍ଚିତ ଶ୍ରେୟକୁ ।

ଏହିସବୁ ମହାର୍ଘ ରଚନା 'ନବପ୍ରକାଶ' ପାଇଁ ଆଜି ଅପହଞ୍ଚ । ମଣିଷ ଭଳି ପତ୍ରିକାକୁ ମଧ୍ୟ ପାଇବା ଓ ହରାଇବାର ଛାଇ ଆଲୁଅ ଭିତରେ ଆଗକୁ ପାଦ ବଢ଼ାଇବାକୁ ପଡ଼ିବ । ସତ୍ୟର ସଂଧାନୀ, ସତ୍ୟର ଉଦ୍‌ଘୋଷକ 'ନବପ୍ରକାଶ' ମନୋଜ ଦାସଙ୍କ ଭଳି ସମର୍ପିତ ସାହିତ୍ୟ ସାଧକଙ୍କ ନିକଟରେ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି । ଏଥିସହ ତା'ର ସୃଷ୍ଟିର ସଫଳ ରୂପାୟନ ପାଇଁ ଯୁଗେ ଯୁଗେ ଅଭୀପ୍ସୁ ସାଧକ ସୃଜନ ଶିଳ୍ପୀମାନଙ୍କର ସମାଗମ ଓ ସହଯୋଗ ପାଇଁ ଦିବ୍ୟ ଜନନୀଙ୍କ ଚରଣ କମଳରେ କୃତାଞ୍ଜଳି ପୁଟରେ ଆଶିଷ ଭିକ୍ଷା କରୁଛି । ପ୍ରାର୍ଥନା କରୁଛି ଦିବ୍ୟ ଜନନୀଙ୍କର ଜୟ ହେଉ ।

**– ଜୟନ୍ତୀ** ❑

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning*
*and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 6 & 7** **R.N.I. No. 18163/70.**
Navaprakash (Monthly), June & July - 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**




ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**